# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୧/୨୦୨୫ (୧୪ ପୃଷ୍ଠା) Bhubaneswar, Friday, August 1/2025 Page 14 ₹ 7.00 | DHENKANAL

୫୧ଶ ଭାଗ ୨୪୭ ସଂଖ୍ୟା www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada VOLUME 51 ISSUE 247 ମୂଲ୍ୟ ₹୭/-


# ଭାରତୀୟ ଅର୍ଥନୀତି ମୃତ: ଟ୍ରମ୍ପ୍‌

ଆମେରିକାର ଅନିଚ୍ଛା ଓ ଚାପ ସତ୍ତ୍ୱେ ରୁଷିଆଠାରୁ ଭାରତ ବିପୁଳ ତୈଳ, ପ୍ରତିରକ୍ଷା ସାମଗ୍ରୀ କିଣିବାରେ ଲାଗିଛି। ଏଥିରେ ଅତିଷ୍ଠ ହୋଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବୁଧବାର ଭାରତ ଉପରେ ୨୫% ଟାରିଫ୍ (ଆମଦାନୀ ଶୁଳ୍କ) ଏବଂ ଜରିମାନା ଲଗାଇଥିଲେ। ଏହାର କିଛି ଘଣ୍ଟା ପରେ ଟ୍ରମ୍ପ୍ ରୁଷୀୟ ଏବଂ ଭାରତୀୟ ଅର୍ଥନୀତିକୁ ମୃତ ବୋଲି ଅଭିହିତ କରିଛନ୍ତି। ଭାରତ ରୁଷିଆ ସହ କ'ଣ କରୁଛି ତାହାକୁ ଆମେରିକା ଖାତିର କରୁନାହିଁ। ସେମାନେ ମିଳିତ ଭାବେ ନିଜ ମୃତ ଅର୍ଥନୀତିକୁ ନିମ୍ନଗାମୀ କରି ବୁଡ଼ିଯାଆନ୍ତୁ, ଏଥିରେ ଆମେରିକାର କୌଣସି ପରବାୟ ନାହିଁ ବୋଲି ସେ କହିଛନ୍ତି। ଗୁରୁବାର ଟ୍ରମ୍ପ୍ ଏଭଳି ଆକ୍ରମଣାତ୍ମକ ଆଭିମୁଖ୍ୟ ଦେଖାଇବା ସହ ଭାରତ ଉପରେ ଚାପ ସୃଷ୍ଟି ପାଇଁ ସବୁ ପ୍ରକାର ଉଦ୍ୟମ କରିଛନ୍ତି। ତଦନୁଯାୟୀ ଭାରତର ପାରମ୍ପରିକ ଶତ୍ରୁ ରାଷ୍ଟ୍ର ଭାବେ ପରିଚିତ ପଡ଼ୋଶୀ ପାକିସ୍ତାନ ସହ ଆମେରିକା ତୈଳ କାରବାର କରିବ ବୋଲି ଟ୍ରମ୍ପ୍ ଘୋଷଣା କରିଛନ୍ତି। ସେହିପରି ଇରାନ ସହ ତୈଳ କାରବାର କରୁଥିବା ୬ ଭାରତୀୟ କମ୍ପାନୀ ଉପରେ ଆମେରିକା କଟକଣା ଲଗାଇଛି। ଭାରତୀୟ ତଥ୍ୟାଭିଜ୍ଞ ମହଲ ଏସବୁକୁ ୨୪ ଘଣ୍ଟା ମଧ୍ୟରେ ଟ୍ରମ୍ପ୍‌ ୩ଟି ବଡ଼ ପ୍ରହାର ବୋଲି କହିବା ସହ ଏଥିଯୋଗୁ ଦେଶର ଅର୍ଥନୀତି ଓ ସୁରକ୍ଷା ପ୍ରଭାବିତ ହେବା ଆଶଙ୍କା କରୁଛି। ରୁଷିଆ, ଚାଇନା ସଦସ୍ୟ ଥିବା 'ବ୍ରିକ୍ସ' ରାଷ୍ଟ୍ରଗୋଷ୍ଠୀକୁ ଆମେରିକା ବିରୋଧ କରିବା ସହ ଡଲାର ବିରୋଧୀଙ୍କୁ ତଳିତଳାନ୍ତ କରିଦେବୁ ବୋଲି ଟ୍ରମ୍ପ୍ ଖୋଲା ଧମକ ଦେଇଛନ୍ତି। ଏଭଳିସ୍ଥଳେ ଭାରତ 'ବ୍ରିକ୍ସ'ର ସଦସ୍ୟ ଥିବାରୁ ନୂଆଦିଲ୍ଲୀ ଏବେ ୱାଶିଂଟନର ଟାର୍ଗେଟ୍‌କୁ ଆସିଯାଇଥିବା ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଛି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ମଙ୍ଗଳବାର ଲୋକ ସଭାରେ 'ଅପରେଶନ ସିନ୍ଦୂର' ବିତର୍କ ବେଳେ ଯେଉଁ ଢଙ୍ଗରେ ଆମେରିକାର ଭୂମିକା ସମ୍ପର୍କରେ କହିଥିଲେ, ତାହା ଟ୍ରମ୍ପ୍‌ଙ୍କୁ କ୍ରୋଧାନ୍ୱିତ କରିଦେଇଛି ବୋଲି କେତେକେ ମତ ଦେଇଛନ୍ତି।

ୱାଶିଂଟନ୍/ନୂଆଦିଲ୍ଲୀ,୩୧।୭(ପି.ଟି./ରଏଟର୍ସ)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଟ୍ରୁଥ୍ ସୋସିଆଲରେ କହିଛନ୍ତି, ସେ ଦ୍ୱିତୀୟ ଥର କ୍ଷମତାକୁ ଆସିବା ପରଠୁ ଭାରତ ସହ ଆମେରିକା ଖୁବ୍ କମ୍ ବ୍ୟବସାୟ କରିଛି। ଭାରତର ଟାରିଫ୍ ବିଶ୍ୱରେ ସର୍ବାଧିକ। ରୁଷିଆ ସହ ଆମେରିକା ପ୍ରାୟ କିଛି ବ୍ୟବସାୟ କରିନାହିଁ। ଏହି ଧାରା ସେମିତି ଚାଲିଥାଉ ଏବଂ ନିଜକୁ ଏବେ ମଧ୍ୟ ରୁଷିଆ ରାଷ୍ଟ୍ରପତି ବୋଲି ମନେକରୁଥିବା ପୂର୍ବତନ ବିଫଳ ରାଷ୍ଟ୍ରପତି ଡିମିଟ୍ରି ମେଡ୍‌ଭେଡେଭ୍‌ଙ୍କୁ କୁହ, ସେ ତାଙ୍କ କଥା ଶୁଣନ୍ତୁ। ମେଡ୍‌ମେଡେଭ୍ ଅତ୍ୟନ୍ତ ବିପଜ୍ଜନକ ଭୂଖଣ୍ଡକୁ ପ୍ରବେଶ କରୁଛନ୍ତି ବୋଲି ଟ୍ରମ୍ପ୍ ସମାଲୋଚନା କରିଛନ୍ତି। ଉଲ୍ଲେଖଯୋଗ୍ୟ, ଟ୍ରେଡ୍ ଡିଲ୍ ପାଇଁ ମୂଳଚାଲ କରିବା ଲାଗି ଆମେରିକାର ଏକ ବାଣିଜ୍ୟିକ ଚୁକ୍ତି ଟିମ୍ ଅଗଷ୍ଟ ୨୫ରେ ଭାରତ ଗସ୍ତ କରୁଥିବା ନେଇ ମଙ୍ଗଳବାର ଭାରତୀୟ ଅଧିକାରୀମାନେ ☞ ପୃଷ୍ଠା-୪



ଡୋନାଲ୍ଡ ଟ୍ରମ୍ପ୍

## ପାକ୍ ସହ ତୈଳ ଚୁକ୍ତିରେ ସ୍ୱାକ୍ଷର କଲେ ଟ୍ରମ୍ପ୍

ନ୍ୟୁୟର୍କ/ଇସ୍‌ଲାମାବାଦ,୩୧।୭

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ବିରୋଧରେ ବାଣିଜ୍ୟ କ୍ଷେତ୍ରରେ କେବଳ କଠୋର ପଦକ୍ଷେପ ଘୋଷଣା କରିନାହାନ୍ତି, ବରଂ ସେ ଭାରତର ଶତ୍ରୁରାଷ୍ଟ୍ର ପାକିସ୍ତାନକୁ ସୁହାଇଲା ଭଳି କାର୍ଯ୍ୟ ମଧ୍ୟ କରିଛନ୍ତି। ଟ୍ରମ୍ପ୍ ଗୁରୁବାର ପାକିସ୍ତାନ ସହ ଏକ ଅଏଲ୍ ଡିଲ୍‌ରେ ସ୍ୱାକ୍ଷର କରିଥିବା ନେଇ ଘୋଷଣା କରିଛନ୍ତି। ଦକ୍ଷିଣ ଭାରତୀୟ ରାଷ୍ଟ୍ର ପାକିସ୍ତାନର ବୃହତ୍ ତୈଳ ଭଣ୍ଡାରକୁ ବିକଶିତ କରିବା ଦିଗରେ ୱାଶିଂଟନ୍ କାର୍ଯ୍ୟ କରିବ। ଏପରି ଦିନ ଆସିବ, ଯେତେବେଳେ ପାକିସ୍ତାନ ମଧ୍ୟ ଭାରତକୁ ତୈଳ ବିକ୍ରି କରିପାରେ ବୋଲି ଟ୍ରମ୍ପ୍ କହିଛନ୍ତି। ଏକ ସୋସିଆଲ ମିଡିଆ ପୋଷ୍ଟରେ ଟ୍ରମ୍ପ୍ ଉଲ୍ଲେଖ କରିଛନ୍ତି, ପାକିସ୍ତାନ ସହ ଆମେରିକା ଏବେ ଏକ ଡିଲ୍‌ରେ ସ୍ୱାକ୍ଷର କରିଛି। ତଦନୁସାରେ ଇସ୍‌ଲାମାବାଦ ଓ ୱାଶିଂଟନ୍ ମିଳିତ ଭାବେ ପାକିସ୍ତାନର ତୈଳ ଭଣ୍ଡାରଗୁଡ଼ିକୁ ବିକଶିତ କରିବେ। ଏହି ସହଭାଗିତାର ☞ ପୃଷ୍ଠା-୪

## ୬ ଭାରତୀୟ କମ୍ପାନୀ ଉପରେ କଟକଣା ଲଗାଇଲା ଆମେରିକା

ଇରାନୀୟ ପେଟ୍ରୋକେମିକାଲ ଉତ୍ପାଦ କ୍ରୟକରି ସେଗୁଡ଼ିକୁ ବିକୁଥିବା ଭାରତର ୬ଟି କମ୍ପାନୀ ଉପରେ ଆମେରିକାର ଡୋନାଲ୍ଡ ଟ୍ରମ୍ପ୍ ପ୍ରଶାସନ କଟକଣା ଲଗାଇଛନ୍ତି। ଇରାନ ଶାସକ ଏହାର ଅସ୍ଥିରତା ସୃଷ୍ଟିକାରୀ କାର୍ଯ୍ୟରେ ପାଣ୍ଠି ବିନିଯୋଗ ପାଇଁ ମଧ୍ୟପ୍ରାଚ୍ୟରେ ଇନ୍ଧନ ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇଆସିଛନ୍ତି। ବିଦେଶରେ ଆତଙ୍କବାଦକୁ ସମର୍ଥନ ସହ ଏହାର ନିଜ ଲୋକଙ୍କ ଉପରେ ଅତ୍ୟାଚାର ପାଇଁ ଇରାନୀୟ ଶାସକ ବ୍ୟବହାର କରୁଥିବା ରାଜସ୍ୱ ଉତ୍ସକୁ ବନ୍ଦ କରିବା ☞ ପୃଷ୍ଠା-୪

## ଦେଶ ସ୍ୱାର୍ଥରେ ପଦକ୍ଷେପ ନିଆଯିବ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତୀୟ ସାମଗ୍ରୀ ଉପରେ ୨୫% ଟିକସ କଷିବା ପରେ ଗୁରୁବାର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି, ଭାରତର ଜାତୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ସବୁ ପ୍ରକାର ପଦକ୍ଷେପ ନେବେ। ଟ୍ରମ୍ପ୍‌ଙ୍କ ନୂଆ ଟାରିଫ୍ ଲାଗୁ ହେବାକୁ ଦିନେ ବାକି ଥିବାବେଳେ ସଂସଦର ମୌସୁମୀ ଅଧିବେଶନରେ ଲୋକ ସଭାରେ ଗୋୟଲ ନିଜ ☞ ପୃଷ୍ଠା-୪



ପୀୟୂଷ ଗୋୟଲ

**ଆଜିର ସମ୍ପାଦକୀୟ** | ଏଆଇ ବନ୍ଧୁ ନୁହେଁ


This is an advertisement for information purpose and is not a prospectus announcement.

ICL FINCORP LIMITED

SECURED, REDEEMABLE NON-CONVERTIBLE DEBENTURES NCD

CREDIT RATING CRISIL BBB-/ STABLE

ICL Join ICL, Grow with us

ICL Fincorp

UP TO DOUBLE RETURNS IN 70 MONTHS*

*BASED ON EFFECTIVE YIELD ON CUMULATIVE BASIS UNDER OPTION X, 70 MONTHS, TDS AS APPLICABLE.

ISSUE OPENS ON: JULY 31, 2025 (THURSDAY) ISSUE CLOSES ON: AUGUST 13, 2025 (WEDNESDAY)*

*The Issue shall remain open for subscription on Working Days from 10:00 a.m. to 5:00 p.m. (Indian Standard Time), during the period indicated above, except that the Issue may close on such earlier date or extended date as may be decided by the Board of directors or debenture issue committee of our Company, subject to relevant approvals (subject to a minimum period of two working days and a maximum period of 10 working days from the date of opening of this Issue). In the event of an early closure or extension of the Issue, our Company shall ensure that notice of such early closure or extension is given to the prospective investors through an advertisement in a national daily newspaper and a regional daily newspaper in Tamil Nadu where the registered office is located, with wide circulation on or before such earlier date or extended date of closure. Application Forms for the Issue will be accepted only from 10:00 a.m. to 5:00 p.m. (Indian Standard Time) or such extended time as may be permitted by the Stock Exchange, on Working Days during the Issue Period. On the Issue Closing Date, Application Forms will be accepted only between 10:00 a.m. to 3:00 p.m. and uploaded until 5:00 p.m. (Indian Standard Time) or such extended time as may be permitted by the Stock Exchange.

Issue Structure: (For detailed Issue Structure refer Prospectus dated July 25, 2025)

| | |
|---|---|
| Face value : ₹ 1,000 each | Minimum application size : ₹ 10,000 (10 NCDs) & in multiples of 1 NCD thereafter |
| Tenure (months) : 13, 24, 36, 60 and 70 | |
| Schemes : 10 schemes with 10 ISINs | Payout options : Monthly, Annually & Cumulative |

THE ISSUE

PUBLIC ISSUE BY OUR COMPANY OF 10,00,000 SECURED, REDEEMABLE, NON-CONVERTIBLE DEBENTURES OF FACE VALUE OF ₹1,000 EACH, ("NCDS") AT PAR, FOR AN AMOUNT UP TO ₹5,00,000 THOUSAND ("BASE ISSUE SIZE") WITH AN OPTION TO RETAIN OVERSUBSCRIPTION OF UP TO ₹5,00,000 THOUSAND, AGGREGATING UP TO ₹10,00,000 THOUSAND, (HEREINAFTER REFERRED TO AS THE "ISSUE SIZE"). THE ISSUE IS BEING MADE PURSUANT TO THE PROVISIONS OF SECURITIES AND EXCHANGE BOARD OF INDIA (ISSUE AND LISTING OF NON-CONVERTIBLE SECURITIES) REGULATIONS, 2021, AS AMENDED, THE COMPANIES ACT, 2013 AND RULES MADE THEREUNDER TO THE EXTENT NOTIFIED AND THE SEBI MASTER CIRCULAR AS AMENDED FROM TIME TO TIME. THE ISSUE IS NOT PROPOSED TO BE UNDERWRITTEN.

| COUPON RATE: (MONTHLY OPTIONS) | OPTION IV | OPTION III | OPTION II | OPTION I |
|---|---|---|---|---|
| | 12.00*% PER ANNUM 60 MONTHS | 11.50*% PER ANNUM 36 MONTHS | 11.00*% PER ANNUM 24 MONTHS | 10.50*% PER ANNUM 13 MONTHS |

*Indicating coupon rates for monthly options only. Refer Prospectus dated July 25, 2025 to view effective yield for monthly, annually and cumulative options.

To Know More: Visit Nearest ICL Fincorp Branch | To Download Application: Visit www.iclfincorp.com
For Enquiries: Call +91 85890 20137, +91 85890 20186

Reg. Office: Plot No: C308, Door No: 66/40, 4th Avenue, Ashok Nagar, Chennai- 600 083, Tamil Nadu, India.
Corp. Office: ICL Fincorp Limited, Main Road, Irinjalakuda, Thrissur-680121, Kerala, India.
Branches: Kerala | Tamil Nadu | Andhra Pradesh | Telangana | Karnataka | Maharashtra | Odisha | Gujarat | West Bengal iclfincorp



DSPL - 188

ସତ୍ୟମେବ ଜୟତେ

ଆନ୍ତର୍ଜାତିକ ସମବାୟ ବର୍ଷ



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ୨୦୨୫ ଖରିଫ୍ ଋତୁ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (PMFBY) ରେ ପଞ୍ଜିକରଣ

### ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (PMFBY) ରେ ପଞ୍ଜିକରଣ ଅବଧି ୧୪ ଅଗଷ୍ଟକୁ ବୃଦ୍ଧି

**ଏତଦ୍ୱାରା ରାଜ୍ୟର ସମସ୍ତ କୃଷକ ଭାଇଭଉଣୀମାନଙ୍କୁ ସୂଚିତ କରାଯାଉଅଛି ଯେ ଚଳିତ ଖରିଫ୍ ଫସଲର ବୀମା ପଞ୍ଜିକରଣ ଯଥାଶୀଘ୍ର କରାଇ ନିଅନ୍ତୁ**

- ବିଜ୍ଞାପିତ ଅଞ୍ଚଳରେ ଚାଷ ହୋଇଥିବା ୮ ଗୋଟି ଫସଲ ଯଥା - **ଧାନ, ମକା, ଚିନାବାଦାମ, ମାଣ୍ଡିଆ, କପା, ହରଡ଼, ଅଦା ଓ ହଳଦୀ** ପାଇଁ ବୀମା କରାଯାଇପାରିବ ।
- ପ୍ରାକୃତିକ ଦୁର୍ବିପାକ ଦ୍ୱାରା ଫସଲ ଅମଳରେ କ୍ଷତି ହେଲେ ଏହି ଯୋଜନାରେ ଚାଷୀ ଭାଇଭଉଣୀମାନେ କ୍ଷତିପୂରଣ ପାଇପାରିବେ ।
- ଭାଗ ଚାଷୀ ମଧ୍ୟ ନିର୍ଦ୍ଧାରିତ ଫର୍ମରେ ଜମି ମାଲିକଙ୍କଠାରୁ ସହମତି ଆଣି ନିଜ ଫସଲର ପଞ୍ଜିକରଣ କରିପାରିବେ ।
- ଋଣୀ ଚାଷୀମାନେ ଋଣ ନେଇଥିବା ଅନୁଷ୍ଠାନ ଯଥା- **ପ୍ରାଥମିକ କୃଷି ସମବାୟ ସମିତି (PACS)**, **ବୃହଦାକାର ଆଦିବାସୀ ବହୁମୁଖୀ ସମବାୟ ସମିତି (LAMPCS) ଓ ବ୍ୟାଙ୍କ ଶାଖାରେ** ଏହି ପଞ୍ଜିକରଣ କରାଇପାରିବେ ।
- ଅଣଋଣୀ ଚାଷୀମାନେ **ଜନସେବା କେନ୍ଦ୍ର (CSC)**, **ସମବାୟ ବ୍ୟାଙ୍କ ଶାଖା ତଥା ଅନ୍ୟାନ୍ୟ ବ୍ୟାଙ୍କ ଶାଖାରେ** ଆବଶ୍ୟକୀୟ କାଗଜ ପତ୍ର ଦେଇ ଏହି ପଞ୍ଜିକରଣ କରାଇ ପାରିବେ ।
- ଏହି ପଞ୍ଜିକରଣ ପାଇଁ **ଆଧାର କାର୍ଡ (Aadhar Card)** ବାଧ୍ୟତାମୂଳକ ଅଟେ ।
- ଜଣେ ଚାଷୀ ପାଇଁ ସର୍ବାଧିକ **୫ ଏକର** ପର୍ଯ୍ୟନ୍ତ ଚାଷ ଜମିର ପଞ୍ଜିକରଣ **ବିନା କୌଣସି ଦେୟରେ** କରାଯିବ । ବ୍ୟାଙ୍କ ଆକାଉଣ୍ଟ **Validation** ପାଇଁ ଆବେଦନ ପତ୍ର ପିଛା କେବଳ ୧ ଟଙ୍କା ଦେବାକୁ ପଡ଼ିବ ।
- ଅଧିକ ବିବରଣୀ ପାଇଁ ନିକଟସ୍ଥ **କୃଷି ସମବାୟ ସମିତି (PACS/ LAMPCS)**, ବ୍ୟାଙ୍କ ଶାଖା କିମ୍ବା **ARCS, DRCS, CDAO** ଅଫିସରେ ଯୋଗାଯୋଗ କରନ୍ତୁ ।

**ଶେଷ ତାରିଖ ପୂର୍ବରୁ ନିଜ ଫସଲର ପଞ୍ଜିକରଣ କରାଇଦେବାକୁ ଅନୁରୋଧ**

ପଞ୍ଜିକରଣର ଶେଷ ତାରିଖ
**୧୪ ଅଗଷ୍ଟ ୨୦୨୫**

ସମବାୟ ବିଭାଗ, ଓଡ଼ିଶା ସରକାର

OIPR-39001/13/0031/2526

## ପିଏମ୍-କିଷାନ ସମ୍ମାନ ନିଧି: ୨ରେ କିସ୍ତି ପାଇବେ ୯.୭ କୋଟି ଚାଷୀ

**ନୂଆଦିଲ୍ଲୀ, ୩୧।୭**

ପ୍ରଧାନମନ୍ତ୍ରୀ କିଷାନ୍ ସମ୍ମାନ ନିଧି (ପିଏମ୍-କିଷାନ)ର ୨୦ତମ କିସ୍ତିକୁ ଆସନ୍ତା ୨ ତାରିଖରେ ଜାରି କରାଯିବ। ଉତ୍ତରପ୍ରଦେଶର ବାରାଣସୀରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାରା ଦେଶରେ ପିଏମ-କିଷାନର ୨୦ତମ କିସ୍ତିକୁ ଜାରି କରିବେ। ଏହି କାର୍ଯ୍ୟକ୍ରମର ପ୍ରସ୍ତୁତି ସମୀକ୍ଷା କରିବା ପାଇଁ କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନ ବୁଧବାର ନୂଆଦିଲ୍ଲୀଠାରେ ଏକ ଉଚ୍ଚ ସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରିଥିଲେ। ପିଏମ୍-କିଷାନର ୨୦ତମ କିସ୍ତିରେ ୯.୭ କୋଟି ଚାଷୀଙ୍କ ନିକଟକୁ ୨୦ ହଜାର ୫୦୦ କୋଟି ଟଙ୍କା ହସ୍ତାନ୍ତର କରାଯିବ। ୨୦୧୯ରେ ପିଏମ୍-କିଷାନ ଯୋଜନା ଆରମ୍ଭ ହେବା ପରଠାରୁ ଏବେସୁଦ୍ଧା ୧୯ଟି କିସ୍ତି ମାଧ୍ୟମରେ ଯୋଗ୍ୟ ଚାଷୀଙ୍କ ଆକାଉଣ୍ଟକୁ ୩.୬୯ ଲକ୍ଷ କୋଟି ଟଙ୍କା ପଠାଯାଇସାରିଛି।


ରୁଷିଆ ଆକ୍ରମଣରେ ୟୁକ୍ରେନ୍‌ର କିଭ୍‌ସ୍ଥିତ ଏକ ଆପାର୍ଟମେଣ୍ଟ ଧ୍ୱଂସ ହୋଇଯାଇଥିବାବେଳେ ଭଗ୍ନାବଶେଷ ତଳୁ ନିଜ ପୁଅଙ୍କୁ ଉଦ୍ଧାର କରି ଅଣାଯିବାକୁ ଅପେକ୍ଷା କରିଛନ୍ତି ଜଣେ ମହିଳା।

## ନିର୍ବାଚନ ପୂର୍ବରୁ ଏନ୍‌ଡିଏ ଛାଡ଼ିଲେ ଓପିଏସ୍

**ଚେନ୍ନାଇ, ୩୧।୭**


ଓ ପନୀରସେଲ୍‌ଭାମ୍

ତାମିଲନାଡୁ ବିଧାନସଭା ନିର୍ବାଚନ ପୂର୍ବରୁ ଏକ ନାଟକୀୟ ରାଜନୈତିକ ଘଟଣାକ୍ରମରେ ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଏଆଇଏଡିଏମ୍‌କେରୁ ବହିଷ୍କୃତ ନେତା ଓ ପନୀରସେଲ୍‌ଭାମ୍ (ଓପିଏସ୍) ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଛାଡ଼ିବା ନେଇ ଗୁରୁବାର ଘୋଷଣା କରିଛନ୍ତି। ପ୍ରାତଃ ଭ୍ରମଣ ବେଳେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ସହ ଭେଟ ପରେ ଓପିଏସ୍ ଏଭଳି ନିଷ୍ପତ୍ତି ନେଇଛନ୍ତି। ତାଙ୍କ ଗୋଷ୍ଠୀ ବିଜୟଙ୍କ ତାମିଲାଗା ଭେଟ୍ରି କାଝାଗାମ୍ ଦଳ ସହ ମେଣ୍ଟ କରିବା ନେଇ ଓପିଏସ୍ ସଙ୍କେତ ଦେଇଛନ୍ତି। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିକଟରେ ତାମିଲନାଡୁର ଗଙ୍ଗାଇକୋଣ୍ଡା ଚୋଲପୁରମ୍ ଗସ୍ତରେ ଯାଇଥିବାବେଳେ ଓପିଏସ୍ ତାଙ୍କୁ ପତ୍ର ଲେଖି ଭେଟିବା ପାଇଁ ଆପଏଣ୍ଟମେଣ୍ଟ ଚାହିଁଥିଲେ। ତେବେ ତାଙ୍କୁ ଏଥିପାଇଁ ଅନୁମତି ମିଳି ନ ଥିଲା। ଏହି ଘଟଣା ପରେ ସେ ସର୍ବଶିକ୍ଷା ଅଭିଯାନ ପାଣ୍ଠି ପ୍ରଦାନରେ ବିଳମ୍ବକୁ ନେଇ ସୋସିଆଲ ମିଡିଆରେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ଏନ୍‌ଡିଏ ସହ ସମ୍ପର୍କ ଶେଷ ହୋଇଥିବା ଓପିଏସ୍‌ଙ୍କ ଘନିଷ୍ଠ ସହଯୋଗୀ ତଥା ପୂର୍ବତନ ମନ୍ତ୍ରୀ ପୁନ୍ନୁତି ଏସ୍ ରାମଚନ୍ଦ୍ରନ ସ୍ପଷ୍ଟ କରିଛନ୍ତି। ୨୦୨୬ ତାମିଲନାଡୁ ବିଧାନସଭା ନିର୍ବାଚନ ପୂର୍ବରୁ ଓପିଏସ୍ ସାରା ରାଜ୍ୟ ଗସ୍ତ କରିବେ। ଏବେ କୌଣସି ଦଳ ସହ ତାଙ୍କ ଗୋଷ୍ଠୀର ମେଣ୍ଟ ନାହିଁ। ନିର୍ବାଚନ ନିକଟତର ହେଲେ ମେଣ୍ଟ ସମ୍ପର୍କରେ ନିଷ୍ପତ୍ତି ନେବୁ ବୋଲି ସେ କହିଛନ୍ତି।


## ରାଜପଥରେ ହଠାତ୍ ବ୍ରେକ୍ ଦେବା ଅବହେଳା: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୩୧।୭**

କାର୍‌ରେ ଯିବାବେଳେ ହର୍ନ ନ ବଜାଇ ହଠାତ୍ ବ୍ରେକ୍ ମାରିବା ଡ୍ରାଇଭରଙ୍କ ଅବହେଳା। ଏଥିଯୋଗୁ ସଡ଼କ ଦୁର୍ଘଣଟା ଘଟିଲେ ଚାଳକଙ୍କୁ ଦାୟୀ କରାଯିବ ବୋଲି ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ଜଷ୍ଟିସ୍ ସୁଧାଂଶୁ ଧୂଳିଆ ଏବଂ ଅରବିନ୍ଦ କୁମାରଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଜଣେ ଡ୍ରାଇଭର ବେପରୁଆ ଭାବେ ରାଜପଥ ମଝିରେ ଗାଡ଼ି ରଖିପାରିବେ ନାହିଁ। ଜରୁରୀ ସମୟରେ ମଧ୍ୟ ଏପରି କଲେ ସଡ଼କରେ ଅନ୍ୟମାନଙ୍କ ପ୍ରତି ବିପଦ ରହିଥିବାରୁ ତାକୁ ଯଥାର୍ଥ ବୋଲି କୁହାଯିବ ନାହିଁ। ଦ୍ରୁତଗତିରେ ଯାଉଥିବା ଚାଳକଙ୍କ ଉତ୍ତରଦାୟିତ୍ୱ ରହୁଛି ଯେ, ସେ ତାଙ୍କ ପଛରେ ଧାଉଁଥିବା ଅନ୍ୟ ଯାନବାହନଗୁଡ଼ିକୁ ୱାର୍ନିଂ କିମ୍ବା ସିଗ୍ନାଲ ଦେଇ ନିଜ ଗାଡ଼ିରେ ବ୍ରେକ୍ ଦେବେ। ୨୦୧୭ ଜାନୁଆରୀ ୭ରେ ଘଟିଥିବା ଏକ ଦୁର୍ଘଟଣା ଯୋଗୁ ଇଞ୍ଜିନିୟରିଂ ଛାତ୍ର ଏସ୍. ମହମ୍ମଦ ହାକିମ୍ ନିଜ ବାମଗୋଡ଼ ହରାଇଥିଲେ। ଏହି ମାମଲାରେ ଶୀର୍ଷ ଅଦାଳତ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି।

## ମାଲେଗାଁଓ ବିସ୍ଫୋରଣ ମାମଲା

# ୭ ଅଭିଯୁକ୍ତ ଦୋଷମୁକ୍ତ


ପ୍ରଜ୍ଞା ସିଂ ଠାକୁର



**ନୂଆଦିଲ୍ଲୀ, ୩୧।୭**

୨୦୦୮ର ମାଲେଗାଁଓ ବୋମା ବିସ୍ଫୋରଣ ମାମଲାରେ ଜାତୀୟ ତଦନ୍ତକାରୀ ଏଜେନ୍ସି (ଏନ୍‌ଆଇଏ)ର ଏକ ସ୍ୱତନ୍ତ୍ର ଅଦାଲତ ଗୁରୁବାର ପୂର୍ବତନ ଭାଜପା ଏମ୍‌ପି ପ୍ରଜ୍ଞା ସିଂ ଠାକୁର ଏବଂ ଲ୍ୟୁଟ୍‌ନାଣ୍ଟ କଲୋନେଲ୍ ପ୍ରସାଦ ପୁରୋହିତଙ୍କ ସମେତ ସମସ୍ତ ୭ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିଛନ୍ତି।

୨୦୦୮ ସେପ୍ଟେମ୍ବର ୨୯ ତାରିଖ ପବିତ୍ର ରମଜାନ ମାସ ଅବସରରେ ମହାରାଷ୍ଟ୍ରରେ ମାଲେଗାଁଓସ୍ଥିତ ଏକ ମସ୍‌ଜିଦ ନିକଟରେ ମୋଟରସାଇକେଲ୍‌ରେ ଖଞ୍ଜା ଯାଇଥିବା ବୋମା ବିସ୍ଫୋରଣ ହେବାରୁ ୬ ଜଣଙ୍କ ମୃତ୍ୟୁ ଘଟିବା ସହ ଶତାଧିକ ଆହତ ହୋଇଥିଲେ। ରାୟ ଘୋଷଣା କରି ଏନ୍‌ଆଇଏ କୋର୍ଟର ସ୍ୱତନ୍ତ୍ର ବିଚାରପତି କହିଛନ୍ତି, ଅଭିଯୋଗ ପକ୍ଷ ଠୋସ୍ ପ୍ରମାଣ ଯୋଗାଡ଼ କରିବାରେ ବିଫଳ ହୋଇଛନ୍ତି। ସେଥିପାଇଁ ସନ୍ଦେହର ସୁବିଧା ପାଇବାକୁ ଅଭିଯୁକ୍ତ ହକ୍‌ଦାର। ଅଭିଯୋଗ ପକ୍ଷ ଯେଉଁ ପ୍ରମାଣ ଉପସ୍ଥାପନ କରିଛନ୍ତି, ସେଥିରେ ତାଳମେଳ ରହୁ ନ ଥିବା ଅଦାଲତ କହିଛନ୍ତି। ମାଲେଗାଁଓ ବିସ୍ଫୋରଣ ପଛରେ ଦୃଢ଼ ସନ୍ଦେହ ରହିଥାଇପାରେ। କିନ୍ତୁ କେବଳ ସନ୍ଦେହ ଅଭିଯୁକ୍ତମାନଙ୍କୁ ଦଣ୍ଡିତ କରିବା ପାଇଁ ଯଥେଷ୍ଟ ନୁହେଁ। ସେମାନଙ୍କୁ ଦୋଷୀସାବ୍ୟସ୍ତ କରିବା ପାଇଁ ଉଚ୍ଚ ଡିଗ୍ରୀର ସନ୍ଦେହ ପର୍ଯ୍ୟାପ୍ତ ନୁହେଁ। ସେଥିପାଇଁ ସନ୍ଦେହର ସୁବିଧା ସେମାନଙ୍କୁ ଦିଆଯାଇଛି। ଆତଙ୍କବାଦର କୌଣସି ଧର୍ମ ନାହିଁ। ତେବେ ନୈତିକତା ଆଧାରରେ ଦୋଷୀସାବ୍ୟସ୍ତ କରାଯାଇପାରିବ ନାହିଁ ବୋଲି ଅଦାଲତ କହିଛନ୍ତି। ପାଖାପାଖି ୧୭ ବର୍ଷର ଏହି ମାମଲାରେ ଦୀର୍ଘଦିନର ତଦନ୍ତ ଓ ଶୁଣାଣି ପରେ ଅଦାଲତ ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି। ଏହି ମାମଲାରେ ସମ୍ପୃକ୍ତ ଅଭିଯୋଗରେ ଲ୍ୟୁଟ୍‌ନାଣ୍ଟ କଲୋନେଲ ପୁରୋହିତ, ପ୍ରଜ୍ଞା ଠାକୁର, ଅବସରପ୍ରାପ୍ତ ମେଜର ରମେଶ ଉପାଧ୍ୟାୟ, ଅଜୟ ରାହିରକର, ସୁଧାକର ଦ୍ୱିବେଦୀ, ସୁଧାକର ଚତୁର୍ବେଦୀ ଏବଂ ସମୀର କୁଲ୍‌କର୍ଣ୍ଣୀଙ୍କ ବିରୋଧରେ ବେଆଇନ କାର୍ଯ୍ୟକଳାପ ପ୍ରତିକାର ଆଇନ (ୟୁଏପିଏ), ମହାରାଷ୍ଟ୍ର ସଂଗଠିତ ଅପରାଧ ନିୟନ୍ତ୍ରଣ ଆଇନ (ମକୋକା) ଏବଂ ଆଇପିସିର ବ୍ୟବସ୍ଥା ଅନୁଯାୟୀ ବିଚାର ଚାଲିଥିଲା। ବିସ୍ଫୋରଣରେ ସାମିଲ ଥିବା ମୋଟରସାଇକେଲ ପ୍ରଜ୍ଞା ଠାକୁରଙ୍କର ବୋଲି କୌଣସି ପ୍ରମାଣ ମିଳି ନ ଥିଲା। ବିସ୍ଫୋରଣର ୨ ବର୍ଷ ପୂର୍ବରୁ ପ୍ରଜ୍ଞା ସାଧ୍ୱୀ ହେବା ସହ ସମସ୍ତ ଭୌତିକ ସାମଗ୍ରୀ ତ୍ୟାଗ କରିଥିଲେ ବୋଲି କୋର୍ଟ କହିଛନ୍ତି।

### ‘ହିନ୍ଦୁ ଆତଙ୍କବାଦ’ କଂଗ୍ରେସର ଷଡ଼ଯନ୍ତ୍ର

**ସୋନିଆ, ରାହୁଲ କ୍ଷମା ମାଗିବା ଆବଶ୍ୟକ: ଭାଜପା**

**ନୂଆଦିଲ୍ଲୀ, ୩୧।୭(ପି.ଟି.)**


ରବିଶଙ୍କର ପ୍ରସାଦ

ମାଲେଗାଁଓ ବିସ୍ଫୋରଣ ମାମଲାରେ ସମସ୍ତ ୭ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରାଯାଇଥିବାରୁ ଭାଜପା ଉକ୍ତ ରାୟକୁ ସ୍ୱାଗତ କରିଛି। ଗୈରିକ ଦଳ ଓ ନରେନ୍ଦ୍ର ମୋଦିଙ୍କ ଉତ୍ଥାନକୁ ରୋକିବା ଏବଂ ମୁସଲମାନ ଭୋଟବ୍ୟାଙ୍କକୁ ତୁଷ୍ଟ କରିବା ପାଇଁ ତତ୍କାଳୀନ କ୍ଷମତାରେ ଥିବା କଂଗ୍ରେସ ‘ହିନ୍ଦୁ ଆତଙ୍କବାଦ’ ସୂତ୍ର ସୃଷ୍ଟି କରିଥିଲା ବୋଲି ଭାଜପା ଗୁରୁବାର ଅଭିଯୋଗ କରିଛି। ଦୋଷମୁକ୍ତ ହୋଇଥିବା ଭାଜପାର ପୂର୍ବତନ ଏମ୍‌ପି ପ୍ରଜ୍ଞା ସିଂ ଠାକୁର ଏବଂ ଲ୍ୟୁଟ୍‌ନାଣ୍ଟ କଲୋନେଲ୍ ପ୍ରସାଦ ପୁରୋହିତଙ୍କ ସମେତ ସମସ୍ତଙ୍କୁ କ୍ଷତିପୂରଣ ଦିଆଯିବା ସହ ସେମାନଙ୍କ ବିରୋଧରେ ମିଥ୍ୟା ପ୍ରମାଣ ଯୋଡ଼ିଥିବା ଓ ନିର୍ଯାତନା ଦେଇଥିବା ଅଭିଯୋଗକାରୀ ପକ୍ଷ କ୍ଷମା ମାଗନ୍ତୁ ବୋଲି ଭାଜପା ନେତା ରବିଶଙ୍କର ପ୍ରସାଦ ଦାବି କରିଛନ୍ତି। ସେହିପରି ଯେଉଁ ଅଫିସରମାନେ ନିର୍ଦ୍ଦୋଷଙ୍କୁ ମାମଲାରେ ଫସାଇବା ସହ ନିର୍ଯାତନା ଦେଇଥିଲେ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସେ ଦାବି କରିଛନ୍ତି। ଭୋଟବ୍ୟାଙ୍କର ତୁଷ୍ଟୀକରଣ ପାଇଁ କଂଗ୍ରେସ ଯେକୌଣସି ସ୍ତରକୁ ଯାଇପାରେ। ଭୋଟ ବ୍ୟାଙ୍କ ରାଜନୀତି ପାଇଁ ଏହା କଂଗ୍ରେସର ସୁଚିନ୍ତିତ ଷଡ଼ଯନ୍ତ୍ର ଥିଲା ବୋଲି ରବିଶଙ୍କର କହିଛନ୍ତି। ହିନ୍ଦୁ ଆତଙ୍କବାଦ ସଂଗଠନ ଓ ଗୈରିକ ଆତଙ୍କବାଦ ଅଭିଯୋଗ ଲଦି ଦେବା ପାଇଁ କଂଗ୍ରେସ ଚଳାଇଥିବା ଷଡ଼ଯନ୍ତ୍ର ପଣ୍ଡ ହୋଇଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏହି ପ୍ରସଙ୍ଗ ଉପରେ ପ୍ରଶ୍ନକୁ ଏଡ଼ାଇଯାଇ ଭାରତୀୟ ଅର୍ଥନୀତି ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମନ୍ତବ୍ୟକୁ ନେଇ କେନ୍ଦ୍ରକୁ ସମାଲୋଚନା କରୁଥିବା ରବିଶଙ୍କର ଅଭିଯୋଗ କରିଛନ୍ତି।

## ଚଳିତବର୍ଷ ୮ ବିମାନ ଦୁର୍ଘଟଣାରେ ଯାଇଛି ୨୭୪ ଜୀବନ

**ନୂଆଦିଲ୍ଲୀ, ୩୧।୭**

ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ୮ଟି ବିମାନ ଦୁର୍ଘଟଣାରେ ୨୭୪ ଜଣଙ୍କ ଜୀବନ ଯାଇଥିବା କେନ୍ଦ୍ର ସରକାର ଗୁରୁବାର କହିଛନ୍ତି। ଜୁନ୍ ୧୨ରେ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରେ ୨୬୦ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହା ବ୍ୟତୀତ ୩ଟି ପ୍ରଶିକ୍ଷଣ ବିମାନ ଏବଂ ୪ଟି ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି। ଲୋକ ସଭାରେ ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହଲ ଏହା କହିଛନ୍ତି। ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେଶନ ବ୍ୟୁରୋ (ଏଏଆଇବି) ଦୁର୍ଘଟଣାଗୁଡ଼ିକର କାରଣ ସମ୍ପର୍କରେ ତଦନ୍ତ ଚଳାଇଥିବା ସେ କହିଛନ୍ତି। ଏପ୍ରିଲ ୨୨ରେ ଗୁଜରାଟରେ ଏକ ହେଲିକପ୍ଟର ଦୁର୍ଘଟଣାରେ ଜଣେ ଏବଂ ମେ’ ୮ରେ ଉତ୍ତରାଖଣ୍ଡରେ ହେଲିକପ୍ଟର ଦୁର୍ଘଟଣାରେ ୬ ଜଣ ପ୍ରାଣ ହରାଇଥିଲେ। ଜୁନ୍ ୧୫ରେ ଉତ୍ତରାଖଣ୍ଡରେ ଆଉ ଏକ ହେଲିକପ୍ଟର ଦୁର୍ଘଟଣାରେ ୭ ଜଣଙ୍କ ଜୀବନ ଯାଇଥିଲା। ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରେ ୮୧ ଜଣ ଆହତ ହୋଇଥିଲେ। ଏହାକୁ ମିଶାଇ ମୋଟ ୮ ଦୁର୍ଘଟଣାରେ ୮୪ ଜଣ ଆହତ ହୋଇଥିବା ମନ୍ତ୍ରୀ କହିଛନ୍ତି।

## ପୁଷ୍ପେନ୍ଦ୍ର ସିଂ ହେବେ ସେନା ଉପାଧ୍ୟକ୍ଷ



**ନୂଆଦିଲ୍ଲୀ, ୩୧।୭ (ପି.ଟି.)**

ଲ୍ୟୁଟ୍‌ନାଣ୍ଟ ଜେନେରାଲ ପୁଷ୍ପେନ୍ଦ୍ର ସିଂ ଭାରତର ପରବର୍ତ୍ତୀ ସେନା ଉପାଧ୍ୟକ୍ଷ ହେବେ। ଆସନ୍ତା ୧ରୁ ସେ ଏହି ପଦ ଗ୍ରହଣ କରିବେ। ସେ ଗତ ଜୁଲାଇ ୧ରୁ ସେନା ଉପାଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଉଥିବା ଲ୍ୟୁଟ୍‌ନାଣ୍ଟ ଜେନେରାଲ ଏନ୍.ଏସ୍. ରାଜା ସୁବ୍ରମଣିଙ୍କର ସ୍ଥାନ ନେବେ। ସେ ଭାରତୀୟ ସାମରିକ ଏକାଡେମୀର ପୂର୍ବତନ ଛାତ୍ର ହୋଇଥିବାବେଳେ ନିଜ ୩୫ ବର୍ଷର କ୍ୟାରିୟରରେ ଭାରତୀୟ ସେନାର ଅପରେଶନ ପବନ, ଅପରେଶନ ମେଘଦୂତ, ଅପରେଶନ ରକ୍ଷକ, ଅପରେଶନ ଅର୍ଚ୍ଚିଡ୍ ଆଦିରେ ଅଂଶଗ୍ରହଣ କରିଛନ୍ତି। ଅନ୍ୟପକ୍ଷେ, ନୌସେନା ଉପମୁଖ୍ୟ ଭାଇସ୍ ଆଡମିରାଲ କୃଷ୍ଣା ସ୍ୱାମୀନାଥନ ପଶ୍ଚିମ ନୌସେନା କମାଣ୍ଡର ପରବର୍ତ୍ତୀ ଫ୍ଲାଗ୍ ଅଫିସର କମାଣ୍ଡିଂ-ଇନ୍-ଚିଫ୍ ହେବେ। ଗତ ମେ ୧ରେ ସେ ନୌସେନା ଉପମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ।

## ବୈଷୟିକ ତ୍ରୁଟି: ଏୟାର ଇଣ୍ଡିଆ ବିମାନର ଉଡ଼ାଣ ବାତିଲ

**ନୂଆଦିଲ୍ଲୀ, ୩୧।୭**

ଦିଲ୍ଲୀ ବିମାନବନ୍ଦରରୁ ଗୁରୁବାର ଲଣ୍ଡନ ଯିବାକୁ ଥିବା ଏୟାରଇଣ୍ଡିଆର ବୋଇଂ ୭୮୭-୯ ବିମାନରେ ବୈଷୟିକ ତ୍ରୁଟି ଦେଖାଦେବାରୁ ଏହାର ଉଡ଼ାଣକୁ ବାତିଲ କରିଦିଆଯାଇଛି। ବୈଷୟିକ ସମସ୍ୟା ପରେ ଏଆଇ୨୦୧୭ ବିମାନକୁ ସତର୍କତାମୂଳକ ଯାଞ୍ଚ ପାଇଁ ବେ’କୁ ଫେରାଇ ନିଆଯାଇଛି। ତ୍ରୁଟି ଜଣାପଡ଼ିବା ପରେ କକ୍‌ପିଟ୍ କ୍ରିଉ ଉଡ଼ାଣ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲେ ବୋଲି ଏୟାରଲାଇନ୍ସ ପକ୍ଷରୁ କୁହାଯାଇଛି।

## ଏସ୍‌ଆଇଆର୍: ସଂସଦ ଦିନକ ପାଇଁ ମୁଲତବୀ

**ନୂଆଦିଲ୍ଲୀ, ୩୧।୭ (ପି.ଟି.)**

ବିହାରରେ ନିର୍ବାଚନ ପୂର୍ବରୁ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ (ଏସ୍‌ଆଇଆର୍) ପ୍ରତ୍ୟାହାର ଦାବିରେ ବିରୋଧୀ ହଇଗୋଳ ଜାରି ରଖିବାରୁ ପାର୍ଲାମେଣ୍ଟର ଉଭୟ ଗୃହକୁ ଗୁରୁବାର ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଛି। ରାଜ୍ୟ ସଭାରେ ଏସ୍‌ଆଇଆର୍ ପ୍ରସଙ୍ଗକୁ ନେଇ ବିରୋଧୀ ସଦସ୍ୟମାନେ କ୍ରମାଗତ ଭାବେ ଗୃହକୁ ଅଚଳ କରିଥିଲେ। ଅପରାହ୍ନରେ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ଆମେରିକାର ଟାରିଫ ଘୋଷଣା ପ୍ରସଙ୍ଗରେ ଜାତୀୟ ସ୍ୱାର୍ଥର ସୁରକ୍ଷା ପାଇଁ ଭାରତ ଆବଶ୍ୟକ ପଦକ୍ଷେପ ନେବ ବୋଲି କହିବା ପରେ ଗୃହକୁ ମୁଲତବୀ ରଖାଯାଇଥିଲା। ଏହା ପୂର୍ବରୁ ଅପରେଶନ ସିନ୍ଦୂର ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉତ୍ତରକୁ ବିପକ୍ଷ ଦଳର ସଦସ୍ୟମାନେ ବିରୋଧ କରି ହୋହଲ୍ଲା କରିବାରୁ ରାଜ୍ୟ ସଭାକୁ ୩ ଥର ମୁଲତବୀ ରଖାଯାଇଥିଲା। ଲୋକ ସଭାରେ ମଧ୍ୟ ଅନୁରୂପ ଭାବେ ବିହାର ଏସ୍‌ଆଇଆର୍‌କୁ ନେଇ ବିରୋଧୀ ହଇଗୋଳ ଜାରି ରଖିବାରୁ ବାଚସ୍ପତି ଓମ୍ ବିର୍ଲା ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରିଥିଲେ।


ସଂସଦର ମୌସୁମୀ ଅଧିବେଶନ ବେଳେ ଗୁରୁବାର ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସହ ୱାୟନାଡ୍ ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ଭଦ୍ରା।

## ମୌସୁମୀ ଦ୍ୱିତୀୟାର୍ଦ୍ଧରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବ

**ନୂଆଦିଲ୍ଲୀ, ୩୧।୭**

ଚଳିତ ମୌସୁମୀ ଋତୁର ଦ୍ୱିତୀୟାର୍ଦ୍ଧ ଅର୍ଥାତ୍ ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇପାରେ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଗୁରୁବାର ପୂର୍ବାନୁମାନ କରିଛି। ଅଗଷ୍ଟରେ ଉତ୍ତର-ପୂର୍ବାଞ୍ଚଳ ଏବଂ ପୂର୍ବ ଭାରତର ଆଖପାଖ ଅଞ୍ଚଳକୁ ଛାଡ଼ିଦେଲେ ଦେଶର ଅଧିକାଂଶ ସ୍ଥାନରେ ସ୍ୱାଭାବିକ ବୃଷ୍ଟିପାତ ହେବ ବୋଲି ଆଶା କରାଯାଉଥିବା ଆଇଏମ୍‌ଡି ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ଏକ ଅନ୍‌ଲାଇନ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏଥିସହିତ ସେପ୍ଟେମ୍ବରରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇପାରେ। ମୌସୁମୀର ପ୍ରଥମାର୍ଦ୍ଧ ଅର୍ଥାତ୍ ଜୁନ୍ ଓ ଜୁଲାଇରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଥିବାବେଳେ ହିମାଚଳପ୍ରଦେଶ ଭଳି କେତେକ ରାଜ୍ୟରେ ଅଚାନକ ବନ୍ୟା ଦେଖାଦେଇଥିଲା। ଦ୍ୱିତୀୟାର୍ଦ୍ଧରେ ମଧ୍ୟ ସାରା ଦେଶରେ ମୋଟାମୋଟି ଭାବେ ଦୀର୍ଘକାଳୀନ ହାରାହାରି ୪୨୨.୮ ମିଲିମିଟରର ୧୦୬ ପ୍ରତିଶତ ବୃଷ୍ଟିପାତ ହୋଇପାରେ।

ଜୁନ୍ ୧ରୁ ଜୁଲାଇ ୩୧ ମଧ୍ୟରେ ସ୍ୱାଭାବିକ ବୃଷ୍ଟିପାତ ୪୪୫.୮ ମିଲିମିଟର ହୋଇଥିବାବେଳେ ଗତ ୨ ମାସରେ ୪୭୪.୩ ମିଲିମିଟର ବର୍ଷା ହୋଇଛି, ଯାହା ୬ ପ୍ରତିଶତ ଅଧିକ। ଏହି ସମୟ ମଧ୍ୟରେ ୬୨୪ ଥର ଅତ୍ୟଧିକ ବୃଷ୍ଟିପାତ ଏବଂ ୭୬ ଥର ଅତି ଭୀଷଣ ବୃଷ୍ଟିପାତ ଘଟଣା ଘଟିଛି, ଯାହା କି ଗତ ୫ ବର୍ଷ ମଧ୍ୟରେ ସବୁଠୁ କମ୍।

**ଫୁରସତ୍**


## ଚର୍ଚ୍ଚାରେ ସଲମାନ



**ମୁମ୍ବାଇ**

ବଲିଉଡ ପରେ ନୂଆ ଇନିଂସ ଆରମ୍ଭ କରିବେ ଭାଇଜାନ୍। ସେଇଟି ହେଲା ରାଜନୀତି। କିଛି ଏଭଳି ଚର୍ଚ୍ଚା ଏବେ ବଢ଼ିବାରେ ଲାଗିଛି। ଏହା ପଛରେ ରହିଛି ସୁପରଷ୍ଟାର ସଲମାନଙ୍କ ଏକ ପୋଷ୍ଟ। ଆଗକୁ ମହାରାଷ୍ଟ୍ରରେ ବିଏମ୍‌ସିର ନିର୍ବାଚନ ହେବାକୁ ଯାଉଛି। ଏମିତିରେ ସଲମାନ ରାଜନୀତିକୁ ଓହ୍ଲାଇପାରନ୍ତି ବୋଲି କୁହାଯାଉଛି।

ସଲମାନ ନିଜର ଇନଷ୍ଟାଗ୍ରାମ ଆକାଉଣ୍ଟରେ ଏକ ଷ୍ଟୋରୀ ଶେୟାର କରିଛନ୍ତି। ପୋଷ୍ଟରେ ଏକ ଫଟୋ ରହିଛି, ଯାହାକି ଆନିମେଟେଡ୍। ଫଟୋରେ ଚେହେରା ନଜର ଆସୁ ନ ଥିଲେ ହେଁ ତାଙ୍କର ହାତର ବ୍ରେସଲେଟ୍ ନଜର ଆସୁଛି। ସେ ହାତ ମଧ୍ୟ ଯୋଡ଼ିଛନ୍ତି। ଫଟୋରେ ଲେଖାଯାଇଛି ଯେ ନୂଆ ମଇଦାନରେ ଦେଖାହେବା। ବାସ୍ ଏହାକୁ ନେଇ ଏବେ ଚର୍ଚ୍ଚା ବଢ଼ିବାରେ ଲାଗିଛି। କହିରଖୁଛୁ ଯେ ବଲିଉଡ ସହ ଦକ୍ଷିଣ ଭାରତର ଅନେକେ କଳାକାର ରାଜନୀତିକୁ ଓହ୍ଲାଇ ସାରିଛନ୍ତି। ଏବେ ସଲମାନ ସେଭଳି କିଛି କରିପାରନ୍ତି ବୋଲି ଅନୁମାନ କରାଯାଉଛି। ଅପରପକ୍ଷେ କିଛି ସଲମାନଙ୍କ ଏଭଳି ପୋଷ୍ଟ ପଛରେ ବିଗ୍‌ବସ୍‌କୁ ନେଇ ପ୍ରମୋଶନ ଥାଇପାରେ ବୋଲି କହୁଛନ୍ତି। ତେବେ ଏହା ଆଗାମୀ ଦିନରେ ସ୍ପଷ୍ଟ ହୋଇଯିବ।




# ମୋଦିଙ୍କ ୭୫ତମ ଜନ୍ମଦିନରେ ଓଡ଼ିଶାରେ ଲାଗିବ ୭୫ ଲକ୍ଷ ଗଛ

## ପ୍ରଧାନମନ୍ତ୍ରୀଙ୍କ ପାଇଁ ଓଡ଼ିଶାବାସୀଙ୍କ ସବୁଠୁ ବଡ଼ ଉପହାର: ମୁଖ୍ୟମନ୍ତ୍ରୀ

**ଏକ୍ ପେଡ୍ ମା କେ ନାମ୍-୨.୦**

- ଅଭିଯାନର ଦ୍ୱିତୀୟ ସଂସ୍କରଣରେ ଏ ବର୍ଷ ଲାଗିବ ୭.୫ କୋଟି ଗଛ
- ପଞ୍ଚାୟତ ସ୍ତରରେ ଅଧିକରୁ ଅଧିକ ଚାରାରୋପଣ ପାଇଁ ପିଇଓମାନଙ୍କୁ ଦାୟିତ୍ୱ

ଭୁବନେଶ୍ୱର, ୩୧।୭ (ସୁନୀତ ମିଶ୍ର)

ଚଳିତ ବର୍ଷ ସେପ୍ଟେମ୍ବର ୧୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୭୫ ବର୍ଷରେ ପ୍ରଦାର୍ପଣ କରିବେ। ଦେଶ ପ୍ରତି, ବିଶେଷକରି ଓଡ଼ିଶା ପ୍ରତି ପ୍ରଧାନମନ୍ତ୍ରୀଙ୍କ ଅନେକ ଅବଦାନ ରହିଛି। ଗତ ବର୍ଷ ପ୍ରଧାନମନ୍ତ୍ରୀ ତାଙ୍କ ଜନ୍ମଦିନରେ ଓଡ଼ିଶା ଆସି ସୁଭଦ୍ରା ଯୋଜନା ଆରମ୍ଭ କରିଥିଲେ। ଓଡ଼ିଶାର ବିକାଶ ପ୍ରତି ପ୍ରଧାନମନ୍ତ୍ରୀଙ୍କ ପ୍ରତିବଦ୍ଧତା, ଓଡ଼ିଶାବାସୀଙ୍କ ପ୍ରତି ସଦିଚ୍ଛାର ସମ୍ମାନ ଜଣାଇ ଏକ୍ ପେଡ୍ ମା କେ ନାମ୍ ଅଭିଯାନରେ ସେପ୍ଟେମ୍ବର ୧୭ରେ ୭୫ ଲକ୍ଷ ଗଛ ଲାଗିବ। ଏହା ପ୍ରଧାନମନ୍ତ୍ରୀଙ୍କ ପ୍ରତି ଓଡ଼ିଶାବାସୀଙ୍କ ସର୍ବଶ୍ରେଷ୍ଠ ଉପହାର ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଗୁରୁବାର ଲୋକସେବା ଭବନରେ ଏକ୍ ପେଡ୍ ମା କେ ନାମ୍ ଅଭିଯାନ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକରେ ମୁଖ୍ୟମନ୍ତ୍ରୀ ଅଧ୍ୟକ୍ଷତାକରି ଏହି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଗତବର୍ଷ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା 'ଏକ୍ ପେଡ୍ ମା କେ ନାମ୍ ' ଅଭିଯାନ ଆରମ୍ଭ ହୋଇଥିଲା। ଚଳିତବର୍ଷ ଜୁନ୍ ୫ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଏହାର ଦ୍ୱିତୀୟ ସଂସ୍କରଣ ଏକ ପେଡ୍ ମା କେ ନାମ୍ ୨.୦ ଚାଲିବ। ୨ୟ ସଂସ୍କରଣର ଏହି କାର୍ଯ୍ୟକ୍ରମରେ ସର୍ବନିମ୍ନ ୭.୫ କୋଟି ଚାରା ରୋପଣ ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏକ୍ ପେଡ୍ ମା କେ ନାମ୍ କାର୍ଯ୍ୟକ୍ରମ ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି। ଗତବର୍ଷ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ତା'ର ଲକ୍ଷ୍ୟ ଅତିକ୍ରମକରି ୬.୭୨ କୋଟି ଗଛ ଲଗାଇ ସାରା ଦେଶରେ ୪ର୍ଥ ସ୍ଥାନ ଅଧିକାର କରିଥିଲା। ଏ ବର୍ଷ ୭.୫ କୋଟି ଗଛ ଲଗାଇବାର ଲକ୍ଷ୍ୟ ରଖାଯାଇଛି ଏବଂ ତା' ସହିତ କେବଳ ଗୋଟିଏ ଦିନରେ ୭୫ ଲକ୍ଷ ଗଛ ଲାଗିବ। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଜଙ୍ଗଲ ବିଭାଗ ଏବଂ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ଏଥିରେ ପ୍ରମୁଖ ଦାୟିତ୍ୱ ରହିଥିଲେ ମଧ୍ୟ ଏହି ପ୍ରକ୍ରିୟାକୁ ଆହୁରି ବ୍ୟାପକ କରିବା ପାଇଁ ଉକ୍ତ ଅଭିଯାନରେ ବିଭିନ୍ନ ସରକାରୀ ବିଭାଗ ସହ ପିଏସ୍ୟୁ, ଏନ୍‌ଜିଓ, ବିଭିନ୍ନ ଯୁବସଂଘ, ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକୁ ଅଧିକରୁ ଅଧିକ ସାମିଲ କରାଯିବାର ଆବଶ୍ୟକତା ରହିଛି। ପଞ୍ଚାୟତ ପ୍ରତିଷ୍ଠାନ, ସ୍କୁଲ, କଲେଜ, ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରମୁଖଙ୍କର ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏଥିପାଇଁ ବ୍ୟାପକ ପ୍ରଚାରପ୍ରସାର କରିବା ପାଇଁ ସୂଚନା ଓ ଲୋକ ସମ୍ପର୍କ ବିଭାଗକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମର ପ୍ରଚାରପ୍ରସାର ଅତ୍ୟନ୍ତ ପ୍ରଭାବୀ ଢଙ୍ଗରେ ହେବା ଉଚିତ। ପ୍ରଚାରପ୍ରସାର କେବଳ ଏକ କାର୍ଯ୍ୟକ୍ରମର ନୁହେଁ, ଏହା ପରିବେଶ ସୁରକ୍ଷା ପାଇଁ ଏକ ଜନ ଆନ୍ଦୋଳନ ହେବା ଉଚିତ ବୋଲି ସେ ମତ ଦେଇଥିଲେ। କେବଳ ଗଛ ଲଗାଇଦେଲେ ହେବ ନାହିଁ, ଏହି ଗଛକୁ କିଭଳି ଉତ୍ତମ ଭବିଷ୍ୟତ ମିଳିବ ତା'ର ମଧ୍ୟ ଦାୟିତ୍ୱ ନେବା ଆବଶ୍ୟକ। ଚାରାରୋପଣ ପରେ ଏହାର ରକ୍ଷଣାବେକ୍ଷଣ ଓ ଯତ୍ନ ପାଇଁ ପ୍ରତ୍ୟେକ ସରକାରୀ କର୍ମଚାରୀ ଏବଂ ଜନସାଧାରଣ ଦାୟିତ୍ୱବାନ୍ ହେବା ଆବଶ୍ୟକ। ଏଥିସହ ଚାରାରୋପଣର ଫଟୋ ଓ ଡାଟା ମେରି ଲାଇଫ୍ ପୋର୍ଟାଲରେ ଅପ୍‌ଲୋଡ୍ କରାଯିବା ପାଇଁ ସେ କହିଥିଲେ। ଚାରାରୋପଣ କାର୍ଯ୍ୟକ୍ରମରେ ଗ୍ରାମାଞ୍ଚଳରେ ପଞ୍ଚାୟତ ଅଧିକାରୀମାନେ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଏହାର ତଦାରଖ କରିବେ। ଭଲ ପ୍ରଦର୍ଶନ କ୍ଷେତ୍ରରେ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ସ୍ତରରେ ପୁରସ୍କାର ବ୍ୟବସ୍ଥା କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏଥିସହ ଯେଉଁ ଅଞ୍ଚଳରେ ଯେଉଁ ଫଳ ଭଲ ଉତ୍ପାଦନ ହେଉଛି ସେହିଭଳି ଚାରା ଲୋକମାନଙ୍କୁ ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ହାତୀ ଆକ୍ରମଣରେ ୩ ମୃତ

## ରେଞ୍ଜର, ବନପାଳ ନିଲମ୍ବିତ

ସାତମାଇଲ, ୩୧।୭ (ସୁଶାନ୍ତ ପତି)

ଢେଙ୍କାନାଳ ବନଖଣ୍ଡ ହିନ୍ଦୋଳ ବନାଞ୍ଚଳ ଅନ୍ତର୍ଗତ ରାସୋଳ ସେକ୍ସନ ବାଘଧରିଆ ଗ୍ରାମରେ ଦନ୍ତାହାତୀ ଆକ୍ରମଣରେ ୩ଜଣଙ୍କ ମୃତ୍ୟୁ ଘଟିଛି। ଏ ନେଇ ଅଞ୍ଚଳବାସୀ ମୃତଦେହ ରଖି ରାସ୍ତାରୋକୋ କରିବା ସହ କ୍ଷତିପୂରଣ ଦାବି କରିଛନ୍ତି। କର୍ତ୍ତବ୍ୟରେ ଅବହେଳା ଦର୍ଶାଇ ବନପାଳ ଦାୟିତ୍ୱରେ ଥିବା ଲୁସ୍ମିତା ସିଂଙ୍କୁ ଢେଙ୍କାନାଳ ଡିଏଫଓ ସୁମିତ କୁମାର କର କାର୍ଯ୍ୟରୁ ନିଲମ୍ବିତ କରିଥିବାବେଳେ ରାଜ୍ୟ ସରକାର ହିନ୍ଦୋଳ ରେଞ୍ଜର ଗୌତମ ପ୍ରଧାନଙ୍କୁ ନିଲମ୍ବନ କରିଛନ୍ତି।

ପ୍ରକାଶ ଯେ, ଗୁରୁବାର ଭୋର ସମୟରେ ପୋଖରୀକୁ ଶୌଚ ହେବା ପାଇଁ ଗ୍ରାମର ବେଣୁଧର ସାହୁଙ୍କ ସ୍ତ୍ରୀ ଶଶୀ ସାହୁ (୬୪) ଯାଇଥିବା ସମୟରେ ଏକ ଦନ୍ତାହାତୀ ତାଙ୍କୁ ଆକ୍ରମଣ କରିଥିଲା। ଏହି ଘଟଣା ଦେଖି ସେହି ଗ୍ରାମର କରୁଣାକର ଦେହୁରୀ (୬୬) ଦୌଡ଼ି ପଳାଇଯିବାକୁ ଚେଷ୍ଟା କରୁଥିବା ସମୟରେ ତାଙ୍କୁ ମଧ୍ୟ ଦନ୍ତାହାତୀ ଆକ୍ରମଣ କରିଥିଲା। ପରେ ହାତୀଟି ନଳକୂପରୁ ପାଣି ଆଣିବାକୁ ଆସିଥିବା ପ୍ରଦ୍ୟୁମ୍ନ ଦେହୁରୀଙ୍କ ସ୍ତ୍ରୀ ଝୁଲଣ ଦେହୁରୀ (୫୪)ଙ୍କୁ ରାସ୍ତାରେ କଚାଡି ମାରିଥିଲା। ଘଟଣାସ୍ଥଳରେ କରୁଣାକର ଦେହୁରୀ ଓ ତାଙ୍କ ସମ୍ପର୍କୀୟ ଭାଇବୋହୂ ଝୁଲଣ ଦେହୁରୀଙ୍କ ମୃତ୍ୟୁ ଘଟିଥିବା ବେଳେ ଗୁରୁତର ଆହତ ଶଶୀ ସାହୁଙ୍କୁ ହିନ୍ଦୋଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଗ୍ରାମବାସୀଙ୍କ ସହ ଅଞ୍ଚଳର ବହୁ ଜନସାଧାରଣ ପୁରୁଣାକଟକ-ସମ୍ବଲପୁର ରାସ୍ତାର ସାତମାଇଲ ଛକ ନିକଟରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ।

ହାତୀ ଆକ୍ରମଣରେ ଦୁଇଜଣଙ୍କ ମୃତ୍ୟୁ ଘଟିଥିବା ଖବର ଦିଆଯାଇଥିଲେ ମଧ୍ୟ ବିଳମ୍ବରେ ପୋଲିସ ଓ ବନାଞ୍ଚଳ ଅଧିକାରୀ ପହଞ୍ଚିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଘଟଣା ସ୍ଥଳରେ ହିନ୍ଦୋଳ ଉପଜିଲାପାଳ ପ୍ରଭାସ କୁମାର ବେହୁରା, ତହସିଲଦାର ଦିଲୀପ କୁମାର ସେଠୀ, ହିନ୍ଦୋଳ ଏସ୍‌ଡିପିଓ ସତ୍ୟ କୁମାର ନନ୍ଦ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଗ୍ରାମରେ ଲାଇଟ୍ ଲଗାଇବା, ଆତଙ୍କ ଚଳାଇଥିବା ଦନ୍ତାହାତୀଙ୍କୁ ଟ୍ରାଙ୍କୁଲାଇଜ କରି ଅନ୍ୟତ୍ର ପଠାଇବା ଆଦି ଦାବିଗୁଡ଼ିକୁ ଶୀଘ୍ର ପୂରଣ କରାଯିବାକୁ ପ୍ରତିଶ୍ରୁତି ଦେବା ସହିତ ପ୍ରତ୍ୟେକ କ୍ଷତିଗ୍ରସ୍ତ ପରିବାରକୁ ରେଡକ୍ରସରୁ ୫ ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ହିନ୍ଦୋଳ ଡାକ୍ତରଖାନାକୁ ପଠାଇଥିଲେ। ଫଳରେ ରାସ୍ତା ଅବରୋଧ ହଟିଥିଲା। ଢେଙ୍କାନାଳ ଏମପି ରୁଦ୍ର ନାରାୟଣ ପାଣି ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ଜିଲାପାଳ ଆଶିଷ ପାଟିଲ ଓ ଡିଏଫଓ ସୁମିତ କୁମାରଙ୍କ ସହ ବିଶଦ ଆଲୋଚନା କରି ପ୍ରତ୍ୟେକ ପରିବାରକୁ କିପରି ତୁରନ୍ତ ସମସ୍ତ ପ୍ରକାର ସହଯୋଗ ମିଳିପାରିବ ଆଲୋଚନା କରିଛନ୍ତି। ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ କ୍ଷତିଗ୍ରସ୍ତ ୩ ପରିବାରବର୍ଗଙ୍କୁ ସମସ୍ତ ପ୍ରକାର ସରକାରୀ ସାହାଯ୍ୟ ସହଯୋଗ ଯୋଗାଇ ଦେବାକୁ ଆଲୋଚନା କରିଛନ୍ତି । ତେବେ କର୍ତ୍ତବ୍ୟରେ ଅବହେଳା ପାଇଁ ରାସୋଳ ବନପାଳ ଦାୟିତ୍ୱରେ ଥିବା ଲୁସ୍ମିତା ସିଂଙ୍କୁ ଢେଙ୍କାନାଳ ଡିଏଫଓ ସୁମିତ କୁମାର କର କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି।

ଅନୁଗୁଳ ସାତକୋଶିଆ ଅଭୟାରଣ୍ୟ ଆରସିସିଏଫଙ୍କ ରିପୋର୍ଟ କ୍ରମେ ହିନ୍ଦୋଳ ରେଞ୍ଜର ଗୌତମ ପ୍ରଧାନଙ୍କୁ ରାଜ୍ୟ ସରକାର ନିଲମ୍ବନ କରିଛନ୍ତି।

# ଜୟପୁରରୁ ଦିଆଯିବ ସୁଭଦ୍ରା ୩ୟ କିସ୍ତି ଟଙ୍କା

ଭୁବନେଶ୍ୱର, ୩୧।୭(ସୁନୀତ ମିଶ୍ର)

ହିତାଧିକାରୀଙ୍କୁ ସୁଭଦ୍ରାର ତୃତୀୟ କିସ୍ତି ଅଗଷ୍ଟ ୯ରେ ପ୍ରଦାନ କରିବେ ସରକାର। କୋଟିଏରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ଏକକାଳୀନ ସୁଭଦ୍ରା ଟଙ୍କା ମିଳିବ। କୋରାପୁଟ ଜିଲା ଜୟପୁରରୁ ସୁଭଦ୍ରାର ତୃତୀୟ କିସ୍ତି ଟଙ୍କା ସରକାର ବାଣ୍ଟିବେ। ଏହା ପୂର୍ବରୁ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ସୁଭଦ୍ରା ସମ୍ପର୍କିତ ବିଭିନ୍ନ ଦିଗକୁ ନେଇ ଷ୍ଟିୟରିଂ କମିଟି ବୈଠକରେ ଆଲୋଚନା ହୋଇଛି ବୋଲି ମହିଳା ଓ ଶିଶୁ ବିକାଶ ବିଭାଗ ଅତିରିକ୍ତ ସଚିବ ଦ୍ୟୁତିବାସ ରାଉତ ଗୁରୁବାର ସୂଚନା ଦେଇଛନ୍ତି। ଆଗକୁ ସୁଭଦ୍ରା ଯୋଜନାରେ ହିତାଧିକାରୀଙ୍କୁ ନୂଆ ଯୋଡ଼ାଯିବା ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଛି। ଲୋକଙ୍କ ଫିଡ୍‌ବ୍ୟାକ୍ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ସୁଭଦ୍ରା ଟଙ୍କା ମହିଳାମାନେ କିପରି ବ୍ୟବହାର କରୁଛନ୍ତି ଏହା ଉପରେ ମତାମତ ନେବାକୁ ଷ୍ଟିୟରିଂ କମିଟିରେ ନିଷ୍ପତ୍ତି ହୋଇଛି। ଏହା ସହ ୨୧ ବର୍ଷ ବୟସ ହୋଇଥିବା ହିତାଧିକାରୀ ପରେ ନୂଆକରି ସାମିଲ ହେବେ। ମାର୍ଚ୍ଚ ୩୦ ସୁଦ୍ଧା ୬୦ ବର୍ଷ ଅତିକ୍ରମ କରିଥିବା ହିତାଧିକାରୀ ଯୋଜନାରୁ ବାଦ୍ ପଡ଼ିବେ ବୋଲି ସଚିବ ସୂଚନା ଦେଇଛନ୍ତି।

## ବାଦ୍ ପଡ଼ିଥିବା ୨ ଲକ୍ଷ ହିତାଧିକାରୀଙ୍କୁ ଆଉ ଆବେଦନ କରିବାକୁ ପଡ଼ିବନି: ଉପମୁଖ୍ୟମନ୍ତ୍ରୀ

ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନାର ସମୀକ୍ଷା ଜାରି ରହିଛି। ୧୨ ଦିନ ହେଲା ରାଜ୍ୟର ବିଭିନ୍ନ ଜିଲାରେ ସମୀକ୍ଷା ଚାଲିଛି। ବୁଧବାର ସୁଦ୍ଧା ୭ ହଜାର ସୁଭଦ୍ରା ହିତାଧିକାରୀଙ୍କ ମତାମତ ସଂଗ୍ରହ ହୋଇଛି। ମାସକ ମଧ୍ୟରେ ୨୨ ହଜାର ସୁଭଦ୍ରା ହିତାଧିକାରୀଙ୍କ ମତାମତ ନେବାକୁ ଟାର୍ଗେଟ ରହିଛି। ଆମ ହାତରେ ଆହୁରି ୧୮ଦିନର ସମୟ ରହିଛି। ଠିକ୍ ସମୟରେ ଟାର୍ଗେଟ ପୂରଣ ହୋଇଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗୁରୁବାର ସୂଚନା ପ୍ରଦାନ କରିଛନ୍ତି। ସେ କହିଛନ୍ତି, ମହିଳା ଓ ଶିଶୁଙ୍କ ବିକାଶ ପାଇଁ ଲୋକସେବା ଭବନରୁ ହେଉଥିବା ଯୋଜନା ଅଙ୍ଗନୱାଡି ସ୍ତରରେ ପହଞ୍ଚୁଛି କି ନାହିଁ ତା'ର ମନିଟରିଂ ଅଧିକାରୀ କରିବେ। ସୁଭଦ୍ରା ଯୋଜନାରୁ ବାଦ୍ ପଡ଼ିଥିବା ୨ ଲକ୍ଷ ମହିଳାଙ୍କୁ ଆଉ ପୁନର୍ବାର ଆବେଦନ କରିବାକୁ ପଡ଼ିବ ନାହିଁ। ତଥ୍ୟ ପୁଣି ଯାଞ୍ଚକରି ଯେଉଁମାନେ ଯୋଗ୍ୟ ବିବେଚିତ ହେବେ ସେମାନଙ୍କୁ ସୁଭଦ୍ରା ଟଙ୍କା ସରକାର ଦେବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

Hero
VIDA



VIDA
EVOOTER
VX2
ବଦଳୁଥିବା ଭାରତର ସ୍କୁଟର୍

ଆରମ୍ଭ ମୂଲ୍ୟ ₹84,990* ରୁ
(ରାଜ୍ୟ ସବ୍ସିଡ଼ିକୁ ଛାଡ଼ି)

BaaS ସହ ₹44,990*
ଏବଂ ପ୍ରତି କି.ମି ପିଛା ₹ 1.24

REMOVABLE BATTERIES
CONVENIENCE OF INDOOR CHARGING

VIDA | BaaS
BATTERY AS A SERVICE
5-YEAR COMPREHENSIVE WARRANTY**

500+ OUTLETS
FOR SALES AND SERVICE

Complimentary benefits worth Rs. 20000 viz. battery warranty (**upto 5years/60k kms for VX2 Plus & 5 years/50k kms for VX2 Go); warranty on critical components upto 5 years/75k kms; access to fast charging network & My Vida App during BaaS period; option to avail assured buyback upto 67.5% of the effective showroom price of VX2 series; *Limited period offer. T&C apply. BaaS offer is subject to T&Cs of respective financiers. **Visit us at: www.vidaworld.com**

Hero MotoCorp Limited (CIN: L35911DL1984PLC017354)

Visit us in **BHUBANESWAR**: Near Z1 Apartments, Patia - SANJIB AUTOBIKES, 7483326989 | Near Kolathia Chack, Khandagiri - JMG AUTOMOBILES VIDA HUB, 8093180040 | Lewis Road - ARUNDHATI MOTO BIKES, 7428412997 | Near Fire Station Road, Paika Nagar - ROHAN AUTORIDERS, 9348288766 | Plot No. 1, Laxmisagar, in front of Jatri Niwas - BHARAT MOTORS, 8144917904 | JATNI: Near Axis Bank, Main Road - VISHAL AUTOMOBILES, 7428420622 | PURI: S.C.S College Road - SANJIB AUTOBIKES, 7428480242 | **ANGUL**: NH-55, Panchamahala - PARBATI MOTORS PVT. LTD, 7428279454 | **RAYGADA**: JK Road, Raygada - Ajit Motors, 9289922819. | **BERHAMPUR**: Dharmanagar Main Road - LAKSHMI MOTORS, 9937174773 | **BALASORE**: Vivekananda Marg, Balasore - NEELAM MOTORS PVT. LTD., 7428279563.

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଜୟ ଓଡ଼ିଶା ଓ ମା' ମଙ୍ଗଳା ୟୁଥ୍ କ୍ଲବ୍ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ମା' ମଙ୍ଗଳା ୟୁଥ୍ କ୍ଲବ, ବୁଦ୍ଧେଶ୍ୱରୀ କଲୋନୀ, ସମୟ:ସକାଳ ୯ଟା।
- ସିପିଆଇର ରାଜ୍ୟ ପରିଷଦ ବୈଠକ, ସ୍ଥାନ: ଭଗବତୀ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ସାଧନା କଲ୍‌ଚରାଲ୍ ଏକାଡ଼େମୀ ପକ୍ଷରୁ ଗୁରୁ ସୁଧାକର ସାହୁ ପୁରସ୍କାର ଉତ୍ସବ ୨୦୨୫, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ମହାନଦୀ ଜଳ ବିବାଦର ଆପୋସ ସମାଧାନ ସଂକ୍ରାନ୍ତରେ ଆଲୋଚନା ସଭା, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍ ୯, ସମୟ:ପୂର୍ବାହ୍ନ ୧୦ଟା ୩୦।
- ଅଲ୍ ଓଡ଼ିଶା ସିଆର୍‌ପି.ସିଏମ୍.ଆସୋସିଏଶନ୍ ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: କଂଗ୍ରେସ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଉତ୍କଳ ପର୍ଯ୍ୟଟନ ନିଗମ କର୍ମଚାରୀ ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: କଳିଙ୍ଗ କନ୍‌ଭେନ୍‌ଶନ୍, ପାନ୍ଥନିବାସ, ସମୟ: ପୂର୍ବାହ୍ନ ୧୧ଟା।
- ନିଖିଳ ଓଡ଼ିଶା ୬୬୨(+୨୦+୩) ଅନୁଦାନପ୍ରାପ୍ତ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ଆଙ୍ଗଲିଆ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଶ୍ରମିକ ଭବନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଓଡ଼ିଶା ମ୍ୟୁଜିକ୍ ହେରିଟେଜ୍ ୪ର୍ଥ ବାର୍ଷିକ ଉତ୍ସବ, ସ୍ଥାନ:ବୁଦ୍ଧମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ପଶ୍ଚିମାଞ୍ଚଳ ଏକତାମଞ୍ଚ ପକ୍ଷରୁ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜୟନ୍ତୀ ତଥା ସମ୍ବଲପୁରୀ ଦିନ୍ ଉତ୍ସବ, ସ୍ଥାନ:ଭାରତୀୟ ବିଦ୍ୟାଭବନ, ସମୟ: ସନ୍ଧ୍ୟା ୬ଟା।

## କଟକ
- ତୁଳସୀ ସାହିତ୍ୟ ସଂସଦ ପକ୍ଷରୁ ସନ୍ଥ ତୁଳସୀ ଦାସଙ୍କ ଜୟନ୍ତୀ ଉପଲକ୍ଷେ ଶ୍ରୀରାମ ଚରିତ ମାନସ ପାରାୟଣର ଚତୁର୍ଥ ଦିବସ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀଶ୍ରୀ ରାମଚରିତ ମାନସ ସାମୁହିକ ପାଠ, ସ୍ଥାନ: ଧବଳେଶ୍ୱର ପୀଠ ପଞ୍ଚମୁଖୀ ହନୁମାନ ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

## ପୁରୀ
- ପୁରୀ ବନଖଣ୍ଡ ବିଭାଗ ପକ୍ଷରୁ ୭୬ତମ ବନ ମହୋତ୍ସବ ସମାରୋହ, ସ୍ଥାନ: ହଂସପଡ଼ାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସର, ନିମାପଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର
- ପଥପ୍ରାନ୍ତ ଶୋଭାଯାତ୍ରା ଓ ଗଣବିକ୍ଷୋଭ, ସ୍ଥାନ: ଡାକଘର ସମ୍ମୁଖ, ବସ୍ତା, ସମୟ: ସକାଳ ୭ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ସିମୁଳିଆ କଲେଜ ପରିସର, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ
- ନାଗରିକ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର
- ଜିଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ, ସ୍ଥାନ: କେନ୍ଦୁଝର ଅଡଟୋରିୟମ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକ୍‌ସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ, ସ୍ଥାନ: ପାଟଣା ବ୍ଲକ୍ ସଭାଗୃହ, ସମୟ: ଅପରାହ୍ନ ୨ଟା ୩୦।

## ମୟୂରଭଞ୍ଜ
- ହ୍ୟାଣ୍ଡଲୁମ୍ ଫେବ ପ୍ରଦର୍ଶନୀ ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ:ପୂର୍ବାହ୍ନ ୧୧ଟା।
- ସ୍ୱାଧୀନତା ଦିବସ ଉପଲକ୍ଷେ ଚିତ୍ରାଙ୍କନ ପ୍ରତିଯୋଗିତା,ସ୍ଥାନ:ଶୁଭଶ୍ରୀ ରେସିଡେନ୍ସ ସ୍କୁଲ, ବାରିପଦା,ସମୟ: ଅପରାହ୍ନ ୩ଟା।

## ବ୍ରହ୍ମପୁର
- ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ,ସ୍ଥାନ: ଶତବାର୍ଷିକୀ ସଭା କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## କନ୍ଧମାଳ
- ପୋଲିସ ପକ୍ଷରୁ ପୋଶ୍ ଆଇନ ସଚେତନତା, ସ୍ଥାନ: ବାଲିଗୁଡ଼ା ଆଦିବାସୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ବାଲିଗୁଡ଼ା ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ : ଅପରାହ୍ନ ୩ଟା।

## ଢେଙ୍କାନାଳ
- ଭାଜପା ପକ୍ଷରୁ କଂଗ୍ରେସ ଓ ବିଜେଡି ବିରୋଧରେ ବିକ୍ଷୋଭ, ସ୍ଥାନ: ଜିଲା କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା୩୦।

## ଅନୁଗୋଳ
- ସାମାଜିକ ସୁରକ୍ଷା ପେନ୍‌ସନ୍‌କୁ ନେଇ ବ୍ୟାଙ୍କ ଓ ପୋଷ୍ଟ ଅଫିସ ଅଧିକାରୀଙ୍କ ସହ ବୈଠକ, ସ୍ଥାନ: ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଭରତପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ମା' ମଙ୍ଗଳା କମିଟି ପକ୍ଷରୁ ନାମଯଜ୍ଞ, ସ୍ଥାନ: କଳାବୁଦା, ଗରଦପୁର, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼
- ଜିଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଓ ଆକାଂକ୍ଷା ହାଟ ଶୁଭାରମ୍ଭ, ସ୍ଥାନ:ନୟାଗଡ଼ ପଠାଣୀ ସାମନ୍ତ ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଅଧିଷ୍ଠାନ ଉତ୍ସବ, ସ୍ଥାନ:ରୋଟାରୀ କ୍ଲବ ନୟାଗଡ଼, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା
- ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଏବଂ ଆକାଂକ୍ଷୀ ହାଟ ଉଦ୍‌ଘାଟନ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ରାୟଗଡା, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱ ଆଦିବାସୀ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଚନ୍ଦ୍ରପୁର ସଭା ଗୃହ,ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର
- ଜିଲାପାଳଙ୍କ ପୌରସଂସ୍ଥା କାର୍ଯ୍ୟାଳୟ ପରିଦର୍ଶନ, ସ୍ଥାନ: ନବରଙ୍ଗପୁର, ସମୟ: ଅପରାହ୍ନ ୪ ଟା।

## କୋରାପୁଟ
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ଅପରାହ୍ନ ୪ଟା।

## ସମ୍ବଲପୁର
- ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ସକାଳ ୮ଟା।
- ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଓଡ଼ିଶା ସାଂସ୍କୃତିକ ସମାଜ ଆୟୋଜନରେ ସମ୍ବଲପୁରୀ କବିତା ପାଠୋତ୍ସବ, ସ୍ଥାନ : ସ୍ୱାଧିନତା ସଂଗ୍ରାମୀ ସ୍ମୃତି ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ସମ୍ବଲପୁରୀ ଏକତା ମଞ୍ଚ ଆୟୋଜିତ ସମ୍ବଲପୁରୀ ଦିନ୍ କାର୍ଯ୍ୟକ୍ରମର ମଞ୍ଚପୂଜା, ସ୍ଥାନ : ଗଙ୍ଗାଧର ମଣ୍ଡପ, ସମୟ : ପୂର୍ବାହ୍ନ ୧୦ଟା।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ଆୟୋଜିତ ସମ୍ବଲପୁରୀ ଦିନ୍ କାର୍ଯ୍ୟକ୍ରମର ଶୁଭାରମ୍ଭ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ଅପରାହ୍ନ ୩ଟା।

## ବଲାଙ୍ଗୀର
- ବଲାଙ୍ଗୀର ଜିଲା କୃଷକ ମହାସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଆକାଶ ନେଶନାଲ ଟେଲେଣ୍ଟ ହଣ୍ଟ ଏକ୍‌ଜାମ୍ ଶୁଭାରମ୍ଭ ଉତ୍ସବ, ସ୍ଥାନ: ଦମୟନ୍ତୀ ହାଇଟ୍‌ସ୍, ରାଜେନ୍ଦ୍ର କଲେଜ ଛକ, ବଲାଙ୍ଗୀର, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ରାଉରକେଲା
- ମୁଣ୍ଡା ସମାଜ ପକ୍ଷରୁ ବୃକ୍ଷରୋପଣ ଓ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ମିଟକୁନ୍ଦରୀ ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- ପଶ୍ଚିମ ଓଡ଼ିଶା ସାଂସ୍କୃତିକ ପରିଷଦ ରାଉରକେଲା ପକ୍ଷରୁ ସମ୍ବଲପୁରୀ ଦିନ୍ ପାଳନ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼
- ଜିଲାସ୍ତରୀୟ ସମ୍ବଲପୁରୀ ଦିନ ପାଳନ, ସ୍ଥାନ:ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼,ସମୟ:ସକାଳ ୯ଟା।
- ସମ୍ବଲପୁରୀ ଦିନ ପାଳନ, ସ୍ଥାନ: କୋଶଳ ସ୍କୁଲ, ନୂଆଁ ଖଇରପାଲି ଏବଂ ବ୍ଲକ ଅଫିସ ସମ୍ମୁଖ, ଅତାବିରା, ସମୟ:ସକାଳ ୯ଟା ୩୦ ଏବଂ ଅପରାହ୍ନ ୧ଟା ୩୦।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ:ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବରଗଡ଼,ସମୟ: ସକାଳ ୯ଟା।
- ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ, ସ୍ଥାନ:ସରକାରୀ ହାଇସ୍କୁଲ, ପାଇକମାଲ, ସମୟ: ପୂର୍ବାହ୍ନ ୧୦ଟା।
- ରାଇସ୍ ମିଲର୍ସ ଆସୋସିଏଶନର ଖବରଦାତା ସମ୍ମିଳନୀ,ସ୍ଥାନ: ହୋଟେଲ ଗଣପତି, ବରଗଡ଼,ସମୟ:ସନ୍ଧ୍ୟା ୫ଟା।

## କଳାହାଣ୍ଡି
- ଇନ୍ଦ୍ର ପୂଜା, ସ୍ଥାନ: କେସିଙ୍ଗା ବ୍ଲକ ବାଲସି ଶ୍ରୀଜଗନ୍ନାଥ ମନ୍ଦିର ପରିସର, ସମୟ: ସକାଳ ୮ଟା
- ନାରୀ ସୁରକ୍ଷାକୁ ନେଇ ଛାତ୍ର ବିଜେଡିର ଶୋଭାଯାତ୍ରା, ଦାବିପତ୍ର ପ୍ରଦାନ, ସ୍ଥାନ: ଭବାନୀପାଟଣା ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଛକ, ସମୟ: ପୂର୍ବାହ୍ନ ୧୧ଟା।
- ଘୁମୁରା ପ୍ରତିଷ୍ଠା ଦିବସ ସମାରୋହ, ସ୍ଥାନ: ଭବାନୀପାଟଣା ମହାବୀର ସାଂସ୍କୃତିକ ଅନୁଷ୍ଠାନ, ସମୟ: ସନ୍ଧ୍ୟା ୭ଟା।

## ବୌଦ୍ଧ
- ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ରାଙ୍କିଂ ଟୁର୍ଣ୍ଣାମେଣ୍ଟ ଶୁଭାରମ୍ଭ, ସ୍ଥାନ: ଇନଡୋର ଷ୍ଟାଡିୟମ ବୌଦ୍ଧ, ସମୟ: ସକାଳ ୯ଟା।
- ଆନ୍ତଃ ଜିଲା ସାହାଣୀ କପ୍ ଫୁଟବଲ ଫାଇନାଲ ମ୍ୟାଚ, ସ୍ଥାନ: ଜିଲା ଷ୍ଟାଡିୟମ ବୌଦ୍ଧ, ସମୟ: ଅପରାହ୍ନ ୩ଟା।

## ସୁବର୍ଣ୍ଣପୁର
- ବୀରମହାରାଜପୁର ନିତ୍ୟ ଯୋଗ କମିଟି ତରଫରୁ ସମ୍ବଲପୁରୀ ଦିନ୍ ପାଳନ, ସ୍ଥାନ : ବୀରମହାରାଜପୁର କଲେଜ ପଡ଼ିଆ, ସମୟ: ସକାଳ ୬ଟା୩୦।
- ତରଭା ବଡବନ୍ଧ ଧବଳେଶ୍ୱର ମନ୍ଦିରରେ ରୁଦ୍ରାଭିଷେକ ଓ ଭଜନ ପରିବେଷଣ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ଟା।
- ବିନିକା ଭୀମ ଭୋଇ ସେବା ଫାଉଣ୍ଡେସନ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ:ନାରାୟଣୀ ମନ୍ଦିର ପ୍ରାଙ୍ଗଣ ଓ ଉର୍ଲେ ପାପକ୍ଷୟ ରାସ୍ତା, ସମୟ: ପୂର୍ବାହ୍ନ ୧୦ଟା।
- ବୀରମହାରାଜପୁର ବରିଷ୍ଠ ନାଗରିକ ସଙ୍ଗଠନରେ ସମ୍ବଲପୁରୀ ଦିନ୍ ପାଳନ ଉତ୍ସବ, ସ୍ଥାନ: ବରିଷ୍ଠ ନାଗରିକ ସଙ୍ଗଠନ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ସଦ୍‌ଭାବନା ସଭା ଗୃହ ନୂଆପଡ଼ା, ସମୟ: ଅପରାହ୍ନ ୫ଟା।
- ଗଣେଶ ପୂଜା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ଼ ଗୋଦାମ ପଡ଼ା, ସମୟ: ସନ୍ଧ୍ୟା ୬ଟା।

# ପାଣି ବଦଳରେ ଯନ୍ତ୍ରୀଙ୍କୁ ପିଆଇଲେ ପରିସ୍ରା

**ପାରଳାଖେମୁଣ୍ଡି/ଆର.ଉଦୟଗିରି, ୩୧।୭ (ଗିରିଧାରୀ ପରିଚ୍ଛା/ମନୋଜ ପାଢୀ)**

ଗଜପତି ଜିଲା ଆର୍.ଉଦୟଗିରି ବ୍ଲକ ଆରଡବ୍ଲ୍ୟୁଏସ୍ଏସ୍‌ରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ପାଣି ବଦଳରେ ପରିସ୍ରା ପିଇବାକୁ ଦିଆଯାଇଥିବା ଏବେ ଲୋକଲୋଚନକୁ ଆସିଛି। ଆରଡବ୍ଲ୍ୟୁଏସ୍ଏସ୍‌ରେ ନୂତନ କନିଷ୍ଠ ଯନ୍ତ୍ରୀ ଭାବେ ସଚିନ କୁମାର ଗୌଡ଼ ଏଠାରେ ଗତ ୨୨ ତାରିଖରେ କାର୍ଯ୍ୟରେ ଯୋଗଦେଇଥିଲେ। ତାଙ୍କ ପାଇଁ ଉଦ୍ଦିଷ୍ଟ କ୍ୱାର୍ଟର୍ସରେ ରହିଥିଲେ। ୨୩ରେ ସେ ଖାଇସାରିବା ପରେ ତାଙ୍କ ପାଇଁ ରହିଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ପିଇବାକୁ ପାଣି ମାଗିଥିଲେ। ସେ ପାଣି ଆଣି ଦେବା ପରେ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ତାହା ପିଇଥିଲେ। ମାତ୍ର ଏହି ପାଣି ଖାରିଆ ଲାଗିବାରୁ ସେ ପାଖରେ ଥିବା ଅନ୍ୟ ୨ ଜଣଙ୍କୁ ମଧ୍ୟ ପିଇବାକୁ ଦେଇଥିଲେ। ଏହା ଖାରିଆ ଲାଗୁଥିବା ସେମାନେ ମଧ୍ୟ କହିବାରୁ କନିଷ୍ଠଯନ୍ତ୍ରୀ ଗୌଡ଼ ଏହି ପାଣିକୁ ପରୀକ୍ଷା ପାଇଁ ଦେଇଥିଲେ। ଏ ସମ୍ପର୍କରେ ସେ ନିଜ ଉପରିସ୍ଥ ଅଧିକାରୀଙ୍କୁ ମଧ୍ୟ ଜଣାଇଛନ୍ତି। ଗୁରୁବାର ଏହାର ରିପୋର୍ଟ ଆସିଛି। ଏହା ପାଣି ନୁହେଁ ପରିସ୍ରା ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ପରେ କନିଷ୍ଠଯନ୍ତ୍ରୀ ଗୌଡ଼ ଏହି ରିପୋର୍ଟକୁ ଭିତ୍ତିକରି ଆର. ଉଦୟଗିରି ଥାନାରେ ଏତଲା ଦେଇଛନ୍ତି। ଏ ସମ୍ପର୍କରେ ଆର. ଉଦୟଗିରି ଥାନା ଅଧିକାରୀ ଅଶ୍ୱିନୀ ଭିତିରିଆଙ୍କୁ ପଚାରିବାରୁ ସେ କହିଲେ, ଅଭିଯୋଗକୁ ଗୁରୁତର ସହ ନିଆଯାଇ ଏହାର ତଦନ୍ତ ଜାରି ରହିଛି। ନଂ. ୮୦/୨୬ରେ ଏକ ମାମଲା ରୁଜୁ ହୋଇଛି। କିଏ କାହିଁକି ଏପରି କଲେ ଏବଂ କନିଷ୍ଠ ଯନ୍ତ୍ରୀ ଦେଇଥିବା ରିପୋର୍ଟକୁ ଅନୁଧ୍ୟାନ କରାଯାଉଛି। ଯିଏ ଦୋଷୀ ହେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ପରୀକ୍ଷା ପରେ ଆସିଥିବା ରିପୋର୍ଟ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ମୁଗୁନି ପଥର ପଡ଼ିଛି,
କେତେ ଘଷି ମାଜି ହେଉ ଲୋ ସୁନ୍ଦରୀ
ତୋ ପାଇଁ ପୁରୁଷ ଝୁରୁଛି।**

ଝିଅ ଯଦି ସୁନ୍ଦରୀ ବୋଲି ବେଶି ଫୁଲେଇ ହୁଏ, ତା' ସୁନ୍ଦରତା ପ୍ରତି ସାଙ୍ଗସାଥୀ ମହଲରେ ଅଧିକ ଚର୍ଚ୍ଚାର ବିଷୟ ହୋଇଯାଏ। ଥଟ୍ଟା ପରିହାସରେ ଦେଖେଇ ଶିଖେଇ ଅନେକ ଅକୁହା କଥା କୁହାଯାଉଥିବାର ଜଣାଯାଇଥାଏ। ସ୍ନାନରତା ଯୁବତୀର ରୂପ ଲାବଣ୍ୟକୁ ଚିକ୍କଣ କରି ରଖିବାର ମାନ ପ୍ରତି ଅନ୍ୟ ଜଣେ ଯୁବତୀର ଟାହିଟାପରା ପ୍ରକାଶ ପାଇବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମନରେ ନାହିଁ କି ମାଳରେ ନାହିଁ,
ଭଜି ଭଜି କରି ପାଇବୁ କାହିଁ ?**

ନିରନ୍ତର ଏକାଗ୍ର ଚିତ୍ତରେ ଧ୍ୟାନ ନ ରଖିଲେ ପ୍ରଭୁକୃପା ମିଳିପାରି ନ ଥାଏ। ଏଭଳି ସ୍ଥଳେ ଶୁଭଫଳ ପ୍ରାପ୍ତି ହେବା ନିହାତି ଅସମ୍ଭବ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ଭାରତୀୟ ଅର୍ଥନୀତି...

ସ୍ପଷ୍ଟ କରିଥିଲେ। ଏହାର ଦିନକ ପରେ ଟ୍ରମ୍ପ ଭାରତ ଉପରେ ଅଗଷ୍ଟ ୧ରୁ ୨୫% ଟାରିଫ୍ ଲଗାଇବାକୁ ଘୋଷଣା କରିଥିଲେ। ଏହାବାଦ୍ ରୁଷିଆଠାରୁ କ୍ରୁଡ୍ ଅଏଲ୍ ଓ ସାମରିକ ଉପକରଣ କିଣୁଥିବାରୁ ଭାରତ ଉପରେ ଏକ ଅନିର୍ଦ୍ଦିଷ୍ଟ ଜରିମାନା ମଧ୍ୟ ଲଗାଯିବ ବୋଲି ଟ୍ରମ୍ପ ଘୋଷଣା କରିଥିଲେ।

ୟୁକ୍ରେନ୍ ଯୁଦ୍ଧ ଚାଲିଥିବାବେଳେ ଭାରତ ରୁଷିଆଠାରୁ ସର୍ବାଧିକ ଯୁଦ୍ଧାସ୍ତ୍ର କିଣିଥିବାବେଳେ ତୈଳ କ୍ରୟ କ୍ଷେତ୍ରରେ ଚାଇନା ପରେ ଦ୍ୱିତୀୟ ବଡ଼ ରାଷ୍ଟ୍ର। ୟୁକ୍ରେନ୍‌ରେ ରୁଷୀୟ ସୈନ୍ୟ ସାଧାରଣ ଜନତାଙ୍କୁ ହତ୍ୟା କରୁଥିବାବେଳେ ଭାରତ ମସ୍କୋ ସହ ବ୍ୟବସାୟିକ ଘନିଷ୍ଠତା ବଢ଼ାଇବା ଯୁଦ୍ଧକୁ ଇନ୍ଧନ ଦେବା ସଦୃଶ ବୋଲି ଟ୍ରମ୍ପ ଏହା ପୂର୍ବରୁ ଅନେକ ଥର ସମାଲୋଚନା କରିଥିଲେ। ତେଣୁ ଭାରତକୁ ରୁଷିଆ ସହ ବାଣିଜ୍ୟିକ ସମ୍ପର୍କର ବହୁମୂଲ୍ୟ ଦେବାକୁ ପଡ଼ିଛି ବୋଲି ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ଟ୍ରମ୍ପ ଜାପାନ, ବ୍ରିଟେନ୍ ଓ ୟୁରୋପୀୟ ସଂଘ (ଇୟୁ) ଉପରେ ଏପରି ପକାଇଥିବାରୁ ତାଙ୍କ ସଦ୍ୟ ଘୋଷଣାକୁ ନୂଆଦିଲ୍ଲୀ ଉପରେ ଚାପ ସୃଷ୍ଟି ଉଦ୍ଦେଶ୍ୟରେ ଏକ କୌଶଳ ବୋଲି ବିବେଚନା କରାଯାଉଛି।

ଟ୍ରମ୍ପ ଲଗାତର ଭାବେ ଦୁଇଦିନ ଧରି ଭାରତ ବିରୋଧୀ ଆଭିମୁଖ୍ୟକୁ କଠୋରକରି ଟାଣପଣ ଦେଖାଇଥିବାବେଳେ ତାଙ୍କ ମନ୍ତବ୍ୟକୁ ନେଇ ଦେଶ ଭିତରେ କେନ୍ଦ୍ର ସରକାର ସମାଲୋଚିତ ହୋଇଛନ୍ତି। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି, ଭାରତୀୟ ଅର୍ଥନୀତି ମୃତ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ବ୍ୟତୀତ ସମସ୍ତେ ଜାଣନ୍ତି। କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଦେଶର ଅର୍ଥନୀତି, ପ୍ରତିରକ୍ଷା ଓ ବହିର୍ବ୍ୟାପାର ନୀତିକୁ ନଷ୍ଟ କରିଦେଇଛି। ପାର୍ଲାମେଣ୍ଟ ପରିସରରେ ଗଣମାଧ୍ୟମକୁ ସମ୍ବୋଧିତ କରି କଂଗ୍ରେସ ନେତା ରାହୁଲ ଆହୁରି କହିଛନ୍ତି, ଟ୍ରମ୍ପ ଭାରତୀୟ ଅର୍ଥନୀତିକୁ 'ଡେଡ୍' କହିବା ଯୁକ୍ତିଯୁକ୍ତ। ଭାରତୀୟ ଅର୍ଥନୀତି ମୃତ ବୋଲି ସମସ୍ତେ ଜାଣନ୍ତି। ମୋଦି ଦେଶର ଅର୍ଥନୀତିକୁ ହତ୍ୟା କରିଛନ୍ତି। ଆଦାନୀ-ମୋଦି ସହଭାଗିତା, ବିମୁଦ୍ରୀକରଣ, ତ୍ରୁଟିପୂର୍ଣ୍ଣ ଜିଏସ୍‌ଟି, ବିଫଳତାର ସମାହାର, ଏମ୍ଏସ୍ଏମ୍ଇ ଧ୍ୱସ୍ତବିଧ୍ୱସ୍ତ ହୋଇଯିବା ଏବଂ କୃଷକମାରଣ ନୀତି ଯୋଗୁ ଏପରି ହୋଇଛି। ତେବେ ଆମେରିକା ସହ ଭାରତର ଟ୍ରେଡ୍ ଡିଲ୍ ହେବ, ଯାହାକୁ ଟ୍ରମ୍ପ ଚୂଡ଼ାନ୍ତ କରିବେ। ଟ୍ରମ୍ପ ଯାହା କହିବେ ମୋଦି ତାହା କରିବେ। ତେବେ ଟ୍ରମ୍ପ ସତ କହିଥିବାରୁ ରାହୁଲ ଖୁସି ଥିବା ଜଣାଇଛନ୍ତି। ମୋଦି ମଙ୍ଗଳବାର ଲୋକ ସଭାରେ ଭାଷଣ ଦେବାବେଳେ ଟ୍ରମ୍ପ କିମ୍ବା ଚାଇନାର ନାମ କାହିଁକି ଉଲ୍ଲେଖ କରି ନ ଥିଲେ ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷେ ଟ୍ରମ୍ପଙ୍କ ମନ୍ତବ୍ୟକୁ ସମର୍ଥନ କରିଥିବାରୁ ଭାଜପା ରାହୁଲଙ୍କୁ ସମାଲୋଚନା କରିଛି। ଭାରତକୁ ମିଳିଥିବା ସଫଳତା, ଦେଶବାସୀଙ୍କ ଆଶାଆକାଂକ୍ଷା ଓ ଜାତୀୟ ହିତ ଦୃଷ୍ଟିରୁ ଟ୍ରମ୍ପଙ୍କ କଥାକୁ ରାହୁଲ ଦୋହରାଇବା ଏକ ଲଜ୍ଜାଜନକ ବିଷୟ ବୋଲି ଶାସକ ଦଳ ନିନ୍ଦା କରିଛି।

### ପାକ୍ ସହ ତୈଳ...

ନେତୃତ୍ୱ କେଉଁ ତୈଳ କମ୍ପାନୀ ନେବ, ତାହା ଚୟନ କରିବା ପ୍ରକ୍ରିୟାରେ ଆମେ ରହିଛୁ ବୋଲି ଟ୍ରମ୍ପ କହିଛନ୍ତି। ଟ୍ରମ୍ପଙ୍କ ଏହି ଘୋଷଣାକୁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ ଏକ ଐତିହାସିକ ବାଣିଜ୍ୟ ଚୁକ୍ତି ବୋଲି ଅଭିହିତ କରିଛନ୍ତି। ଏହି ଡିଲ୍ ଯୋଗୁ ଉଭୟ ପକ୍ଷ ମଧ୍ୟରେ ସହଯୋଗ ବୃଦ୍ଧି ହେବ ବୋଲି ଶେହବାଜ୍ ଆଶାବ୍ୟକ୍ତ କରିବା ସହ ଏକ ସୋସିଆଲ ମିଡିଆ ପୋଷ୍ଟରେ ଟ୍ରମ୍ପଙ୍କୁ ଧନ୍ୟବାଦ ଜଣାଇଛନ୍ତି। ରେଡିଓ ପାକିସ୍ତାନ ଅନୁସାରେ ପାକିସ୍ତାନର ଅର୍ଥମନ୍ତ୍ରୀ ମହମ୍ମଦ ଔରଙ୍ଗଜେବ ଏବଂ ଆମେରିକା ବାଣିଜ୍ୟ ସଚିବ ହୋଓ୍ୱାର୍ଡ ଲୁଟ୍‌ନିକ୍‌ଙ୍କ ମଧ୍ୟରେ ଏହି ଡିଲ୍ ସମ୍ପନ୍ନ ହୋଇଛି।

ସୂଚନାଯୋଗ୍ୟ, ପାକିସ୍ତାନ ନିଜ ଭୂଖଣ୍ଡର ଉପକୂଳରେ ତୈଳ ଭଣ୍ଡାର ମହଜୁଦ ଥିବା ନେଇ ଦୀର୍ଘଦିନ ଧରି ଦାବି କରିଆସିଛି। ତେବେ ସେଥିରୁ ତୈଳ ଉତ୍ତୋଳନ କରିବା ଦିଗରେ କୌଣସି ଅଗ୍ରଗତି ହୋଇନାହିଁ। ଏହାସତ୍ତ୍ୱେ ପାକିସ୍ତାନ ଏହି ଭଣ୍ଡାରଗୁଡ଼ିକୁ ଦେଖାଇ ଅନେକ ନିବେଶକଙ୍କୁ ନିଜ ଆଡ଼କୁ ଆକର୍ଷିତ କରିବାକୁ ଉଦ୍ୟମ ଚଳାଇଛି। ପାକିସ୍ତାନ ବର୍ତ୍ତମାନ ନିଜ ଶକ୍ତି ଚାହିଦା ମେଣ୍ଟାଇବା ପାଇଁ ମଧ୍ୟପ୍ରାଚ୍ୟରୁ ତୈଳ ଆମଦାନୀ କରୁଛି।

### ୬ ଭାରତୀୟ କମ୍ପାନୀ...

ନିମନ୍ତେ ଆମେରିକା ଏବେ ପଦକ୍ଷେପ ନେଉଛି ବୋଲି ଏହାର ପରରାଷ୍ଟ୍ର ବିଭାଗ କହିଛି। ଆମେରିକୀୟ କଟକଣାର ସମ୍ମୁଖୀନ ହୋଇଥିବା ଭାରତୀୟ କମ୍ପାନୀଗୁଡ଼ିକ ହେଲେ କାଞ୍ଚନ ପଲିମର୍ସ, ଆଲକେମିକାଲ ସଲ୍ୟୁଶନ୍ସ, ରାମନିକଲାଲ୍ ଏସ୍ ଗୋସାଲିଆ ଆଣ୍ଡ କମ୍ପାନୀ, ଜୁପିଟର ଡାଏ କେମ୍ ପ୍ରା. ଲିଃ, ଗ୍ଲୋବାଲ ଇଣ୍ଡଷ୍ଟ୍ରିଆଲ୍ କେମିକାଲ୍ସ ଲିଃ ଏବଂ ପର୍ସିଷ୍ଟେଣ୍ଟ ପେଟ୍ରୋକେମ୍ ପ୍ରା.ଲିଃ।

ଇରାନୀୟ ପେଟ୍ରୋଲିୟମ, ପେଟ୍ରୋଲିୟମ ଉତ୍ପାଦ ଏବଂ ପେଟ୍ରୋକେମିକାଲ ବାଣିଜ୍ୟରେ ସାମିଲ ଥିବା ବିଶ୍ୱର ୨୦ଟି ସଂସ୍ଥା ଉପରେ ଆମେରିକା କଟକଣା ଲଗାଇଥିବା ପରରାଷ୍ଟ୍ର ବିଭାଗ ପକ୍ଷରୁ ଘୋଷଣା କରାଯାଇଛି। ଓ୍ୱାଶିଂଟନର କଟକଣା ବିପଦ ସତ୍ତ୍ୱେ ଯେଉଁ ଦେଶ ଇରାନରୁ ତେଲ କିମ୍ବା ପେଟ୍ରୋକେମିକାଲ କିଣିବେ, ସେମାନଙ୍କୁ ଆମେରିକା ସହ ବ୍ୟବସାୟ କରିବାକୁ ଅନୁମତି ଦିଆଯିବ ନାହିଁ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ଭାରତୀୟ କମ୍ପାନୀ କାଞ୍ଚନ ପଲିମର୍ସ ୨୦୨୪ ଫେବୃଆରୀରୁ ଜୁଲାଇ ମଧ୍ୟରେ ୟୁଏଇରେ ଥିବା ଟାନାଇସ୍ ଟ୍ରେଡିଂଠାରୁ ୧୩ ନିୟୁତ ଡଲାର ମୂଲ୍ୟର ପଲିଇଥାଇଲିନ୍ ସମେତ ଇରାନୀୟ ମୂଳ ପେଟ୍ରୋକେମିକାଲ ଉତ୍ପାଦ ଆମଦାନୀ ଓ କ୍ରୟ କରିଥିଲା। ସେହିପରି ଅନ୍ୟତମ ଭାରତୀୟ ପେଟ୍ରୋକେମିକାଲ ଟ୍ରେଡିଂ କମ୍ପାନୀ ଆଲକେମିକାଲ ସଲ୍ୟୁଶନ୍ସ ୨୦୨୪ ଜାନୁଆରୀରୁ ଡିସେମ୍ବର ମଧ୍ୟରୁ ୮୪ ନିୟୁତ ଡଲାରରୁ ଊର୍ଦ୍ଧ୍ୱ ମୂଲ୍ୟର ଇରାନୀୟ ମୂଳ ପେଟ୍ରୋକେମିକାଲ ସାମଗ୍ରୀ ବିଭିନ୍ନ କମ୍ପାନୀଠାରୁ କିଣିଥିଲା। ୨୦୨୪ ଜାନୁଆରୀରୁ ୨୦୨୫ ଜାନୁଆରୀ ମଧ୍ୟରେ ରାମନିକଲାଲ୍ ଏସ୍ ଗୋସାଲିଆ ଆଣ୍ଡ କମ୍ପାନୀ ୨୨ ନିୟୁତ ଡଲାର ମୂଲ୍ୟର ମିଥାନୋଲ ଏବଂ ଟୋଲୁଇନ୍ ସମେତ ଇରାନୀୟ ପେଟ୍ରୋକେମିକାଲ ଉତ୍ପାଦ ଆମଦାନୀ ଓ କ୍ରୟ କରିଥିଲା। ସେହିପରି ଜୁପିଟର ଡାଏ କେମ୍ ପ୍ରାଇଭେଟ୍ ଲିଃ ୨୦୨୪ ଜାନୁଆରୀରୁ ୨୦୨୫ ଜାନୁଆରୀ ମଧ୍ୟରେ ୪୯ ନିୟୁତ ଡଲାରରୁ ଅଧିକ ମୂଲ୍ୟର ଇରାନୀୟ ମୂଳ ପେଟ୍ରୋକେମିକାଲ୍ ପ୍ରଡକ୍ଟ କିଣିଥିବାବେଳେ ଗ୍ଲୋବାଲ ଇଣ୍ଡଷ୍ଟ୍ରିଆଲ୍ କେମିକାଲ୍ସ ଲିଃ ଏବଂ ପର୍ସିଷ୍ଟେଣ୍ଟ ପେଟ୍ରୋକେମ୍ ପ୍ରା.ଲିଃ ଗତବର୍ଷ ଯଥାକ୍ରମେ ୫୧ ନିୟୁତ ଡଲାର ଏବଂ ୧୪ ନିୟୁତ ଡଲାରରୁ ଊର୍ଦ୍ଧ୍ୱ ମୂଲ୍ୟର ଇରାନୀୟ ପେଟ୍ରୋକେମିକାଲ କିଣିଥିଲେ।

### ଦେଶ ସ୍ୱାର୍ଥରେ...

ଆହୁ ଏହା ଉପରେ ବକ୍ତବ୍ୟ ରଖିଛନ୍ତି। କେନ୍ଦ୍ର ସରକାର ଏହି ଟାରିଫ୍ ଘୋଷଣାର ସମ୍ଭାବ୍ୟ ପ୍ରଭାବ ଉପରେ ଅନୁଧ୍ୟାନ କରୁଛନ୍ତି। ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ଯାହା ଆବଶ୍ୟକ ସବୁ କରାଯିବ ବୋଲି ସେ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ସପ୍ତମ କେନ୍ଦ୍ରସ୍ଥ ଚନ୍ଦ୍ର ପ୍ରଭାବରୁ ମହତ୍ କାମରେ ଅର୍ଥ ବିନିଯୋଗ କରିବେ। ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହାସଲ ସକାଶେ ଦୂରଯାତ୍ରା କରିପାରନ୍ତି। କର୍ମକ୍ଷେତ୍ରରେ ଉଚ୍ଚକର୍ତ୍ତୃପକ୍ଷଙ୍କଠାରୁ ଆଶାନୁଯାୟୀ ସାହାଯ୍ୟ ପାଇବାରେ ପ୍ରତିବନ୍ଧକ ରହିବ ନାହିଁ। କ୍ରମଶଃ ଦୂରେଇ ଯାଉଥିବା କୌଣସି ଆତ୍ମୀୟଙ୍କ ପାଇଁ ମନ ଛଟପଟ ହୋଇପାରେ।

**ବୃଷ** ତୃତୀୟସ୍ଥ ବୁଧାଦିତ୍ୟ ଯୋଗ ହେତୁ ଯାହା ମନେ ମନେ ଭାବୁଛନ୍ତି ତାହାକୁ ଯଥାଶୀଘ୍ର ଆରମ୍ଭ କରିନେବା ଭଲ ହେବ। ଅନ୍ୟମାନଙ୍କ ସାହାଯ୍ୟ ସହଯୋଗର ମଧ୍ୟ ଅଭାବ ରହିବ ନାହିଁ। ପରିସ୍ଥିତିରେ ପଡି କର୍ମକ୍ଷେତ୍ରରେ ଦାୟିତ୍ୱ ହାତକୁ ନେଇ ଚିନ୍ତିତ ରହିପାରନ୍ତି । ପୁରାତନ ରୋଗର ପ୍ରାଦୁର୍ଭାବ ବଢିବା କାରଣରୁ ମାନସିକ ଦୁର୍ବଳତା ଅନୁଭବ କରିବେ।

**ମିଥୁନ** ରାଶିରେ ଗୁରୁଶୁକ୍ର ଥିବାରୁ ସକାଳୁ ଘର ପାଇଁ କୌଣସି କାମରେ ମନଦେଇ କର୍ମକ୍ଷେତ୍ର ପାଇଁ ପ୍ରସ୍ତୁତ ହେବେ। ସମ୍ପର୍କୀୟଙ୍କ ସହ ମିତ୍ରତା ବଢାଇବା ଚେଷ୍ଟା କଲେ ମଧ୍ୟ ସେମାନେ ଅସ୍ୱୀକାର କରିପାରନ୍ତି। ପ୍ରଶାସନିକ କିମ୍ବା ପରିଚାଳନାଗତ ତ୍ରୁଟି ସୁଧାରିବା ଚେଷ୍ଟା ଅବ୍ୟାହତ ରହିବ। ଯାତ୍ରାରେ ଲକ୍ଷ୍ୟ ହାସଲ ସାଙ୍ଗକୁ ବ୍ୟବସାୟିକ ସଫଳତା ମିଳିବ।

**କର୍କଟ** ଆଜି ଭାଗ୍ୟକର୍ମାଧିପଙ୍କ ସଂଯୋଗରୁ କିଛି ନୂଆ କାମ ଆରମ୍ଭ କରିବାକୁ ଚିନ୍ତା କରିବେ। ଅଭାବ ନ ଥିଲେ ମଧ୍ୟ ଖୋଲା ମନନେଇ ଖର୍ଚ୍ଚରୁ ଦୂରେଇ ରହିବା ପାଇଁ ଚେଷ୍ଟିତ ହେବେ। ବିବାଦୀୟ ପରିସ୍ଥିତିରେ ନିଜ ଲୋକଙ୍କୁ ସନ୍ଦେହ କରିବା ଭଳି ପରିସ୍ଥିତି ସୃଷ୍ଟି ହେବ। ସାଧାରଣ ସ୍ୱାର୍ଥକୁ କେନ୍ଦ୍ରକରି ପରିବାରରେ ସମସ୍ୟାର ଆଶଙ୍କା ରହିଛି।

**ସିଂହ** ରାଶିରେ କେତୁ ଆପଣଙ୍କ ଦୈହିକ ଓ ମାନସିକ ସ୍ୱାସ୍ଥ୍ୟ ପ୍ରତି ପ୍ରତିକୂଳ ପ୍ରଭାବ ପକାଇପାରେ। ନିଜ ଲୋକଙ୍କ ବ୍ୟତୀତ ଅନ୍ୟଜାତିର ବ୍ୟକ୍ତି ସହାୟତା କରିପାରନ୍ତି। କଳା, ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ପାଇବେ। ସନ୍ତାନଙ୍କର କିଛି ରହିଥିବା ସମସ୍ୟାର ସମାଧାନ ସକାଶେ ବ୍ୟସ୍ତତା ବଢିପାରେ।

**କନ୍ୟା** ଆଜିର ଦ୍ୱିତୀୟ ଚନ୍ଦ୍ର ଆପଣଙ୍କୁ ଅର୍ଥଲାଭ, ଯାତ୍ରାରେ ସଫଳତା ସାଙ୍ଗକୁ ବ୍ୟବସାୟରେ ଲାଭବାନ୍ କରାଇବ। ପରିସ୍ଥିତିର ସାମ୍ନା କରିବାକୁ ଯାଇ ବନ୍ଧୁଙ୍କୁ ସାହାଯ୍ୟ ସହଯୋଗ କରିପାରନ୍ତି। ପିଲାଙ୍କ ପାଇଁ ଜଞ୍ଜାଳ ବୃଦ୍ଧି ପାଇବା ହେତୁ ଦୁଶ୍ଚିନ୍ତା ବୃଦ୍ଧି ପାଇବ । ଶତ୍ରୁତା କରୁଥିବା ଲୋକମାନେ ହଠାତ୍ ନିଜର ଫାଇଦା ହାସଲ ପାଇଁ ଅପଚେଷ୍ଟା କରିବେ।

**ତୁଳା** କର୍ମାଧିପତି ରାଶିରେ ଅବସ୍ଥାନ କରିଥିବାରୁ କୌଣସି ନୂତନ କର୍ମାରମ୍ଭ ସକାଶେ ମନ ବଳାଇପାରନ୍ତି। ଦୀର୍ଘଦିନରୁ ବନ୍ଧୁଙ୍କ ନିକଟରୁ ପାଇ ନ ଥିବା ବକେୟା ଆଜି ପାଇବାର ସମ୍ଭାବନା ରହିଛି। ବିଷାଦିତ ମନ ସାଙ୍ଗକୁ ଶାରୀରିକ ଅସୁସ୍ଥତା ହେତୁ ମନ ବିଚଳିତ ରହିପାରେ। ବ୍ୟବସାୟ କ୍ଷେତ୍ରରେ କିଛି ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହେବାର ଆଶା ରହିଛି।

**ବିଛା** ମଙ୍ଗଳ ଏକାଦଶରେ ରହି ଆପଣଙ୍କୁ ଆର୍ଥିକ ସହାୟତା କିମ୍ବା ଜମିଜମା କ୍ରୟବିକ୍ରୟ କ୍ଷେତ୍ରରେ ସାହାଯ୍ୟ କରିବେ। ଅଟକି ରହିଥିବା କାମର ପୁନଃ ଆରମ୍ଭ ସାଙ୍ଗକୁ ବନ୍ଧୁଙ୍କ ସହ ଆଲୋଚନାରୁ ଖୁସି ହେବେ। ଶିଳ୍ପ,ବାଣିଜ୍ୟ, ପରିବହନ, ନିର୍ମାଣ କ୍ଷେତ୍ରରେ ସଫଳତା ମିଳିବ। ପାରିବାରିକ କ୍ଷେତ୍ରରେ ସବୁକଥାରେ ହଁ ଭରିବାକୁ ବାଧ୍ୟ ହେବେ।

**ଧନୁ** ରାଶିକୁ ବୃହସ୍ପତି ଓ ଶୁକ୍ରଙ୍କ ପୂର୍ଣ୍ଣଦୃଷ୍ଟି କାରଣରୁ ସ୍ୱାସ୍ଥ୍ୟ ଭଲ ରହିବା ସହ ଲକ୍ଷ୍ୟ ହାସଲ କରିବେ। ସନ୍ତାନଙ୍କ ଦୁର୍ବଳ ସ୍ୱାସ୍ଥ୍ୟ ଓ ଅମନୋଯୋଗୀ ସ୍ୱଭାବର ପରିବର୍ତ୍ତନ ପାଇଁ ଚେଷ୍ଟା କରିପାରନ୍ତି। ବନ୍ଧୁଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ରହିଲେ ମଧ୍ୟ ପଦକ୍ଷେପ ନେଇପାରିବେ ନାହିଁ। ଆଶା କରିଥିବା ଦିଗରୁ ମୂଲ୍ୟବାନ ଦ୍ରବ୍ୟ ଲାଭ ହୋଇପାରେ।

**ମକର** ସପ୍ତମସ୍ଥ ରବି ଓ ବୁଧ ଯୋଗୁ ଆଜିର ପ୍ରତ୍ୟୁଷ ଯାତ୍ରା, ସଭାସମିତି, କର୍ମାରମ୍ଭ କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହେବେ। କର୍ମକ୍ଷେତ୍ରରୁ ଗୁଜବ ଶୁଣି ମନ ବିଚଳିତ ରହିବ। ଅତୀତ ଘଟଣାଗୁଡିକୁ ଅସ୍ୱାଭାବିକ ଭାବେ ଚିନ୍ତା କରିପାରନ୍ତି। କର୍ମକ୍ଷେତ୍ରରେ ବୁଦ୍ଧିଜିବୀମାନଙ୍କ ନିକଟରୁ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବାର ଆଶା କରାଯାଇପାରେ।

**କୁମ୍ଭ** ଚତୁର୍ଥସ୍ଥାନ ଶନି ଦୃଷ୍ଟିରେ ଥିବାରୁ ପାରିବାରିକ କ୍ଷେତ୍ରରେ ବ୍ୟତିକ୍ରମ ଯୋଗୁ ମନ ଅଶାନ୍ତ ରହିବ। ଲକ୍ଷ୍ୟହୀନ ଭ୍ରମଣ ହେତୁକ ସାମୟିକ କ୍ଳାନ୍ତି ଓ ଅବସାଦ ଅନୁଭବ କରିବେ। ବନ୍ଧୁମାନଙ୍କ ନିକଟରୁ କିଛି ଖରାପ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ରୋଗଣା ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ କିଛିଟା ଆଶ୍ୱସ୍ତି ମିଳିବ।

**ମୀନ** ଶନିଙ୍କ ପ୍ରଭାବରେ କର୍ମକ୍ଷେତ୍ରରେ ଜଣେ ବିଜାତୀୟ ବ୍ୟକ୍ତି ନିଜ ଆଡୁ ସାହାଯ୍ୟ କରିବାକୁ ଆଗେଇ ଆସିବେ। ପଦସ୍ଥ ବ୍ୟକ୍ତିଙ୍କ ଅନୁକମ୍ପା ମନକୁ ସାନ୍ତ୍ୱନା ଦେବାରେ ସହାୟକ ହେବ। ସଭାସମିତିରେ, ଆଲୋଚନା ପରିସରରେ, ରାଜନୈତିକ ସ୍ଥିତିରେ, ପ୍ରଶାସନିକ ସ୍ତରରେ ଆଶା ପୂରଣ ହେବ। ବ୍ୟବସାୟ ଓ ପରିବହନରେ ସଫଳତା ମିଳିବ।

ଆଜି ଅଗଷ୍ଟ ୧ ତାରିଖ, ବିଶ୍ୱ ସ୍ତନ୍ୟପାନ ସପ୍ତାହ ଆରମ୍ଭ, ଲୋକମାନ୍ୟ ତିଳକଙ୍କ ତିରୋଧାନ ଦିବସ, ଶ୍ରାବଣ କୃଷ୍ଣ ଅଷ୍ଟମୀ ଶୁକ୍ରବାର। ରାଶିନକ୍ଷତ୍ର- ସ୍ୱାତୀ/ତୁଳା, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୨୬ ଗତେ, ଘ୦୬।୧୭ ମଧ୍ୟେ, ଘ.୦୭।୦୯ ଗତେ, ଘ.୦୮।୩୯ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୧୬ ଗତେ, ଘ.୧୧।୫୨ ମଧ୍ୟେ ରାହୁ କାଳ ।

# ମନ୍ତ୍ରୀଙ୍କ ପରଫର୍ମାନ୍ସ ରିପୋର୍ଟ ଲୋଡ଼ିଲେ ମୁଖ୍ୟମନ୍ତ୍ରୀ

## ନିର୍ଦ୍ଦିଷ୍ଟ ଫର୍ମାଟରେ ଦେବେ ସବୁ ସଚିବ: ମୁଖ୍ୟ ସଚିବ

ଭୁବନେଶ୍ୱର,୩୧।୭
(ରବିନାରାୟଣ ଜେନା)

ରାଜ୍ୟରେ ଭାଜପା ସରକାର କ୍ଷମତାସୀନ ହେବାର ୧ବର୍ଷ ଭିତରେ କ'ଣ ସବୁ ସଫଳତା ହାସଲ କରିଛି, ଜନସାଧାରଣଙ୍କୁ ଦେଇଥିବା ପ୍ରତିଶ୍ରୁତିରୁ କେତେ କାର୍ଯ୍ୟକାରୀ ହୋଇଛି ଓ କେଉଁ ଆହ୍ୱାନମାନ ରହିଛି ସେହି ସମ୍ବନ୍ଧୀୟ ରିପୋର୍ଟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସବୁ ବିଭାଗଠାରୁ ଲୋଡ଼ିଛନ୍ତି। ଏସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ମୁଖ୍ୟଶାସନ ସଚିବ ମନୋଜ କୁମାର ଆହୁଜା ସମସ୍ତ ବିଭାଗର ସଚିବଙ୍କୁ ବ୍ୟକ୍ତିଗତ ଭାବେ ନୋଟ୍‌ଶିଟ୍ ଲେଖି ଅବଗତ କରାଇଛନ୍ତି।

ମୁଖ୍ୟସଚିବ ମନୋଜ ଆହୁଜା ପ୍ରଦାନ କରିଥିବା ନୋଟ୍ ଶିଟ୍‌ରେ ଉଲ୍ଲେଖ କରିଛନ୍ତି, ମୁଖ୍ୟମନ୍ତ୍ରୀ ସମ୍ପୃକ୍ତ ବିଭାଗର କାର୍ଯ୍ୟକାରିତା ସମ୍ପର୍କରେ ନିର୍ଦ୍ଦିଷ୍ଟ ଫର୍ମାଟରେ ଟିକିନିଖି ଭାବେ ଜାଣିବାକୁ ଚାହୁଁଛନ୍ତି। ଚଳିତବର୍ଷ ମୋ' ସୁଦ୍ଧା ବିଭାଗରେ ନିୟମିତ ସମୀକ୍ଷା କରାଯାଇଛି କି ନାହିଁ, ଏହାସହିତ ସରକାରଙ୍କ ପକ୍ଷରୁ ପ୍ରଣୟନ ହେଉଥିବା କାର୍ଯ୍ୟକ୍ରମର ମୂଲ୍ୟାୟନ ରିପୋର୍ଟ ଦେବାକୁ ସେ ଦର୍ଶାଇଛନ୍ତି। ଏହାସହିତ ବିଭାଗୀୟ ମନ୍ତ୍ରୀମାନେ ନିୟମିତ ଭାବେ ସମୀକ୍ଷା କରିବା ଲାଗି ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ ରହିଛି। ତେବେ ବିଭାଗ ପକ୍ଷରୁ ରିପୋର୍ଟ ପ୍ରଦାନ ବେଳେ ବିଶେଷକରି ୧୦ଟି ଦିଗରେ ଅବଗତ କରାଇବାକୁ ମୁଖ୍ୟମନ୍ତ୍ରୀ ଇଚ୍ଛା ପ୍ରକାଶ କରିଛନ୍ତି।

ମୁଖ୍ୟସଚିବ ଦର୍ଶାଇଛନ୍ତି ଯେ, ବିଭାଗ ପକ୍ଷରୁ କ'ଣ ସବୁ ପ୍ରମୁଖ ପ୍ରତିଶ୍ରୁତି ପୂରଣ କରିବାକୁ ରହିଥିଲା ଏବଂ କେଉଁ ବୃହତ୍ ଯୋଜନା କାର୍ଯ୍ୟକାରୀ ହେଉଛି ଓ ତା'ର ସ୍ଥିତି ମୋ' ସୁଦ୍ଧା କ'ଣ ରହିଛି ; ସେଗୁଡ଼ିକୁ ୩ଟି ସ୍ଲାଇଡ୍‌ରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇବାକୁ ହେବ। ତଥ୍ୟ ପ୍ରଦାନ ବେଳେ ସରକାରଙ୍କ ବଜେଟର ସର୍ତ୍ତ କ'ଣ ରହିଥିଲା ଏବଂ କେତେ ପରିମାଣର କାର୍ଯ୍ୟକାରିତା ହୋଇଛି ତାହାକୁ ଦର୍ଶାଇବାକୁ ପଡ଼ିବ। ସେହିପରି ଯଦି ସରକାରଙ୍କ ପକ୍ଷରୁ ଯୋଜନା କାର୍ଯ୍ୟକାରୀ ବେଳେ କୌଣସି ଆହ୍ୱାନ କିମ୍ବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି ତେବେ ତାକୁ ଚେକ୍ ଆଣ୍ଡ ବାଲାନ୍ସ ନୀତିରେ ନିଷ୍ପତ୍ତି ନେବାକୁ ହେବ। ଏହାସହିତ ଆଭ୍ୟନ୍ତରୀଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ସହିତ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କିଭଳି ପ୍ରକଳ୍ପ କାର୍ଯ୍ୟ ଶେଷ ହେବ ସେଥିପାଇଁ ବାର୍ଷିକ ଖସଡ଼ା ପ୍ରସ୍ତୁତ କରିବା ନେଇ ଦର୍ଶାଇବାକୁ ପଡ଼ିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

ସେହିପରି ବିଭାଗ ପକ୍ଷରୁ ଯୋଜନାର କାର୍ଯ୍ୟକାରିତା କେତେଦୂର ହୋଇଛି ତା'ର ମୂଲ୍ୟାୟନ ସଂକ୍ରାନ୍ତରେ ଟିକିନିଖି ତଥ୍ୟ ଦେବାକୁ ପଡ଼ିବ। ଏହାସହିତ ଯଦି ବିଭାଗ ପକ୍ଷରୁ କୌଣସି 'ଭିଜିଟ୍' ହୋଇଥାଏ ତା'ର ପୂର୍ଣ୍ଣାଙ୍ଗ ବିବରଣୀ ଦେବା ସହିତ କେଉଁ ଜିଲାରେ କେତେ ତାରିଖରେ ଭିଜିଟ୍ ଏବଂ ବୈଠକ ହୋଇଥିଲା ତା'ର ମଧ୍ୟ ତଥ୍ୟ ଦେବାକୁ ହେବ ବୋଲି ନୋଟ୍ ଶିଟ୍ ଜରିଆରେ ଉଲ୍ଲେଖ କରାଯାଇଛି।

ମୁଖ୍ୟସଚିବ ଆହୁରି ଦର୍ଶାଇଛନ୍ତି, ଜନସାଧାରଣଙ୍କ ଅଭିଯୋଗ ଶୁଣାଣିକୁ ବିଭାଗ ଗୁରୁତ୍ୱ ଦେଉଛି କି ନାହିଁ ତା'ର ସାପ୍ତାହିକ ରିପୋର୍ଟ ଦେବାକୁ ପଡ଼ିବ। କେତେ ଅଭିଯୋଗ ସପ୍ତାହକେ ମଧ୍ୟରେ, କେତେ ୨ରୁ ୩ ସପ୍ତାହ ଏବଂ କେତେ ୩ରୁ ୭ସପ୍ତାହ ଭିତରେ ହୋଇଛି ତାହା ଦର୍ଶାଇବାକୁ ହେବ। ଏପରି କି ସପ୍ତାହକୁ କେତେ ଅଭିଯୋଗ ବକେୟା ରହିଯାଉଛି ତା'ର ତଥ୍ୟ ମଧ୍ୟ ଦେବାକୁ ହେବ। ବିଭାଗ ପକ୍ଷରୁ ପ୍ରଶାସନକୁ ଗତିଶୀଳ କରିବା ଲାଗି କ'ଣ ସବୁ ନୂତନ ପ୍ରସ୍ତାବ କାର୍ଯ୍ୟକାରୀ ହୋଇଛି ଏବଂ ଆଗାମୀ ଦିନରେ ହେବାକୁ ରହିଛି, ସେସବୁକୁ ସ୍ଲାଇଡ୍ ମାଧ୍ୟମରେ ଜଣାଇବାକୁ କୁହାଯାଇଛି। ବିଶେଷକରି ସାମାଜିକ ଗଣମାଧ୍ୟମରେ ଯେଉଁ କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ କିମ୍ବା ବିଭାଗର ସମ୍ପୃକ୍ତି ରହିଥିବ, ତାହାକୁ ହିଁ ସ୍ଲାଇଡ୍‌ରେ ଦେବାକୁ ହେବ। ଏଥିସହିତ ସାମାଜିକ ଗଣମାଧ୍ୟମକୁ ବିଭାଗ କେତେଦୂର ଗୁରୁତ୍ୱ ଦେଉଛି ସେ ସଂକ୍ରାନ୍ତରେ ମୁଖ୍ୟସଚିବ ମନୋଜ ଆହୁଜା ସମସ୍ତ ସଚିବଙ୍କୁ ଦେଇଥିବା ପତ୍ରରେ ଦର୍ଶାଇଛନ୍ତି।

# ସରକାରଙ୍କୁ ତଦନ୍ତ ରିପୋର୍ଟ ଦେଲେ ଉନ୍ନୟନ ଆୟୁକ୍ତ

ଭୁବନେଶ୍ୱର,୩୧।୭
(ରବିନାରାୟଣ ଜେନା)


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଉନ୍ନୟନ ଆୟୁକ୍ତ ଅନୁ ଗର୍ଗ ତଦନ୍ତ ରିପୋର୍ଟ ପ୍ରଦାନ କରୁଛନ୍ତି।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ବେଳେ ହୋଇଥିବା ଦଳାଚକଟାଜନିତ ମୃତ୍ୟୁ ଘଟଣାର ତଦନ୍ତ ରିପୋର୍ଟ ଉନ୍ନୟନ ଆୟୁକ୍ତ ଅନୁ ଗର୍ଗ ଗୁରୁବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପ୍ରଦାନ କରିଛନ୍ତି। ଏହି ଅବସରରେ ଉନ୍ନୟନ ଆୟୁକ୍ତ ୨ଟି ପୁସ୍ତକ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ଗୋଟିଏ ପୁସ୍ତକରେ ପୂର୍ଣ୍ଣାଙ୍ଗ ବିବରଣୀ ରହିଥିବାବେଳେ ଅନ୍ୟଟିରେ ଏହାର ସାରାଂଶ(ସିନୋପ୍‌ସିସ୍) ରହିଛି। ତଦନ୍ତ ରିପୋର୍ଟରେ କ'ଣ ରହିଛି ଏବଂ କାହାକୁ ଦାୟୀ କରାଯାଇଛି ସେନେଇ ଉନ୍ନୟନ ଆୟୁକ୍ତ ଟିକିନିଖି ଦର୍ଶାଇଛନ୍ତି। ତେବେ ସରକାରଙ୍କ ପକ୍ଷରୁ ଉକ୍ତ ତଦନ୍ତ ରିପୋର୍ଟକୁ ଆଧାର କରି କେଉଁମାନଙ୍କ ବିରୋଧରେ କେବେ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ସେନେଇ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଉତ୍କଣ୍ଠା ପ୍ରକାଶ ପାଇଛି।

ଉଲ୍ଲେଖଯୋଗ୍ୟ, ଗୁରୁବାର ଅପରାହ୍ନରେ ଉନ୍ନୟନ ଆୟୁକ୍ତ ଅନୁ ଗର୍ଗ ରିପୋର୍ଟ ସନ୍ଧ୍ୟା ସୁଦ୍ଧା ସରକାରଙ୍କୁ ପ୍ରଦାନ କରାଯିବ ବୋଲି କହିଥିଲେ। ସେ କହିଥିଲେ, ଘଟଣା ସମ୍ପର୍କରେ ଟିକିନିଖି ରିପୋର୍ଟ ପ୍ରଦାନ

### ରଥଯାତ୍ରା ଦଳାଚକଟା ମୃତ୍ୟୁ ପ୍ରସଙ୍ଗ

### କିଏ ଦାୟୀ: ତାକୁ ନେଇ ବଢୁଛି ସସ୍‌ପେନ୍ସ

କରାଯାଇଛି। ମାତ୍ର ରିପୋର୍ଟରେ କ'ଣ ରହିଛି ତାହା କେବଳ ସରକାର ହିଁ କହିପାରିବେ। ତେବେ ଚଳିତବର୍ଷ ରଥଯାତ୍ରା ସମୟରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଭକ୍ତଙ୍କ ଦର୍ଶନ ବେଳେ ଦଳାଚକଟା ଘଟଣା ଯୋଗୁ ୩ଜଣଙ୍କ ପ୍ରାଣହାନି ହୋଇଥିବାବେଳେ ୫୦ରୁ ଅଧିକ ଆହତ ହୋଇଥିଲେ। ଏହି ଘଟଣାକୁ ରାଜ୍ୟ ସରକାର ଗୁରୁତ୍ୱର ସହିତ ଗ୍ରହଣ କରି ଏହାର ତଦନ୍ତଭାର ଉନ୍ନୟନ ଆୟୁକ୍ତଙ୍କୁ ପ୍ରଦାନ କରିଥିଲେ। ସରକାରଙ୍କ ପକ୍ଷରୁ ଚଳିତମାସ ୩୦ ସୁଦ୍ଧା ଏହାର ତଦନ୍ତ ରିପୋର୍ଟ ଦେବାକୁ ଉନ୍ନୟନ ଆୟୁକ୍ତଙ୍କୁ କୁହାଯାଇଥିଲା।

ସୂଚନାଯୋଗ୍ୟ, ଚଳିତବର୍ଷ ରଥଯାତ୍ରା ଦଳାଚକଟା ଘଟଣାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷର ବାତାବରଣ ଦେଖାଦେବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ସମସ୍ତ ଜଗନ୍ନାଥପ୍ରେମୀଙ୍କୁ କ୍ଷମାପ୍ରାର୍ଥନା କରିଥିଲେ। ଏହାସହିତ ରଥଯାତ୍ରା ବିଶୃଙ୍ଖଳା ପାଇଁ ପୁରୀ ଜିଲାପାଳ ଓ ଏସ୍‌ପିଙ୍କୁ ବଦଳି କରାଯିବା ସହିତ ଡିସିପି ବିଷ୍ଣୁ ପତି ଓ କମାଣ୍ଡାଣ୍ଟ ଅଜୟ ପାଢ଼ୀଙ୍କୁ ଦାୟିତ୍ୱରେ ଅବହେଳା ଯୋଗୁ ନିଲମ୍ବନ କରାଯାଇଥିଲା। ଏହାବାଦ୍ ଆଉ କେତେକ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଚଳିତମାସ ପହିଲାରେ ପୁରୀରେ ରଥଯାତ୍ରା ଶୃଙ୍ଖଳା ନେଇ ଏକ ସୁରକ୍ଷା ବୈଠକ କରି ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ।

# ଚାଷୀ ପଞ୍ଜୀକରଣରେ ଅସୁବିଧା ଥିଲେ ଫୋନ୍ କର: ମନ୍ତ୍ରୀ

ଭୁବନେଶ୍ୱର,୩୧।୭(ସୁନୀତ ମିଶ୍ର)

ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଆହୁରି ସରଳୀକରଣ ହୋଇଛି। ବର୍ତ୍ତମାନ ଯାଏ ୩ ଲକ୍ଷ ୩୮ ହଜାର ୭୩୫ ଜଣ ଚାଷୀ ପଞ୍ଜୀକରଣ କରିସାରିଲେଣି। ଗତବର୍ଷ ଏହି ସମୟରେ ୩ ଲକ୍ଷ ୪୮ ହଜାର ଚାଷୀ ପଞ୍ଜୀକରଣ କରିଥିଲେ। ଏଥିରେ ବେଶି ବ୍ୟବଧାନ ନାହିଁ। ଗତବର୍ଷ ଜୁଲାଇ ୧୫ ରୁ ଆରମ୍ଭ ହୋଇଥିଲ। ଏଥର ପଞ୍ଜୀକରଣ ୪ ଦିନ ବିଳମ୍ବରେ ଆରମ୍ଭ ହୋଇଛି। ପଞ୍ଜୀକରଣରେ ମାତ୍ର ୧୦ ହଜାର ବ୍ୟବଧାନ ରହିଛି। ଚାଷୀ କେବଳ ଗୋଟିଏ ସେଲ୍ଫ ଡିକ୍ଲାରେଶନ ଫର୍ମରେ ଦସ୍ତଖତ କରିବେ। ଯାହା ନାଁରେ ରେକର୍ଡ ଯଥା ବାପା କିମ୍ବା ଭାଇଙ୍କ ନାଁରେ ରେକର୍ଡ ଥିଲେ କେବଳ ଲେଖିକରି ଦେବେ। ସେଥିପାଇଁ ଫର୍ମ ଇସ୍ୟୁ ହୋଇଛି। ଜୋରସୋରରେ ପଞ୍ଜୀକରଣ ଚାଲିଛି। କୌଣସି ଅସୁବିଧା ନାହିଁ। ଅସୁବିଧା ଥିଲେ ଦିଆଯାଇଥିବା ଟେଲିଫୋନ ନମ୍ବରରେ ଫୋନ କରନ୍ତୁ ବୋଲି ଗୁରୁବାର ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି।

ଚାଉଳ ପ୍ରସଙ୍ଗରେ ମନ୍ତ୍ରୀ ପାତ୍ର କହିଛନ୍ତି, କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଥିଲି। ସେ ଚାଉଳ ପ୍ରସଙ୍ଗରେ ଆଶ୍ୱାସନା ଦେଇଛନ୍ତି, ଏଯାଏଁ କିଛି ଅର୍ଡର ଆସି ନାହିଁ। ଇତିମଧ୍ୟରେ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓଙ୍କ ନେତୃତ୍ୱରେ ମଧ୍ୟ ଏକ ଟିମ୍ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଛନ୍ତି। ଖୁବ୍‌ଶୀଘ୍ର ତାହାର ସମାଧାନ ହେବ। ଖରିଫ ପାଇଁ ଏବେ ପଞ୍ଜୀକରଣ ହେଉଛି। ଗତବର୍ଷ ୭୩ ଲକ୍ଷ ୪୬ ହଜାର ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ହୋଇଥିଲା। ଏବର୍ଷ ଆଉଟିକେ ଅଧିକ ସଂଗ୍ରହ ହେବ । ପଞ୍ଜୀକରଣ ପରେ କେତେ ଧାନ ସଂଗ୍ରହ ହେବ ଆଉଟିକେ ସ୍ପଷ୍ଟ ହୋଇଯିବ। ଇ-କେୱାଇସିରେ ଅନେକ ଅଯୋଗ୍ୟ ଚାଷୀ ଧରାପଡ଼ିଲେଣି। ସେଥିରୁ ମଧ୍ୟ ଚାଷୀ ସଂଖ୍ୟା କମିପାରେ। ଚାଷ ଯେଉଁ ଜାଗାରେ ହେଉ ନ ଥିଲା ସେଠାରେ ମଧ୍ୟ ଏଥର ଚାଷ ହୋଇଛି। ନିଶ୍ଚୟ ଧାନ ଏବଂ ଚାଉଳ ଉତ୍ପାଦନ ବଢ଼ିବ। ସରକାର ପ୍ରସ୍ତୁତ ଅଛନ୍ତି। ଯେତେ ଉତ୍ପାଦନ ହେବ ଆମେ ନେବୁ ବୋଲି ମନ୍ତ୍ରୀ ପାତ୍ର କହିଛନ୍ତି।

# ଡେଲିଭରି ବୟଙ୍କ ପାଇଁ ଆସିବ ମାର୍ଗଦର୍ଶିକା


ଭୁବନେଶ୍ୱର,୩୧।୭(ଅନୁରାଧା ମହାରଣା)

ଡେଲିଭରି ବୟଙ୍କ ପାଇଁ ମାର୍ଗଦର୍ଶିକା ଆସିବ। ଶୀଘ୍ର ପାର୍ସଲ ପହାଞ୍ଚାଇବା ପାଇଁ ଡେଲିଭରି ବୟ ଦ୍ରୁତଗତିରେ ଗାଡ଼ି ଚଳାଇବା ସହ ଅନେକ ସମୟରେ ଟ୍ରାଫିକ ନିୟମ ଉଲ୍ଲଂଘନ କରୁଛନ୍ତି। ଦ୍ରୁତ ଗତିରେ ଗାଡ଼ି ଚଳାଇବା ଫଳରେ ଦୁର୍ଘଟଣା ହାର ବଢୁଥିବାରୁ ରାଜ୍ୟ ପରିବହନ ବିଭାଗ ଏଭଳି ନିଷ୍ପତ୍ତି ନେଇଛି ବୋଲି ବିଭାଗୀୟ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସୂଚନା ଦେଇଛନ୍ତି। ପରିବହନ କମିଶନର ଅମିତାଭ ଠାକୁର କହିଛନ୍ତି, ଗ୍ରାହକଙ୍କୁ ଖୁସି କରାଇବା ପାଇଁ ହୋମ୍ ଡେଲିଭରି କରୁଥିବା ସଂସ୍ଥାଗୁଡିକ ମଧ୍ୟରେ ପ୍ରତିଯୋଗିତା ଦିନକୁ ଦିନ ବଢ଼ିବାରେ ଲାଗିଛି। ସୁରକ୍ଷା ଦୃଷ୍ଟିରୁ ଯାତାୟାତ ସମୟକୁ ନିର୍ଦ୍ଧାରିତ ନ କରିବା ପାଇଁ ସମ୍ପୃକ୍ତ ସଂସ୍ଥା ସଚେତନ ହେବାକୁ ମଧ ପରାମର୍ଶ ଦିଆଯାଇଛି।

# ୫ ଆଇଏଏସ୍ ଅଫିସରଙ୍କୁ ଅତିରିକ୍ତ ଦାୟିତ୍ୱ ବାଣ୍ଟିଲେ ସରକାର

ଭୁବନେଶ୍ୱର, ୩୧।୭
(ସୁନୀତ ମିଶ୍ର)

ରାଜ୍ୟ ସରକାର ଗୁରୁବାର ଆଇଏଏସ୍ ସ୍ତରରେ ଛୋଟ ଧରଣର ବଦଳବଦଳ କରିଛନ୍ତି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ କେତେଜଣ ଆଇଏଏସ୍ ଅଫିସରଙ୍କୁ ଅତିରକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଓଡ଼ିଶା ଇଣ୍ଡଷ୍ଟ୍ରି ନିର୍ଦ୍ଦେଶକ ଥିବା ୨୦୧୫ ବ୍ୟାଚ୍ ଆଇଏଏସ୍ ଆବୋଲି ସୁନୀଲ ନରଓ୍ୱଣେଙ୍କୁ ଅତିରିକ୍ତଭାବେ ଓଡ଼ିଶା ସ୍ମଲ ଇଣ୍ଡଷ୍ଟ୍ରି କର୍ପୋରେଶନର ଏମ୍‌ଡି ଦାୟିତ୍ୱ ଦିଆଯାଇଛି। ସେହିଭଳି ତାଙ୍କୁ ଓଡ଼ିଶା ଷ୍ଟେଟ୍ ଫାଇନାନ୍ସିଆଲ କର୍ପୋରେଶନର ଏମ୍‌ଡିଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ରାଉରକେଲା ଏଡିଏମ୍ ଥିବା ଧୀନା ଦସ୍ତାଗେଙ୍କୁ ଅତିରିକ୍ତଭାବେ ରାଉରକେଲା ମ୍ୟୁନିସିପାଲ କର୍ପୋରେଶନ କମିଶନର, ରାଉରକେଲା ସ୍ମାର୍ଟ ସିଟି ସିଇଓ ଏବଂ ରାଉରକୋଲା ଡେଭଲପମେଣ୍ଟ ଅଥରିଟି ସେକ୍ରେଟାରିଭାବେ ଦାୟିତ୍ୱ ମିଳିଛି। ସମ୍ବଲପୁର ମ୍ୟୁନିସିପାଲ କର୍ପୋରେଶନ କମିଶନର ଥିବା ୨୦୨୧ ବ୍ୟାଚ୍ ଆଇଏଏସ୍ ଅଫିସର ରେହାନ ଖାତ୍ରୀଙ୍କୁ ଅତିରିକ୍ତଭାବେ ସମ୍ବଲପୁର ଡେଭଲପମେଣ୍ଟ ଅଥରିଟିର ଉପାଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି। କଟକ ମ୍ୟୁନିସିପାଲ କର୍ପୋରେଶନ କମିଶନର ଥିବା ୨୦୨୧ ବ୍ୟାଚ୍ କିରଣଦୀପ୍ କୌର ସହୋଟାଙ୍କୁ ଅତିରିକ୍ତଭାବେ କଟକ ଡେଭଲପମେଣ୍ଟ ଅଥରିଟିର ଉପାଧ୍ୟକ୍ଷ ଦାୟିତ୍ୱ ମିଳିଛି। ବ୍ରହ୍ମପୁର ମ୍ୟୁନିସିପାଲ କର୍ପୋରେଶନର କମିଶନର ଥିବା ୨୦୨୧ ବ୍ୟାଚ୍‌ର ପ୍ରଥମେଶ ଅରବିନ୍ଦ୍ ରାଜେଶହିର୍‌କେଙ୍କୁ ଅତିରିକ୍ତଭାବେ ବ୍ରହ୍ମପୁର ଡେଭେଲପମେଣ୍ଟ ଅଥରିଟି ଉପାଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅତିରିକ୍ତ ସଚିବ ଦେବାଶିଷ ସିଂଙ୍କ ଦସ୍ତଖତରେ ଗୁରୁବାର ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି।






ତୁମର ମନ, ପ୍ରାଣ(ହୃଦୟ) ଓ ଦେହ– ଏମାନେ ଯଦି ତିନିପ୍ରକାର ଅଲଗା କଥା ଚାହାନ୍ତି– ତେବେ ତୁମର ବ୍ୟକ୍ତିତ୍ୱ ପରିଣତ ହୁଏ ଏକ ଯୁଦ୍ଧକ୍ଷେତ୍ରରେ। ଫଳରେ ତୁମ ଚେତନାରେ ସୃଷ୍ଟି ହୁଏ ବିଷମ ଆବେଗ। ... ଶାରୀରିକ ଅସୁସ୍ଥତା ହେଉଛି– ଏହି ପରର ଯୁଦ୍ଧରତ ଆବେଗଗୁଡିକରୁ ସୃଷ୍ଟି ହୋଇଥିବା ବିକ୍ଷୋଭ, ଚାଞ୍ଚଲ୍ୟ, ଭୟ ଓ ଅବସାଦର ଦ୍ୱନ୍ଦର ଫଳ। –ଶ୍ରୀମା



# ଏଆଇ ବନ୍ଧୁ ନୁହେଁ



ପିଟର ଜି. କିର୍ଚ୍ଛାଲାଗର

ପିଲାଙ୍କ ସମେତ ସମସ୍ତେ ଏଆଇ ସହ ବନ୍ଧୁ କିମ୍ବା ସାଥୀ ହେବା ଉଚିତ ବୋଲି ମେଟା ସିଇଓ ମାର୍କ ଜୁକରବର୍ଗ ଏବଂ ଓପନ୍ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ)ର ସାମ୍ ଅଲଟମ୍ୟାନ୍ ଜୋରଦାର ପ୍ରଚାର ଚଳାଇଛନ୍ତି। ଏହି ସମୟରେ ଆମକୁ ଆମ ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନରେ ସହଯୋଗ କରିବା, ନିୟମିତ କାର୍ଯ୍ୟକୁ ନିୟନ୍ତ୍ରଣ କରିବା ଏବଂ ନୀତି ନିର୍ଦ୍ଧାରଣରେ ମାର୍ଗଦର୍ଶନ କରିବା ସକାଶେ ଅନ୍ତଃରାଷ୍ଟ୍ରୀୟ ଟେକ୍ କମ୍ପାନୀଗୁଡ଼ିକ 'ଏଆଇ ଏଜେଣ୍ଟସ୍'(ଏଆଇ ସଫ୍ଟୱେର) ଡିଜାଇନ ଉପରେ ଗୁରୁତ୍ୱ ଦେଉଛନ୍ତି। କିନ୍ତୁ ବାସ୍ତବରେ ଏଆଇ ସିଷ୍ଟମ୍ ଆମର ଏବେ ବନ୍ଧୁ, ସାଥୀ କିମ୍ବା ପ୍ରତିନିଧି ହୋଇନାହିଁ କି ଭବିଷ୍ୟତରେ କେବେ ବି ହୋଇପାରିବ ନାହିଁ। ଆମେ ବିଶ୍ୱାସ କରିବା ଉଚିତ, ସେଗୁଡ଼ିକ ସବୁବେଳେ ମେଶିନ ହୋଇ ରହିବେ। ସେଥିରୁ ଭିନ୍ନ କିଛି ଫଳାଫଳ ମିଳିବ ବୋଲି ଦର୍ଶାଯାଇ ଯେଭଳି ଭୁଲ୍ ପ୍ରଚାର କରାଯାଉଛି ତାହା ବିରୋଧରେ ସ୍ୱର ଉଠାଇବା ଦରକାର।

'ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ' ବା କୃତ୍ରିମ ବୁଦ୍ଧିମତ୍ତା ହେଉଛି ଏକ ବଡ଼ ଭ୍ରମାତ୍ମକ ଶବ୍ଦ। ଏହି ସିଷ୍ଟମ ପ୍ରକୃତରେ ବୁଦ୍ଧିସମ୍ପନ୍ନ ନୁହେଁ। ଏବେ ଆମେ ଯାହାକୁ ଏଆଇ ବୋଲି କହୁଛୁ ସେସବୁ କେବଳ ଯାନ୍ତ୍ରିକ ଉପକରଣ ସମୂହ ଏବଂ ନିର୍ଦ୍ଦିଷ୍ଟ ଭାବେ ମସ୍ତିଷ୍କ କରୁଥିବା କେତେକ କାର୍ଯ୍ୟର ନକଲ କରିଥାଏ। ସେସବୁ ବାସ୍ତବ ଜ୍ଞାନ ପାଇଁ ସକ୍ଷମ ନୁହନ୍ତି। ସେଗୁଡ଼ିକ କେବଳ ତଥ୍ୟ ଉପରେ ଆଧାରିତ ଓ ବ୍ୟକ୍ତିଗତ ଭାବନ ଦ୍ୱାରା ପ୍ରଭାବିତ ହୁଅନ୍ତି ନାହିଁ; ସ୍ୱଚ୍ଛ କିମ୍ବା ନିଷ୍ପକ୍ଷ ମଧ୍ୟ ନୁହନ୍ତି। ଏଆଇ ସିଷ୍ଟମ ଚାଟଜିପିଟି ଦ୍ୱାରା ସୃଷ୍ଟ ତଥ୍ୟ ଉପରେ ଅଧିକ ନିର୍ଭର କରୁଛି। ଏହାକୁ ଯାହା ତଥ୍ୟ ଯୋଗାଇ ଦିଆଯିବ ସେହି ଅନୁସାରେ ସେଥିରୁ ଫଳାଫଳ ମିଳିବ। ପ୍ରକୃତ କଥା ହେଉଛି, ବୁଦ୍ଧିମତ୍ତା କହିଲେ କେବଳ କାମ କରିବାକୁ ବୁଝାଏ ନାହିଁ, ବରଂ କାମଗୁଡ଼ିକ ବିଷୟରେ ଚିନ୍ତା କରି ସେସବୁ କିଭଳି କରାଯାଇପାରିବ ତାହା ହେଉଛି ବୁଦ୍ଧିମତ୍ତା। ପ୍ରଯୁକ୍ତିଗତ ଦକ୍ଷତା ଥିବା ସତ୍ତ୍ୱେ ଏଆଇ ମଡେଲଗୁଡ଼ିକ ନିର୍ଦ୍ଦିଷ୍ଟ କ୍ଷେତ୍ର ଯଥା ବୃହତ୍ ଡେଟାସେଟ ପ୍ରୋସେସିଂ, ଯୁକ୍ତିଯୁକ୍ତ ନିଷ୍ପତ୍ତିରେ ପହଞ୍ଚିବା ଏବଂ ଆକଳନ କରିବାରେ ସୀମିତ ହୋଇ ରହିଥାନ୍ତି।

ସାମାଜିକ ସ୍ତରରେ ବ୍ୟକ୍ତିଗତ ସମ୍ପର୍କକୁ ଭଲ ଭାବେ ବୁଝିବାର କ୍ଷମତା ବିଷୟକୁ ଦେଖିଲେ ଏଆଇ ମେଶିନଗୁଡ଼ିକ ଭାବନା, କଥାବାର୍ତ୍ତା ଓ ସମ୍ପର୍କର ବାସ୍ତବତାକୁ କେବଳ ଅନୁସରଣ କରିପାରେ। ଉଦାହରଣ ସ୍ୱରୂପ, ଯେତେବେଳେ ରୋଗୀ କାନ୍ଦେ, ସେତେବେଳେ ହିଁ ଏକ ମେଡିକାଲ ରୋବୋ କାନ୍ଦେ। ସେହି ଅନୁସାରେ ତାହାକୁ ଡିଜାଇନ କରାଯାଇପାରେ। ଏଣୁ କେହି ବି ଯୁକ୍ତି କରିପାରିବେ ନାହିଁ, ଏହା ବାସ୍ତବରେ ଦୁଃଖ ଅନୁଭବ କରିପାରେ। ରୋଗୀଙ୍କୁ ଚାପୁଡ଼ା ମାରିବାକୁ ସେହି



ସମାନ ରୋବୋକୁ ମଧ୍ୟ ଡିଜାଇନ କରାଯାଇପାରେ ଓ ତାହା ଠିକ୍ ଭାବେ ନିର୍ଦ୍ଦେଶ ପାଳନ କରିବ ଏବଂ ଏଥିରେ ତାହାର ନିଜସ୍ୱ ବିଚାର କି ବାସ୍ତବିକତା ନ ଥାଏ । ମେଶିନ ଯତ୍ନ ନିଏ ନାହିଁ, ଏହା କେବଳ ନିର୍ଦ୍ଦେଶକୁ ଅନୁସରଣ କରେ। ଏଆଇ ସିଷ୍ଟମ ଯେତେ ବିକଶିତ ହେଉନା କାହିଁକି ସେଥିରେ କୌଣସି ବଡ଼ ପରିବର୍ତ୍ତନ ଆସିବାର ନାହିଁ। ସିଧା କହିବାକୁ ଗଲେ ମେଶିନର କୌଣସି ନୈତିକ କ୍ଷମତା ନାହିଁ। ମଣିଷ ସୃଷ୍ଟି କରିଥିବା ନିୟମ ଓ ବ୍ୟବସ୍ଥା ଅନୁଯାୟୀ ସେଗୁଡ଼ିକ ବ୍ୟବହାର କରିଥାନ୍ତି। ଅନ୍ୟପଟେ ସ୍ୱୟଂଚାଳିତ ନୈତିକତା ଏବଂ ନୈତିକ ମାନଦଣ୍ଡ ଅନୁସାରେ ମଣିଷର ବ୍ୟବହାର କରିବାର କ୍ଷମତା ରହିଛି। କିନ୍ତୁ କୌଣସି ସ୍ଥିତିରେ ତଥ୍ୟ ଉପରେ ନିର୍ଭର କରି ସଫ୍ଟୱେର ମାଧ୍ୟମରେ କାମ କରିବା ସକାଶେ ଏଆଇ ସିଷ୍ଟମଗୁଡ଼ିକୁ ଡିଜାଇନ କରାଯାଏ। ସେସବୁ ସେଲ୍ଫ ଲର୍ଣ୍ଣିଂ ବା ସ୍ୱଶିକ୍ଷଣ ମାଧ୍ୟମରେ ବ୍ୟବହାର ବଦଳାଇପାରେ, କିନ୍ତୁ ନେଉଥିବା ନିଷ୍ପତ୍ତିର କୌଣସି ଅନ୍ତର୍ନିହିତ ନୈତିକ ମୂଲ୍ୟ ନ ଥାଏ। ସ୍ୱୟଂଚାଳିତ କାର୍ କଥା ଦେଖାଯାଉ। ଗୋଟିଏ ସ୍ଥାନରୁ ଆଉ ଏକ ସ୍ଥାନରେ ଠିକ୍ ସମୟରେ ଶୀଘ୍ର ପହଞ୍ଚିବା ପାଇଁ ଏକ ସ୍ୱୟଂଚାଳିତ କାର୍‌ରେ ନିର୍ଦ୍ଦେଶ ଓ ନିୟନ୍ତ୍ରଣ ସିଷ୍ଟମର ବିକାଶ କରାଯାଇଛି। ଯଦି କାରକୁ ଠିକ୍ ଭାବେ ନିର୍ଦ୍ଦେଶ ଦିଆ ନ ଯାଏ, ତେବେ ତାହା ପଥଚାରୀ ଉପରେ ମାଡ଼ିଯିବ, କାରଣ ଏହା ଲୋକଙ୍କର କ୍ଷତି କରିବାର ନୈତିକ ଦିଗକୁ ବିଚାର କରିପାରେ ନାହିଁ। ଏମିତି ଘଟିବାର କାରଣ ହେଉଛି, ନୈତିକ କାର୍ଯ୍ୟର ସିଦ୍ଧାନ୍ତକୁ କେଉଁ ପରିସ୍ଥିତିରେ ଲାଗୁ କରାଯିବ ତାହା ଗ୍ରହଣ କରିବା ପାଇଁ ମେଶିନ ଅକ୍ଷମ। ନୈତିକ ବିଚାର ସାଧାରଣତଃ ଅନ୍ୟମାନେ ଗ୍ରହଣ କରିପାରୁଥିବା ଏକ ଯୁକ୍ତିଯୁକ୍ତ ତଥା ବିଶ୍ୱସନୀୟ ସିଦ୍ଧାନ୍ତ ଯୋଗାଇ ଦେବାର ଦକ୍ଷତା ଉପରେ ନିର୍ଭର କରେ। କେଉଁ କାମ ନୈତିକତା ଦୃଷ୍ଟିରୁ ଭଲ କିମ୍ବା ମନ୍ଦ, ତାହା ଆକଳନ କରିବାର କ୍ଷମତା ମଣିଷର ଅଛି, କିନ୍ତୁ ତାହା ମେଶିନ ଦ୍ୱାରା ସମ୍ଭବ ନୁହେଁ।

ଏଣୁ ଡେଟା ବେସ୍‌ଡ ସିଷ୍ଟମ ବା ତଥ୍ୟ ଆଧାରିତ ସିଷ୍ଟମ (ଡିଏସ୍)ଏଆଇଠାରୁ ଅଧିକ ଉପଯୁକ୍ତ। କାରଣ, ଆକଳନ ଓ ଅନୁଧ୍ୟାନ କରିବା ପାଇଁ ଏଆଇର ଡେଟା ସୃଷ୍ଟି, ସଂଗ୍ରହ, ପ୍ରକ୍ରିୟା ତଥା ମୂଲ୍ୟାୟନ ଭଳି କାମକୁ ଏହା ଦର୍ଶାଇପାରେ। ଏହା ମଧ୍ୟ ଏବକାର ବିକଶିତ ପ୍ରଯୁକ୍ତିର ଶକ୍ତି ଓ ସୀମା ସମ୍ପର୍କରେ ସୂଚିତ କରେ। ସେଗୁଡ଼ିକର କେନ୍ଦ୍ରରେ ଥିବା ଅନେକ ସିଷ୍ଟମରେ ବ୍ୟାପକ ତଥ୍ୟ ଅନୁଧ୍ୟାନ କରିବା ପାଇଁ ଅତ୍ୟନ୍ତ ଉନ୍ନତ ଗାଣିତିକ ପଦ୍ଧତି ଅଛି। ଡିଏସ୍ କ'ଣ କରୁଛି କିମ୍ବା ତା'ଚାରିପାଖରେ କ'ଣ ଘଟୁଛି ସେ ସମ୍ପର୍କରେ ତାହାର କୌଣସି ଜ୍ଞାନ ନ ଥାଏ । ଏହା କହିବାର ମାନେ ଏହା ନୁହେଁ ଯେ, ଡିଏସ୍ ମାନବ ସମାଜ କିମ୍ବା ପୃଥିବୀର ଉପକାର କରିପାରିବ ନାହିଁ। ଯେଉଁ କ୍ଷେତ୍ରରେ ତାହାର କ୍ଷମତା ଆମଠାରୁ ଅଧିକ ସେହି କ୍ଷତ୍ରରେ ଆମେ ସେଗୁଡ଼ିକ ଉପରେ ଭରସା କରିପାରିବା ଏବଂ ଏହା କରିବା ଉଚିତ ମଧ୍ୟ । କିନ୍ତୁ ସେସବୁ ସାମ୍ନାକୁ ଆଣୁଥିବା ନୈତିକ ବିପଦଗୁଡ଼ିକୁ ଆମେ ନିୟନ୍ତ୍ରଣ ଓ ହ୍ରାସ କରିବା ପାଇଁ ସକ୍ରିୟତା ପ୍ରକାଶ କରିବା ଉଚିତ। ମାନବ ଅଧିକାର ଆଧାରିତ ଡିଏସ୍ ବିକାଶ କରିବା ଦରକାର। ଜାତିସଂଘରେ ଏକ ଅନ୍ତର୍ଜାତୀୟ ତଥ୍ୟ ଆଧାରିତ ସିଷ୍ଟମ ଏଜେନ୍ସି ଗଠନ ଏ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରାରମ୍ଭିକ ପଦକ୍ଷେପ ହେବ।

ବିଗତ ଦୁଇ ଦଶନ୍ଧି ମଧ୍ୟରେ ବୃହତ୍ ଟେକ୍ କମ୍ପାନୀଗୁଡ଼ିକ ଆମକୁ ଅଲଗା କରିବା ସହ ସୋସିଆଲ ମିଡିଆ ମାଧ୍ୟମରେ ଆମ ସମାଜଗୁଡ଼ିକୁ ବିଭାଜିତ କରିଦେଇଛନ୍ତି। ଆସକ୍ତଗତ ତଥା କ୍ଷତିକାରକ ଗୁଣକୁ ଦେଖିଲେ ଏହାକୁ ସମାଜ ବିରୋଧୀ ମିଡିଆ କହିବା ଅଧିକ ପ୍ରାସଙ୍ଗିକ ହେବ। ଏବେ ସେହିସବୁ କମ୍ପାନୀଗୁଡ଼ିକ ଏଆଇକୁ ବନ୍ଧୁ ଓ ସାଥୀ କହିଚାଲିଛନ୍ତି। ତା' ସହ ମଣିଷର ସମ୍ପର୍କ ପ୍ରତିଷ୍ଠା କରିବା ଦରକାର ବୋଲି କହି ଏକ ନୂଆ ରଢ଼ିବାଦୀ କଥାକୁ ପ୍ରୋତ୍ସାହିତ କରୁଛନ୍ତି। କିନ୍ତୁ ଏହି ସମୟରେ ଏହିସବୁ କମ୍ପାନୀ ଲଗାତର ତଥାକଥିତ 'ବ୍ଲାକ ବକ୍ସ ପ୍ରୋବ୍ଲେମ' ଅର୍ଥାତ୍ ଅପ୍ରତ୍ୟାଶିତତା, ଅପାରଦର୍ଶିତା ତଥା ଗାଣିତିକ ପ୍ରକ୍ରିୟାରେ ଆକଳନ, ନିଷ୍ପତ୍ତିରେ ସ୍ୱଚ୍ଛତାର ଅଭାବ ତଥା ପକ୍ଷପାତିତା ଭଳି ସମସ୍ୟାକୁ ଅଣଦେଖା କରି ଆସୁଛନ୍ତି। ଦେଖିବାକୁ ଗଲେ ଡିଏସ୍ ଆର୍ଥିକ ଏବଂ ରାଜନୈତିକ କ୍ଷେତ୍ରରେ ଆମକୁ ପ୍ରଭାବିତ କରୁଥିବା ଅତ୍ୟଧିକ କ୍ଷତିକାରକ ଧାରାରୁ ଆମ ବ୍ୟକ୍ତିଗତ ତଥା ବୃତ୍ତିଗତ ଜୀବନକୁ ସୁରକ୍ଷିତ ରଖିବାରେ ପ୍ରମୁଖ ଭୂମିକା ନେଇ ସାରିଲାଣି। ତଥାପି ଡିଏସ୍ ସିଷ୍ଟମଗୁଡ଼ିକ ଆମ ନିଷ୍ପତ୍ତିକୁ ମାର୍ଗଦର୍ଶନ କରୁ ବୋଲି ଟେକ୍ ସିଇଓମାନେ ଚାହୁଁଛନ୍ତି। ଆମର ତଥା ଆମ ପରପିଢ଼ିର ସ୍ୱାଧୀନତା ଓ ମର୍ଯ୍ୟାଦାକୁ ସୁରକ୍ଷିତ ରଖିବାକୁ ଆମେ ମେଶିନ୍‌ର ଛଦ୍ମ ଆଚରଣକୁ ଅନୁମତି ଦେବା ଉଚିତ ନୁହେଁ।

**ଏଥିକ୍ସ ପ୍ରାଧ୍ୟାପକ ତଥା ନିର୍ଦ୍ଦେଶକ, ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ଏଥିକ୍ସ(ଲୁସର୍ନ ୟୁନିଭର୍ସିଟି, ସୁଇଜରଲାଣ୍ଡ)**

## ଏଇ ଭାରତରେ

ଜଳ ସଂରକ୍ଷଣ ଏବେ ଦେଶ ପାଇଁ ଅପରିହାର୍ଯ୍ୟ ହୋଇଥିବାବେଳେ ଏ କ୍ଷେତ୍ରରେ ଯେଉଁ କେତେ ଜଣ କାର୍ଯ୍ୟ କରୁଛନ୍ତି ସେମାନଙ୍କ ମଧ୍ୟରେ ରାମବୀର ତନୱାର ଅନ୍ୟତମ। ରାମବୀରଙ୍କ ଜନ୍ମ ଉତ୍ତରପ୍ରଦେଶର ଡଧା ଗାଁରେ। ସେ ଦିଲ୍ଲୀରେ ମେକାନିକାଲ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିବା ପରେ କର୍ପୋରେଟ ସେକ୍ଟରରେ କାମ କରୁଥିଲେ। ହେଲେ ୨୦୧୪ରେ ତାକୁ ଛାଡ଼ି ଦିଲ୍ଲୀ ଓ ଏହାର ଆଖପାଖ ଅଞ୍ଚଳରେ ଜଳାଶୟଗୁଡ଼ିକର ପୁନରୁଦ୍ଧାର କରୁଛନ୍ତି। ଏଥିପାଇଁ ୨୦୧୬ରେ ସେ 'ଜଳ ଚୌପାଲ' ଅଭିଯାନ ଚଳାଇଛନ୍ତି। ସେ ଏହି କାର୍ଯ୍ୟରେ ସମ୍ପୃକ୍ତ ଅଞ୍ଚଳର କିମ୍ବା ଗାଁର ଲୋକମାନଙ୍କୁ କାମରେ ଲଗାଇ ରୋଜଗାର ସୃଷ୍ଟି କରୁଛନ୍ତି। ଏବେସୁଦ୍ଧା ଦିଲ୍ଲୀ ଏନ୍‌ସିଆର ଆଖପାଖ ଅଞ୍ଚଳରେ ୨୦ଟି ଜଳାଶୟ ପୁନରୁଦ୍ଧାର କରିସାରିଲେଣି। ସାରା ଦେଶରେ ମଧ୍ୟ ସେ ଏହି ଅଭିଯାନ ଚଳାଇ ମୋଟ ୮୦ଟି ଜଳାଶୟର ପୁନରୁଦ୍ଧାର ଶେଷ କରିସାରିଛନ୍ତି। ଜଳାଶୟ ପୁନରୁଦ୍ଧାର ପରେ ସେହି ଗାଁଗୁଡ଼ିକର ଭୂତଳ ଜଳସ୍ତର ବୃଦ୍ଧି ପାଇଛି। ଏହାସହ କୃଷକମାନେ ମଧ୍ୟ ସେହି ପାଣି ବ୍ୟବହାର କରି ଚାଷ କରି ଲାଭବାନ୍ ହୋଇପାରୁଛନ୍ତି। ଅନେକ ପୁଷ୍କରିଣୀରେ ଗୋଷ୍ଠୀଭିତ୍ତିକ ମାଛଚାଷ ମଧ୍ୟ କରାଯାଉଛି। ଏହି କାର୍ଯ୍ୟ ପାଇଁ ତନୱାରଙ୍କୁ ଲୋକେ ପଣ୍ଡ ମ୍ୟାନ ବା 'ପୁଷ୍କରିଣୀ ମଣିଷ' ବୋଲି ସମ୍ବୋଧନ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୧ ଅଗଷ୍ଟ ୧୯୭୬

- କଳା ଓ ସଂସ୍କୃତି କ୍ଷେତ୍ରରେ କୃତିତ୍ୱ ଲାଭ କରିଥିବା କୃତୀ କଳାକାରମାନଙ୍କୁ ପେନସନ୍ ଦେବା ପାଇଁ ରାଜ୍ୟ ସରକାର ସ୍ଥିର କରିଛନ୍ତି।
- ଅଲିମ୍ପିକ୍ସ ଇତିହାସରେ ଏକ ନୂତନ ବିସ୍ମୟ ସୃଷ୍ଟି କରି ନିଉଜିଲାଣ୍ଡ ପ୍ରଥମ ଥର ପାଇଁ ହକିରେ ସ୍ୱର୍ଣ୍ଣ ପଦକ ବିଜେତା ହେବାର ସୌଭାଗ୍ୟ ଲାଭ କରିଛି।
- ମହାକାଶ ଗବେଷଣା ଚାଲୁରଖିବା ପାଇଁ ସୋଭିଏତ ୟୁନିୟନ ପୁଣି ଏକ କସମସ–୮୪୬ ନାମକ ଉପଗ୍ରହ ମହାକାଶକୁ ପ୍ରେରଣ କରିଛି।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 6 | 5 | 2 | 8 |
| 5 | | | 3 | 2 | | 1 | | 6 |
| | | | | | 1 | | 7 | |
| | | | | 3 | 9 | | | 5 |
| | | | | | | | 9 | |
| | | 6 | | | | | | |
| | 8 | 2 | | 4 | | | | |
| 1 | | | | 5 | | | | |
| | | 7 | | | | 4 | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 2 | 8 | 5 | 3 | 4 | 7 | 6 | 1 |
| 1 | 3 | 4 | 7 | 9 | 6 | 8 | 2 | 5 |
| 7 | 5 | 6 | 8 | 1 | 2 | 4 | 3 | 9 |
| 6 | 8 | 7 | 1 | 2 | 9 | 5 | 4 | 3 |
| 4 | 1 | 2 | 6 | 5 | 3 | 9 | 7 | 8 |
| 5 | 9 | 3 | 4 | 8 | 7 | 6 | 1 | 2 |
| 3 | 7 | 1 | 9 | 4 | 5 | 2 | 8 | 6 |
| 2 | 6 | 9 | 3 | 7 | 8 | 1 | 5 | 4 |
| 8 | 4 | 5 | 2 | 6 | 1 | 3 | 9 | 7 |

ଗତକାଲିର ଉତ୍ତର

# କର୍ତ୍ତବ୍ୟ କର୍ମର ଗୁରୁତ୍ୱ



ଡ. ନିରଞ୍ଜନ ସାହୁ

ଉତ୍କଳମଣି ଗୋପବନ୍ଧୁଙ୍କ କବିତାଂଶ 'କର୍ମେ ଯିଏ ନର, କର୍ମ ଏକା ତା'ର ଜୀବନର ମାନଦଣ୍ଡ' ସଂସ୍ପର୍ଶରେ ଆସିଥିବେ ବିଶାଳ ଓଡ଼ିଆ ପାଠକଶ୍ରେଣୀ। ସେମାନଙ୍କର ହୁଏତ ଧାରଣା ହୋଇଥିବ ଜୀବନର ପରିଭାଷାକୁ ସଂକ୍ଷିପ୍ତ ଭାବରେ ବୁଝାଉଥିବା କଥା ଆଉ କିଛି ନ ଥାଇପାରେ। ମଣିଷ ଅନେକ କିଛି ଭାବିପାରେ ମାତ୍ର କେବଳ କର୍ମଦ୍ୱାରା ତା'ର ପ୍ରକୃତ ପରିଚିତି ମିଳେ।

କର୍ମକୁ ବିଭିନ୍ନ ଧର୍ମ ଧାରଣାରେ ଗୁରୁତ୍ୱ ଦିଆହୋଇଛି – ଖ୍ରୀଷ୍ଟିଆନମାନେ ବିଶ୍ୱାସ କରନ୍ତି ଯେପରି କର୍ମ ସେପରି ଫଳ। ଶ୍ରୀମଦ୍ ଭଗବତ ଗୀତାରେ କର୍ମର ଯେପରି ବିଶଦ୍ ବ୍ୟାଖ୍ୟା କରାଯାଇଛି ଅନ୍ୟ କୌଣସିଠାରେ ସେପରି ତାତ୍ତ୍ୱିକ ବିଶ୍ଲେଷଣ ଉପଲବ୍ଧ ହୁଏନାହିଁ।


ଶ୍ରୀମଦ୍ ଭଗବଦ୍ ଗୀତାରେ ଅଠର ଗୋଟି ଅଧ୍ୟାୟ ରହିଛି ଏବଂ ତନ୍ମଧ୍ୟରୁ ତୃତୀୟ ଅଧ୍ୟାୟକୁ କର୍ମଯୋଗ ଭାବରେ ନାମିତ କରାଯାଇଛି– ତେଣୁ ଅନେକଙ୍କର ଧାରଣା ହୋଇପାରେ କେବଳ ସେଇ ଅଧ୍ୟାୟରେ କର୍ମ ବିଷୟରେ ଅବତାରଣା କରାଯାଇଛି ବୋଲି। ମାତ୍ର ଏହା ସମ୍ପୂର୍ଣ୍ଣ ଭ୍ରମାତ୍ମକ। ସମଗ୍ର ଗୀତାରେ କର୍ମ କର୍ତ୍ତବ୍ୟ ବିଷୟରେ ବିସ୍ତୃତ ଆଲୋଚନା ରହିଛି। ସବୁଠାରୁ ବେଶି କୌତୂହଳପୂର୍ଣ୍ଣ କଥା ହେଲା 'କର୍ମ' ସଂକ୍ରାନ୍ତରେ ସର୍ବ ବହୁଳ ଆଲୋଚିତ ଶ୍ଳୋକଟି:

'କର୍ମଣ୍ୟେବାଧିକାରସ୍ତେ ମା ଫଳେଷୁ କଦାଚନ
ମା କର୍ମଫଳ ହେତୁର୍ଭୂର୍ମା ତେ ସଙ୍ଗୋସ୍ତ୍ୱ କର୍ମଣି'

ଏବଂ ଏହି ଶ୍ଳୋକଟି ଦ୍ୱିତୀୟ ଅଧ୍ୟାୟ (ସାଂଖ୍ୟ ଯୋଗ)ର ସତଚାଳିଶତମ ଶ୍ଳୋକ ଭାବରେ ଖ୍ୟାତ। ଯେଉଁମାନେ ଗୀତା ଅଧ୍ୟୟନ କରିବାକୁ ଆରମ୍ଭ କରନ୍ତି ସେମାନେ ଏଇ ଶ୍ଳୋକ ପାଖରେ ଝୁଣ୍ଟିପଡ଼ନ୍ତି। ସେମାନଙ୍କୁ ଶ୍ରୀକୃଷ୍ଣଙ୍କର ଏଇ ପରାମର୍ଶ ହଜମ ହୁଏନି, ଅବାସ୍ତବ ଅନୁଭୂତ ହୁଏ, ଦ୍ୱନ୍ଦ୍ୱ ହୁଏ ପ୍ରଖର : ସତରେ କ'ଣ ଏହା ସମ୍ଭବ ଓ ଗ୍ରହଣଯୋଗ୍ୟ ? ଏହି ଶ୍ଳୋକର ସାଧାରଣ ଅର୍ଥ ହେଲା ଏମିତି – ଅର୍ଜୁନ, କର୍ମ କରିବାରେ ତୁମର ଅଧିକାର ଅଛି ମାତ୍ର କର୍ମଫଳରେ ନାହିଁ – ତେଣୁ ତୁମେ କର୍ମଫଳ କଥା ଚିନ୍ତା ନ କରି କର୍ମ କରି ଚାଲ।

ପ୍ରତ୍ୟେକ ଅନୁସନ୍ଧିତ୍ସୁ ଭାବନ୍ତି ଏହା କିପରି କଥା – ପିଲାଟିଏ ପାଠ ପଢୁଛି କାରଣ ତା'ର ଆଶା ଅଛି ଯେ ସେ ପରୀକ୍ଷାରେ ପାସ୍ କରିବ। କୃଷକଟିଏ ଚାଷ କର୍ମରେ ନିଜକୁ ନିୟୋଜିତ କରୁଛି କାରଣ ତା'ର ଅଲକ୍ଷ୍ୟରେ ଏକ ସ୍ୱପ୍ନ ରହିଛି ଯେ ସେଥିରୁ ଦିନେ ଫସଲ ପାଇବ। ବ୍ୟବସାୟୀଟିଏ ନିଜର ବ୍ୟବସାୟ କଲାବେଳେ ତା' ଭିତରେ ଗୋଟିଏ ଭାବନା ରହୁଛି ଯେ ସେ ସେଥିରୁ ଦୁଇପଇସା ମୁନାଫା କମେଇବ। ସାରା ସଂସାରରେ ଏଇଭଳି ଚଳନ୍ତି ଧାରଣାଟିଏ ବଦ୍ଧମୂଳ ହୋଇ ରହିଛି ସମସ୍ତଙ୍କଠାରେ।

ଅର୍ଜୁନ ଯେହେତୁ ଯୁଦ୍ଧ କର୍ମରେ ପ୍ରବୃତ୍ତ ହେବାକୁ ଚାହୁଁ ନ ଥିଲେ ତେଣୁ ଯୁଦ୍ଧର ଫଳ କେତେ ଭୟଙ୍କର ହୋଇପାରେ, ସେଥିରେ ନିଜର ପରିବାରର ଅନ୍ତରଙ୍ଗ ଭାଇବନ୍ଧୁଙ୍କୁ କିପରି ହରେଇବାକୁ ପଡ଼ିପାରେ ଏବଂ ଅନ୍ୟାନ୍ୟ କ୍ଷୟକ୍ଷତିକୁ କିପରି ସାମ୍ନା କରିବାକୁ ପଡ଼ିପାରେ ତାହା ସେ ବିଶଦ୍ ଭାବରେ ଶ୍ରୀକୃଷ୍ଣଙ୍କୁ କହିଥିଲେ। ସାଧାରଣ ଭାବରେ ବିଶ୍ୱାସ ରହିଛି କର୍ମର ଅନୁରୂପ ଫଳ ମିଳେ। ମାତ୍ର ଏଇ ବିଶ୍ୱାସ ବଳରେ ଆମେ କର୍ମ ଓ କର୍ମଫଳ ଉଭୟକୁ ପରସ୍ପର ସହିତ ଯୋଡ଼ି ଦିଅନ୍ତି। ଭଗବାନ ଶ୍ରୀକୃଷ୍ଣଙ୍କର ବିଶେଷତ୍ୱ ହେଲା ସେ କର୍ମର ଯେଉଁ ଉପପାଦ୍ୟ ପ୍ରତିବେଦନ କରିଛନ୍ତି ତାହା ସ୍ପଷ୍ଟ ଓ



ଆଗରୁ କେହି କେବେ କହି ନ ଥିଲେ। ସାଧାରଣ ଧାରଣା ହେଲା ସତ୍ କର୍ମର ଫଳ ଉତ୍ତମ – ଏହାକୁ କର୍ମ କୁହାଯାଏ ଏବଂ ଅସତ୍ କର୍ମର ଫଳ ବିଷମ – ଯାହାକୁ ହୁଏତ ଅକର୍ମ କୁହାଯାଉଥିବ। ମାତ୍ର ନା – ବାସ୍ତବରେ ଯାହା ଶାସ୍ତ୍ର ସମ୍ମତ କର୍ମ ତାହା ହିଁ କର୍ତ୍ତବ୍ୟ କର୍ମ ଏବଂ କର୍ମ କରିବାକୁ ନିଷେଧ କରାଯାଇଛି ତାକୁ 'ବିକର୍ମ' ବୋଲି କୁହାଯାଏ। ଯେତେବେଳେ ମଣିଷ ଅନୁଭବ କରିବ ଯେ ତା'ଠାରେ ଏପରି କିଛି ଶକ୍ତି ନାହିଁ ଯେ ସେ ହେଉଛି କର୍ମର କର୍ତ୍ତା। ସେତେବେଳେ ସେ ନିଷ୍କାମ କର୍ମରେ ନିବିଷ୍ଟ ହୁଏ ତାହାକୁ 'ଅକର୍ମ' କରୁଛି ବୋଲି ଧରିବାକୁ ହେବ। ସଂକ୍ଷେପରେ କହିବାକୁ ହେଲେ ଶାସ୍ତ୍ରସମ୍ମତ କାର୍ଯ୍ୟ ହେଲା 'କର୍ମ', ଶାସ୍ତ୍ର ବିରୋଧୀ କାର୍ଯ୍ୟ ହେଲା 'ବିକର୍ମ' ଏବଂ ଫଳ ଆଶା ନ ରଖି କର୍ମ କରିବା ହେଲା 'ଅକର୍ମ'। ଯିଏ ଏହାକୁ ଠିକ୍ ରୂପରେ ବୁଝିପାରନ୍ତି ସେ ଭ୍ରମରେ ପଡ଼ନ୍ତି ନାହିଁ ବୋଲି ଭଗବାନ କହୁଛନ୍ତି, ବହୁ ଆଲୋଚିତ ଏହି ଶ୍ଳୋକଟି ପାଠକମାନଙ୍କ ପାଇଁ ଉପସ୍ଥାପନ କରୁଛି–

'କର୍ମଣୋହ୍ୟପି ବୋଦ୍ଧବ୍ୟଂ, ବୋଦ୍ଧବ୍ୟଂ ଚ
ବିକର୍ମଣ/ଅକର୍ମଣଶ୍ଚ ବୋଦ୍ଧବ୍ୟଂ, ଗହନା
କର୍ମଣୋ ଗତିଃ।'(ଚତୁର୍ଥ ଅଧ୍ୟାୟ–ଶ୍ଳୋକ ୧୭)

ଅନେକ ସମୟରେ ଆମେ ନିଜକୁ କର୍ମର କର୍ତ୍ତା ବୋଲି ଭାବନ୍ତି – ମାତ୍ର ଅନେକ କର୍ମ ଅଛି ଯାହା ଆପଣଙ୍କ କର୍ତ୍ତୃତ୍ୱରେ ନାହିଁ – ଯେପରି ଆପଣ ଚାହିଁଲେ କ'ଣ ଆପଣଙ୍କର ହୃତ୍‌କ୍ରିୟାକୁ ବନ୍ଦ କରିପାରିବେ କି ? ଶରୀରରେ ଅନବରତ ବହୁ କ୍ରିୟା ସ୍ୱୟଂକ୍ରିୟ ଭାବରେ ଚାଲିଛି – ମାତ୍ର ସେସବୁକୁ ଆମେ ନିୟନ୍ତ୍ରଣ କରୁଛନ୍ତି ବୋଲି କହିପାରିବା କି ? ଅନେକ ସମୟରେ ଆମ ଅଜାଣତରେ ଅହଂକାର ଆମର ସମଗ୍ର ବ୍ୟକ୍ତିତ୍ୱ ଉପରେ ରାଜୁତି କରେ, ତେଣୁ ଆମେ କହୁ ସବୁ ଜିନିଷ ଆମର ଆୟତ୍ତରେ ବା ଆମେ ଯାହା ଚାହିଁବୁ ତାହା କରିପାରିବୁ। ବିଜ୍ଞ ପାଠକମାନଙ୍କୁ ଗୋଟିଏ ଛୋଟ ପ୍ରଶ୍ନ ପଚାରିବି – ଆପଣ କେବେ ଆମ ଶରୀରର ପଟାସିୟମ୍ ସୋଡିଅମ୍‌ର ଭାଗମାପ ଟିକିଏ ଏପାଖ ସେପାଖ ହୋଇଗଲେ ମଣିଷ କିପରି ଆଚରଣ କରେ ତାହା ଜାଣନ୍ତି ? ସେତେବେଳେ ସେ ପାଗଳପ୍ରାୟ ଆଚରଣ କରିଥାଏ। ସାମାନ୍ୟ ଦୁଇଟି ଛୋଟ ଛୋଟ ଜୈବିକ ଅଣୁ ଆମ ଶରୀରରେ ଅସ୍ୱାଭାବିକ ପାଲଟିଲେ ଆମେ ସ୍ୱାଭାବିକ ଆଚରଣ କରିପାରୁ ନାହାନ୍ତି । ଏପରିସ୍ଥଳେ ସବୁ ଆମର ଚରଣାଶ୍ରିତ, ସମସ୍ତ କାର୍ଯ୍ୟ ଆମର ନିୟନ୍ତ୍ରଣାଧୀନ ବୋଲି ବାହୁସ୍ଫୋଟ ମାରିବା କେତେଦୂର ଗ୍ରହଣୀୟ ଆପଣମାନେ ଚିନ୍ତା କରନ୍ତୁ।

ଯେତେବେଳେ ଆମ ଭିତରେ ଦୃଢ଼ ଧାରଣା ହେବ କେବଳ କର୍ମ କରିବା ମୋର ଅଧିକାର ଓ ଦାୟିତ୍ୱ ଏବଂ ତାକୁ ନିଷ୍ପାପର ଭାବରେ ସମ୍ପନ୍ନ କରିବାକୁ ମୋତେ କୁହାଯାଇଛି, ସେତେବେଳେ କର୍ମ ସମ୍ପାଦିତ ହୋଇଯିବ ଏବଂ ଯଦି ବି ଫଳାଫଳ ଆଶାନୁରୂପ ନ ହୁଏ ତା'ହେଲେ ମନରେ ବିରକ୍ତି ବା କ୍ରୋଧ ହେବନାହିଁ। ମଣିଷକୁ କର୍ମରୁ ନିସ୍ତାର ନାହିଁ। ଅର୍ଜୁନଙ୍କ ପରି ଯେଉଁମାନେ କର୍ମ ନ କରିବା ସପକ୍ଷରେ ଯୁକ୍ତି ବାଢ଼ନ୍ତି ସେମାନେ ବୁଝିଯିବା ଦରକାର ଆମେ କର୍ମରେ ପ୍ରବୃତ୍ତ ହେବା ଦରକାର କାରଣ ତାହା ହିଁ ଆମର ଦାୟିତ୍ୱ। କର୍ମକୁ କର୍ମଫଳ ସହିତ ସଂଯୁକ୍ତ କଲେ ଆମ ଭିତରେ ଅହଂକାର ଆସିବ ଯେତେବେଳେ କର୍ମରେ ସୁଫଳ ମିଳିବ। ଯଦି ଅକୃତକାର୍ଯ୍ୟ ହେବ ତା'ହେଲେ ହତାଶା, କ୍ରୋଧ, ବିରକ୍ତି ସୃଷ୍ଟି ହେବ। ଉଭୟ ଯେହେତୁ ପରିତ୍ୟାର୍ଯ୍ୟ, ତେଣୁ କର୍ମରେ ପ୍ରବୃତ୍ତ ମଣିଷ ବେଳେବେଳେ ଅନୁଭବ କରିବ ଯେ ସେ ଅକର୍ମ ଅର୍ଥାତ୍ ଫଳାକାଂକ୍ଷୀ ନ ହୋଇ କର୍ମରେ ବିଶ୍ୱାସ କରୁଛି – ଯାହା ଫଳ ମିଳିବ ତାହା ଭଗବାନଙ୍କ ଦ୍ୱାରା ନିର୍ଦ୍ଧାରିତ ହେବ। ସମାନ କାମ କରି ସବୁବେଳେ ସମାନ ଫଳ ମିଳୁ ନ ଥିବାର ଅନେକ ଉଦାହରଣ ଆମ ଆଗରେ ଅଛି। ସେମାନେ ଆମକୁ ବୁଝେଇ ଦେବେ ଯେ କର୍ମଫଳ ଆମର ଅଧୀନ ନୁହେଁ। ତେଣୁ ଫଳକାଂକ୍ଷା ରହିତ କର୍ତ୍ତବ୍ୟ କର୍ମରେ ନିୟୋଜିତ ହେବା ହିଁ ବାସ୍ତବ ବିଜ୍ଞତା।

**(ଲେଖକ ଭାରତୀୟ ପ୍ରଶାସନିକ ସେବାର ପୂର୍ବତନ ଅଧିକାରୀ)**

**ମୋ:୯୪୩୮୪୮୨୯୧୧**

# ମରିବାକୁ ନୁହେଁ ଜନ୍ମ ମୋର



ମୀରା ବେଉରା

ଜଣେ ନାରୀ ସ୍ୱାବଲମ୍ବୀ ହେଲେ ତା'ର ସ୍ୱାଭିମାନ ଓ ଆତ୍ମମର୍ଯ୍ୟାଦା ବୃଦ୍ଧି ପାଇଥାଏ। କିନ୍ତୁ ଦେଖାଯାଉଛି , ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟରେ ମହିଳା ପ୍ରତି ବିଶେଷ କରି ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଛାତ୍ରୀମାନଙ୍କ ପ୍ରତି ଯୌନ ନିର୍ଯାତନା ବୃଦ୍ଧି ପାଇବାରେ ଲାଗିଛି। ଆମ ରାଜ୍ୟର ମହିଳା କମିଶନ ଅଚଳାବସ୍ଥାରେ ପଡ଼ିରହିଛି। ଫଳରେ ମହିଳାମାନଙ୍କ ପ୍ରତି ନିର୍ଯାତନା ବୃଦ୍ଧି ପାଇବାରେ ଲାଗିଛି। ପ୍ରତିଦିନ ରାଜ୍ୟରେ ୮୬ ମହିଳା ଅପରାଧର ଶିକାର ହେଉଥିବା ଏନ୍‌ସିଆର୍‌ବି ରିପୋର୍ଟରେ ଉଲ୍ଲେଖ ରହିଛି। ଏହି ରିପୋର୍ଟ ଅନୁସାରେ ଓଡ଼ିଶାରେ ପ୍ରତି ଏକଲକ୍ଷ ମହିଳାରେ ୨୨୭ ଜଣ ଅପରାଧର ଶିକାର ହେଉଛନ୍ତି। ଲଜ୍ଜାକର କଥା ହେଉଛି ଅସଦାଚରଣ ମାମଲାରେ ଦେଶରେ ପ୍ରଥମ ସ୍ଥାନରେ ଅଛି ଓଡ଼ିଶା। ଦ୍ୱିତୀୟରେ ମହାରାଷ୍ଟ୍ର ଓ ତୃତୀୟରେ ରହିଛି ଉତ୍ତର ପ୍ରଦେଶ। ବଳାତ୍କାର ଓ ଗଣବଳାତ୍କାର ପରେ ମହିଳାଙ୍କୁ ହତ୍ୟା କରିବାରେ ଓଡ଼ିଶା ଦେଶରେ ୮ ନମ୍ବରରେ ରହିଛି। ପ୍ରଥମ ସ୍ଥାନରେ ରହିଛି ଉତ୍ତରପ୍ରଦେଶ, ଦ୍ୱିତୀୟ ସ୍ଥାନରେ ଆସାମ ଓ ତୃତୀୟ ସ୍ଥାନରେ ଅଛି ମଧ୍ୟପ୍ରଦେଶ।

ଏବେ ରାଜ୍ୟରେ ସବୁଠୁ ଚାଞ୍ଚଲ୍ୟକର ଘଟଣା ହେଉଛି ଶିକ୍ଷାଳୟ ଭଳି ପବିତ୍ର ସ୍ଥାନରେ ବିଭାଗୀୟ ଅଧ୍ୟାପକଙ୍କ ନିର୍ଯାତନାର ଶିକାର ହୋଇ ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମାହୁତି ଦେବା ପରେ ସମସ୍ତଙ୍କ ନିଦ ହଜିଯାଇଛି। କେବଳ ସୌମ୍ୟାଶ୍ରୀ ନୁହନ୍ତି ଏହା ପୂର୍ବରୁ ଏମିତି ଅନେକ ଘଟଣା ଆଗରୁ ଘଟିଛି, ଏବେ ମଧ୍ୟ ଘଟୁଛି। ପ୍ରତି ମୁହୂର୍ତ୍ତରେ ଓଡ଼ିଶାରେ ତଥା ଭାରତବର୍ଷରେ କେଉଁଠି ନା କେଉଁଠି କନ୍ୟା ରତ୍ନଟିଏ ଜୀବନ ଯୁଦ୍ଧରେ ଯୁଝୁ ଯୁଝୁ ଟଳିପଡୁଛି। ଗୁହାରି କରିବା କାହାକୁ ? ନାରୀ ସୁରକ୍ଷା ପାଇଁ ଗଢ଼ା ହେଉଛି କେତେ କେତେ ଆଇନ। ସେ ଶକ୍ତିଶ୍ରୀ ହେଉ ବା ଆତ୍ମ ପ୍ରଶିକ୍ଷଣ ଶିବିର। କିନ୍ତୁ ଯେ ପର୍ଯ୍ୟନ୍ତ ମଣିଷର ଚରିତ୍ର ନ ବଦଳିଛି ସେଠାରେ ଆଇନ କ'ଣ ବା କରିବ ? ଆମେ ଏ ପର୍ଯ୍ୟନ୍ତ ଗୋଟିଏ ଦୃଷ୍ଟାନ୍ତମୂଳକ ଦଣ୍ଡବିଧିର ବ୍ୟବସ୍ଥା କରିପାରିଲୁ ନାହିଁ, ଯାହା ଦ୍ୱାରା ଏଭଳି ଘଟଣା ଆହୁରି ତୀବ୍ର ହେବାରେ ଲାଗିଛି।

ଆଜି ଆମେ କାହାକୁ ଠକୁଛେ ? ଯେତେବେଳେ ଝିଅଟି ତା' ଦୁଃଖ ଜଣାଉଛି ସେତେବେଳେ ଆମେ ଚୁପ୍ ରହୁଛେ, ତାକୁ ହତାଦାର କରୁଛେ, ସଂସ୍କୃତି ନାମରେ ତାକୁ କଟୁଭାଷା ପ୍ରୟୋଗ କରି ବଞ୍ଚିବାର ଅଧିକାରକୁ ଛଡ଼ାଇ ନେଉଛେ, ଅଥଚ ମୃତ୍ୟୁ ପରେ ବହୁତ ଅଭିନୟ କରୁଛେ। ଆହୁରି ମଧ୍ୟ କେତେଟା ଟଙ୍କା ଦେଇ ତା'ର ମୂଲ୍ୟ ନିର୍ଦ୍ଧାରଣ କରୁଛେ। ଏହା କ'ଣ ନ୍ୟାୟ ବ୍ୟବସ୍ଥା ? ଟଙ୍କା କେବେ କୌଣସି କନ୍ୟାର ମୂଲ୍ୟ ନିର୍ଦ୍ଧାରଣ ନ କରୁ। କଥା ହେଉଛି ଝିଅଟି ବଞ୍ଚିଥିବା ବେଳେ ଆମେ ତାକୁ ମାନସିକ ନିର୍ଯାତନା ଦେଉଛେ, ଅଥଚ ମରିଗଲା ପରେ ତତ୍ପରତା ପ୍ରକାଶ କରୁଛେ। ଯଦି ଏହିପରି ସୌମ୍ୟାଶ୍ରୀ ଓ ପୁରୀ ଜିଲା ବଳଙ୍ଗାର ଏମ୍ସରେ ଚିକିତ୍ସିତ ହେଉଥିବା ନାବାଳିକା ନ୍ୟାୟ ପାଇଁ ଆର୍ତ୍ତ ଚିତ୍କାର କରନ୍ତି, ଆଉ ଆମେ ଯଦି ନୀରବ ରହିବା ତେବେ ଇତିହାସ ଆମକୁ କଦାପି କ୍ଷମା ଦେବନାହିଁ। କେବଳ ସୌମ୍ୟାଶ୍ରୀ ନୁହନ୍ତି କି ଏମ୍ସରେ ଚିକିତ୍ସିତ ହେଉଥିବା ନାବାଳିକା ନୁହନ୍ତି, ଆମ ରାଷ୍ଟ୍ରର ଆଗରୁ ଅନେକ କନ୍ୟା ଏପରି ଯୌନ ନିର୍ଯାତନାର ଶିକାର ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ସେମାନଙ୍କୁ ସୁରକ୍ଷା ଦେବା ଗୋଟିଏ ରାଷ୍ଟ୍ରର ପ୍ରଧାନ ଓ ପ୍ରମୁଖ ଦାୟିତ୍ୱ।

ଏବେ ସରକାର ଅନେକ ପଦକ୍ଷେପ ନେଇଛନ୍ତି, ଯାହା ଛାତ୍ରୀମାନଙ୍କ ଆତ୍ମସମ୍ମାନ ସହ ବଞ୍ଚିବା ପାଇଁ ସହାୟକ ହେବ, ଏଥିରେ ସନ୍ଦେହ ନାହିଁ। କେବଳ ଯୋଜନା କିମ୍ବା ଆଇନ ବଦଳି ଗଲେ ଏ ସମସ୍ୟାର ସମାଧାନ ହେବ ନାହିଁ, ଏହା କେତେଦୂର ସୁଚାରୁ ରୂପରେ କାର୍ଯ୍ୟକାରୀ ହେବ ତାହା ନିର୍ଭର କରେ ଯୋଜନାର ଫଳବତୀ ଉପରେ। ଯୋଜନାକୁ କାର୍ଯ୍ୟକାରୀ କରିବା କେବଳ ସରକାରଙ୍କର ନୁହେଁ, ତାହା ଆମ ସମସ୍ତଙ୍କର ଦାୟିତ୍ୱ। ଯେଉଁଦିନ ଭାରତବର୍ଷର ପ୍ରତ୍ୟେକ କନ୍ୟାରତ୍ନ ସ୍ୱାଭିମାନ, ଆତ୍ମମର୍ଯ୍ୟାଦା ତଥା ନିର୍ଭୀକତାର ସହ ବଞ୍ଚିବାର ଅଧିକାର ପାଇବେ ସେହିଦିନ ଦାବି କରିବା ଆମେ ଏ ଭାରତବର୍ଷର ଉପଯୁକ୍ତ ଦାୟାଦ।

**ରଘୁନାଥଜୀଉ ମହାବିଦ୍ୟାଳୟ, ଦେଉଳସାହି, କଟକ**

**ମୋ: ୭୮୪୬୯୨୧୪୦୦**

## ଚିରନ୍ତନୀ

ସୂକ୍ଷ୍ମ ତବ ପରଶ ଲାଗୁ
ରୁକ୍ଷ ଏହି ଭବେ
ମର୍ମରିତ ମଞ୍ଜୁ ଧ୍ୱନି
ପଲ୍ଲବେ ପଲ୍ଲବେ ।
ସକଳ ଧରା ଅଙ୍ଗେ ମହା
କମ୍ପନ ହେ କମ୍ପନ
ପଉଷ–ଶେଷ ସନ୍ଧ୍ୟା ଘେନ
ବନ୍ଦନ !

–(ପଉଷ ସନ୍ଧ୍ୟା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପେନ୍‌ସନଭୋଗୀଙ୍କ ଦୁଃଖ

ମହାଶୟ,

ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଲକ୍ଷାଧିକ ବରିଷ୍ଠ ଓ ଅତିବରିଷ୍ଠ ପେନ୍‌ସନଭୋଗୀଙ୍କର ୨୦୨୧ ଜାନୁଆରୀଠାରୁ ୨୦୨୨ ଜୁନ୍ ଅଠର ମାସର କରୋନାକାଳୀନ ମହଙ୍ଗାଭତ୍ତା ମିଳିପାରିନାହିଁ। ସେଥିଯୋଗୁ ସେମାନେ ଦାରିଦ୍ର୍ୟର କଷାଘାତ ତଥା ଅନ୍ୟାନ୍ୟ କାରଣବଶତଃ ବାର୍ଦ୍ଧକ୍ୟ, ନିଃସଙ୍ଗତା ଏବଂ ଅସହାୟ ବୋଧତାର ଶିକାର ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ସେମାନଙ୍କର ଏପରି ଦୁଃସ୍ଥିତି ସମୟରେ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସମ୍ବେଦନଶୀଳ ଦୃଷ୍ଟି ଆକର୍ଷଣ କରୁଛି । ଆଶା କରେ, ସେମାନେ ଏ ସମ୍ପର୍କରେ ବିହିତ ପଦକ୍ଷେପ ଗ୍ରହଣ କରିବେ ।

**–ଧରଣୀଧର ନାୟକ, ଅତି ବୟସ୍କ ପେନ୍‌ସନଭୋଗୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀଙ୍କୁ ଏମ୍‌ପିଙ୍କ ପତ୍ର

ଢେଙ୍କାନାଳ,୩୧।୭(ରତନ ନାୟାର)

ଢେଙ୍କାନାଳ-ଅନୁଗୋଳ ଦେଇ ଯାଇଥିବା କଟକ-ସମ୍ବଲପୁର ଜାତୀୟ ରାଜପଥର ଉନ୍ନତିକରଣ କାର୍ଯ୍ୟ ତୁରନ୍ତ ସମ୍ପୂର୍ଣ୍ଣ କରିବା ପାଇଁ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ଲୋକସଭାରେ ବାରମ୍ବାର ଦୃଷ୍ଟି ଆକର୍ଷଣ କରିବା ସହିତ ଗୁରୁବାର କେନ୍ଦ୍ର ସଡକ ପରିବହନ ମନ୍ତ୍ରୀ ନୀତିନ ଗଡକରୀଙ୍କୁ ପୁନର୍ବାର ଏକ ପତ୍ର ଲେଖିଛନ୍ତି । ୨୦୧୭ରେ ଏହି ରାଜପଥର ଉନ୍ନତିକରଣ କାର୍ଯ୍ୟକୁ କେନ୍ଦ୍ର ସଡକ ପରିବହନ ମନ୍ତ୍ରୀ ଶୁଭ ଦେଇଥିଲେ । ୫୫ନଂ ଜାତୀୟ ରାଜପଥର ଉନ୍ନତିକରଣ କାର୍ଯ୍ୟ ତୁରନ୍ତ ସାରିବା ପାଇଁ ୨୦୨୪ ଡିସେମ୍ବର ୪ରେ ଏମ୍‌ପି ରୁଦ୍ର ନାରାୟଣ ପାଣି ଲୋକସଭାର ଶୂନ୍ୟକାଳରେ ପ୍ରସଙ୍ଗକୁ ଉଠାଇଥିଲେ । ଏଥିସହିତ ଗତ ୧୭.୦୪.୨୦୨୫ରେ ସେ ଭୁବନେଶ୍ୱରଠାରେ କେନ୍ଦ୍ର ସଡକ ପରିବହନ ମନ୍ତ୍ରୀଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ରାଜପଥର ଉନ୍ନତିକରଣ କାର୍ଯ୍ୟକୁ ତୁରନ୍ତ ସାରିବା ପାଇଁ ପତ୍ର ମାଧ୍ୟମରେ କେନ୍ଦ୍ର ସଡକ ପରିବହନ ମନ୍ତ୍ରୀଙ୍କୁ ଅବଗତ କରିଛନ୍ତି ।

# ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

**ସହଯୋଗ କରିଥିବା ଅଭିଯୁକ୍ତଙ୍କ ମା' ବାପାଙ୍କୁ ୫ବର୍ଷ କାରାଦଣ୍ଡ**

ଅନୁଗୋଳ,୩୧।୭(ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ଫାଷ୍ଟଟ୍ରାକ୍ କୋର୍ଟ ବିଚାରପତି ବିରଞ୍ଚି ନାରାୟଣ ମିଶ୍ର ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତ ବନ୍ତଲା ଥାନା ଅଞ୍ଚଳର ରଞ୍ଜିତ ବାରିକଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ସହଯୋଗ କରିଥିବା ଅଭିଯୁକ୍ତଙ୍କ ମା' ଜୟନ୍ତୀ ବାରିକ ଓ ବାପା ରଞ୍ଜନ ବାରିକଙ୍କୁ ୫ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି। ମାମଲାରୁ ପ୍ରକାଶ, ବଁଶପାଳ ଅଞ୍ଚଳର ଜଣେ ନାବାଳିକା ମାମୁ ଘରେ ରହି ପଢୁଥିଲେ। ୨୦୨୨ ଫେବୃଆରୀ ୨୫ ରାତିରେ ଅଭିଯୁକ୍ତ ରଞ୍ଜିତ ସମ୍ପୃକ୍ତ ନାବାଳିକାଙ୍କୁ ପ୍ରଲୋଭନ ଦେଖାଇ ଘରକୁ ଉଠାଇ ନେଇ ବଳାତ୍କାର କରିଥିଲେ। ଏହା ଜାଣିବା ପରେ ନାବାଳିକାଙ୍କ ପରିବାର ଲୋକେ ଅଭିଯୁକ୍ତଙ୍କ ଘରକୁ ଯାଇ ପଚରାଉଚରା କରିବା ବେଳେ ଅଭିଯୁକ୍ତଙ୍କ ବାପା ରଞ୍ଜନ ଓ ମା' ଜୟନ୍ତୀ ଏବଂ ଭାଇ ସୁଜିତ ବାରିକ ସେମାନଙ୍କୁ ଆକ୍ରମଣ କରିବାକୁ ଗୋଡ଼ାଇଥିଲେ। ଏଥିସହ ନାବାଳିକାଙ୍କୁ ଘରେ ତାଲା ପକାଇ ନିଆଁ ଲଗାଇ ପୋଡ଼ି ମାରିଦେବା ପାଇଁ ଧମକ ଦେଇଥିବା ସମ୍ପର୍କରେ ନାବାଳିକାଙ୍କ ପରିବାର ଲୋକେ ବନ୍ତଲା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ରଞ୍ଜିତ ଓ ତାଙ୍କ ମା' ବାପାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲାର ବିଚାର କରି ଫାଷ୍ଟଟ୍ରାକ୍ କୋର୍ଟ ଜଜ୍ ଅଭିଯୁକ୍ତ ରଞ୍ଜିତ ଓ ତାଙ୍କ ମା' ବାପାଙ୍କୁ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଥିଲେ। ଏଥିସହ ପୀଡ଼ିତାଙ୍କୁ ୫ଲକ୍ଷ ଟଙ୍କା ଅନ୍ତର୍ବୃତ୍ତୀକାଳୀନ ଅର୍ଥ ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସରକାରଙ୍କ ପକ୍ଷରୁ ଅତିରିକ୍ତ ପି.ପି. ପ୍ରଦୀପ କୁମାର ଭୂଇଁଆ ମାମଲା ପରିଚାଳନା କରିଥିଲେ।

# ନାତୁଣୀକୁ ଖେଳାଇବା ବେଳେ ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ



କାମୁଡ଼ି ଦେଇଥିବା ସାପକୁ ଉଦ୍ଧାର କରାଯାଉଛି

ଢେଙ୍କାନାଳ,୩୧।୭(ରତନ ନାୟାର)

ଢେଙ୍କାନାଳ ଜିଲା କଂସାବନ୍ଧିଆ ଥାନା ଶିବପୁର ଗ୍ରାମରେ ସପ କାମୁଡ଼ାରେ କୁସୁମ ଭୋଇ(୫୫)ଙ୍କ ନାମକ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଗୁରୁବାର ମଧ୍ୟାହ୍ନ ଭୋଜନ ସାରି ଶିବପୁର ଗ୍ରାମର କୁସୁମ ନିଜଘର ଭିତରେ ବିଶ୍ରାମ ନେବା ସହିତ ଛୋଟ ନାତୁଣୀକୁ ଖେଳାଉଥିଲେ। ଏକ ବଡ଼ ନାଗସାପ କେଉଁଆଡୁ ଆସି କୁସୁମଙ୍କ ବାମଗୋଡ଼ ଆଣ୍ଠୁ ତଳ ପୁଡ଼ିଆକୁ କାମୁଡ଼ି ଧରିଥିଲା। ସାପ କାମୁଡ଼ିବାର ଦେଖି କୁସୁମ ଚିତ୍କାର କରି ଉଠିଥିଲେ । କିଛି ବୁଝିବା ପୂର୍ବରୁ ସେହିଠାରେ ଢଳି ପଡ଼ିଥିଲେ। ପରିବାର ଲୋକମାନେ ସଙ୍ଗେ ସଙ୍ଗେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଯାଇଥିଲେ । ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଶୁକ୍ରବାର ସକାଳେ ଶବ ବ୍ୟବଚ୍ଛେଦ କରାଯିବ ବୋଲି ଡାକ୍ତର କହିଛନ୍ତି। ଅସମୟରେ ଘରର ମୁଖ୍ୟ ପୁରବୀଙ୍କର ସପ କାମୁଡ଼ାରେ ମୃତ୍ୟୁ ଯୋଗୁ ଅସହାୟ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ପରିବାର ଓ ଗ୍ରାମବାସୀ ଦାବି କରିଛନ୍ତି। ସାପଟିକୁ ସାପ ଉଦ୍ଧାରକାରୀଙ୍କୁ ଡାକି ଧରିଛନ୍ତି।

# କ୍ରୀଡ଼ା ଶିକ୍ଷୟିତ୍ରୀଙ୍କୁ ଅବସର ସମ୍ବର୍ଦ୍ଧନା



ସାତମାଇଲ,୩୧।୭(ସୁଶାନ୍ତ ପତି)

ହିନ୍ଦୋଳ ବ୍ଲକ ଗୁରୁପାଳ ଜନତାରାଜ ସରକାରୀ ଉଚ୍ଚ ବିଦ୍ୟାଳୟ କ୍ରୀଡ଼ା ଶିକ୍ଷୟିତ୍ରୀ ଗାୟତ୍ରୀ ପଟ୍ଟନାୟକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମୋ ସ୍କୁଲ ଅଭିଯାନର ସଭାପତି ରବିକାନ୍ତ ଗଡ଼ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ମିଶ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ଝୁନୁ ପଣ୍ଡା, ସମାଜସେବୀ ପୁଷ୍ପାଞ୍ଜଳି ମିଶ୍ର, ସୁକାନ୍ତି ରାଉତ, ଶିକ୍ଷୟିତ୍ରୀ ବେଲେରିକା ଧର, ପ୍ରଦ୍ୟୁମ୍ନ କୁମାର ସାମଲ, ସୋନାଲି ଚୌଧୁରୀ, ଜଗେଶ୍ୱର ସାହୁ, ଶରତ ଚନ୍ଦ୍ର ମହାପାତ୍ର, ଗୁରୁବାଳ ପ୍ରଧାନ ଓ କ୍ଷିରୋଦ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଅତିଥି ବୃନ୍ଦ କ୍ରୀଡ଼ା ଶିକ୍ଷୟିତ୍ରୀ ଗାୟତ୍ରୀ ପଟ୍ଟନାୟକଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ।

# ଗଣେଶ ପୂଜା ଚାନ୍ଦା ନାମରେ ଗାଡ଼ିଗୁଡ଼ିକୁ ଜୁଲମ

ପରଜଙ୍ଗ, ୩୧।୭
(ନିଗମାନନ୍ଦ ଦଳବେହେରା)

ଆଗକୁ ପାର୍ବଣ ଋତୁ ଆସୁଥିବାରୁ ଏବେଠାରୁ କିଛି ଜାଗାରେ ଚାନ୍ଦା ଆଦାୟ ଆରମ୍ଭ ହୋଇଗଲାଣି। ଢେଙ୍କାନାଳ ଜିଲା ପରଜଙ୍ଗ କୁଆଲୋ ପଞ୍ଚାୟତ ରେଙ୍ଗାଳି ବାମ କେନାଲ ରାସ୍ତାର କୁଆଲୋ ଯାତ୍ରା ପଡିଆ, ଦଳିତ ବସ୍ତି ଅଞ୍ଚଳରେ ପ୍ରତ୍ୟେକ ଦିନ ଛୋଟ ବଡ ଗାଡ଼ିଗୁଡ଼ିକୁ ଅଟକାଇ ବେଆଇନ ଭାବେ ଗଣେଶ ପୂଜା ଚାନ୍ଦା ଆଦାୟ କରାଯାଉଥିବା ଅଭିଯୋଗ ହେଉଛି। ଜାତୀୟ ରାଜପଥରେ ଟୋଲଗେଟ ପଡୁଥିବାରୁ ଅଧିକାଂଶ ଗାଡ଼ି ଉକ୍ତ ପୂର୍ତ୍ତ ବିଭାଗ ରାସ୍ତାରେ ଯାଉଛନ୍ତି। କିନ୍ତୁ ଚାନ୍ଦା ଆଦାୟକାରୀ ଯୁବକମାନେ ଆମ ଗାଁ ରାସ୍ତା କହି ଚାନ୍ଦା ଦେଉନଥିବା ଗାଡ଼ି ମାଲିକ କିମ୍ବା ଡ୍ରାଇଭରମାନଙ୍କୁ ବିଭିନ୍ନ ପ୍ରକାର ଧମକ ଚମକ ଦେବା ସହ ଗାଡ଼ିଗୁଡ଼ିକୁ ଛିଡା କରାଇ ଦେଉଛନ୍ତି। ନଚେତ ପଛକୁ ଫେରିଯିବା ପାଇଁ କହୁଛନ୍ତି। ଯଦି କେହି ଗାଡ଼ି ମାଲିକ ଏହାକୁ ବିରୋଧ କରି ଥାନାକୁ ଯିବାକୁ କହୁଛନ୍ତି ତାଙ୍କୁ ମାଡ ମାରିବାକୁ ଧମକ ଦେବା ସହ ଯାଅ ଥାନାରେ ଅଭିଯୋଗ କରିବ ବୋଲି ଓଲଟି ଧମକ ଦେଉଛନ୍ତି। ଏମିତିକି କିଛି ଗାଡି ମାଲିକ ଏହାର ଭିଡିଓ ଉତ୍ତୋଳନ କରି ସୋସିଆଲ ମିଡ଼ିଆରେ ମଧ ଛାଡୁଥିବାରୁ ଦେଖିବାକୁ ମିଳୁଛି। ବେଆଇନ ଚାନ୍ଦା ଆଦାୟ କରୁଥିବା ଯୁବକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ଏ ବିଷୟରେ ପରଜଙ୍ଗ ଥାନାଧିକାରୀ ଧିରେନ କୁମାର ବେହେରା କୁହନ୍ତି ଭିଡିଓରେ ଥିବା ଯୁବକମାନଙ୍କ ଘରକୁ ଯାଇ ପୋଲିସ ତାଗିଦ କରିଆସିଛି। ଯଦି ପୁନର୍ବାର ଏଭଳି କରନ୍ତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ଯେଉଁଠୁ ଚାନ୍ଦା ଆଦାୟ ଖବର ଆସିବ ତୁରନ୍ତ ପୋଲିସ ସେମାନଙ୍କୁ ଧରି ମାମଲା ରୁଜୁ କରି କୋର୍ଟ ଚାଲାଣ କରିବ। ତେଣୁ କୌଣସି ବ୍ୟକ୍ତି ଯେମିତି କେଉଁ ଠାରେ ଚାନ୍ଦା ଆଦାୟ ନ କରିବାକୁ ପୋଲିସ ଚେତାବନୀ ଦେଇଛି ।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା



ବଇଣ୍ଡା,୩୧।୭ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ଜନତା ମହାବିଦ୍ୟାଳୟର ଅଧ୍ୟକ୍ଷ କାଳନ୍ଦୀ ଚନ୍ଦ୍ର ପ୍ରଧାନ ଗୁରୁବାର ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ମହାବିଦ୍ୟାଳୟ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷ ଅସିତ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ରବି ନାରାୟଣ ବେହେରା, ଚନ୍ଦ୍ର ଶେଖର ସିଂ, କାଳିଆ ସେଠୀ, ନିରଞ୍ଜନ ଦାସ, ହାଡ଼ିବନ୍ଧୁ ପ୍ରଧାନ, ପ୍ରକାଶ କୁମାର ଗମାଙ୍ଗ, ଲିପୁ ସେନାପତି, ଶୁଭଲକ୍ଷ୍ମୀ ମାଝୀ, ସନ୍ଧ୍ୟାରାଣୀ ରାଉଳ, ମଧୁସ୍ମିତା ବେହେରା, ମଧୁସ୍ମିତା ସାହୁ, ଆଦ୍ୟାଶା ପ୍ରଧାନ, ସୋନାଲି ପ୍ରଧାନ ପ୍ରମୁଖ ଯୋଗଦେଇ ଅଧ୍ୟକ୍ଷଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧନା ଦେଇଥିଲେ।

# ଗଣେଶ ବେହେରାଙ୍କୁ ଅନୁଗୋଳ ଜିଲା ଅଭିଯୋଜନ ନିର୍ଦ୍ଦେଶାଳୟର ଅତିରିକ୍ତ ଦାୟିତ୍ୱ

ଢେଙ୍କାନାଳ,୩୧।୭(ରତନ ନାୟାର)

ଢେଙ୍କାନାଳ ଜିଲା ଅଭିଯୋଜନ ନିର୍ଦ୍ଦେଶାଳୟର ଉପ ନିର୍ଦ୍ଦେଶକ ଗଣେଶ କୁମାର ବେହେରାଙ୍କୁ ଅନୁଗୋଳ ଜିଲା ଅଭିଯୋଜନ ନିର୍ଦ୍ଦେଶାଳୟର ଉପ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଗୁରୁବାର ପ୍ରଦାନ କରାଯାଇଛି । ଅନୁଗୋଳ ଜିଲା ଅଭିଯୋଜନ ନିର୍ଦ୍ଦେଶାଳୟର ଉପ ନିର୍ଦ୍ଦେଶକ ପ୍ରଦୀପ କୁମାର ଦାସଙ୍କର ଅବସର ଗ୍ରହଣ କରିବା ପରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଗଣେଶ ବେହେରାଙ୍କୁ ଏହି ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି । ୨୦୨୪ ଜୁଲାଇ ୧ ତାରିଖରୁ ଦେଶରେ କାର୍ଯ୍ୟକାରୀ ହେଉଥିବା ତିନି ନୂଆ ଆଇନ ତଥା ଭାରତୀୟ ନାଗରିକ ସୁରକ୍ଷା ସଂହିତା ଅନୁସାରେ ଦେଶର ପ୍ରତ୍ୟେକ ଜିଲାରେ ଅଭିଯୋଜନ ନିର୍ଦ୍ଦେଶାଳୟ ପ୍ରତିଷ୍ଠା କରାଯାଇଛି । ପୋଲିସର ତଦନ୍ତ ପରେ ସଠିକ୍ ଅଭିଯୋଗପତ୍ର ପ୍ରକୃତ ଅପରାଧୀ ବିରୁଦ୍ଧରେ ଦାଖଲ କରିବା ସହ ପୀଡିତାଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବା ଏବଂ ପ୍ରକୃତ ଅପରାଧୀ ଯେପରି ଖଲାସ ନହେଲେ ସେଥିପାଇଁ ଅତ୍ୟନ୍ତ ଯତ୍ନବାନ ହୋଇ କାର୍ଯ୍ୟ କରିବା ଏହି ଅଭିଯୋଜନ ନିର୍ଦ୍ଦେଶାଳୟର ଲକ୍ଷ୍ୟ ବୋଲି ସେ ସୂଚନା ଦେଇଥିଲେ । ଓଡିଶାରେ ୩୦ଟି ଜିଲାରେ ଅଭିଯୋଜନ ନିର୍ଦ୍ଦେଶାଳୟ କାର୍ଯ୍ୟ କରୁଛି ବୋଲି ସେ ସୂଚନା ଦେଇଛନ୍ତି।

# ମନ୍ତ୍ରୀଙ୍କ ସତ୍ୟପାଠ ସୋସିଆଲ ମିଡିଆରେ ଭାଇରାଲ

**ଜମି ପ୍ରଦାନ ନେଇ ମନ୍ତ୍ରୀଙ୍କୁ ଠକେଇ ମାମଲା**

ଢେଙ୍କାନାଳ,୩୧।୭(ରତନ ନାୟାର)

ଢେଙ୍କାନାଳ ବିଧାୟକ ତଥା ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଜମି ପ୍ରଦାନ କରିବାକୁ କହି ୨୫ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ସଦର ଥାନା ବଣସିଂହ ଗ୍ରାମର ନିରଞ୍ଜନ ଶତପଥୀ ନାମକ ଜଣେ ବ୍ୟକ୍ତି ଗିରଫ ହୋଇ ଜାମିନରେ ଖଲାସ ହୋଇଛନ୍ତି । ଏହି ଘଟଣା ପରେ ଉକ୍ତ ଜମି କିଣାକୁ ନେଇ ମନ୍ତ୍ରୀ ନିର୍ବାଚନ ସତ୍ୟପାଠରେ କୌଣସି ସୂଚନା ଦର୍ଶାଇ ନଥିବା ସମ୍ପର୍କରେ ସୋସିଆଲ ମିଡିଆରେ ଗୁରୁବାର ଭାଇରାଲ ହେବାରେ ଲାଗିଛି । ୨୦୧୯ରୁ ୨୦୨୪ ମଧ୍ୟରେ ସମୁଦାୟ ୨୦ଲକ୍ଷ ଟଙ୍କାର ରୋଜଗାର ସମ୍ପର୍କରେ ସେ ଆୟକର ବିଭାଗରେ ସତ୍ୟପାଠ ଦାଖଲ କରିଥିବା ବେଳେ ୨୦୧୩ଠାରୁ କୌଣସି ଜମି ଅଧିଗ୍ରହଣ ବା କ୍ରୟ କରିନଥିବା ଦର୍ଶାଇଥିବା ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ଏହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ଏ ସଂକ୍ରାନ୍ତରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ତାଙ୍କ ମୋବାଇଲ ନଂ–୯୪୩୭୩୩୨୨୦୦ରେ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ଉତ୍ତର ମିଳିପାରିନାହିଁ।

# ମ୍ୟାଲେରିଆରେ ଜଣେ ମୃତ, ୨ ମାସରେ ୧୫ ଆକ୍ରାନ୍ତ

ଛେଣ୍ଡିପଦା,୩୧।୭(ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକରେ ବଢୁଛି ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା। ଇତିମଧ୍ୟରେ ଆକ୍ରାନ୍ତ ଜଣେ ୧୩ ବର୍ଷୀୟା ନାବାଳିକାଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ପରିବାର ୨ ଜଣ ସଦସ୍ୟ ଆକ୍ରାନ୍ତ ହୋଇଛନ୍ତି। ଏଥିସହ ୨ ମାସ ମଧ୍ୟରେ ୧୫ ଜଣ ମ୍ୟାଲେରିଆରେ ଆକ୍ରାନ୍ତ ହୋଇଥିବା ସୂଚନା ମିଳିଛି। ପ୍ରକାଶ ଯେ, ଛେଣ୍ଡିପଦା ବ୍ଲକର ଜରିପାଳ, କର୍ଣ୍ଣପାଳ, ନୂଆଗାଁ, କଣଲୋଇ, ଦୁର୍ଗାପୁର, ପୁଟଗାଡ଼ିଆ ଆଦି ଗ୍ରାମରେ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଗତ ୨୨ ତାରିଖରେ ବରପଦାର ଧନେଶ୍ୱର ନାୟକଙ୍କ ୧୩ ବର୍ଷର ଝିଅ ଗୀତାଞ୍ଜଳି ନାୟକଙ୍କୁ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ ଅନୁଗୋଳ ଓ ପରେ କଟକ ପଠାଇ ଦିଆଯାଇଥିଲା। ସେଠାରେ ଗୋଟିଏ ଦିନର ଚିକିତ୍ସା ପରେ ତାଙ୍କର ମୃତ୍ୟୁ ହୋଇଥିଲା। ଝିଅର ମୃତ୍ୟୁକୁ ନେଇ ପରିବାର ଲୋକ ଭାଙ୍ଗି ପଡ଼ିଥିବା ବେଳେ ତାଙ୍କ ପରିବାର ୨ଜଣ ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ପ୍ରଶାସନ ପକ୍ଷରୁ ମ୍ୟାଲେରିଆ ନିରାକରଣ ନେଇ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ରୋଗୀ ସଂଖ୍ୟା ବଢ଼ି ଚାଲିଥିବା ଗ୍ରାମର କୁମୁଦ ପ୍ରଧାନ ଅଭିଯୋଗ କରିଛନ୍ତି। ପ୍ରଶାସନ ପକ୍ଷରୁ ମୃତକଙ୍କ ପରିବାରକୁ ସହାୟତା ଯୋଗାଇବା ପାଇଁ ଗ୍ରାମ କମିଟି ସଭାପତି ଅଙ୍ଗଦ ନାୟକ ଦାବି କରିଛନ୍ତି ।


**ଦ.ପୂ. ରେଳପଥ – ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏମ୍-୪୧-ଆର୍‌ଟିଟି-ଆର୍‌ଏନ୍‌ସି-୬୧, ତାରିଖ: ୨୯।୦୭।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ଯାନ୍ତ୍ରିକ ଯନ୍ତ୍ରୀ, ଦକ୍ଷିଣ ପୂର୍ବ ରେଳପଥ, ରାଞ୍ଚି–୮୩୪୦୦୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି । **କାର୍ଯ୍ୟର ନାମ:** ତିନିବର୍ଷ ଅବଧି ପାଇଁ ୱାଶିଂ ଲାଇନ୍/ହାଟିଆ, ହାଟିଆ ଷ୍ଟେଶନ ଓ ରାଞ୍ଚି ଷ୍ଟେଶନଠାରେ ରାଉଣ୍ଡ ଟ୍ରିପ୍ ଟ୍ରେନ୍‌ଗୁଡ଼ିକର ଆଭ୍ୟନ୍ତରୀଣ ସଫେଇ, କୋଚ୍‌ଗୁଡ଼ିକର ୱାଟରିଂ ଏବଂ ଲକିଂ/ଅନ୍‌ଲକିଂ ତଥା କୋଚିଂ ଡିପୋ/ହାଟିଆଠାରେ ଡିପୋ ପରିସରର ଯାନ୍ତ୍ରିକ ସଫେଇ ସମେତ ରାଞ୍ଚି ଷ୍ଟେଶନଠାରେ ଟ୍ରେନ୍ ନଂ.୨୨୩୫୦/୪୯ରେ ୧୪–ମିନିଟ୍‌ର ମିରାକଲ୍ କ୍ଲିନିଂ ଓ ସିଟିଏସ୍ ପ୍ରତି ଧ୍ୟାନ । **କାର୍ଯ୍ୟର ଆନୁମାନିକ ମୂଲ୍ୟ (ଜିଏସ୍‌ଟି ସମେତ):** ₹୨୧,୦୮,୨୫,୩୦୮.୭୧ । **ଅମାନତ ରାଶି:** ₹୧୨,୦୪,୧୦୦/– । **ଇ-ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୨୨।୦୮।୨୦୨୫ରିଖ ୧୫.୦୦ ଘଟିକା । **ୱେବ୍‌ସାଇଟ୍ ସବିଶେଷ ଓ ବିବରଣୀ:** www.ireps.gov.in । (PR-462)

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-AMC-UFSBI-484, ତା.26.07.2025ରିଖ

**କାର୍ଯ୍ୟର ନାମ :** 36(ଛତିଶି) ମାସ ଅବଧି ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ବିଭିନ୍ନ ଷ୍ଟେସନଗୁଡ଼ିକଠାରେ DELTRON ଦ୍ୱାରା ନିର୍ମିତ UFSBI ପ୍ରଣାଳୀ ନିମନ୍ତେ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ବ୍ୟବସ୍ଥା ।

**ଟେଣ୍ଡର ମୂଲ୍ୟ(ଟଙ୍କାରେ):** 1,03,78,623.36, EMD (ଟଙ୍କାରେ) : 2,01,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/-।

ବିଡ୍ ଆରମ୍ଭ ହେବା ତାରିଖ : ତା. 04.08.2025 ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.18.08.2025 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ଼ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ଼

PR-421/Q/25-26

GOVERNMENT OF ODISHA
**OFFICE OF THE SUPERINTENDING ENGINEER RURAL WORKS DIVISION, KENDRAPARA**
(eerw_kpd@yahoo.com)

Cancellation Notice to Tender Call Notice No. - Tender Online RWD/KPD - 02 of 2025-26, Dated: 22.07.2025

No. O-519: Due to Administrative Ground, the fore mentioned tender call notice is cancelled.

Sd./- Suraj Biswal
Superintending Engineer
OIPR-25064/11/0023/2526 Rural Works Division, Kendrapara

GOVERNMENT OF ODISHA
**OFFICE OF THE SUPERINTENDING ENGINEER RURAL WORKS DIVISION, KENDRAPARA**
(eerw_kpd@yahoo.com)

Cancellation Notice to Tender Call Notice No. - Tender Online RWD/KPD - 01 of 2025-26, Dated: 17.07.2025

No. O-518: Due to Administrative Ground, the fore mentioned tender call notice is cancelled.

Sd./- Suraj Biswal
Superintending Engineer
OIPR-25064/11/0021/2526 Rural Works Division, Kendrapara

ସମଗ୍ର ଶିକ୍ଷା / समग्र शिक्षा / Samagra Shiksha

**ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ନବରଙ୍ଗପୁର-୭୬୪୦୫୯**
Ph.- (06858) - 222568 (Off), E-mail : dpcnawrangssa.opepa@nic.in

No. 1619/IE/2025 NOTICE INVITING TENDER (NIT) Date : 21.07.2025

Sealed tenders are invited from the reputed & credible firms / agencies for supply Equipments, TLMs & Furniture for Saksham Resource Centre for the CwSN at PM SHRI Schools of Nabarangpur District in two bid systems (Technical & Commercial Bid) as detailed below.

| Name of the Tender | Bid processing fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Supply of Equipments, TLMs & Furniture for Saksham Resource Centre for the CwSN | 2500/- | 80,000/- | 18.08.2025 5:30 P.M. | 19.08.2025 11:00 A.M. |

The detailed BID document is available in the website www.ospea.odisha.gov.in & www.nabarangpur.odisha.gov.in. Interested and eligible agency / firm may download BID DOCUMENT from the above website and apply accordingly. Corrigendum / addendum, if required will be uploaded in the above website. Hence potential bidders are requested to be in continuous touch with the above website.

The Tender Inviting Authority (TIA) reserves the right to accept / reject any full or part / all BID / cancel the entire selection process at any stage without assigning any reason thereof.

Sd./- District Project Coordinator
Samagra Shiksha, Nabarangpur

**कार्यालय, कार्यपालन अभियंता**
**वि./यां. लाईट मशीनरी नलकूप एवं गेट संभाग, बिलासपुर (छ.ग.)**

**निविदा निरस्तीकरण आदेश**

पत्र क्र. /व.ले.लि/2025-26 बिलासपुर, दिनांक ................

छत्तीसगढ़ शासन जल संसाधन विभाग मंत्रालय महानदी भवन, नवा रायपुर, अटल नगर रायपुर के पत्र क्र. 3314/एफ-7-104/31/एस-2/2025 (निविदा) दिनांक 29.07.2025 के परिपालन में इस कार्यालय के निविदा सूचना क्र. 16/व.ले.लि./2024-25 दिनांक 24.03.2025 रायगढ़ जिले (सारंगढ़-बिलाईगढ़) के विकासखण्ड बरमकेला अंतर्गत सांकरा मेगा उद्वहन सिंचाई परियोजना का निर्माण कार्य (द्वितीय आमंत्रण) निविदा सिस्टम क्र. 166246 को निविदा में प्रतिस्पर्धा का अभाव एवं निविदा-दर वर्तमान में प्राप्त हो रहे निविदा दर रूझानों के अनुरूप न होने के कारण निविदा निरस्त किया जाता है।

विज्ञापन क्र. जी-242506130/6 दिनांक 25.03.2025

स्वा:/- कार्यपालन अभियंता
वि./यां. लाईट मसीनारी नलकूप एवं गेट संभाग, सकरी, बिलासपुर (छ.ग.)

G-252602481/5

Estd. 2010
**SUIIT**
Sambalpur University Institute of Information Technology
(An Autonomous Constituent Unit of the Sambalpur University in the line of IIITs)
Accredited by NAAC with 'A' Grade, Approved by AICTE
Advt. No:1182/SUIIT Dt:31/07/2025

**SPOT ADMISSION : 2025-26**

All categories (Gen/OBC/SC/ST) seats for M. Tech CSE and Reserved (ST & SC) seats for MCA are available for admission in SUIIT. Interested eligible candidates are required to report the Administrative Officer, SUIIT, Jyoti Vihar, Burla on 4th August, 2025 from10:00 AM to 12.00 noon for admission. There will be an entrance examination of one hour duration for all the programmes (MCA, Non-JEE / M. Tech CSE). However, eligible candidates having OJEE rank 2025 may take admission into MCA directly. Admission will be done on the same day, as per SUIIT admission guidelines.

| Programme Name | Fees |
|---|---|
| ➢ Master of Computer Application (MCA) | Rs. 55,000.00 |
| ➢ M. Tech Computer Science & Engineering (CSE) | Rs. 72,000.00 |

Come prepared with all testimonials (in original & one set of photocopy), 5 passport size coloured photographs, CLC & Conduct certificate in original and ready to pay the amount (online payment mode) mentioned against each programme.

In addition to the above, you are required to submit amount of Rs. 500.00 (Non-Refundable, through online payment mode) towards the cost of application form.

FOR DETAILS OF ADMISSION PROCESS AND INFORMATION BROCHURE
VISIT: www.suiit.ac.in and Email- admin.office@suiit.ac.in

CONTACT NUMBERS: 9437284982 / 7381110818

Sd/-
Director, SUIIT

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, बोकारो**

**ई–निविदा आमंत्रण सूचना**

ई–पुनर्निविदा सूचना संख्या – RDD/SD/BOKARO/53/2024-25/3rd Call

1. कार्य की विस्तृत विवरणी :

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | बोकारो जिला अंतर्गत चास प्रखण्ड के तेतुलिया मौजा एवं एन०एच०–23 बारी को–ऑपरेटिव मोड़ के बीच गरगा नदी पर पुराने पुल के बगल में उच्चस्तरीय पुल निर्माण। (लम्बाई 76.18 मी०) | 40755600.00 | 815500.00 | 10000.00 | 18 माह |

2. वेबसाइट में निविदा प्रकाशन की तिथि – 08.08.2025
3. ई–निविदा प्राप्ति की तिथि एवं समय – दिनांक 08.08.2025 से दिनांक 22.08.2025 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, बोकारो।
5. ई–निविदा खोलने की तिथि एवं समय – 25.08.2025 अपराह्न 02:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, बोकारो।
7. ई–निविदा प्रकोष्ठ का दूरभाष सं० – 06542 291060 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, बोकारो

PR 358679 Rural Development(25-26)#D

Government of Jharkhand
**Department of Agriculture, Animal Husbandry & Co-Operative**
(Animal Husbandry Division)
Jharkhand Ranchi

*"Corrigendum"*

*e-Tender No. 01/2025-26 Published by PR No. 357505 Animal Husbandry (2025-26)_D*

This is with reference to Tender notice published for *Selection of Insurance Intermediaries to provide Technical and Operational Support and Overseeing effective implementation of Jharkhand Livestock and Poultry Insurance Scheme through Nationalized Insurance Company under Mukhya Mantry Pashudhan Vikas Yojna (MMPVY).* In the Pre-Bid Meeting, comments and suggestions received from the participated Intermediary Insurance Agency/Broker, the following improvements/amendments were considered in the published N.I.T. (Tender Document) :-

1. **Table Part A & B Sl. No- 02 (Work Experience in Insurance field Livestock & Poultry):-**
   - **Previous Requirement:** Working in Livestock & Poultry field for minimum 03 (Three) years (Under the Govt. Sponsored Scheme).
   - **Clarified Requirement:** Working in Livestock or Poultry field for minimum 03 (Three) years.
2. **Eligibility Criteria Sl. No.- 01 (Proof of Experience in Livestock and Poultry Field):-**
   - **Previous Requirement:** Insurance Intermediary should have been working in Livestock and Poultry field for a period of minimum 03 (Three) years (Copy of License to be provided).
   - **Clarified Requirement:** Insurance Intermediary should have been working in Livestock or Poultry field for a period of minimum 03 (Three) years (Proof for Experience to be provided).
3. **(A) Technical Evaluation Criteria Sl. No.- 03 (Number of Livestock/Poultry Insured):-**
   - **Previous Requirement:** Number of Livestock/Poultry insured over the years (Average of three years).
   - **Clarified Requirement:** Total number of Livestock or Poultry insured in three years.
4. **(A) Technical Evaluation Criteria Sl. No.- 04 (Number of Livestock/Poultry Claims Settled):-**
   - **Previous Requirement:** Number of Livestock/Poultry claims settled over the years.
   - **Clarified Requirement:** Total number of Livestock or Poultry claims settled in three years.
5. **(A) Technical Evaluation Criteria Sl. No.- 05 (Weightage of Marks for Office in Jharkhand):-**
   - **Previous Requirement:** Weightage of marks for having offices in Jharkhand is 1 marks per office for upto four offices (in different districts). For five to fourteen offices its 10 marks and for fifteen or more offices in Jharkhand its 15 marks.
   - **Modified Requirement:** Weightage of marks regarding office in Jharkhand is modified as 10 marks for one office and 15 marks for more than one office in Jharkhand.

Other than above points, in heading of Part-A and Background of Part-B of document it has been mentioned that insurance scheme through nationalized Insurance Company under MMPVY, but in the NIT document, Nationalized insurance word has not been mentioned.

So, regarding this it is to clarify that Insurance Scheme will be only through registered Insurance Company

But for the above changes all other terms and condition cited on tender notice remains same.

Director,
Animal Husbandry

PR 358645 Animal Husbandry (25-26)_D

# ଓଡ଼ିଶା ସୂଚନା ଅଧିକାର ନିୟମାବଳୀର ସଂଶୋଧନ ଜରୁରୀ

ଅକ୍ଟୋବର ୧୨, ୨୦୦୫ ମସିହାରୁ ସୂଚନା ଅଧିକାର ଆଇନ ରାଜ୍ୟରେ କାର୍ଯ୍ୟକାରୀ ହୋଇଆସୁଛି। ଏହି ଆଇନର ଧାରା ୨୭ରେ ବ୍ୟବସ୍ଥା ଅଛି ଯେ, ରାଜ୍ୟ ସରକାର ଆଇନକୁ କାର୍ଯ୍ୟକାରୀ କରାଇବା ପାଇଁ ନିୟମାବଳୀ ପ୍ରଣୟନ କରିବେ। ରାଜ୍ୟ ସରକାର ସୂଚନା ଅଧିକାର ଆଇନକୁ କାର୍ଯ୍ୟକାରୀ କରାଇବାକୁ ଯାଇ 'ଓଡ଼ିଶା ସୂଚନା ଅଧିକାର ନିୟମାବଳୀ-୨୦୦୫' ପ୍ରଣୟନ କରିଛନ୍ତି। ଏହି ନିୟମାବଳୀରେ କେତେକ ତ୍ରୁଟି ରହିବାରୁ ତା' ବିରୋଧରେ ସିଭିଲ ସୋସାଇଟି ସଙ୍ଗଠନଗୁଡ଼ିକର ବାରମ୍ବାର ପ୍ରତିବାଦ ଓ ଆନ୍ଦୋଳନ ଯୋଗୁ ରାଜ୍ୟ ସରକାର ମେ ୨୯, ୨୦୦୬ ମସିହାରେ ଓଡ଼ିଶା ନିୟମାବଳୀରେ ସଂଶୋଧନ କଲେ। ସଂଶୋଧନ ସତ୍ତ୍ୱେ ଓଡ଼ିଶା ନିୟମାବଳୀ-୨୦୦୫ ପୂର୍ବଭଳି ଉଦ୍ଭଟ ଓ ଜନ ବିରୋଧୀ ହୋଇ ରହିଥିବା ଅଭିଯୋଗ ହେଉଛି।

ପ୍ରଥମତଃ ସୂଚନା ଅଧିକାର ଆଇନର ଧାରା ୬(୧) ଅନୁଯାୟୀ ଜଣେ ବ୍ୟକ୍ତି ସୂଚନା ପାଇବା ପାଇଁ ଯେକୌଣସି ଜନକର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟର ଜନ ସୂଚନା ଅଧିକାରୀ (ପିଆଇଓ)ଙ୍କୁ ଦରଖାସ୍ତ କରିପାରିବେ। ଆଇନରେ କୌଣସି ବାଧ୍ୟତାମୂଳକ ଫର୍ମ ବ୍ୟବସ୍ଥା ନାହିଁ। କେନ୍ଦ୍ର ସରକାର ବା ବିଭିନ୍ନ ରାଜ୍ୟ ସରକାର କୌଣସି ଫର୍ମ ବ୍ୟବସ୍ଥା କରିନାହାନ୍ତି। କିଛି ରାଜ୍ୟ ସରକାର ନାଗରିକମାନଙ୍କୁ ସାହାଯ୍ୟ କରିବା ଫର୍ମାଟ୍ ବ୍ୟବସ୍ଥା କରିଛନ୍ତି। ଆଇନର ଲକ୍ଷ୍ୟ ହେଉଛି ଜଣେ ନାଗରିକ ଯେପରି ଚାହିଁବେ ବା ଯେଉଁ ଢଙ୍ଗରେ ଚାହିଁବେ, ସେମାନେ ସୂଚନା ପାଇଁ ଆବେଦନ କରିପାରିବେ। କିନ୍ତୁ ୨୦୦୫ ମସିହାରେ ରାଜ୍ୟ ସରକାର ସୂଚନା ଆଇନର ବିଧି ବ୍ୟବସ୍ଥାକୁ ଦଳି ଦେଇ ଓଡ଼ିଶା ନିୟମାବଳୀରେ ଏକ ଦୀର୍ଘକାୟ ୧୧ ସ୍ତମ୍ଭ ବିଶିଷ୍ଟ ବାଧ୍ୟତାମୂଳକ ଫର୍ମ- 'କ' ବ୍ୟବସ୍ଥା କରିଛନ୍ତି। ଏହି ଫର୍ମରେ ଏପରି ଅଯୌକ୍ତିକ ପ୍ରଶ୍ନ ରହିଛି, ଯାହାକୁ ସାଧାରଣ ଲୋକ ବୁଝିପାରି ଫର୍ମ ପୂରଣ କରିପାରିବେ ନାହିଁ, ଯାହାକି ସୂଚନା ଅଧିକାର ଆଇନର କାର୍ଯ୍ୟକାରିତା କ୍ଷେତ୍ରରେ ଏକ ବଡ଼ ପ୍ରତିବନ୍ଧକ। ଉକ୍ତ ଫର୍ମର ପ୍ରତ୍ୟାହାର ଜରୁରୀ।

ଦ୍ୱିତୀୟରେ ସୂଚନା ଅଧିକାର ଆଇନ୍‌ର ଧାରା ୬ (୨) ଅନୁଯାୟୀ, ସୂଚନା ପାଇଁ ଆବେଦନ କଲାବେଳେ କୌଣସି ବ୍ୟକ୍ତି କେବଳ ତାଙ୍କ ସହ ଯୋଗାଯୋଗ ପାଇଁ ଆବଶ୍ୟକ ପଡୁଥିବା ବିବରଣୀ ଛଡ଼ା ସମ୍ପୃକ୍ତ ସୂଚନା ଚାହିଁବା ପଛରେ କୌଣସି କାରଣ ଦର୍ଶାଇବା କିମ୍ବା ଅନ୍ୟ କୌଣସି ବ୍ୟକ୍ତିଗତ ତଥ୍ୟ ଦେବାର ଆବଶ୍ୟକତା ନାହିଁ। କିନ୍ତୁ ୨୦୦୫ରେ ପ୍ରଣୀତ ଓଡ଼ିଶା ନିୟମାବଳୀର ରୁଲ୍ ୪(୨)ରେ ଆବେଦନକାରୀଙ୍କୁ ନାଗରିକତ୍ୱ ପ୍ରମାଣପତ୍ର ଦାଖଲ କରିବାକୁ ପଡ଼ିବ। ବାସ୍ତବରେ ଆମ ଦେଶରେ ନାଗରିକତ୍ୱ ପ୍ରମାଣପତ୍ର ବ୍ୟବସ୍ଥା ନାହିଁ। ଭୋଟର କାର୍ଡ ବା ଆଧାର କାର୍ଡ ନାଗରିକ ପ୍ରମାଣପତ୍ର ନୁହେଁ। କିନ୍ତୁ ପିଆଇଓମାନେ ଆବେଦନକାରୀ ନାଗରିକମାନଙ୍କୁ ଭୋଟର କାର୍ଡ ବା ଆଧାର କାର୍ଡର କପି ଦାବି କରୁଛନ୍ତି। ଯଦି ଜଣେ ବିନା ପରିଚୟପତ୍ରରେ ଦରଖାସ୍ତ କରେ, ତେବେ ଦରଖାସ୍ତ ଖାରଜ କରାଯାଉଛି। ଏପରି ଭୟଙ୍କର ବ୍ୟବସ୍ଥା କେନ୍ଦ୍ର ସରକାର ବା କୌଣସି ରାଜ୍ୟ ସରକାର କରିନାହାନ୍ତି। ତତ୍କାଳୀନ ନବୀନ ସରକାର ଏହି ବ୍ୟବସ୍ଥା କରିଯାଇଛନ୍ତି, ଯାହାକି ଏବେ ମଧ୍ୟ ବଳବତ୍ତର ରହିଛି।

ତୃତୀୟତଃ, ସୂଚନା ଅଧିକାର ଆଇନର ଧାରା ୭(୫) ଅନୁଯାୟୀ ବିପିଏଲ୍ ହିତାଧିକାରୀମାନେ ଦରଖାସ୍ତ ଫିଜ୍ ଏବଂ ସୂଚନା ପାଇଁ ଫିଜ୍ ଦେବାର ଆବଶ୍ୟକତା ନାହିଁ। କିନ୍ତୁ ଓଡ଼ିଶା ନିୟମାବଳୀର ରୁଲ-୪ରେ ବ୍ୟବସ୍ଥା ଅଛି ଯେ ବିପିଏଲ୍ ବ୍ୟକ୍ତିମାନଙ୍କୁ କେବଳ ଦରଖାସ୍ତ ଫିଜ୍ ଦେବାକୁ ପଡ଼ିବ ନାହିଁ। ଅର୍ଥାତ୍ ସୂଚନା ପାଇଁ ଫିଜ୍ ଦେବାକୁ ପଡ଼ିବ। ୨୦୧୫ରେ ଏକ ରିଟ୍ ପିଟିସନ ୧୨୧୩୫/୨୦୧୫ର ଶୁଣାଣି କରି ହାଇକୋର୍ଟ ସୂଚନା ଆଇନ୍‌ର ଧାରା ୭(୫) ଆଧାରରେ ବିପିଏଲ୍ ବ୍ୟକ୍ତିଙ୍କୁ ବିନା ମୂଲ୍ୟରେ ସୂଚନା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସୂଚନା ଓ ଲୋକସମ୍ପର୍କ ବିଭାଗ ୨୧.୦୯.୨୦୧୫ରେ ଏକ ବିଜ୍ଞପ୍ତି ପ୍ରକାଶ କରିଥିଲେ। କିନ୍ତୁ ଓଡ଼ିଶା ନିୟମାବଳୀରେ ଏହାର ସଂଶୋଧନ ହେଲାନାହିଁ, ଫଳରେ ଏହି ନିୟମାବଳୀ ଆଧାରରେ ଏବେ ବି ଅନେକ ପି.ଆଇ.ଓ ସୂଚନା ପାଇଁ ଫଜ୍ ଦେବାକୁ ବିପିଏଲ ହିତାଧିକାରୀଙ୍କୁ ବାଧ୍ୟ କରୁଛନ୍ତି।

ଚତୁର୍ଥତଃ ସୂଚନା ଅଧିକାର ଆଇନରେ ଅପିଲ ପାଇଁ ଫର୍ମ ଓ ଫିଜ୍ ବ୍ୟବସ୍ଥା ନାହିଁ। କେନ୍ଦ୍ର ସରକାର ଅପିଲ ପାଇଁ ଫର୍ମ କି ଫିଜ୍ ବ୍ୟବସ୍ଥା କରିନାହାନ୍ତି। କିନ୍ତୁ ଓଡ଼ିଶା ନିୟମାବଳୀରେ ପ୍ରଥମ ଅପିଲ ପାଇଁ ୨୦ ଟଙ୍କା ଓ ଦ୍ୱିତୀୟ ଅପିଲ ପାଇଁ ୨୫ଟଙ୍କା ଧାର୍ଯ୍ୟ କରିଛନ୍ତି, ଯାହାକି ବେଆଇନ୍।

ପଞ୍ଚମତଃ ସୂଚନା ଅଧିକାର ଆଇନ୍‌ର ଧାରା ୭ ଅନୁଯାୟୀ, ପିଆଇଓ କେବଳ ଆଇନର ଧାରା ୮ ଏବଂ ୯ ଅନୁଯାୟୀ ଦରଖାସ୍ତ ଖାରଜ କରିପାରିବେ। ଓଡ଼ିଶା ନିୟମାବଳୀରେ ଫର୍ମ- 'ସି' (ଦରଖାସ୍ତ ନାକଚର ସୂଚନା)ରେ ଦରଖାସ୍ତ ଖାରଜ ପାଇଁ ଅଦ୍ଭୁତ ଆଇନ ବିରୋଧୀ ବ୍ୟବସ୍ଥା କରାଯାଇଛି, ଯାହାର ପ୍ରତ୍ୟାହାର ଆବଶ୍ୟକ।

ଷଷ୍ଠତଃ ସୂଚନା ଅଧିକାର ଆଇନର ମୂଳ ନିୟମ ହେଲା ସ୍ଥାନୀୟ ଭାଷାରେ ସୂଚନା ପ୍ରଦାନ। ମାତ୍ର ଆମ ରାଜ୍ୟରେ ଅନେକ ସରକାରୀ ବିଭାଗ ଓ ସର୍ବୋପରି ସୂଚନା କମିଶନ ଇଂଲିଶ ଭାଷାରେ ସାଧାରଣ ଲୋକଙ୍କ ସହିତ ଚିଠିପତ୍ର, ତଥ୍ୟ ପ୍ରଦାନ କରୁଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ, ଏହାର ପରିବର୍ତ୍ତନ ହୋଇନାହିଁ।

ସପ୍ତମତଃ ସୂଚନା କମିଶନରେ କେସ୍‌ଗୁଡ଼ିକର ଶୁଣାଣି ପାଇଁ ଦୀର୍ଘ ବର୍ଷ ଲାଗୁଥିବାରୁ କମିଶନରମାନେ କିପରି ଦିନକୁ ଅନ୍ୟୂନ ୩୦ଟିର ଶୁଣାଣି କରିପାରିବେ, ସେଥିପାଇଁ ଆଇନଗତ ବ୍ୟବସ୍ଥା ସରକାର କରିବା ଉଚିତ।

**ପ୍ରଦୀପ ପ୍ରଧାନ**
ରାଜ୍ୟ ଆବାହକ, ଓଡ଼ିଶା ସୂଚନା ଅଧିକାର ଅଭିଯାନ
ମୋ.ନଂ.-9937843482

# ୪ ମଲ୍ଟିଟ୍ରାକିଂ ରେଳ ପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ

## ଓଡ଼ିଶା ସମେତ ୬ ରାଜ୍ୟର ୧୩ ଜିଲ୍ଲାକୁ ସଂଯୋଗ କରିବ

ଭୁବନେଶ୍ୱର,୩୧।୭ (ଅନୁରାଧା ମହାରଣା)

ଓଡ଼ିଶା ସମେତ ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ବିହାର ଏବଂ ଝାଡ଼ଖଣ୍ଡର ୧୩ ଜିଲ୍ଲାକୁ ସଂଯୋଗ କରୁଥିବା ୪ଟି ମଲ୍ଟିଟ୍ରାକିଂ ରେଳ ପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ ଦେଇଛି। ଏଥିମଧ୍ୟରେ ଓଡ଼ିଶାର କେନ୍ଦୁଝର ଜିଲ୍ଲା ରହିଛି। ଏହି ପ୍ରକଳ୍ପ ଭାରତୀୟ ରେଳପଥର ନେଟ୍‌ୱର୍କକୁ ପ୍ରାୟ ୫୭୪ କିଲୋମିଟର ବୃଦ୍ଧି କରିବ। ଏହି ପ୍ରକଳ୍ପଗୁଡ଼ିକର ମୋଟ ଆନୁମାନିକ ମୂଲ୍ୟ ପ୍ରାୟ ୧୧,୧୬୯ କୋଟି ଟଙ୍କା ଏବଂ ଏହା ୨୦୨୮-୨୯ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ପ୍ରସ୍ତାବିତ ମଲ୍ଟି-ଟ୍ରାକିଂ ପ୍ରକଳ୍ପ ପ୍ରାୟ ୪୩.୬୦ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ପ୍ରାୟ ୨୩୦୯ ଗ୍ରାମକୁ ସଂଯୋଗୀକରଣ ବୃଦ୍ଧି କରିବ। ଏହି ପ୍ରକଳ୍ପଗୁଡ଼ିକ ନିର୍ମାଣ ସମୟରେ ପ୍ରାୟ ୨୨୯ ଲକ୍ଷ ମାନବ ଦିବସ ପାଇଁ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି କରିବ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅର୍ଥନୈତିକ ବ୍ୟାପାର କ୍ୟାବିନେଟ କମିଟି ଏହି ୪ ପ୍ରକଳ୍ପକୁ ମଞ୍ଜୁରୀ ଦେଇଛି। ପ୍ରଧାନମନ୍ତ୍ରୀ-ଗତିଶକ୍ତି ଜାତୀୟ ମାଷ୍ଟର ପ୍ଲାନ୍ ଉପରେ ଯୋଜନା କରାଯାଇଥିବାବେଳେ ଇଟାରସି ନାଗପୁର ଚତୁର୍ଥ ଲାଇନ, ଔରଙ୍ଗାବାଦ (ଛତ୍ରପତି ସମ୍ଭାଜିନଗର) - ପରଭଣୀ ଦୋହରୀକରଣ, ଆଲୁଆବାଡି ରୋଡ୍ - ନ୍ୟୁ ଜଲପାଇଗୁଡ଼ି ତୃତୀୟ ଓ ଚତୁର୍ଥ ଲାଇନ ଏବଂ କେନ୍ଦୁଝର ଡାଙ୍ଗୋଆପୋଷି-ଜରୋଲି ତୃତୀୟ ଓ ଚତୁର୍ଥ ଲାଇନ ଏହି ପ୍ରକଳ୍ପରେ ଅନ୍ତର୍ଭୁକ୍ତ ରହିଛି। ଏହି ମାର୍ଗଗୁଡିକ କୋଇଲା, ସିମେଣ୍ଟ, କ୍ଲିଙ୍କର, ଜିପ୍‌ସମ, ଫ୍ଲାଏ ଆସ୍, କଣ୍ଟେନର, କୃଷି ସାମଗ୍ରୀ ଏବଂ ପେଟ୍ରୋଲିୟମ ଉତ୍ପାଦ ଇତ୍ୟାଦି ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ପାଇଁ ଗୁରୁତ୍ୱପୂର୍ଣ୍ଣ। ଏହାଦ୍ୱାରା ମାଲ ପରିବହନ କ୍ଷମତା ୯୫.୯୧ ଏମ୍‌ଟିପିଏ (ପ୍ରତିବର୍ଷ ନିୟୁତ ଟନ୍) ବଢିବ। ରେଳପଥ ପରିବେଶ ପାଇଁ ଅନୁକୂଳ ଏବଂ ପରିବହନର ଶକ୍ତି ସଂରକ୍ଷଣକାରୀ ମାଧ୍ୟମ ହୋଇଥିବାରୁ ଏହା ଜଳବାୟୁ ଲକ୍ଷ୍ୟ ହାସଲ କରିବାରେ ଏବଂ ଦେଶର ଲଜିଷ୍ଟିକ୍ସ ଖର୍ଚ୍ଚକୁ ହ୍ରାସ କରିବାରେ ସାହାଯ୍ୟ କରିବ। ଏହି ପ୍ରକଳ୍ପ ଦ୍ୱାରା ଆମଦାନୀ ହେଉଥିବା ଆନୁମାନିକ ୧୬ କୋଟି ଲିଟର ତୈଳ ହ୍ରାସ କରିବ ଏବଂ ଅଙ୍ଗାରକାମ୍ଳ ନିର୍ଗମନ ୫୧୫ କୋଟି କିଲୋଗ୍ରାମ ହ୍ରାସ କରିବ, ଯାହା ୨୦ କୋଟି ଗଛ ଲଗାଇବା ସହ ସମାନ ବୋଲି ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

## ଏଡିଟିଂ କରି ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଫଟୋ ଭାଇରାଲ

# ଏସ୍‌ପିଙ୍କୁ ଅଭିଯୋଗ କଲା ଭାଜପା ଯୁବମୋର୍ଚ୍ଚା



ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଏସ୍‌ପି ମନୋଜ ରାଉତଙ୍କୁ ଅଭିଯୋଗପତ୍ର ପ୍ରଦାନ କରାଯାଉଛି।

ଭଦ୍ରକ,୩୧।୭(ସନାତନ ରାଉତ)

ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଫଟୋ ଏଡିଟିଂ କରି ଡ୍ୟାନ୍ସ ବାର୍‌ରେ ନାଚୁଥିବାର ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ କରାଯାଇଛି। ଏନେଇ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଗୁରୁବାର ଅପରାହ୍ନ ୫ଟାରେ ଭଦ୍ରକ ଏସ୍‌ପି ମନୋଜ ରାଉତଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି। ଯୁବମୋର୍ଚ୍ଚାର ଜିଲ୍ଲା ସଭାପତି ଦେବାଂଶୁ ରାଉତ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଭାବମୂର୍ତ୍ତି କ୍ଷୁଣ୍ଣ କରିବା ଉଦ୍ଦେଶ୍ୟରେ କେତେଜଣ ବ୍ୟକ୍ତି ଓ ଏକ ୱେବ୍ ଚ୍ୟାନେଲ ଡ୍ୟାନ୍ସ ବାର୍‌ରେ ନାଚୁଥିବାର ଏକ ଫଟୋରେ ମନ୍ତ୍ରୀଙ୍କ ଫଟୋ ଏଡିଟିଂ କରି ଭାଇରାଲ କରିଛନ୍ତି। ସେମାନଙ୍କ ବିରୋଧରେ ମାମଲା ରୁଜୁ କରି କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଏସ୍‌ପିଙ୍କ ନିକଟରେ ଦାବି କରିଛନ୍ତି।

## ଆଦିବାସୀ ପରମ୍ପରା କଟକଣାର ଶିକାର ହେଲେ ୨ ଯୁବକ

# କାଉଙ୍କ ମିଳନ ଦେଖିବାରୁ ଜୀବନ୍ତଙ୍କୁ ମୃତ ଘୋଷଣା

ଜୟପୁର,୩୧।୭(ପବନ ପାଣିଗ୍ରାହୀ)

ବିଜ୍ଞାନ ଯୁଗରେ ବି କମୁନାହିଁ ଅନ୍ଧବିଶ୍ୱାସ। ଏବେ ମଧ୍ୟ ଆଦିବାସୀଙ୍କୁ ଏହା କବଳିତକରି ରଖିଛି। ପରମ୍ପରା ନାଁରେ ଦିଆଯାଉଛି ବଳଦ ଦଣ୍ଡ ଓ କାହାକୁ ମୃତ ଘୋଷଣା କରାଯାଉଛି। ଏଭଳି ଏକ ଆଦିବାସୀ ପରମ୍ପରା କଟକଣାର ଶିକାର ହୋଇଛନ୍ତି ୨ ଯୁବକ। କୋରାପୁଟ ଜିଲ୍ଲା ଜୟପୁର ସହରଠାରୁ ୧୦ କି.ମି. ଦୂର ରଣ୍ଡାପାଲି ପଞ୍ଚାୟତ ପାତ୍ରଗୁଡ଼ା ଗାଁରେ ୨ ଜୀବନ୍ତ ଯୁବକଙ୍କୁ କାଉଙ୍କ ମିଳନ ଦେଖିବାରୁ ଗ୍ରାମବାସୀ ମୃତ ଘୋଷଣା କରିଛନ୍ତି। ଗୁରୁବାର ଭିଡିଓ ଭାଇରାଲ ହେବା ପରେ ଏହି ଘଟଣା ସାମ୍ନାକୁ ଆସିଛି।



ଗ୍ରାମବାସୀ ୨ ଯୁବକଙ୍କ ପ୍ରତୀକାତ୍ମକ କୁଶ ପୁତ୍ତଳିକା ସତ୍କାର ପାଇଁ ନେଉଛନ୍ତି।

ସୂଚନା ଅନୁଯାୟୀ, ପାତ୍ରଗୁଡ଼ା ଗାଁର ୨ ଯୁବକ କାଉଙ୍କ ମିଳନ ଦେଖି ଦେବାରୁ ଅନ୍ଧବିଶ୍ୱାସ ସ୍ଥାପନ ଓ ଆଦିବାସୀ ପରମ୍ପରା ଅନୁସାରେ ପ୍ରଥମେ ସେମାନଙ୍କୁ ଗ୍ରାମବାସୀ ମୃତ ଘୋଷଣା କରିଥିଲେ। ମୃତ୍ୟୁ ପରେ ରୀତିନୀତି ଅନୁସାରେ ଅନ୍ତିମ ସତ୍କାର କରିବା ପ୍ରକ୍ରିୟାରେ ମୃତଦେହ ବଦଳରେ ପ୍ରତୀକାତ୍ମକ କୁଶ ପୁତ୍ତଳିକା କୋକେଇରେ ନେଇ ଯାଉଥିବା ଦୃଶ୍ୟ ବର୍ତ୍ତମାନ ମୋବାଇଲରୁ ମୋବାଇଲ ଭାଇରାଲ ହେବାରେ ଲାଗିଛି। ଗାଁ ଲୋକେ ମୃତଦେହ ସତ୍କାର କରି ଘରକୁ ଫେରିଥିଲେ। ସତ୍କାର କାର୍ଯ୍ୟ ସାରି ପରିବାର ଓ ସମ୍ପର୍କୀୟମାନେ ପିତା ଖାଇଛନ୍ତି। ଏହା ପରେ ବାହାରେ ଥିବା ୨ ଯୁବକଙ୍କୁ ଘରକୁ ଅଣାଯାଇଥିଲା। ପ୍ରକାଶ ଯେ, ଆଦିବାସୀ ସମ୍ପ୍ରଦାୟରେ ଦୁଇ କାଉଙ୍କ ମିଳନ ଦେଖିଲେ ଅଶୁଭ ହୋଇଥାଏ। ଏଭଳି ଦୃଶ୍ୟ ଦେଖିଥିବା ଲୋକଙ୍କ କାଳେ ମୃତ୍ୟୁ ହେଉଥିବା ସେମାନଙ୍କ ବିଶ୍ୱାସ ରହିଛି। ପରମ୍ପରା ଅନୁସାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହେବା ପରେ ଯେପରି ଶୁଦ୍ଧିକ୍ରିୟା କରାଯାଏ ତାହା କରାଯାଇଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି।

# ୨୦ଲକ୍ଷ ବିସ୍ଥାପିତଙ୍କ ପାଇଁ କଂଗ୍ରେସ ଲଢ଼ିବ: ଭକ୍ତ

ଭୁବନେଶ୍ୱର,୩୧।୭ (ରବିନାରାୟଣ ଜେନା)



ରାଜ୍ୟ ସରକାର ଲକ୍ଷାଧିକ ଏକର ଜମି ବୃହତ୍ କମ୍ପାନୀଗୁଡ଼ିକୁ ଶାଗମାଛ ଦରରେ ଟେକି ଦେଉଛନ୍ତି। ହେଲେ ଯେଉଁ ଆଦିବାସୀ, ଅଣଆଦିବାସୀଙ୍କୁ ବିସ୍ଥାପିତ କରାଯାଉଛି, ସେମାନଙ୍କୁ ତାଙ୍କର ନ୍ୟାଯ୍ୟ ଅଧିକାର ଦେଉନାହାନ୍ତି। ଫଳରେ ରାଜ୍ୟର ୨୦ ଲକ୍ଷ ବିସ୍ଥାପିତଙ୍କୁ ଦୀର୍ଘବର୍ଷ ଧରି ପଟ୍ଟା ମିଳିପାରୁ ନାହିଁ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ଗୁରୁବାର କଂଗ୍ରେସ ଭବନଠାରେ ଏଆଇସିସି ମାନବାଧିକାର ସଙ୍ଗଠନ ପକ୍ଷରୁ ପ୍ରାୟ ୧୫ ଗୋଟି ଜିଲ୍ଲାରୁ ଆସିଥିବା କର୍ମକର୍ତ୍ତା ସମାବେଶରେ ଭକ୍ତ କହିଥିଲେ, ଖଣି ଖାଦାନ ପାଇଁ ହଜାର ହଜାର ଲୋକଙ୍କୁ ବିନା ସରକାରୀ ଭରଣାରେ ନିଜ ଜଙ୍ଗଲ ଜମିରୁ ବିସ୍ଥାପିତ କରାଯାଉଛି। ସରକାରଙ୍କ ପକ୍ଷରୁ ସେମାନଙ୍କୁ ଠିକଣା ସମୟରେ ତାଙ୍କର ନ୍ୟାଯ୍ୟ ହକ୍ ପ୍ରଦାନ କରାଯାଉ ନ ଥିବାରୁ ସେମାନଙ୍କ ଅବସ୍ଥା ଅତ୍ୟନ୍ତ ଦୟନୀୟ ହୋଇପଡୁଛି। ଏହାକୁ କଂଗ୍ରେସ ବରଦାସ୍ତ କରିବ ନାହିଁ। କଂଗ୍ରେସ ଏବେ ନାରୀଙ୍କୁ ନ୍ୟାୟ ପାଇଁ ଲଢ଼େଇ କରୁଥିବାବେଳେ ଆଗାମୀ ଦିନରେ ବେଆଇନ ବିସ୍ଥାପନ ଓ ଉତ୍କଟ ବେକାରି ସମସ୍ୟା ବିରୋଧରେ ତୀବ୍ର ଆନ୍ଦୋଳନ କରିବ।

ସେ କହିଥିଲେ, ଉପକୂଳ ଓଡ଼ିଶାରେ ବର୍ତ୍ତମାନ କଂଗ୍ରେସ ସକ୍ରିୟ ହେବାରେ ଲାଗିଛି। ପ୍ରତ୍ୟେକ ଜିଲ୍ଲାରେ କଂଗ୍ରେସକର୍ମୀଙ୍କ ମଧ୍ୟରେ ଏବେ ଉତ୍ସାହ ଦେଖାଦେଇଛି। ସମସ୍ତଙ୍କ ସହଯୋଗରେ କଂଗ୍ରେସ ଶକ୍ତିଶାଳୀ ହୋଇପାରିବ; ଯାହାଦ୍ୱାରା କି ଆଗାମୀ ଦିନରେ ବିସ୍ଥାପିତ ଏବଂ ନାରୀଙ୍କ ପାଇଁ ଲଢ଼େଇ କରି ତାଙ୍କୁ ନ୍ୟାୟ ପ୍ରଦାନ କରିପାରିବ ବୋଲି ପିସିସି ସଭାପତି କହିଥିଲେ।

ଏହି ଅବସରରେ ହ୍ୟୁମ୍ୟାନ ରାଇଟ୍‌ସ ଓଡ଼ିଶା ଶାଖାର ସଭାପତି ସୁରେନ ଶତପଥୀ କହିଥିଲେ, ବିସ୍ଥାପିତ ଏବେ ବଡ଼ ଆହ୍ୱାନ ହୋଇ ଛିଡ଼ା ହୋଇଛି। ହେଲେ ସରକାର ଏଥିପ୍ରତି ତିଳେ ହେଲେ ଗୁରୁତ୍ୱ ଦେଉ ନାହାନ୍ତି। ଆଗାମୀ ଦିନରେ ଏନେଇ ଆନ୍ଦୋଳନକୁ ଜୋରଦାର କରାଯିବ। ଏହି ସଭାରେ ହ୍ୟୁମାନ ରାଇଟ୍‌ସ ଓଡ଼ିଶା ଶାଖାର ଉପସଭାପତି ଡକ୍ଟର ଯତୀନ ଦିଗାଳ, ସଂଯୋଜକ ରାଜକିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜି ଖୋଲିବ ଭିତରକନିକା

ରାଜନଗର, ୩୧।୭ (ଭାସ୍କର ରାଉତରାୟ)

ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ଶୁକ୍ରବାର ଭିତରକନିକା ଜାତୀୟ ଉଦ୍ୟାନ ଖୋଲିବ। ବଉଳା କୁମ୍ଭୀରଙ୍କ ପ୍ରଜନନ ଋତୁ ପାଇଁ ପ୍ରତିବର୍ଷ ମେ ୧ରୁ ଜୁଲାଇ ୩୧ ଦୀର୍ଘ ୩ ମାସ ଧରି ଭିତରକନିକା ବନ୍ଦ ରହିଥାଏ। ଏହି ସମୟରେ ଦେଶ ବିଦେଶର ପର୍ଯ୍ୟଟକଙ୍କ ଭିତରକନିକାରେ ପ୍ରବେଶ ଉପରେ କଟକଣା ଲାଗିଥାଏ। ଖୋଲିବା ପାଇଁ ବନ ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ପର୍ଯ୍ୟଟକମାନେ ଭିତରକନିକା ମଧ୍ୟକୁ ପ୍ରବେଶ କରିବାକୁ ହେଲେ ପରିଚୟପତ୍ର ବାଧ୍ୟତାମୂଳକ କରାଯାଇଛି। ପର୍ଯ୍ୟଟକମାନେ ଗୁପ୍ତି, ଚାନ୍ଦବାଲି, ଖୋଲା ଓ ଡାଙ୍ଗମାଳ ପ୍ରଭୃତି ୪ଟି ପ୍ରବେଶ ପଥ ଦେଇ ଭିତରକନିକା ମଧ୍ୟକୁ ପ୍ରବେଶ କରିପାରିବେ। ଭିତରକନିକାରେ ପର୍ଯ୍ୟଟକମାନେ ଜଳପଥରେ ବଉଳା କୁମ୍ଭୀର, ଦେଶୀ ଓ ବିଦେଶୀ ପକ୍ଷୀ, ହରିଣ, ବାର୍ହା, ସମ୍ବର, ଝିଙ୍କ ଆଦି ନାନା ପଶୁପକ୍ଷୀ ଓ ମ୍ୟୁଜିୟମ ଦେଖିବା ସହ ବନ ବିଭାଗ ପକ୍ଷରୁ ନିର୍ମାଣ ହୋଇଥିବା ପ୍ରଥମ ସ୍କାଏ ୱାକ୍ ବ୍ରିଜ, ୱାଚ୍ ଟାୱାର, ସେଲ୍‌ଫି ପଏଣ୍ଟ, ମ୍ୟାନଗ୍ରୋଭ ମେଟା ନର୍ସରୀ, ବୋଟ ଲାଇବ୍ରେରି, ଶହୀଦ ସ୍ତମ୍ଭ, କୁମ୍ଭୀର ପ୍ରଜନନ କେନ୍ଦ୍ର ଆଦି ଦେଖିପାରିବେ। ଯନ୍ତ୍ରଚାଳିତ ବୋଟ ସହ ବନବିଭାଗ ପକ୍ଷରୁ ଡାଙ୍ଗମାଳ ଓ ଗୁପ୍ତିଠାରେ ରହିଥିବା ଫାଇବର ବୋଟରେ ମଧ୍ୟ ପର୍ଯ୍ୟଟକମାନେ ବୁଲି ଭିତରକନିକାର ଶୋଭା ଉପଭୋଗ କରିପାରିବେ। ଚଳିତବର୍ଷ ଭିତରକନିକାକୁ ସମ୍ପୂର୍ଣ୍ଣ ଭାବେ ପଲିଥିନମୁକ୍ତ କରାଯାଇଛି। ପର୍ଯ୍ୟଟକମାନେ ପଲିଥିନ ଓ ପ୍ଲାଷ୍ଟିକ ସାମଗ୍ରୀ ଜାତୀୟ ଉଦ୍ୟାନ ମଧ୍ୟକୁ ନ ଆଣିବାକୁ ବନ ବିଭାଗ ପକ୍ଷରୁ ନିବେଦନ କରାଯାଇଛି।

# ମାସେ ଭିତରେ ଆଇସିସି କମିଟି ଗଠନ ନ କଲେ ଦରମା ବନ୍ଦ

ଭୁବନେଶ୍ୱର,୩୧।୭(ସୁଚିସ୍ମିତା ସାହୁ)

ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୁତି ପରେ ଛାତ୍ରୀ ଓ ମହିଳାଙ୍କ ସୁରକ୍ଷାକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ସେମାନେ ଶିକ୍ଷାନୁଷ୍ଠାନଠାରୁ ଆରମ୍ଭ କରି କର୍ମକ୍ଷେତ୍ରରେ ଯେମିତି ସୁରକ୍ଷିତ ରହିପାରିବେ ସେନେଇ ରାଜ୍ୟ ସରକାରଙ୍କ ପକ୍ଷରୁ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ମହାବିଦ୍ୟାଳୟଗୁଡିକରେ ତୁରନ୍ତ ଆଭ୍ୟନ୍ତରୀଣ ଅଭିଯୋଗ କମିଟି(ଆଇସିସି) ଗଠନ କରିବାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନିର୍ଦ୍ଦେଶ ଦେଇଛନ୍ତି। ମାସେ ମଧ୍ୟରେ ଆଇସିସି କମିଟି ଗଠନ ନ କରାଗଲେ ସମ୍ପୃକ୍ତ କଲେଜ କର୍ତ୍ତୃପକ୍ଷଙ୍କ ଦରମା ବନ୍ଦ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି, ମାସେ ଭିତରେ ସବୁ କଲେଜରେ ଆଇସିସି କମିଟି ଗଠନ କରିବାକୁ ଟାର୍ଗେଟ ଦିଆଯାଇଛି। ଯେଉଁମାନେ ଭୁଲ୍ ଅଭିଯୋଗ କରିବେ, ସେମାନଙ୍କ ଉପରେ ପୋଶ ଆକ୍ଟ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଲୋକସେବା ଭବନରୁ ଆରମ୍ଭ ହୋଇଥିବା ପୋଶ ଆକ୍ଟର ସଚେତନତା କାର୍ଯ୍ୟକ୍ରମ ଆଗକୁ ବ୍ଲକସ୍ତରରେ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।


# ୩ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୩୧।୭ (ଅନୁରାଧା ମହାରଣା)

ସାରା ରାଜ୍ୟରେ ଗୁରୁବାର ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଥିବାବେଳେ କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ତେବେ ଶୁକ୍ରବାର ୩ ଜିଲ୍ଲା କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ରେ ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଅନ୍ୟପଟେ ୧୭ ଜିଲ୍ଲା ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର ଆଦି ଜିଲ୍ଲାକୁ ଘଡ଼ଘଡ଼ି ଓ ବିଜୁଳି ଭୟ ରହିଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

# ସୁସ୍ଥ ଫୁସ୍‌ଫୁସ୍ ପାଇଁ ନିଶାଦ୍ରବ୍ୟ ବର୍ଜନ କରନ୍ତୁ

## ଆଜି ବିଶ୍ୱ ଫୁସ୍‌ଫୁସ୍ କ୍ୟାନ୍‌ସର ଦିବସ



ବିଶେଷଭାବରେ ଧୂମପାନ ହିଁ ଫୁସ୍‌ଫୁସ୍ କ୍ୟାନ୍‌ସର ପ୍ରଧାନ କାରଣ। ସିଗାରେଟ୍, ବିଡ଼ି, ପିକା ଇତ୍ୟାଦିତମାଖୁଜାତୀୟ ଦ୍ରବ୍ୟ ଏହି ଶ୍ରେଣୀ ଅନ୍ତର୍ଭୁକ୍ତ। ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି ଯେ, ପାଖାପାଖି ୯୦ ପ୍ରତିଶତ ପୁରୁଷ ଏବଂ ୬୦ ପ୍ରତିଶତ ମହିଳା ଧୂମପାନ ସହ ଜଡିତ। ଏହାବ୍ୟତୀତ ଧୂମପାନକାରୀ ଛାଡୁଥିବା ଧୂଆଁ ସୁସ୍ଥ ଲୋକଙ୍କର ଫୁସ୍‌ଫୁସ୍‌କୁ ପ୍ରବେଶ କରି ସେମାନଙ୍କଠାରେ ରୋଗ ଜାତ କରାଇଥାଏ। ତେବେ ଏ ବିଷୟରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଅଗଷ୍ଟ ୧ ତାରିଖକୁ 'ବିଶ୍ୱ ଫୁସ୍‌ଫୁସ୍ ଦିବସ' (ୱାର୍ଲ୍ଡ ଲଙ୍ଗସ କ୍ୟାନ୍‌ସର ଡେ) ଭାବରେ ପାଳନ କରାଯାଇଆସୁଅଛି। ଏହି ଅବସରରେ ଚଳିତ ବର୍ଷର ପ୍ରସଙ୍ଗ ରହିଛି-'ଦୃଢ଼ ଭାବରେ ଏକତ୍ରିତ ହେବା : ଫୁସ୍‌ଫୁସ କ୍ୟାନ୍‌ସର ସଚେତନତା ପାଇଁ ଏକାଠି ହେବା'। ଏ ବିଷୟରେ ଡା. ନିତ୍ୟାନନ୍ଦ ସ୍ୱାଇଁ କହନ୍ତି, 'ଫୁସ୍‌ଫୁସ୍ କ୍ୟାନ୍‌ସର ଏବେ ବିଶେଷଭାବରେ ପାଶ୍ଚାତ୍ୟ ଦେଶଗୁଡିକରେ ଅଧିକ କାୟା ବିସ୍ତାର କରୁଛି। ଏକ ହିସାବ ଅନୁଯାୟୀ, ଯଦି ଗୋଟିଏ ପରିବାରର ଜଣେ ଦିନକୁ ୨୦ଟି ସିଗାରେଟ୍ ଟାଣୁଥାଆନ୍ତି, ତେବେ ସିଗାରେଟ୍ ଧାର ଧାରୁ ନ ଥିବା ପରିବାର ଅନ୍ୟମାନେ ବର୍ଷକୁ ୫୦ଟି ସିଗାରେଟ୍ ଟାଣିବାର କ୍ଷତି ସହନ୍ତି। ଏମାନଙ୍କୁ 'ପରୋକ୍ଷ ଧୂମପାନକାରୀ' କୁହାଯାଏ। ଏହି କ୍ୟାନ୍‌ସରର କେତୋଟି ପ୍ରମୁଖ ଲକ୍ଷଣ ରହିଛି। ସେଗୁଡିକ ହେଲା ଶୁଖିଲା କାଶ ହେବା, କାଶରେ ରକ୍ତ ପଡିବା, ଛାତିରେ ଯନ୍ତ୍ରଣା, ଦରଜ ଅନୁଭବ, ଭୋକ ମରିଯିବା, ଶରୀରର ଓଜନ ହ୍ରାସ ପାଇବା ଏବଂ ହଠାତ୍ ଦୁର୍ବଳ ଅନୁଭବ କରିବା। କିନ୍ତୁ କ୍ୟାନ୍‌ସର କୋଷିକାମାନ ଫୁସ୍‌ଫୁସ୍‌ରୁ ବାହାରି ଶରୀରର ଅନ୍ୟ ଅଂଶଗୁଡିକରେ ପହଞ୍ଚି ଯାଆନ୍ତି ଏବଂ ସେହି ଅଂଶଗୁଡିକୁ କ୍ୟାନସର ଆକ୍ରାନ୍ତ କରିଦିଅନ୍ତି। ଏହି ଉପାୟରେ ହାଡ, ମସ୍ତିଷ୍କ, ଯକୃତ, କିଡ୍‌ନୀ ଆଦି ପରୋକ୍ଷରେ ରୋଗଗ୍ରସ୍ତ ହୋଇପଡନ୍ତି। ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଫୁସ୍‌ଫୁସ୍ କ୍ୟାନ୍‌ସର ମହିଳାମାନଙ୍କ ତୁଳନାରେ ପୁରୁଷମାନଙ୍କୁ ଅଧିକ ହୋଇଥାଏ। ଏହି ରୋଗ ବିଶେଷଭାବରେ ୪୦ରୁ ୬୦ ବର୍ଷ ବୟସ ଭିତରେ ଦେଖାଯାଇଥାଏ। ଏହି ରୋଗକୁ ନିର୍ଣ୍ଣୟ କରିବା ପାଇଁ ଛାତିରେ ଏକ୍ସ-ରେ, କଫର କୋଷିକାଗୁଡ଼ିକର ପରୀକ୍ଷା , ସିଟି ସ୍କାନ୍, ଏମ୍‌ଆରଆଇ ଆଦି କରାଯାଏ। ତେବେ ଏହି ରୋଗଟିକୁ ପ୍ରାଥମିକ ସ୍ତରରେ ଚିହ୍ନଟ କରାଯାଇ ପାରିଲେ ଶଲ୍ୟ ଚିକିତ୍ସା ମାଧ୍ୟମରେ ସେଥିରୁ କିଛି ଉପଶମ ମିଳିଥାଏ। ଏଭଳି ସମସ୍ୟା ଠାରୁ ନିଜକୁ ଦୂରେଇ ରଖିବା ପାଇଁ ଧୂମପାନ ଅଭ୍ୟାସ ବର୍ଜନ କରନ୍ତୁ। ତମାଖୁ ବା ଧୂଆଁପତ୍ରରେ ରହିଥିବା ନିକୋଟିନ୍ ନାମକ ବିଷାକ୍ତ ଉପାଦାନ ଅତି ମାରାତ୍ମକ। ତେଣୁ ଏଭଳି ଅଭ୍ୟାସଠାରୁ ନିଜକୁ ଦୂରେଇ ରଖି ପାରିଲେ ଜଣେ ସୁସ୍ଥ ଜୀବନ ଯାପନ କରିପାରିବ।''

# ସଂଖ୍ୟାଲଘୁ ସମ୍ପ୍ରଦାୟ ମହିଳାଙ୍କୁ ଧର୍ମଶାଳା ବିଧାୟକଙ୍କ ଅସଦାଚରଣ ଦୁର୍ଭାଗ୍ୟଜନକ: ବିଜେଡି

## ଯାଜପୁର ଜିଲ୍ଲାରେ କର୍ତ୍ତବ୍ୟରତ ମହିଳା ପୋଲିସ ବି ସୁରକ୍ଷିତ ନାହାନ୍ତି

ଭୁବନେଶ୍ୱର, ୩୧।୭(ସୁନୀତ ମିଶ୍ର)



ନାରୀ ନିର୍ଯାତନାକୁ ନେଇ ସମଗ୍ର ରାଜ୍ୟ ଉଦ୍‌ବିଗ୍ନ ଥିଲାବେଳେ ସଂଖ୍ୟାଲଘୁ ସମ୍ପ୍ରଦାୟର ଜଣେ ମହିଳାଙ୍କୁ ଧର୍ମଶାଳା ବିଧାୟକଙ୍କ ଅସଦାଚରଣ ଘଟଣାରେ ପୋଲିସ ଏତଲା ଗ୍ରହଣ ନ କରିବା ଉଦ୍‌ବେଗଜନକ ବୋଲି ବିଜେଡି କହିଛି। ଶଙ୍ଖ ଭବନରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି, ଭାଜପା ସରକାରରେ ମହିଳା ଓ ଛାତ୍ରୀମାନେ ପ୍ରତିଦିନ ନିର୍ଯାତନାର ଶିକାର ହେଉଥିବା ବେଳେ ଯାଜପୁର ଜିଲ୍ଲାରେ ଏକ ଅଭାବନୀୟ ନିର୍ଯାତନାର ଖବର ସାମ୍ନାକୁ ଆସିଛି। ଭାଜପା ସଂଖ୍ୟାଲଘୁ ସେଲ୍‌ର ସଭାପତିଙ୍କ ସ୍ତ୍ରୀଙ୍କୁ ତାଙ୍କ ଝିଅ ସାମ୍ନାରେ ଧର୍ମଶାଳା ବିଧାୟକଙ୍କ ଦ୍ୱାରା ନିର୍ଯାତନାର ଶିକାର ହେବାକୁ ପଡ଼ିଛି। ପୋଲିସର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ତାଙ୍କର ଏତଲାକୁ ପୋଲିସ ଏ ପର୍ଯ୍ୟନ୍ତ ଗ୍ରହଣ କରୁନାହିଁ। ତାଙ୍କ ସ୍ୱାମୀଙ୍କୁ ଧର୍ମଶାଳାରେ ବ୍ୟବସାୟ କରିବା ପାଇଁ ହେଲେ ମାସିକ ଦାଦାବାଟି ଦେବାକୁ ପଡ଼ିବ ବୋଲି ବିଧାୟକ ଧମକ ଦେଉଛନ୍ତି ବୋଲି ସେ ତାଙ୍କ ଏତଲାରେ ଦର୍ଶାଇଥିଲେ ମଧ୍ୟ ପୋଲିସ ଏପର୍ଯ୍ୟନ୍ତ ବିଧାୟକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ସେହିପରି ଯାଜପୁର ଜିଲ୍ଲାରେ ଜଣେ କର୍ତ୍ତବ୍ୟରତ ମହିଳା ଏଏସ୍‌ଆଇଙ୍କୁ ଥାନା ଭିତରେ ଭାଜପା ସମର୍ଥକମାନେ ଅସଭ୍ୟ ଭାଷାରେ ଗାଳିଗୁଲଜ ସହ ଅପମାନିତ କରିଥିଲେ। ଏହି ଘଟଣାକୁ ନେଇ ମହିଳା ଏଏସ୍‌ଆଇ ଯାଜପୁର ପୋଲିସ ପ୍ରଶାସନ ନିକଟରେ ଫେରାଦ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏଥିରୁ ଜଣାପଡୁଛି ଧର୍ମଶାଳା ବିଧାୟକଙ୍କ ଧନବଳ ଆଗରେ ରାଜ୍ୟ ଭାଜପା ସଭାପତି ଓ ମୁଖ୍ୟମନ୍ତ୍ରୀ ଅସହାୟ ହୋଇପଡ଼ିଛନ୍ତି। ସେହିପରି ଦଳର ମୁଖପାତ୍ର ସୋଫିଆ ଆଲାମ କହିଛନ୍ତି, ରାଜ୍ୟରେ ସଂଖ୍ୟାଲଘୁ ସମ୍ପ୍ରଦାୟର ମହିଳାମାନେ ନିର୍ଯାତନାର ଶିକାର ହୋଇ ଥାନାର ଦ୍ୱାରସ୍ଥ ହେଉଥିଲେ ମଧ୍ୟ ଅଭିଯୁକ୍ତଙ୍କ ବିରୋଧରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଦୁର୍ଭାଗ୍ୟଜନକ।

# ପୋଗାକାର ଅପ୍ରତିଦ୍ୱନ୍ଦ୍ୱୀ



ଟାଡେଜ ପୋଗାକାର

**ସମ୍ମାନଜନକ ଟୁର ଡି' ଫ୍ରାନ୍ସ ସାଇକେଲ ରେସ୍‌ରେ ସ୍ଲୋଭେନିଆର ଟାଡେଜ ପୋଗାକାର ଚାମ୍ପିୟନ ହୋଇଛନ୍ତି। ଭିଶ୍ମା-ଲିଜ୍ ଏ ବାଇକ୍ ଟିମ୍‌ର ବେଲଜିଆନ ରାଇଡର ଆଉଟ୍ ଭାନ ଆର୍ଟ ୨୧ତମ ତଥା ଅନ୍ତିମ ଷ୍ଟେଜରେ ବିଜେତା ହୋଇଥିଲେ ମଧ୍ୟ ଚତୁର୍ଥ ସ୍ଥାନରେ ରହି ଶେଷ ଷ୍ଟେଜ ଫିନିଶ କରିଥିବା ପୋଗାକାର ଓଭରଅଲ୍ ପ୍ରଥମ ସ୍ଥାନରେ ରହି ଟାଇଟଲ ଜିତିଛନ୍ତି...**

ଚଳିତ ବର୍ଷ ସବୁଠୁ ସମ୍ମାନଜନକ ସାଇକେଲ ରେସ ଇଭେଣ୍ଟ ଟୁର ଡି ଫ୍ରାନ୍ସରେ ସ୍ଲୋଭେନିଆର ଟାଡେଜ ପୋଗାକାର ଚାମ୍ପିୟନ ହୋଇଛନ୍ତି। ବେଲଜିୟମର ଆଉଟ୍ ଭାନ ଆର୍ଟ ଭିଶ୍ମା-ଲିଜ୍ ଏ ବାଇକ୍, ଯାହାକି ଟୁର ଡି' ଫ୍ରାନ୍ସ ସାଇକେଲ ଇଭେଣ୍ଟର ୨୧ତମ ତଥା ଅନ୍ତିମ ଷ୍ଟେଜରେ ଚାମ୍ପିୟନ ହୋଇଥିଲେ। କିନ୍ତୁ ଚତୁର୍ଥ ସ୍ଥାନରେ ରହି ଅନ୍ତିମ ଷ୍ଟେଜ ଫିନିଶ କରିଥିବା ପୋଗାକାର ଓଭରଅଲ୍ ଚାମ୍ପିୟନ ହୋଇଥିଲେ। ଏହା ପୋଗାକାରଙ୍କ ଲାଗି ଚତୁର୍ଥ ଟୁର ଡି' ଫ୍ରାନ୍ସ ଟାଇଟଲ। ଗତ ୬ ବର୍ଷରେ ସେ ୪ ଥର ଟୁର ଡି' ଫ୍ରାନ୍ସ ଜିତିଥିବା ବେଳେ ଦୁଇ ଥର ରନରଅପ୍ ରହିଛନ୍ତି। ଏହାର ଅର୍ଥ ସେ ଲଗାତର ୬ ବର୍ଷ ହେଲା ପୋଡିୟମ ଫିନିଶ୍ କରୁଛନ୍ତି। ଏହା ଟୁର ଡି ଫ୍ରାନ୍ସ ରେସ୍‌ରେ ତାଙ୍କ ପ୍ରାଧାନ୍ୟକୁ ଦର୍ଶାଉଛି। ପୂର୍ବରୁ ସେ ୨୦୨୦, ୨୦୨୧ ଓ ୨୦୨୪ ସଂସ୍କରଣରେ ଚାମ୍ପିୟନ ହୋଇଥିଲେ। ଏଥର ସେ ସଫଳତାର ସହିତ ନିଜ ଟାଇଟଲକୁ ଡିଫେଣ୍ଡ କରିଛନ୍ତି। ଏହା ତାଙ୍କୁ ବିଶ୍ୱର ମହାନ ବାଇକ୍ ରାଇଡରଙ୍କ ମଧ୍ୟରେ ପରିଗଣିତ କରୁଛି। ତାଙ୍କଠାରୁ କେବଳ ଜ୍ୟାକକୁଇଜ ଆନକୁଏଟିଲ, ଏଡି ମର୍କକ୍ସ, ବର୍ନାର୍ଡ ହିନଲ୍ଟ ଓ ମିଗୁଏଲ ଇଣ୍ଡୁରେନ ଅଧିକ ଥର ଟୁର ଡେ ଫ୍ରାନ୍ସ ରେସ ଜିତିଛନ୍ତି। ଏମାନେ ସମସ୍ତେ ୫ ଥର ଲେଖାଏ ଚାମ୍ପିୟନ ହୋଇଥିଲେ। ଏମାନଙ୍କ ମଧ୍ୟରୁ କେବଳ ଇଣ୍ଡୁରେନ ଏକମାତ୍ର ପୁରୁଷ ଭାବେ ଲଗାତର ୫ ବର୍ଷ ଚାମ୍ପିୟନ ହୋଇଥିଲେ। ୧୯୯୮ ସେପ୍ଟେମ୍ବର ୨୧ ତାରିଖରେ ସ୍ଲୋଭେନିଆର ରାଜଧାନୀ ଲୁବ୍ଲାନାଠାରେ ପୋଗାକାରଙ୍କ ଜନ୍ମ। ପୋଗାକାରଙ୍କ ବଡ଼ ଭାଇ ତିଲେନ ମଧ୍ୟ ଜଣେ ରାଇଡର ଥିଲେ। ଟାଡେଜ ତାଙ୍କ ବଡ଼ ଭାଇଙ୍କ ଦ୍ୱାରା ପ୍ରଭାବିତ ହୋଇ ୯ ବର୍ଷ ବୟସରେ ରଗ ଲୁବ୍ଲାନା କ୍ଲବରେ ଯୋଗ ଦେଇଥିଲେ। ୨୦୧୧ରେ ପୋଗାକାରଙ୍କ ଉପରେ ରୋଡ୍ ୱାର୍ଲ୍ଡ ଚାମ୍ପିୟନଶିପ୍ ମେଡାଲିଷ୍ଟ ଆନ୍ଦ୍ରେଜ ହଫ୍‌ମ୍ୟାନଙ୍କ ନଜର ପଡ଼ିଥିଲା। ହଫ୍‌ମ୍ୟାନ ତାଙ୍କୁ ପ୍ରାରମ୍ଭିକ କୋଚିଂ ଦେଇଥିଲେ। ହଫ୍‌ମ୍ୟାନ ସ୍ଲୋଭେନିଆନ ଜାତୀୟ ସାଇକ୍ଲିଂ ଦଳର ମୁଖ୍ୟ କୋଚ୍ ଓ ଚୟନକର୍ତ୍ତା ମଧ୍ୟ ଥିଲେ। ଏକ ରେସରେ ପୋଗାକାର ତାଙ୍କଠାରୁ ବୟସରେ ବଡ଼ ଥିବା ରାଇଡରଙ୍କଠାରୁ ୧୦୦ ମିଟର ପଛରେ ପଡ଼ିଯାଇଥିବା ଚିନ୍ତା କରି କୋଚ୍ ହଫ୍‌ମ୍ୟାନ ଆୟୋଜକଙ୍କୁ ପୋଗାକାରଙ୍କୁ କିଛି ସହାୟତା ପ୍ରଦାନ କରିବାକୁ କହିଥିଲେ। ହେଲେ ଯୁବ ରାଇଡର ପୋଗାକାର ଅନ୍ୟ ରାଇଡରଙ୍କଠାରୁ ଗୋଟିଏ ଲ୍ୟାପ ଆଗରେ ଚାଲିଥିବା ଆୟୋଜକମାନେ କହିଥିଲେ। ଏହାପରେ ୨୩ ବର୍ଷରୁ କମ୍ ରଗ୍ ଲୁବ୍ଲାନା ଦଳରେ ପୋଗାକାରଙ୍କୁ ସାମିଲ କରାଯାଇଥିଲା। ୨୦୧୮ରେ ସେ ସ୍ଲୋଭେନିଆନ ଜାତୀୟ ଦଳ ପକ୍ଷରୁ ଟୁର ଡି ଆଇ' ଆଭେନିର ଜିତିଥିଲେ। ସିନିୟର ସ୍ତରରେ ପଦାର୍ପଣ କରିବା ପୂର୍ବରୁ ସେ ଜୁନିୟର ସ୍ତରରେ ସଫଳ ରାଇଡର ଥିଲେ। ୨୦୧୮ ଅଗଷ୍ଟରେ ୟୁଏଇ ଟିମ୍ ଏମିରେଟ୍ସ ପୋଗାକାରଙ୍କ ସହ ଚୁକ୍ତି କରିଥିଲା। ୨୦ ବର୍ଷ ବୟସରେ ୨୦୧୯ରେ ସେ ସର୍ବକନିଷ୍ଠ ସାଇକ୍ଲିଷ୍ଟ ଭାବେ ଟୁର ଅଫ୍ କାଲିଫର୍ନିଆରେ ୟୁସିଆଇ ୱାର୍ଲ୍ଡ ଟୁର ରେସ ଜିତିଥିଲେ। ଏଥିସହିତ ଭୁଏଲ୍ଟା ଏ ଏସ୍ପାନାର ୩ଟି ଷ୍ଟେଜରେ ଜିତିବା ସହ ଓଭରଅଲ ତୃତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ ଏବଂ ୟଙ୍ଗ ରାଇଡର ଟାଇଟଲ ଜିତିଥିଲେ। ସେ ଟୁର ଅଫ୍ କାଲିଫର୍ନିଆ ଜିତିବା ସହ ସର୍ବକନିଷ୍ଠ ରାଇଡର ଭାବେ ୟୁସିଆଇ ୱାର୍ଲ୍ଡଟୁର ଷ୍ଟେଜ ରେସ ଜିତିଥିଲେ। ୨୦୨୦ରେ ଟୁର ଡେ ଫ୍ରାନ୍ସରେ ସେ ପଦାର୍ପଣ କରିଥିଲେ। ସେ ସପ୍ତମ ଷ୍ଟେଜ ଦୁଇ ମିନିଟ୍ ବ୍ୟବଧାନରେ ପରାସ୍ତ ହୋଇଥିଲେ, ଯାହା କି ଅତ୍ୟଧିକ ପବନ ଯୋଗୁ ହୋଇଥିଲା। ଏହାର ପରଦିନ ସେ ଆଟାକିଂ ରାଇଡିଂ କରି ଅନ୍ୟ ସମସ୍ତ ରାଇଡରଙ୍କଠାରୁ ୩୮ ସେକେଣ୍ଡ ଆଗରେ ପହଞ୍ଚିଥିଲେ। ତାଙ୍କ ଦେଶର ଫାବିଓ ଆରୁ ନବମ ଷ୍ଟେଜରୁ ଓହରିବା ପରେ ପୋଗାକାର ସେହି ଷ୍ଟେଜକୁ ଜିତିଥିଲେ, ଯାହାକି ତାଙ୍କର ପ୍ରଥମ ଟୁର ଷ୍ଟେଜ ବିଜୟ ଥିଲା। ସେ ୧୯୮୩ ପରେ ପ୍ରଥମ ଓ ମୋଟ ଉପରେ ୧୨ତମ ରାଇଡର ଭାବେ ପ୍ରଥମ ଉଦ୍ୟମରେ ଟୁର ଡି ଫ୍ରାନ୍ସରେ ଚାମ୍ପିୟନ ହୋଇଥିଲେ। ଏହାର ପର ସିଜନରେ ୟୁଏଇ ଟୁର, ଟିରେନୋ-ଆଡ୍ରିଆଟିକୋ, ଲିଜ-ବାଷ୍ଟୋଗ୍ନେ-ଲିଜ ଓ ଟୁର ଅଫ୍ ସ୍ଲୋଭେନିଆ ଜିତିଥିଲେ। ୨୦୨୧ ଟୁର ଡି' ଫ୍ରାନ୍ସରେ ସେ ଜେନେରାଲ କ୍ଲାସିଫିକେଶନ, ମାଉଣ୍ଟେନ୍ସ କ୍ଲାସିଫିକେଶନ, ୟଙ୍ଗ ରାଇଡର କ୍ଲାସିଫିକେଶନରେ ଚାମ୍ପିୟନ ହୋଇଥିଲେ। ଏଥିସହିତ ସେ ଗିରୋ ଡି ଲମ୍ବାର୍ଡିଆ ଓ ଲିଜ-ବାଷ୍ଟୋଗ୍ନେ-ଲିଜ ଆଦି ଦିନିକିଆ ରେସ ଜିତିଥିଲେ। ୨୦୨୨ରେ ପୋଗାକାର ୟୁଏଇ ଟୁରରେ ତାଙ୍କ ଟାଇଟଲ ଡିଫେଣ୍ଡ କରିଥିଲେ। ଷ୍ଟ୍ରାଡେ ବିଆଞ୍ଚେ ରେସରେ ଫିନିଶିଂ ଲାଇନ୍‌ଠାରୁ ୧୦୦ କିମି ଦୂରରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଏହାସତ୍ତ୍ୱେ ସେ ପ୍ରଥମେ ଫିନିଶିଂ ଲାଇନ ଟଚ୍ କରିଥିଲେ। ଏହି ବର୍ଷ ସେ ଟୁର ଅଫ୍ ସ୍ଲୋଭେନିଆ, ଗିରୋ ଡି ଲମ୍ବାର୍ଡିଆ, ଜିପି ଡେ ମଣ୍ଟ୍ରିଲ, ଟ୍ରେ ଭାଲି ଭାରେଶାଇନରେ ଜିତିଥିଲେ। ୨୦୨୩ ସିଜନ ଆରମ୍ଭରୁ ସେ ଟୁର ଅଫ୍ ଫ୍ଲାଣ୍ଡର୍ସ ଜିତିଥିଲେ। ଟୁର ଡି' ଫ୍ରାନ୍ସରେ ୟଙ୍ଗ ରାଇଡର କ୍ଲାସିଫିକେଶନ ସହ ପ୍ୟାରିସ-ନାଇସ, ଭୁଏଲ୍ଟା ଏ ଆଣ୍ଡାଲୁସିଆରେ ବିଜୟୀ ହୋଇଥିଲେ। ୨୦୨୪ ତାଙ୍କ କ୍ୟାରିୟର ଲାଗି ସ୍ୱର୍ଣ୍ଣିମ ବର୍ଷ ଥିଲା। ଏହି ବର୍ଷ ସେ ଟୁର ଡି ଫ୍ରାନ୍ସ ଓ ଗିରୋ ଡି ଇଟାଲିଆରେ ଚାମ୍ପିୟନ ହୋଇଥିଲେ। ଉଭୟ ଗ୍ରାଣ୍ଡ ଟୁରର ସେ ମୋଟ ୧୨ ଷ୍ଟେଜରେ ଚାମ୍ପିୟନ ହୋଇଥିଲେ। ଏଥିସହିତ ସେ ଭଲ୍ଟା ଏ କାଟାଲୁନ୍ୟା, ୱାର୍ଲ୍ଡ ରୋଡ୍ ରେସ ଚାମ୍ପିୟନଶିପ୍ସ, ଲିଜ-ବାଷ୍ଟୋଗ୍ନେ-ଲିଜ, ଷ୍ଟ୍ରାଡେ ବିଆଞ୍ଚେ, ଜିପି ଡି ମଣ୍ଟ୍ରିଲ ଓ ଗିରୋ ଡେଲ ଏମିଲାରେ ସେ ବିଜୟୀ ହୋଇଥିଲେ। ସେ ଅଗଷ୍ଟରେ ହେବାକୁ ଥିବା ଭୁଏଲ୍ଟା ଏ ଏସ୍ପାନା ଭାଗ ନ ନେବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ବଦଳରେ ସେ ନିଜ ଶରୀରକୁ ରିକଭର କରିବାକୁ ସମୟ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ବିଭିନ୍ନ ରେସରେ ଏଭଳି ସଫଳତା ଯୋଗୁ ପୋଗାକାର ୟୁସିଆଇ ରୋଡ ରେସିଂରେ ୱାର୍ଲ୍ଡ ନଂ-୧ ହୋଇ ରହିଛନ୍ତି। ଏପରି କି ତାଙ୍କ ନାମରେ ସର୍ବାଧିକ ସଂଖ୍ୟକ ସପ୍ତାହ ଧରି ୱାର୍ଲ୍ଡ ନଂ-୧ ହୋଇ ରହିବାର ରେକର୍ଡ ରହିଛି। ଏଥିସହିତ ଲଗାତର ସର୍ବାଧିକ ସଂଖ୍ୟକ ସପ୍ତାହ ଧରି ୱାର୍ଲ୍ଡ ନଂ-୧ ହୋଇ ରହିବାର ରେକର୍ଡ ମଧ୍ୟ ତାଙ୍କ ନାମରେ ରହିଛି।

# ଅପରାଜିତାଙ୍କ ପାଇଁ ନୂଆ ଉପଲବ୍ଧି

## ୱାର୍ଲ୍ଡ ସ୍କୁଲ ଟିମ୍ ଚେସ୍ ଲାଗି ଏଫ୍‌ପିଓ ନିଯୁକ୍ତ



ଭାରତର ପ୍ରଥମ ମହିଳା ଭାବେ ଫେୟାର ପ୍ଲେ ଏକ୍ସପର୍ଟ (ଏଫ୍‌ପିଇ) ଟାଇଟଲ୍ ପାଇଥିବା ଓଡ଼ିଶାର ଅନ୍ତର୍ଜାତୀୟ ଚେସ୍ ଖେଳାଳି ଅପରାଜିତା ଗୋଚ୍ଛିକାର ଏବେ ଏକ ନୂଆ ଉପଲବ୍ଧି ହାସଲ କରିବାକୁ ଯାଉଛନ୍ତି। ଆମେରିକାର ୱାଶିଂଟନଠାରେ ଆସନ୍ତା ୨୦୨୫ ଅଗଷ୍ଟ ୨ରୁ ୭ ପର୍ଯ୍ୟନ୍ତ ହେବାକୁଥିବା ୱାର୍ଲ୍ଡ ସ୍କୁଲ ଟିମ୍ ଚେସ୍ ଚାମ୍ପିୟନଶିପ୍ ତଦାରଖ ପାଇଁ ଅନ୍ତର୍ଜାତୀୟ ଚେସ୍ ଫେଡେରେଶନ (ଫିଡେ) ପକ୍ଷରୁ ତାଙ୍କୁ ନିଯୁକ୍ତି ଦିଆଯାଇଛି। ସେଠାରେ ଅପରାଜିତା ଜର୍ମାନୀର ଜୁଏର୍ଗେନ୍ କ୍ଲୁଏନର୍ସଙ୍କ ସହ ଇଭେଣ୍ଟର ଫେୟାର ପ୍ଲେ ଅଫିସର (ଏଫ୍‌ପିଓ) ଦାୟିତ୍ୱ ତୁଲାଇବେ। ଅନ୍ତର୍ଜାତୀୟ ଚେସ୍ ଫେଡେରେଶନର ସଭାପତି ଆର୍କାଡି ଡଭୋରକୋଭିଚ୍ ତାଙ୍କୁ ଏହି ପଦବୀରେ ନିଯୁକ୍ତ କରିଥିବା ଅପରାଜିତା ପ୍ରକାଶ କରିଛନ୍ତି। ଏହି ଇଭେଣ୍ଟରେ ଭାରତ ସମେତ ୪୮ ଦେଶର ୫୫ଟି ଦଳ ଅଂଶଗ୍ରହଣ କରିବେ। ୱାର୍ଲ୍ଡ ସ୍କୁଲ ଟିମ୍ ଚେସ୍ ଚାମ୍ପିୟନଶିପ୍ ପରି ଏକ ସମ୍ମାନଜନକ ପ୍ରତିଯୋଗିତାରେ ଫେୟାର ପ୍ଲେ ଅଫିସର ଦାୟିତ୍ୱ ତୁଲାଇବାକୁ ଯାଉଥିବାରୁ ସ୍ୱାଭାବିକ ଭାବେ ଖୁସି ଅଛନ୍ତି ଅପରାଜିତା। ତାଙ୍କ ଉପରେ ଆସ୍ଥା ରଖିଥିବାରୁ ସେ ଫିଡେକୁ ଧନ୍ୟବାଦ ଜଣାଇଛନ୍ତି। ଏଥିସହ ଏହା ତାଙ୍କ ପାଇଁ ଏକ ନୂଆ ଉପଲବ୍ଧି ହେବ ବୋଲି ସେ କହିଛନ୍ତି।

## ଅଭିଲେଖ



ଫିଡେ ମହିଳା ବିଶ୍ୱକପ ଟ୍ରଫି ସହ ଦିବ୍ୟା ଦେଶମୁଖ।

ସେଣ୍ଟ ଆଲୋୟସିଅସ
ୟୁନିଭର୍ସିଟିର
ରେମୋନା ଡ୍ୟାନ୍ସରେ ସ୍ତବ୍ଧ
ଶହେ ସତୁରି ଘଣ୍ଟା ତା ଭାରତ
ନାଟ୍ୟମ
ନୃତ୍ୟ କଳା ମନ୍ତ୍ର ମୁଗ୍ଧ
ନୂଆ କୀର୍ତ୍ତି ଉପଲବ୍ଧ
ଗୋଲଡେନ ବୁକ ଅଫ ୱାର୍ଲ୍ଡ
ରେକର୍ଡ୍ସରେ
ନାମ ହେଲା ଲିପିବଦ୍ଧ।
ଆଇସିସି ଟେଷ୍ଟ ଖେଳାଳି ର୍‍ୟାଙ୍କିଙ୍ଗ
ହୋଇ ଅଛି ପ୍ରକାଶିତ
ନମ୍ବର ୱାନ ଅଲରାଉଣ୍ଡର ଟିମ
ଜାଡେଜା ଗାଉଛି ଗୀତ
ଟେଷ୍ଟ କ୍ରିକେଟରେ ମିତ
ଟି ଟ୍ୱେଣ୍ଟି ବ୍ୟାଟରଙ୍କ ଟପରେ
ଅଭିଷେକ ଶର୍ମା ସତ।
ପଚିଶ ଶହ ରେଟିଂର ନର୍ମ ନ ଥାଇ
ଆମ ଦିବ୍ୟା ଦେଶମୁଖ
ଭାରତର ନୂଆ
ଗ୍ରାଣ୍ଡ ମାଷ୍ଟର ଏବେ
ଏକଜାମ୍ପୁଲ ହେଲେ ଦେଖ
ଏ ନିଉ ହିଷ୍ଟୋରୀ ଲେଖ
ନିଷ୍ଠା ପାଇଁ ବ୍ୟକ୍ତି ରେକର୍ଡ୍ସ ବନଇ
ନୂଆ ନୂଆ ଅଭିଲେଖ।

-ସୁବାସ ଚନ୍ଦ୍ର ପ୍ରଧାନ

# ଟୁର୍ ଡି ଫ୍ରାନ୍ସ

**ଟୁର ଡି ଫ୍ରାନ୍ସ ରେସ ସାଧାରଣତଃ ୩,୫୦୦ କିମି ବିଶିଷ୍ଟ ହୋଇଥାଏ। ଏହା ଫ୍ରାନ୍ସ ଓ ଏହାର ପଡ଼ୋଶୀ ଦେଶ ବେଲଜିୟମରେ ଆୟୋଜିତ ହୁଏ। ପ୍ରତ୍ୟେକ ବର୍ଷ ପ୍ୟାରିସରେ ଏହି ରେସ ଶେଷ ହେଉଥିବାବେଳେ କେବଳ ୨୦୨୪ରେ ପ୍ୟାରିସ ଅଲିମ୍ପିକ୍ସ କାରଣରୁ ବ୍ୟତିକ୍ରମ ଘଟିଥିଲା...**

ଟୁର ଡି ଫ୍ରାନ୍ସ ହେଉଛି ଏକ ବାର୍ଷିକ ରୋଡ୍ ସାଇକେଲ ରେସ। ଏହା ପ୍ରତ୍ୟେକ ବର୍ଷ ଜୁଲାଇ ମାସରେ ୨୩ ଦିନ ଧରି ଅନୁଷ୍ଠିତ ହୁଏ। ୧୯୦୩ରେ ଏକ ଖବରକାଗଜ ଏଲ' ଅଟୋ ଦ୍ୱାରା ଆରମ୍ଭ କରାଯାଇଥିବା ଏହି ସାଇକେଲ ରେସ 'ଗ୍ରାଣ୍ଡ ଟୁର୍ସ'ର ଅନ୍ୟତମ ସମ୍ମାନଜନକ ଟୁର୍ନାମେଣ୍ଟ। ଗ୍ରାଣ୍ଡ ଟୁର୍ସରେ ଗିରୋ ଡି' ଇଟାଲିଆ ଓ ଭୁଏଲଟା ଏ ଏସ୍ପାନା ଭଳି ସମ୍ମାନଜନକ ଟୁର୍ନାମେଣ୍ଟ ରହିଛି। ଟୁର ଡି ଫ୍ରାନ୍ସ ରେସ ସାଧାରଣତଃ ୩,୫୦୦ କିମି ବିଶିଷ୍ଟ ହୋଇଥାଏ। ଏହା ଫ୍ରାନ୍ସ ଓ ଏହାର ପଡ଼ୋଶୀ ଦେଶ ବେଲଜିୟମରେ ଆୟୋଜିତ ହୁଏ। ଏହି ରେସକୁ ବିଭିନ୍ନ ଦିନିକିଆ ଷ୍ଟେଜରେ ଭାଗ ଭାଗ କରାଯାଇଛି। ରେସ ଶେଷ ହେବା ପରେ ପ୍ରତ୍ୟେକ ପର୍ଯ୍ୟାୟକୁ ଶେଷ କରିବା ପାଇଁ ରାଇଡରଙ୍କୁ ଲାଗିଥିବା ସମୟକୁ ହିସାବକୁ ନେଇ ବିଜେତା ନିର୍ଦ୍ଧାରଣ କରାଯାଏ। ପ୍ରତ୍ୟେକ ବର୍ଷ ରେସର ବିଭିନ୍ନ ପର୍ଯ୍ୟାୟରେ ପରିବର୍ତ୍ତନ କରାଯାଏ। କିନ୍ତୁ ପ୍ରତ୍ୟେକ ବର୍ଷ ପ୍ୟାରିସରେ ଏହି ରେସ ଶେଷ ହୁଏ। କେବଳ ୨୦୨୪ରେ ପ୍ୟାରିସ ଅଲିମ୍ପିକ୍ସ କାରଣରୁ ଏହି ରେସ୍ ନାଇସ୍ ସହରରେ ଶେଷ ହୋଇଥିଲା। ୧୯୭୫ଠାରୁ ଏହି ରେସ ଚାମ୍ପ ଏଲିସିସଠାରେ ଶେଷ ହୋଇଆସୁଛି। ପ୍ରତ୍ୟେକ ଷ୍ଟେଜର ରେସ ଶେଷ ହେବା ପରେ ସବୁଠୁ କମ୍ ସମୟ ନେଇଥିବା ରାଇଡର ହଳଦିଆ ଜର୍ସି ପିନ୍ଧନ୍ତି, ଯାହାକି ଜେନେରାଲ କ୍ଲାସିଫିକେଶନର ଅଗ୍ରଣୀ ରାଇଡରଙ୍କୁ ପ୍ରତିନିଧିତ୍ୱ କରେ। ସେହିଭଳି ପଏଣ୍ଟ କ୍ଲାସିଫିକେଶନରେ ଆଗରେ ଥିବା ରାଇଡର ସବୁଜ, ମାଉଣ୍ଟେନ୍ସ କ୍ଲାସିଫିକେଶନରେ ଆଗରେ ଥିବା ରାଇଡର ପଲକା ଡଟ୍ ଜର୍ସି ଓ ଯୁବ ରାଇଡର କ୍ଲାସିଫିକେଶନରେ ଆଗରେ ଥିବା ରାଇଡର ଧଳା ଜର୍ସି ପିନ୍ଧନ୍ତି।



# ଘରୁ ମହିଳାଙ୍କ ମୃତଦେହ ଜବତ, ହତ୍ୟା ମାମଲା ରୁଜୁ




ମୃତା ପ୍ରତିମା ମହାରଣା (ଫାଇଲ ଫଟୋ)। ଶୋକାକୁଳ ମୃତା ପ୍ରତିମାଙ୍କ ବାପା,ମା ଓ ସମ୍ପର୍କୀୟ।

## ତଣ୍ଟିଚିପି ହତ୍ୟା କରିଥିବା ଅଭିଯୋଗ, ସ୍ୱାମୀ ଅଟକ

**ଢେଙ୍କାନାଳ,୩୧।୭(ରତନ ନାୟାର)**

ଢେଙ୍କାନାଳ ଜିଲା ସଦର ଥାନା କଙ୍କଡାହାଡ ଗ୍ରାମରେ ଗୁରୁବାର ସକାଳେ ଗୌରାଙ୍ଗ ମହାରଣାଙ୍କ ପତ୍ନୀ ପ୍ରତିମା ମହାରଣା(୩୪)ଙ୍କ ମୃତ ଦେହକୁ ଉଦ୍ଧାର କରାଯାଇଥିଲା । ପ୍ରତିମାଙ୍କୁ ନିର୍ଯ୍ୟାତନା ଦେଇ ସ୍ୱାମୀଙ୍କ ସମେତ ଶାଶୁ,ଶ୍ୱଶୁର ତଂଟିଚିପି ହତ୍ୟା କରିବା ପରେ ଘର ଭିତରେ ଝୁଲାଇ ଦେଇଥିଲେ । ଏବଂ ପରେ ତଳେ ଆଣି ଶୁଆଇ ଦେଇଥିଲେ ବୋଲି ତାଙ୍କ ମା ସୁଷମା ବିନ୍ଧାଣୀ ସଦର ଥାନାରେ ଅଭିଯୋଗ କରିଛନ୍ତି । ଏହି ଅଭିଯୋଗକୁ ଭିତିକରି ସଦର ଥାନାରେ କେସ୍ ନଂ-୬୦୯।୨୫ରେ ଏକ ମାମଲା ରୁଜୁ କରାଯାଇ ସ୍ୱାମୀ ଗୌରାଙ୍ଗ ମହାରଣାଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରିବା ସହିତ ତଦନ୍ତ ଜାରି ରଖିଛି ବୋଲି ସଦର ଥାନା ଅଧିକାରୀ ପ୍ରିୟବ୍ରତ ଦାସଙ୍କ ସୂଚନାରୁ ଜଣାପଡିଛି । ଅଭିଯୋଗରୁ ଜଣାପଡିଛି ଯେ, ପ୍ରାୟ ୧୨ବର୍ଷ ତଳେ କାମାକ୍ଷାନଗର ଥାନା ନୁଆ ରେକୁଳା ଗ୍ରାମର ସୁଷମା ବିନ୍ଧାଣୀ ଓ ସର୍ବେଶ୍ୱର ବିନ୍ଧାଣୀଙ୍କ ଝିଅ ପ୍ରତିମା ଢେଙ୍କାନାଳ ସଦର ଥାନା କଙ୍କଡାହାଡ ଗ୍ରାମର ମାୟାଧର ମହାରଣାଙ୍କୁ ପୁଅ ଗୌରାଙ୍ଗ ମହାରଣାଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ । ବିବାହର କିଛିବର୍ଷ ସ୍ୱାମୀ ସ୍ତ୍ରୀ ଭଲରେ ଚଳୁଥିଲେ । ଉଭୟଙ୍କର ଗୋଟିଏ କନ୍ୟା ଓ ଗୋଟିଏ ପୁତ୍ର ସନ୍ତାନ ରହିଛନ୍ତି । ବାହାଘରର ୪ବର୍ଷ ପୂରଣ ହୋଇନଥିବା ବେଳେ ଯୌତୁକ ବାବଦକୁ ଅଧିକ ଟଙ୍କା ଦାବୀକରି ପ୍ରତିମାଙ୍କୁ ସ୍ୱାମୀଙ୍କ ସମେତ ଶାଶୁ, ଶ୍ୱଶୁର ମାରପିଟ୍ କରିବା ସହିତ ନିର୍ଯ୍ୟାତନା ଦେଉଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି । ଫଳରେ ବାପଘର ପକ୍ଷରୁ ସଦର ଥାନାରେ ବାରମ୍ବାର ଅଭିଯୋଗ ହୋଇଥିଲା । ପୋଲିସ ମିଳାମିଶା କରି ଛାଡିଥିଲେ । ଏହାପରେ ସ୍ୱାମୀ, ଶାଶୁ ଓ ଶ୍ୱଶୁରଙ୍କର ଝିଅକୁ ନିର୍ଯ୍ୟାତନା ଦେବା ବଢିଥିଲା । ବୁଧବାର ସନ୍ଧ୍ୟାରେ ମା ସୁଷମା ଓ ତାଙ୍କ ପରିବାର ଝିଅ ଘରକୁ ଆସି ଖୁସିର ସହ ବୁଲିକି ଯାଇଥିଲେ । କିନ୍ତୁ ରାତି ପ୍ରାୟ ୧୨ଟା ସମୟରେ ଝିଅ ପ୍ରତିମାନଙ୍କର ମୃତ୍ୟୁ ହୋଇଥିବା ଜାଣିବାକୁ ପାଇଥିଲେ । ଘଟଣା ସ୍ଥଳରେ ପହଁଚି ଜାଣିବାକୁ ପାଇଲେ ଶାଶୁ,ଶ୍ୱଶୁର ଓ ସ୍ୱାମୀ ଝିଅକୁ ତଂଟିଚିପି ହତ୍ୟା କରିବା ପରେ ଝୁଲାଇ ଦେଇଥିଲେ । ପରେ ତଳେ ଶୁଆଇ ଦେଇଥିଲେ । ଏପରିକି ଯିଏ ଯାହା ପଚାରିବେ, ପ୍ରତିମାଙ୍କୁ ବାତ ମାରିଛି ବୋଲି ଗୌରାଙ୍ଗ ପୁଅ,ଝିଅକୁ ଧମକାଇ କହିଥିବା ଅଭିଯୋଗରେ ଦର୍ଶାଯାଇଛି । ଏହି ଘଟଣାରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସୁଷମା ଦାବୀ କରିଛନ୍ତି ।

# ଢେଙ୍କାନାଳ ରୋଟାରି କ୍ଲବର ୫୦ତମ ଅଧିଷ୍ଠାନ ଦିବସ ପାଳିତ




ଅଧିଷ୍ଠାନ ଦିବସ ପାଳନ ଅବସରରେ ଯୋଗଦେଇଥିବା ଅତିଥିବୃନ୍ଦ।

**ଢେଙ୍କାନାଳ,୩୧।୭(ରତନ ନାୟାର)**

ଢେଙ୍କାନାଳ ସହରସ୍ଥିତ ନିରୁପମା ହୋଟେଲ ଠାରେ ବୁଧବାର ରୋଟାରୀ କ୍ଲବର ୫୦ତମ ଅଧିଷ୍ଠାନ ଦିବସ ପାଳିତ ହୋଇଯାଇଛି। ସନ୍ଧ୍ୟା ୭ଟାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ପ୍ରାନ୍ତପାଳ ସୌମ୍ୟ ରଞ୍ଜନ ମିଶ୍ର, ସମ୍ମାନିତ ଅତିଥି ଭାବେ ଡିଜିଏନ୍ ଇନ୍ଦ୍ରଜିତ ସାହୁ, ଆଇପିଡିଜି ଯଜ୍ଞେଶ୍ୱର ମହାପାତ୍ର, ଏଜି ହରଗୋବିନ୍ଦ ମହାପାତ୍ର ଯୋଗଦାନ କରି ଢେଙ୍କାନାଳ ରୋଟାରୀ କ୍ଲବ କିପରି ସମାଜକୁ ସେବା ଦେଇଆସୁଛି ଏବଂ ସାରା ବିଶ୍ୱରେ ରୋଟାରୀ କ୍ଲବ କିପରି ସେବା କାର୍ଯ୍ୟ ସହ ବିଭିନ୍ନ କାର୍ଯ୍ୟକ୍ରମ କରୁଛି ଏବଂ ବନ୍ଧୁତ୍ୱ ସ୍ଥାପନ କରିବା ମୁଖ୍ୟ ଉଦ୍ଦେଶ୍ୟ ନେଇ କାମ କରୁଛି ସେ ବିଷୟରେ ଆଲୋକପାତ କରିଥିଲେ । ଏହି ଅବସରରେ ରୋଟାରୀ କ୍ଲବର ମୁଖପତ୍ର ମହିମା ପତ୍ରିକା ଉନ୍ମୋଚିତ ହୋଇଥିଲା । ଢେଙ୍କାନାଳ ରୋଟାରୀ କ୍ଲବର ପୂର୍ବତନ ସଭାପତି ହରେକୃଷ୍ଣ କର, ନୂତନ ସଭାପତି ସାଗରିକା ମିଶ୍ରଙ୍କୁ କାର୍ଯ୍ୟଭାର ହସ୍ତାନ୍ତର କରିଥିଲେ। ସଂପାଦକ ତପନ କୁମାର ପାଳ ସଂପାଦକୀୟ ବିବରଣୀ ପାଠ କରିଥିଲେ। ନୂତନ ସଦସ୍ୟ ଭାବେ ଅମରଜ୍ୟୋତି ସିଂହଦେଓ, ତାପସ କୁମାର ରାଉତ, ଲୋକନାଥ ମହାପାତ୍ର ଓ ହେମନ୍ତ କୁମାର ମହାନ୍ତିଙ୍କୁ ସଦସ୍ୟତା ଗ୍ରହଣ କରାଯାଇଥିଲା । ରୋଟାରିଆନ ବିନୋଦ ଅଗ୍ରୱାଲ ଏବଂ ଜିତେନ୍ଦ୍ର ନବୀନ ଚନ୍ଦ୍ର ନାରାୟଣ ଦାସ ମଂଚ ପରିଚାଳନା କରିଥିଲେ। ରାଜକିଶୋର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ରୋଟାରିଆନ ନବୀନଚନ୍ଦ୍ର ନାରାୟଣ ଦାସ, ସାଗର ମଲ୍ ଅଗ୍ରୱାଲ, ରାଜେନ୍ଦ୍ର କୁମାର ଦାସ, ଡା. ଭବାନୀ ଦାସ, ବିଭୁଦେନ୍ଦୁ ପଟ୍ଟନାୟକ, ଅଭିମନ୍ୟୁ ସାହୁ, ପ୍ରଦୋଷ କୁମାର ଶତପଥୀ, ଡା. ଅବୋଧ ମହାପାତ୍ର, ଅଖିଳ କୁମାର ପଣ୍ଡା, ହର୍ଷବର୍ଦ୍ଧନ ସିଂହଦେଓ, ସୌମ୍ୟ ରଞ୍ଜନ ମିଶ୍ର, ମହେଶ ପ୍ରସାଦ ଅଗ୍ରୱାଲ, ବିଶ୍ୱଜିତ ଦାସଗୁପ୍ତା, ବିରଂଚି ନାରାୟଣ ପାଣି, ଜ୍ୟୋତି ରଞ୍ଜନ ରଥ, ମଧୁ ଖୱାଡ଼, ଗୌରବ ଖଣ୍ଡେଲୱାଲ, ଲକ୍ଷ୍ମୀ ନାରାୟଣ ନନ୍ଦ ଓ ସୁନିଲ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ନିତ୍ୟାନନ୍ଦ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଇନର ହ୍ୱିଲର ସମସ୍ତ ସଦସ୍ୟ, ଆରସେଟି ଗଜମରା ଓ ରୋଟ୍ରାକ୍ଟର ସମସ୍ତ ସଦସ୍ୟ ପ୍ରମୁଖ ଯୋଗ ଦେଇଥିଲେ ।

# ଚାନ୍ଦା ଆଦାୟ କରୁଥିବା ନେଇ ୩ ଜଣଙ୍କୁ କୋର୍ଟଚାଲାଣ



ଗିରଫ ୩ ଅଭିଯୁକ୍ତ ।

**ଗଁଦିଆ,୩୧।୭(ବିଶ୍ୱ ମୋହନ ସାହୁ)**

ଢେଙ୍କାନାଳ ଜିଲା ନିହଲପ୍ରସାଦ ଥାନା ଦଶହରା ପଡିଆ ଛକଠାରେ କିଛି ଯୁବକ ଜୋର ଜବରଦସ୍ତି ଚାନ୍ଦା ଆଦାୟ କରୁଥିବା ବେଳେ ଖବର ପାଇ ନିହଲପ୍ରସାଦ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉକ୍ତ ଯୁବକମାନଙ୍କୁ କାବୁ କରିଥିଲେ । ଅଭିଯୁକ୍ତ ଯୁବକ ମାନେ ହେଲେ ନିହଲପ୍ରସାଦ ଗ୍ରାମର ଲିକୁନା ଧଳ (୪୪) ,ବିକାଶ ମହାନ୍ତି(୩୭) ଓ ପ୍ରକାଶ ମହାନ୍ତି(୩୬) । ଏ ସଂକ୍ରାନ୍ତରେ କେସ ନଂ-୧୯୯/୨୫ରେ ଏକ ମାମଲା ରୁଜୁ କରି ସେମାନଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ମାନେ ଜବରଦସ୍ତି ପଥର ଗାଡି ମାନଙ୍କ ଠାରୁ ଚାନ୍ଦା ଆଦାୟ କରିଥିବାରୁ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ନିହଲ ପ୍ରସାଦ ଥାନା ଅଧିକାରୀ ନିରୋଦ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

# ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ଗାଡ଼ି ଅଟକାଇବା ପ୍ରାୟୋଜିତ ଯୋଜନା

**ଢେଙ୍କାନାଳ,୩୧।୭(ରତନ ନାୟାର)**

- ମୁହଁ ଖୋଲିଲା ଜିଲା ଭାଜପା
- ବିରୋଧୀଙ୍କ ଷଡ଼ଯନ୍ତ୍ର ସଫଳ ହେବନି

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ନିହଲ ପ୍ରସାଦ ଥାନା ବେଗା ଗ୍ରାମପଞ୍ଚାୟତର ପାଞ୍ଚକେନ୍ଦୁ ଗ୍ରାମକୁ ବୁଧବାର ରାଜ୍ୟ ସରକାରଙ୍କର ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏକ ଜନଶୁଣାଣୀ କାର୍ଯ୍ୟକ୍ରମରେ ଯୋଗଦେଇ ଲୋକଙ୍କ ସମସ୍ୟା ସମାଧାନ କରିଫେରୁଥିବା ବେଳେ ବେଲମାଳିଆ ଗ୍ରାମ ନିକଟରେ ଗ୍ରାମବାସୀ ତାଙ୍କ ଗାଡିକୁ ଅଟକାଇ ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ କିଛି କାମ ହେଉନାହିଁ, ଏଥିପାଇଁ ସେମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶନ ହେବାପରେ ଗୁରୁବାର ଜିଲା ଭାଜପା ପକ୍ଷରୁ ଜିଲା ମିଡିଆ ପ୍ରଭାରୀ ନବକିଶୋର ଗୁରୁ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସ୍ପଷ୍ଟିକରଣ ଦେଇ ଜଣାଇଛନ୍ତି ଯେ, ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ଗାଡି ଅଟକାଇବା ଏକ ପ୍ରାୟୋଜିତ ଯୋଜନା । କୃଷ୍ଣଚନ୍ଦ୍ର ପାତ୍ର ମନ୍ତ୍ରୀ ହେବାପରେ ପ୍ରଶାସନ, ପୋଲିସ ଓ ଖଣି ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇ ୨୪ବର୍ଷ ଧରି ନିହଲ ପ୍ରସାଦ ଅଞ୍ଚଳରେ ଖଣି ଖଦାନକୁ ଲୁଟ୍ କରିଥିବା ବ୍ୟବସାୟୀ ମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ବହୁ ଗାଡି ମଧ୍ୟ ଜବତ ହୋଇଛି । ରାୟଗଡା ପାହାଡକୁ ପଥର ବ୍ୟବସାୟୀଙ୍କ କବଳରୁ ବଂଚାଇବା ପାଇଁ ୧୬୩ ବିଏନ୍ଏସ୍ଏସ୍ ଧାରା ଲାଗୁ କରାଯାଇ ଦୀର୍ଘଦିନ ଧରେ ଉକ୍ତ ଅଂଚଳକୁ ନିଷିଦ୍ଧାଂଚଳ ଭାବେ ଘୋଷଣା କରାଯାଇଛି । ଜଣେ ପୂର୍ବତନ ବିଧାୟକ ପଥର ବ୍ୟବସାୟୀଙ୍କ ସହିତ ହାତ ମିଳାଇ ଷଡଯନ୍ତ୍ର କରି ରାସ୍ତାରେ ନିରିହ ଲୋକଙ୍କୁ ଛିଡା କରି ଜନଶୁଣାଣୀ ସାରି ଫେରୁଥିବା ମନ୍ତ୍ରୀଙ୍କ ଗାଡିକୁ ଅଟକାଇଥିଲେ । ମନ୍ତ୍ରୀ ଲୋକ ମାନଙ୍କର ଅଭିଯୋଗ ଶୁଣିଥିଲେ । ସେମାନଙ୍କ ଉତର ମଧ ସଠିକ୍ ଭାବେ ଦେଇଥିଲେ । ସେମାନଙ୍କୁ ବୁଝାଇ ମଧ ବିଦା କରିଥିଲେ । ବିରୋଧୀଙ୍କ ଷଡଯନ୍ତ୍ର ସଫଳ ହୋଇପାରିବ ନାହିଁ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି । ଏପରିକି ୪।୫ଦିନ ପୂର୍ବରୁ ଉକ୍ତ ରାସ୍ତାଦେଇ ମନ୍ତ୍ରୀ ଯାଇଥିବା ବେଳେ ସେହି ଗ୍ରାମର କିଛି ଲୋକଙ୍କ ସହିତ ସାକ୍ଷାତ ଆଲୋଚନା କରିଥିଲେ । ଖଣି,ଖଦାନ, ପାହାଡ ଓ ଜଙ୍ଗଲ ସରକାରଙ୍କ ସମ୍ପତି । ଏହାକୁ ସୁରକ୍ଷା ଦେବା ଲୋକ ପ୍ରତିନିଧି ଭାବେ ମନ୍ତ୍ରୀଙ୍କର ଏହା ହେଉଛି ପ୍ରାଥମିକତା ବୋଲି ଦଳ ପକ୍ଷରୁ ଜିଲା ମିଡିଆସେଲ ପ୍ରଭାରୀ ନବକିଶୋର ଗୁରୁ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି।

# ଅବସରକାଳୀନ ସମ୍ବର୍ଦ୍ଧନା



**ଭୁବନ, ୩୧।୭ (ବିପିନ ବିହାରୀ ସେଠୀ)**

ଢେଙ୍କାନାଳ ଜିଲ୍ଲା ଭୁବନ ବାଜି ରାଉତ କଲେଜର ଅଧ୍ୟକ୍ଷ କେଶବ ଚନ୍ଦ୍ର ରାଉତରାୟ ଓ କନିଷ୍ଠ କିରାଣି ଶିଶିର କୁମାର ସାହୁଙ୍କୁ ଗୁରୁବାର କଲେଜ ପକ୍ଷରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା କରାଯାଇଛି। ସେବାନିବୃତ୍ତି ସଭା ମହାଆଡ଼ମ୍ବରରେ ସମାପନ ହୋଇଯାଇଛି। ଇତିହାସ ବିଭାଗର ମୁଖ୍ୟ ଅଧ୍ୟାପକ ପ୍ରଫୁଲ୍ଲ କୁମାର ଭୂୟାଁ ସଭାପତିତ୍ୱ କରିଥିବା ବେଳେ ଅଧ୍ୟାପକ ପ୍ରଭାତ କୁମାର ଜେନା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସଭାରେ କଲେଜର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀମାନେ ଉପସ୍ଥିତ ରହି ଉଭୟ ଅବସର ନେଉଥିବା କର୍ମଚାରୀଙ୍କ କର୍ମମୟ ଜୀବନରେ ଘଟିଥିବା ସଫଳତା ସମ୍ପର୍କରେ ଆଲୋଚନା କରିଥିଲେ। କଲେଜର ବରିଷ୍ଠ କିରାଣୀ କୈଳାଶ ଚନ୍ଦ୍ର ବେହେରା ଅବସର କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଏକ କବିତା ଆବୃତ୍ତି କରିଥିବା ବେଳେ ଗ୍ରନ୍ଥାଗାରିକ ନନ୍ଦ କିଶୋର ଧିର ମାନପତ୍ର ପଠନ କରିଥିଲେ। ଶେଷରେ ଅଧ୍ୟାପିକା ଖିରାବ୍ଧୀ ତନୟା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ଅବସର ନେଉଥିବା କର୍ମଚାରୀଙ୍କ ବିଗତ ଦିନରେ ବିତିଥିବା ସମସ୍ତ ସ୍ମରଣୀୟ କାର୍ଯ୍ୟକଳାପ ଉପରେ ବକ୍ତବ୍ୟ ରଖିଥିଲେ।

# ଭୋଟର ତାଲିକା ସଂଶୋଧନ ପାଇଁ ବୈଠକ



ବୈଠକରେ ଯୋଗଦେଇଥିବା ଅଧିକାରୀବୃନ୍ଦ।

ଢେଙ୍କାନାଳ,୩୧।୭(ରତନ ନାୟାର): ଢେଙ୍କାନାଳ ଜିଲର କାର୍ଯ୍ୟାଳୟ ସହଭାବନା ସଭା ଗୃହଠାରେ ଜିଲର ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଆଶିଷ ଇଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଗୁରୁବାର ପୂର୍ବାହ୍ନରେ ଭୋଟ ତାଲିକା ସଂଶୋଧନ ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୦୧.୦୧.୨୦୨୬ ତାରିଖ ମଧ୍ୟରେ ଯୋଗ୍ୟ ଭୋଟର ମାନେ ନିଜକୁ ଅନ୍ତର୍ଭୁକ୍ତିକରଣ, ସଂଶୋଧନ କିମ୍ବା ତାଲିକାରୁ ବାଦ୍ ଦେଇପାରିବେ ବୋଲି ବୈଠକରେ ସୂଚନା ପ୍ରଦାନ କରାଯାଇଥିଲା । ଏଥିପାଇଁ ସମସ୍ତେ ସହଯୋଗ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ । ଏହି ବୈଠକରେ ସମସ୍ତ ପ୍ରମୁଖ ରାଜନୈତିକ ଦଳ ପ୍ରତିନିଧିଙ୍କ ସମେତ ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ, ଡେପୁଟୀ କଲେକ୍ଟର ଅଗ୍ନିଜା ଶିବଦତା ଏବଂ ସହକାରୀ ଜିଲାପାଳ ସୌରମ୍ୟ ରଞ୍ଜନ ପ୍ରଧାନ ଉପସ୍ଥିତ ଥିଲେ ।

# ଅଭିଭାବକ, ଶିକ୍ଷକ ବୈଠକ



ଭୁବନ, ୩୧।୭ (ବିପିନ ବିହାରୀ ସେଠୀ): ଢେଙ୍କାନାଳ ଜିଲା ନୂଆଭୁବନ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଅଭିଭାବକ ଓ ଶିକ୍ଷୟତ୍ରୀ ଶିକ୍ଷକମାନଙ୍କ ମଧ୍ୟରେ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଖଗେଶ୍ୱର ବେହେରା ସଭାପତିତ୍ୱ କରିଥିଲେ। ପରିଚାଳନା କମିଟିର ସଭାପତି ବିପିନ ବିହାରୀ ସେଠୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ବିଦ୍ୟାଳୟରେ ଶିକ୍ଷୟତ୍ରୀ ଶିକ୍ଷକମାନେ ନିଜ ଭିତରେ ଥିବା ଉନ୍ନତମାନର ଶିକ୍ଷାକୁ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିକଶିତ କରି କୃତୀ ଛାତ୍ରୀଛାତ୍ର ତିଆରି କଲେ ନିଜର ପରିଚୟ ସୃଷ୍ଟି କରିପାରିବେ ବୋଲି କହିଥିଲେ। ସହକାରୀ ଶିକ୍ଷକ ନୃସିଂହ ଚରଣ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସରକାରଙ୍କ ପକ୍ଷରୁ ଅଭିଭାବକ ଓ ଶିକ୍ଷକମାନଙ୍କ ପାଇଁ ବୈଠକର ଆଭିମୁଖ୍ୟ ଉପରେ ମାର୍ଗଦର୍ଶନ ଦେଇଥିଲେ। ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଅଭିଭାବକ ଯୋଗଦେଇ ବିଦ୍ୟାଳୟରେ ଶିକ୍ଷାଦାନ ଓ ସମସ୍ୟା ଉପରେ ବୁଝିଥିଲେ। ସହକାରୀ ଶିକ୍ଷୟତ୍ରୀ ସ୍ୱାତିଶ୍ରୀ ନାୟକ, ପ୍ରଜ୍ଞାଶ୍ରୀ ସାମଲ, ରେଣୁବାଳା ସାହୁ, ନିଳାଦ୍ରୀ ଗୁପ୍ତା, ଧରିତ୍ରୀ ପ୍ରିୟଦର୍ଶିନୀ ମିଶ୍ର, ଶିକ୍ଷକ ଦୁଷ୍ମନ୍ତ ମହାରଣା, ଶ୍ରୀବତ୍ସ କୁମାର ସାହୁ, ପ୍ରଜିତ କିଶୋର ସାହୁ, ସୁମିତ ନାଏକଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଅମରେଶ ଦାସ ଧନ୍ୟବାଦ ଦେଇଥିଲେ।

# ବରିଷ୍ଠ ଟେକ୍ନିସିଆନଙ୍କ ଅବସର ଗ୍ରହଣ

କାମାକ୍ଷାନଗର, ୩୧।୭ (ସୁଧୀର କୁମାର ପରିଡ଼ା): ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟର ବରିଷ୍ଠ ଟେକନେସିଆନ ବିଜୟ କୁମାର ସେନାପତି ଗୁରୁବାର ନିଜର ସରକାରୀ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ସେ ବିର ସୁରେନ୍ଦ୍ର ସାଏ ମେଡିକାଲ କଲେଜରୁ ମେଡିକାଲ ଲାବରଟୋରୀ ଟେକନେସିଆନ ଶିକ୍ଷା ଶେଷ କରି ଖଜୁରିଆକଟା ଗୋଷ୍ଠି ଉପଖଣ୍ଡ ଚିକିତ୍ସାଳୟର ଅଧିକ୍ଷକ ଡା. ଦିଗମ୍ବର ସାହୁ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବର ଅଧ୍ୟକ୍ଷତା କରିଥିଲେ। କନିଷ୍ଠ ପଚିଚାଳିକା ରଶ୍ମିପ୍ରଭା ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଫାର୍ମାସିଷ୍ଟ ମନୋଜ କୁମାର ରାଉଳ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡା ମିଥୁନ କୁମାର ମେହେରେ, ଡା. ପୁନ୍ୟଶ୍ଳୋକ ପତି, ସେବା ଅଧିକ୍ଷକ ମମତାରାଣୀ ଦାସ, ଫାର୍ମାସିଷ୍ଟ ମନ୍ଦାକିନି ବିଶ୍ୱାଳ, ସେବୀକା ନିରୋଜ ନଳିନୀ କାଲୋ, ଶିଳାରାଣୀ ସାହୁ, ସମ୍ବନ୍ୱିତ ପରାମର୍ଶ ଓ ପରୀକ୍ଷା କେନ୍ଦ୍ର କାଉନସେଲର ପ୍ରଫୁଲ୍ଲ କୁମାର ସାହୁ, ଟେକନେସିଆନ ଶୁଭକାନ୍ତ ସାହୁ, ବିଜୟ କୁମାର ନାୟକ, ସୌମ୍ୟରଞ୍ଜନ ଦାସ, ଅମିତା ସାହୁଙ୍କ ସମେତ ବିଭିନ୍ନ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ।

# ଜୁଏଲାରୀ ମ୍ୟାନେଜରଙ୍କୁ ଆକ୍ରମଣ

ପରଜଙ୍ଗ, ୩୧।୭ (ନିଗମାନନ୍ଦ ଦଳବେହେରା): ଢେଙ୍କାନାଳ ଜିଲା ପରଜଙ୍ଗ ତାରିଣୀ ବଜାରରେ ଥିବା ଶର୍ମିଷ୍ଠା ଜୁଏଲାରୀ ମ୍ୟାନେଜର ସଞ୍ଜୟ କୁମାର ସାହୁଙ୍କୁ ବୁଧବାର ରାତିରେ ମରଣାନ୍ତକ ଆକ୍ରମଣ ହୋଇଥିବା ପରଜଙ୍ଗ ଥାନାରେ ଲିଖିତ ଅଭିଯୋଗ ହୋଇଛି। ବୁଧବାର ସଞ୍ଜୟ ଦୋକାନ ବନ୍ଦ କରିବା ପାଇଁ କହୁଥିବା ସମୟରେ ପରଜଙ୍ଗ ଗ୍ରାମର ପୂର୍ବତନ ସେନା କର୍ମଚାରୀ ଦୁଷ୍ମନ୍ତ ଦଳବେହେରାଙ୍କ ବଡ଼ ପୁଅ ଲୋକେଶ ଦଳବେହେରା (ଲକି) ତାଙ୍କୁ ଆକ୍ରମଣ କରିଥିଲେ। ସେହି ସମୟରେ ଲକିଙ୍କ କିଛି ସହଯୋଗୀ ଅଳ୍ପ ଦୂରରେ ଛିଡା ହୋଇଥିଲେ। ଲୋକେଶ ମାଡ଼ ମାରିଥିବା ସମୟରେ ଦୋକାନର ଅନ୍ୟ ପିଲାମାନେ ଆସି ଅଟକାଇଥିଲେ। ତେବେ ଜୀବନରୁ ମାରିଦେବାକୁ ଲକି ଧମକ ଦେଇ ପଳାଇଥିଲେ। ସମସ୍ତ ଘଟଣା ଦୋକାନ ସିସି କ୍ୟାମେରାରେ ରେକର୍ଡ ହୋଇଛି। ଅଭିଯୋଗ କୁ ଭିତ୍ତି କରି ପରଜଙ୍ଗ ପୋଲିସ ୩୪୦/୨୫ ରେ ଏକ ମାମଲା ରୁଜୁ କରିଚି। ପ୍ରକୃତରେ ଶର୍ମିଷ୍ଠା ଜୁଏଲାରୀର ମାଲିକ ହେଉଛନ୍ତି ପରଜଙ୍ଗ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା ବୋଲି ଜଣାପଡିଛି।

# ହିନ୍ଦୀ, ସଂସ୍କୃତ ଶିକ୍ଷକ ଅଭାବ ଯୋଗୁ ପାଠପଢ଼ା ବ୍ୟାହତ

**ଢେଙ୍କାନାଳ,୩୧।୭(ରତନ ନାୟାର)**

## ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଅଭିଭାବକ

ଢେଙ୍କାନାଳ ଜିଲା ଭୁବନ ବ୍ଲକ ଭଗୀରଥପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ଓ ହିନ୍ଦି ଶିକ୍ଷକ ଅଭାବ ଯୋଗୁ ବହୁବର୍ଷ ହେଲା ପାଠପଢା ବ୍ୟାହତ ହୋଇଛି । ଏହି ସମସ୍ୟାର ସମାଧାନ ପାଇଁ ଗୁରୁବାର ଛାତ୍ରୀଛାତ୍ରଙ୍କ ଅଭିଭାବକ ମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ତାଙ୍କୁ ଲିଖିତ ଅଭିଯୋଗ ଜଣାଇଥିଲେ । ଅଭିଯୋଗରୁ ଜଣାପଡିଛି ଯେ, ପ୍ରାୟ ୧୫ବର୍ଷ ହେବ ବିଦ୍ୟାଳୟରେ ସଂସ୍କୃତି ଶିକ୍ଷକ ପଦବୀ ଖାଲି ପଡିଥିବା ବେଳେ ଆଜିକୁ ୩ବର୍ଷ ହେବ ହିନ୍ଦି ଶିକ୍ଷକ ପଦବୀ ଖାଲିପଡିଛି । ଫଳରେ ଛାତ୍ରୀଛାତ୍ର ମାନେ ସଂସ୍କୃତ ଓ ହିନ୍ଦି ପାଠ ପଢିବାରୁ ବଂଚିତ ହୋଇଛନ୍ତି । ଚଳିତବର୍ଷ ଶିକ୍ଷାବର୍ଷ ୨୦୨୫-୨୬ରେ ବିଦ୍ୟାଳୟର ୯ମ ଓ ୧୦ମ ଶ୍ରେଣୀର ୮୯ଜଣ ଛାତ୍ରୀଛାତ୍ର ସଂସ୍କୃତ ନେଇଛନ୍ତି । କିନ୍ତୁ ବର୍ତ୍ତମାନ ସୁଦ୍ଧା କୌଣସି ଶିକ୍ଷକ ନଥିବାରୁ ସଂସ୍କୃତ ପଢିବା ଛାତ୍ରୀଛାତ୍ରଙ୍କ ପାଇଁ ଏକ ମୁଖ୍ୟ ସମସ୍ୟା ହୋଇଛି । ତୁରନ୍ତ ଏହି ସମସ୍ୟାର ସମାଧାନ କରିବା ପାଇଁ ଅଭିଭାବକ ଲିପିନା ରାଉତ, ଗୀତାଞ୍ଜଳି ରାଉତ ଓ ଅନିତା ବେହେରା ପ୍ରମୁଖ ଅଭିଭାବକ ମାନେ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି ।



ହିନ୍ଦୀ, ସଂସ୍କୃତ ଶିକ୍ଷକ ଅଭାବ ନେଇ ଅଭିଭାବକମାନେ ଜିଲାପାଳଙ୍କ ଦ୍ୱାରସ୍ଥ ।

# ଉତ୍କୃଷ୍ଟ ସୁରକ୍ଷା ପ୍ରଦର୍ଶନ ପାଇଁ ଟାଟାଷ୍ଟିଲ୍ ମେରାମଣ୍ଡଳୀକୁ ଇସ୍ପାତ ସୁରକ୍ଷା ପୁରସ୍କାର

**ଢେଙ୍କାନାଳ,୩୧।୭(ରତନ ନାୟାର)**




ଉତ୍କୃଷ୍ଟ ସୁରକ୍ଷା ପ୍ରଦର୍ଶନ ପାଇଁ ଟାଟାଷ୍ଟିଲ୍ ମେରାମଣ୍ଡଳୀକୁ ଇସ୍ପାତ ସୁରକ୍ଷା ପୁରସ୍କାର ।

ଟାଟାଷ୍ଟିଲ୍ ମେରାମଣ୍ଡଳୀ(ଟିଏସଏମ୍)କୁ ସୁରକ୍ଷା କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ୭୫ତମ ବାର୍ଷିକ ଇସ୍ପାତ ସୁରକ୍ଷା ପୁରସ୍କାର ମିଳିଛି। ଇସ୍ପାତ ଶିଳ୍ପର ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶ ଯୁଗ୍ମ କମିଟି(ଜେସିଏସ୍ଏସ୍ଆଇ)ବୈଠକରେ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ରାଂଚିରେ ଧୁରୱାବସ୍ଥିତ ଜେଏସ୍ସିଏ ଷ୍ଟାଡିୟମ୍‌ରେ ଜୁଲାଇ ୨୫ ଓ ୨୬ରେ ଏକ ଦୁଇଦିନିଆ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍) ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ସରକାରୀ ଓ ଘରୋଇ ଏବଂ ଖଣି ଶିଳ୍ପର ପ୍ରମୁଖ ବ୍ୟକ୍ତି ବିଶେଷମାନଙ୍କ ସହିତ ଟ୍ରେଡ୍ ୟୁନିୟନ୍‌ନେତୃବୃନ୍ଦ ଉପସ୍ଥିତ ଥିଲେ। ଟାଟାଷ୍ଟିଲ୍ ମେରାମଣ୍ଡଳୀ ବିଭିନ୍ନ କାର୍ଯ୍ୟକ୍ଷେତ୍ର ଏବଂ ଜୋନ୍ ଗୁଡିକରେ ଶୂନ୍ୟ ମୃତ୍ୟୁ ରେକର୍ଡ ବଜାୟ ରଖିଥିବା ଯୋଗୁ ବିଭିନ୍ନ ଜେସିଏସ୍ଏସ୍ଆଇ ପୁରସ୍କାର ସ୍କିମ୍ ଅଧୀନରେ ଏକାଧିକ ସମ୍ମାନ ହାସଲ କରିଛି। ଟିଏସ୍ଏମ୍‌କୁ ନିମ୍ନଲିଖିତ ବର୍ଗ ଗୁଡ଼ିକରେ ପୁରସ୍କୃତ କରାଯାଇଛି, ଯଥା-ସ୍କିମ୍-୧: ୨୦୨୪ କ୍ୟାଲେଣ୍ଡର୍ ବର୍ଷରେ ସମନ୍ୱିତ ଇସ୍ପାତ କାରଖାନାରେ କୌଣସି ମାରାତ୍ମକ ଦୁର୍ଘଟଣା ଘଟିନାହିଁ। ସ୍କିମ୍-୨(ଗ୍ରୁପ୍-ଏ): ୨୦୨୨, ୨୦୨୩ ଏବଂ ୨୦୨୪ କ୍ୟାଲେଣ୍ଡର୍ ବର୍ଷରେ ସମନ୍ୱିତ ଇସ୍ପାତ କାରଖାନାରେ ବିଭିନ୍ନ ଜୋନ୍‌ରେ(କୋଇଲା, କୋକ୍ ଏବଂ ରସାୟନ, ବ୍ଲାଷ୍ଟ ଫର୍ନେସ୍, ସ୍ଲାଗ୍ ଗ୍ରାନୁଲେସନ୍ ପ୍ଲାଣ୍ଟ୍, ସିଂଟର ପ୍ଲାଂଟ ଏବଂ କଂଚାମାଲ ବିଭାଗ, ଷ୍ଟିଲ୍ ମେଲ୍‌ଟିଂ ସପ୍, କଂଟିନିଓସ୍ କାଷ୍ଟିଂ ସପ୍, ରୋଲିଂ ମିଲ୍, ପ୍ରୋଜେକ୍ଟ) କୌଣସି ବଡ ଧରଣର ଦୁର୍ଘଟଣା ଘଟିନାହିଁ। ସ୍କିମ୍-୪(ଗ୍ରୁପ୍ ଏ): ୨୦୨୪ କ୍ୟାଲେଣ୍ଡର୍ ବର୍ଷରେ ସମନ୍ୱିତ ଇସ୍ପାତ କାରଖାନାରେ ଚୁକ୍ତିଭିତ୍ତିକ ଶ୍ରମିକଙ୍କ ସହିତ କୌଣସି ବଡ ଧରଣର ଦୁର୍ଘଟଣା ଘଟିନାହିଁ। ଟିଏସ୍ଏମ୍ ତରଫରୁ ସିଂଟର ପ୍ଲାଂଟ୍-୨ର ଅପରେସନ୍ ମୁଖ୍ୟ ଜୁଗନୁ କୋଠାରୀ, କୋକ୍ ପ୍ଲାଂଟ୍‌ର ଏମ୍ଏଚ୍ଏସ୍ ଓ ସିଡିକ୍ୟୁ ମୁଖ୍ୟ ଅଜିତ କୁମାର ସିଂହ, ଏସ୍ଏମ୍ଏସ୍ ଆଣ୍ଡ ଏଲ୍‌ସିପିର ସ୍ଲାବ୍ କାଷ୍ଟର୍ ମୁଖ୍ୟ ଅପୂର୍ବ କୁମାର ଦେ, ସୁରକ୍ଷା ବିଭାଗର ବରିଷ୍ଠ ଏରିଆ ମ୍ୟାନେଜର ଅଜିତ କୁମାର ବଳବନ୍ତରାୟ, ସିଆରଏମ୍‌ର ସିନିୟର ଏରିଆ ମ୍ୟାନେଜର କୁଳଦୀପ ଚୌହାନ, ସୁରକ୍ଷାର ସହକାରୀ ମ୍ୟାନେଜର ରଜତ କୁମାର ନାୟକ ଓ ସୁରକ୍ଷା ବିଭାଗର ସହକାରୀ ମ୍ୟାନେଜର ବିଭୂଦତ ବସନ୍ତିଆ ଏହି ପୁରସ୍କାର ଗୁଡ଼ିକୁ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଟିଏମ୍ଏସ୍ ପକ୍ଷରୁ ଜାରି ରହିଥିବା ସୁରକ୍ଷା ପ୍ରୟାସ ଏବଂ ଦୁର୍ଘଟଣା ରୋକିବା ପାଇଁ ଡିଜିଟାଲ୍ କୌଶଳ ଗୁଡିକ ମଧ ପ୍ରଦର୍ଶିତ କରାଯାଇଥିଲା। ଏହି ଉପସ୍ଥାପନାକୁ ସୁରକ୍ଷା ପରିଚାଳନାରେ ଏହାର ସକ୍ରିୟତା ଏବଂ ଏକ ନୂତନ ପ୍ରୟାସ ପାଇଁ କମିଟି ସଦସ୍ୟ ଏବଂ ଶିଳ୍ପ ସହଯୋଗୀମାନେ ପ୍ରଶଂସା କରିଥିଲେ। ଶିଳ୍ପ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶ ସମ୍ବନ୍ଧୀୟ ସର୍ବୋଚ୍ଚ ଅଭ୍ୟାସ ଉପରେ ଚିନ୍ତାଶୀଳ ଏବଂ ଆକର୍ଷଣୀୟ ଆଲୋଚନା ସହିତ ଏହି କାର୍ଯ୍ୟକ୍ରମର ସମାପ୍ତି ହୋଇଥିଲା । ଯାହାକି ଇସ୍ପାତ ଏବଂ ଖଣି ଶିଳ୍ପର ସାମୂହିକ ପ୍ରତିବଦ୍ଧତାକୁ ଏକ ସୁରକ୍ଷିତ ଏବଂ ସ୍ଥାୟୀ କାର୍ଯ୍ୟାନୁଷ୍ଠାନ ପରିବେଶ ଗଠନ କରିବା ପାଇଁ ସୁଦୃଢ଼ କରିବାରେ ସହାୟକ ହେବ ।

# ଯୁବକଙ୍କୁ କାଠଫାଳିଆରେ ପିଟି ହତ୍ୟା, ୨ ଅଟକ

ପାଟଣା,୩୧।୭(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା ଅଙ୍କୁରା ଉପରସାହିରେ ଜଣେ ଯୁବକଙ୍କୁ ସଂଘବଦ୍ଧ ଭାବେ ପିଟିପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ସହିର ଗଙ୍ଗାଧର ନାଏକ(୨୮)। ଏ ନେଇ ଯୁବକଙ୍କ ବାପା ଭଗବନ୍ଧୁ ନାଏକ ପାଟଣା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାରେ ୨ ଜଣଙ୍କୁ ଅଟକ ରଖି ତଦନ୍ତ କରୁଛି।



ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି।

ଅଭିଯୋଗ ଅନୁଯାୟୀ, ଗଙ୍ଗାଧର ବୁଧବାର ସନ୍ଧ୍ୟାରେ ବୈତରଣୀ ନଦୀ ବଢ଼ି ଦେଖିବାକୁ ଯାଇଥିଲେ। ଏହି ସମୟରେ ଅଙ୍କୁରା ଝପାସାହିର ଦୀନବନ୍ଧୁ ପାତ୍ର, ତାଙ୍କ ସ୍ତ୍ରୀ ହୀରାମଣି, ପୁଅ ସୌମ୍ୟରଞ୍ଜନ ଓ ବୋହୂ ବିଜୁଳି ଛିଡ଼ାହୋଇଥିଲେ। କୌଣସି କାରଣରୁ ଗଙ୍ଗାଧର ହୀରାମଣିଙ୍କୁ ଗାଳିଗୁଲଜ କରିଥିଲେ। ଏନେଇ ସୌମ୍ୟରଞ୍ଜନ ଗଙ୍ଗାଧରଙ୍କୁ ଅଗଣାକୁ ଟେକିନେଇଥିଲେ। ସେଠାରେ ହାତଗୋଡ଼ ବାନ୍ଧି ସପରିବାରେ କାଠଫାଳିଆରେ ମାଡ଼ ମାରିଥିଲେ। ପରେ ସୌମ୍ୟରଞ୍ଜନ ଚଳାଉଥିବା ପାୱାର ଟିଲର ମାଲିକ ଲକି ନାଏକଙ୍କୁ ଫୋନ୍‌କରି ଭଗବନ୍ଧୁଙ୍କୁ ଘଟଣା ସମ୍ପର୍କରେ ଜଣାଇଦେବାକୁ କହିଥିଲେ। ଭଗବନ୍ଧୁ ପୁତୁରାଙ୍କ ସହ ଘଟଣାସ୍ଥଳକୁ ଯିବା ବାଟରେ ଗଙ୍ଗାଧରଙ୍କୁ ଦେଖିଥିଲେ। ତେବେ ରାତି ହୋଇଯାଇଥିବାରୁ ତାଙ୍କୁ ହସ୍ପିଟାଲ ନ ନେଇ ଘରକୁ ଆଣିଥିଲେ। ଗୁରୁବାର ସକାଳେ ଗଙ୍ଗାଧରଙ୍କୁ ତାଙ୍କ ମା' ଚା' ପିଇବାକୁ ଉଠାଉଥିଲେ ଯିବାରୁ ତାଙ୍କ ମୃତ୍ୟୁ ହୋଇଥିବା ଜାଣିଥିଲେ। ଏନେଇ ଭଗବନ୍ଧୁ ପାଟଣା ଥାନାରେ ଗଙ୍ଗାଧରଙ୍କ ଅତ୍ୟଧିକ ମାଡ଼ କାରଣରୁ ତାଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ କରିଥିଲେ। ଗଙ୍ଗାଧରଙ୍କ ସାମାନ୍ୟ ମାନସିକ ବିଗୁଡ଼ ଥିଲା। ସେ ଚିକିତ୍ସିତ ହୋଇ ସୁସ୍ଥ ହୋଇଯାଇଥିଲେ ବୋଲି ଭଗବନ୍ଧୁ କହିଛନ୍ତି। ଘଟଣାସ୍ଥଳରେ ଘଟଗାଁ ଏସ୍‌ଡିପିଓ ବିଜୟ କୃଷ୍ଣ ମହାପାତ୍ର, ପାଟଣା ଥାନା ଅଧିକାରୀ ମାନସ କୁମାର ମହାକୁଡ଼, ଏସ୍‌ଆଇ ଲକ୍ଷ୍ମଣ ମାଝୀ, ଏଏସ୍‌ଆଇ ସରୋଜ କୁମାର ଡେଓ ପ୍ରମୁଖ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ତଦନ୍ତ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଦୀନବନ୍ଧୁ ଓ ତାଙ୍କ ସ୍ତ୍ରୀ ହୀରାମଣିଙ୍କୁ ଉଠାଇନେଇ ଥାନାରେ ପଚରାଉଚରା କରୁଛି। ଘଟଣାରେ ସମ୍ପୃକ୍ତ ସୌମ୍ୟରଞ୍ଜନ ଓ ବିଜୁଳି ଫେରାର ଅଛନ୍ତି। ଥାନା ଅଧିକାରୀ ମହାକୁଡ଼ କହିଛନ୍ତି, ଏକ ମାମଲା (ନଂ.୧୬୫/୨୫) ରୁଜୁ ହୋଇଛି। ପାଟଣା ଡାକ୍ତରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣା ସମ୍ପର୍କରେ ସ୍ପଷ୍ଟହେବ ବୋଲି ମହାକୁଡ଼ କହିଛନ୍ତି।

# ରାସ୍ତାକଡ଼ ବିଲରୁ ମିଳିଲା ଚାଷୀଙ୍କ ମୃତଦେହ: ହତ୍ୟା ସନ୍ଦେହ

ଭଦ୍ରକ,୩୧।୭(ସନାତନ ରାଉତ)

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଗୋଲପୁଆ ପଞ୍ଚାୟତର କୁଶଗଡ଼ିଆ ନିକଟସ୍ଥ ରାସ୍ତାକଡ଼ ବିଲରୁ ଜଣେ ଚାଷୀଙ୍କ ମୃତଦେହ ଗୁରୁବାର ସକାଳେ ପୋଲିସ ଜବତ କରିଛି। ମୃତକ ହେଲେ ଗୋଲପୁଆ ଗ୍ରାମର ସନ୍ତୋଷ ମଲ୍ଲିକ(୬୨)। ଘରୁ ବାହାରି ଆସିବାର ମାତ୍ର ଅଧଘଣ୍ଟା ପରେ ମୃତଦେହ ମିଳିଥିବା ବେଳେ ପୂର୍ବଶତ୍ରୁତାକୁ ନେଇ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଏନେଇ ତାଙ୍କ ପୁଅ ଉଦୟ କୁମାର ମଲ୍ଲିକ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରୁ ମୃତଦେହ ଜବତକରି ତଦନ୍ତ ଆରମ୍ଭ କରିଛି।



ମୃତଦେହ ପଡ଼ିଥିବା ସ୍ଥାନରେ ଲୋକଙ୍କ ଭିଡ଼।

ଉଦୟଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ବାପା ପ୍ରାତଃ ସାଢ଼େ ୫ଟା ବେଳେ ଗ୍ରାମର ଜଣେ ବ୍ୟକ୍ତିଙ୍କ ସହ ବାଇକ୍‌ରେ ପାଖ ଗାଁ ବଗମରା ଅଭିମୁଖେ ଯାଇଥିଲେ। ସକାଳ ୬ଟା ବେଳେ ଉକ୍ତ ସ୍ଥାନରେ ତାଙ୍କ ମୃତଦେହ ପଡ଼ିଥିବା ଘରକୁ ଖବର ଆସିଥିଲା। ତାଙ୍କ ଶାର୍ଟ ଚିରିଯାଇଥିବା ବେଳେ ମୁହଁରେ ମାଡ଼ ଦାଗ ସହ ରକ୍ତ ବାହାରୁଥିବା ଦେଖାଯାଇଛି। ତାଙ୍କ ମୃତ୍ୟୁକୁ ନେଇ ସନ୍ଦେହ ହେଉଥିବା ଉଦୟ ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଗ୍ରାମାଞ୍ଚଳ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩୮/୨୫) ରୁଜୁ ହୋଇଛି।

# ଛାତ୍ରୀଙ୍କୁ ଅସଦାଚରଣ, ଟ୍ୟୁଶନ ସାର୍ ଗିରଫ

ପାତ୍ରପୁର,୩୧।୭
(ଉମା ଚରଣ ନେପାକ)

ଗଞ୍ଜାମ ଜିଲା ଜରଡ଼ା ଥାନା ଅଧୀନସ୍ଥ ପଦାଦିଗି ପଞ୍ଚାୟତ ଅଞ୍ଚଳର ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ଟ୍ୟୁଶନ ସାର୍ ଗୁରୁବାର ଗିରଫ ହୋଇଛନ୍ତି। ସେ ହେଲେ ଦାମୋଦରପଲ୍ଲୀର ଗଣେଶ ପ୍ରଧାନ। ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜରଡା ଥାନା ଅଧିକାରୀ ଟୁନା ସାସମଲ ସୂଚନା ଦେଇଛନ୍ତି। ଗଣେଶ ଗ୍ରାମରେ



ଗଣେଶ ପ୍ରଧାନ।

କେତେଜଣ ପିଲାଙ୍କୁ ପାଠ ପଢ଼ାଉଥିଲେ। ଷଷ୍ଠ ଶ୍ରେଣୀ ଛାତ୍ରୀ ଜଣଙ୍କ ସବୁଦିନ ଭଳି ବୁଧବାର ସନ୍ଧ୍ୟାରେ ତାଙ୍କ ପାଖକୁ ଟ୍ୟୁଶନ ଯାଇଥିଲେ। ଗଣେଶ ପାଠ ନ ପଢ଼ାଇ ତାଙ୍କୁ ଗାଁ ମୁଣ୍ଡରେ ଥିବା ବିଦ୍ୟାଳୟକୁ ଡାକିନେଇ ଅସଦାଚରଣ କରିଥିଲେ। ନାବାଳିକା ଛାତ୍ରୀ ଜଣଙ୍କ ପାଟି କରିବାରୁ ସେ ଛାଡ଼ିଦେଇଥିଲେ। ନାବାଳିକା ଫେରିଆସି ପରିବାର ଲୋକଙ୍କୁ କହିବା ପରେ ଜରଡା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଗାଁରେ ପହଞ୍ଚି ଅଭିଯୁକ୍ତ ଗଣେଶଙ୍କୁ କାବୁ କରିଥିଲା। ଏ ନେଇ ନଂ. ୨୬୩/୨୫ରେ ମାମଲା ରୁଜୁ ହୋଇଛି।

# ୬ ମାଓବାଦୀ ଗିରଫ



ମାଲକାନଗିରି ୩୧।୭ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ର ବିଜାପୁର ଜିଲା ବାସାଗୁଡ଼ା ଅଞ୍ଚଳରୁ ୨ ମହିଳାଙ୍କ ସମେତ ୬ ମାଓବାଦୀଙ୍କୁ ସୁରକ୍ଷା କର୍ମୀ ଗିରଫ କରିଛନ୍ତି। ଡିଆର୍‌ଜି ଓ କୋବ୍ରା ବାଟାଲିୟନ ସେହି ଗାଁ ନିକଟ ମାଲାପାଲି ଜଙ୍ଗଲ ଅଞ୍ଚଳରେ କୋମ୍ବିଂ କରୁଥିବା ସମୟରେ ଏମାନଙ୍କୁ ଗିରଫ କରିଥିଲା। ସୂଚନା ମୁତାବକ ମାଲାପାଲି ଜଙ୍ଗଲରେ ମାଓବାଦୀମାନେ ଥିବା ଖବର ପାଇ ଯବାନମାନେ ସେହି ଜଙ୍ଗଲକୁ ଚତୁଃପାର୍ଶ୍ୱରୁ ଘେରି ୬ଜଣଙ୍କୁ ଧରିଥିଲେ। ଏମାନଙ୍କ ମଧ୍ୟରୁ ୨ ଜଣଙ୍କ ନାମରେ ୧ ଲକ୍ଷ ଲେଖାଏ ପୁରସ୍କାର ରାଶି ଥିବା ଜଣାପଡିଛି । ସେହି ଅଞ୍ଚଳରେ କୋମ୍ବିଂକୁ ଜୋର୍‌ଦାର କରାଯାଇଛି।

# ବିଧାୟକଙ୍କ ଭଡ଼ାଘରୁ ଚୋରି

ଝାରସୁଗୁଡ଼ା, ୩୧।୭(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଟାଉନଥାନା ଅଧୀନ ସରବାହାଲ ନିକଟ ଶାନ୍ତି ଆପାର୍ଟମେଣ୍ଟର ୨୦୫ ନମ୍ବର ଫ୍ଲାଟ୍‌ରେ ଭଡ଼ାରେ ରହୁଥିବା ସ୍ଥାନୀୟ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ବାସଭବନରୁ ଜୁଲାଇ ୨୯ ତାରିଖରେ ସିସିଟିଭିର ଡିଭିଆର୍ ଚୋରି ହୋଇଛି। ଉକ୍ତ ଫ୍ଲାଟ୍‌ରେ ରହୁଥିବା ପଡୋଶୀ ଗୋପାଳ ଲୋଧା ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୦୪/୨୫) ରୁଜୁ କରିଛି। ହେଲେ ଚୋରି କରିଥିବା ଅଭିଯୁକ୍ତଙ୍କୁ ଏପର୍ଯ୍ୟନ୍ତ ଗିରଫ କରାଯାଇପାରିନାହିଁ। ଏହି ଘଟଣା ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧି ଜାଣିବା ପାଇଁ ଥାନାଧିକାରୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ୍ ରିସିଭ୍ କରି ନ ଥିଲେ। ଅଭିଯୋଗ ଅନୁଯାୟୀ, ବିଧାୟକ ତ୍ରିପାଠୀ ଉକ୍ତ ଫ୍ଲାଟ୍‌ରେ ରହୁଛନ୍ତି। ଗତ ୨୯ ତାରିଖରେ ତାଙ୍କ ଘରର ତାଲା ଭଙ୍ଗାଯାଇଥିବାବେଳେ ସିସିଟିଭିର ଡିଭିଆର୍ ଚୋରି ହୋଇଥିବା ପଡୋଶୀ ଗୋପାଳ ଦେଖିଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ।

# ମହିଳାଙ୍କୁ ଅପହରଣ ଉଦ୍ୟମ, ୫ ଗିରଫ

ଯୋଡ଼ା,୩୧।୭(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଅସଦାଚରଣ ଓ ଅପହରଣ ଉଦ୍ୟମ ମାମଲାରେ ପୋଲିସ ଗୁରୁବାର ୫ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗ ରାଜ୍ୟ ମୁର୍ଶିଦାବାଦ ଅଞ୍ଚଳର ଫର୍ତିକ ଶେଖ, ସାହିଦୁଲ ଶେଖ, ଦିଲଦାର୍ ହୁସେନ, ଜାମାଲ ଶେଖ ଓ ସାଫିକୁଲ ଶେଖ।

ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ଯୋଡ଼ା ସହରରେ ରହି ଘର ମିସ୍ତ୍ରି ଭାବେ କାର୍ଯ୍ୟ କରନ୍ତି। ଏମାନଙ୍କ ସହ ସ୍ଥାନୀୟ ଅଞ୍ଚଳର (ଅଭିଯୋଗକାରିଣୀ) ମହିଳା କାର୍ଯ୍ୟ କରୁଥିଲେ। ତେବେ ମଙ୍ଗଳବାର ଅଭିଯୁକ୍ତମାନେ ମହିଳାଙ୍କୁ ବଳପୂର୍ବକ ଅପହରଣ ଉଦ୍ୟମ କରିବା ସହ ତାଙ୍କୁ ଅସଦାଚରଣ କରିଥିଲେ। ଏ ନେଇ ମହିଳାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା। ଗୁରୁବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଯୋଡ଼ା ଥାନା ଆଇଆଇସି ସୁଶାନ୍ତ ପ୍ରଧାନ ସୂଚନା ଦେଇଛନ୍ତି।

# ଭୁବନେଶ୍ୱର ରେଳ ଷ୍ଟେଶନରେ ଅବକାରୀ, ଆର୍‌ପିଏଫ୍ ଚଢ଼ାଉ

ଭୁବନେଶ୍ୱର,୩୧।୭ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ରେଳ ଷ୍ଟେଶନରୁ ଗୁରୁବାର ଦୁଇ ଆନ୍ତଃରାଜ୍ୟ ଗଞ୍ଜେଇ

**୨ ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣକାରୀ ଗିରଫ**

ଚାଲାଣକାରୀ ଧରାପଡ଼ିଛନ୍ତି। ରେଲୱେ ପ୍ରୋଟେକ୍ସନ୍ ଫୋର୍ସ (ଆର୍‌ପିଏଫ୍) ଓ ଭୁବନେଶ୍ୱର ଅବକାରୀ ଟିମ୍ ମିଳିତ ଚଢ଼ାଉ କରି ଅଭିଯୁକ୍ତଦ୍ୱୟଙ୍କୁ କାବୁ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ହରେନ୍ଦ୍ର କୁମାର ଓ କୁଲଦୀପ କୁମାର। ସେମାନଙ୍କ ନିକଟରୁ ୩୦ କେଜିର ଗଞ୍ଜେଇ ଜବତ କରାଯାଇଛି। ଏନେଇ ଅବକାରୀ ବିଭାଗ ପକ୍ଷରୁ ଏନ୍‌ଡିପିଏସ୍ ଆକ୍ଟରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସକାଳ ପ୍ରାୟ ୧୦ଟା ବେଳେ ଆର୍‌ପିଏଫ୍ ଓ ଅବକାରୀ ଟିମ୍ ମିଳିତ ଯାଞ୍ଚ କରୁଥିବାବେଳେ ଦୁଇ ସନ୍ଦିଗ୍ଧଙ୍କ ଉପରେ ନଜର ପଡ଼ିଥିଲା। ଉଭୟଙ୍କ ଲଗେଜ୍ ଯାଞ୍ଚ କରିବାରୁ ସେଥିରୁ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଉଭୟ ଓଡ଼ିଶାରୁ ରାଜସ୍ଥାନ ଗଞ୍ଜେଇ ଚାଲାଣ କରିବାକୁ ଯୋଜନା ରଖିଥିଲେ।


**OFFICE OF THE SUPERINTENDENT, CHC, SAKHIGOPAL, PURI**

Letter No.189 Date:30.07.2025

It is hereby informed that the tender call notice published on dated 13.07.2025 in regards supply of diet to CHC, Sakhigopal is cancelled due to unavoidable circumstance till further notification.

Sd./- Superintendent, CHC, Sakhigopal, Puri

**ODISHA PUBLIC SERVICE COMMISSION CUTTACK**

**NOTICE**

**No.5439/PSC, Dt.30.07.25**
**(1E-03-2025-26) (DR-II)**
**Website- http://www.opsc.gov.in**

No.D-150:It is for information of all concerned that, the Written Examination for recruitment to the post of **Assistant Professor (Broad Speciality)** in **22 Disciplines (except Radio-Therapy (MKCG) & Radiation Oncology)** under H & F.W.Department in pursuant to **Advertisement No.03 of 2025-26**, will be held on **17.08.2025 (Sunday).** The detailed programme along with venue will be notified later in the website of the Commission.

The candidates are advised to visit the website of OPSC (www.opsc.gov.in) regularly for further updates.

OIPR-12002/11/0285/2526 Sd./- Secretary

**Directorate of Ports & Inland Water Transport,**
**Zone-A, Ground Floor, Fortune Tower, Chandrasekharpur, Bhubaneswar-751023**

Phone: 0674-2300885, Email: - portsniwt.od@nic.in

No.2499 P & IWT, Date : 28.07.2025/

**NOTICE INVITING TENDER (NIT)**

**Request for Proposal (RFP) for Selection of an Agency/Firm for Up-gradation, Operation, Maintenance and Management of Crew Training Institute at Chandbali in Bhadrak District and Odisha Maritime Academy at Paradip in Jagatsinghpur District.**

**No.JJ-35** : The Government of Odisha is prioritizing skill development in the maritime sector through the establishment of two key institutions: the Odisha Maritime Academy (OMA) at Paradip and the Crew Training Institute (CTI) at Chandbali. These institutions aim to provide high-quality training to create a competent and well-equipped workforce that meets the growing demands of the maritime industry.

Located in Chandbali, the Crew Training Institute (CTI) is a premier center focused on equipping unemployed youth and crew members in Odisha with the skills necessary for operating and maintaining inland vessels.

Situated in Paradip, the Odisha Maritime Academy (OMA) is a renowned institution committed to producing skilled seafarers through comprehensive education and professional training. The academy is recognized and accredited by the Directorate General of Shipping (DGS), Government of India.

As a part of this endeavor, the Authority has decided to invite from eligible entities to undertake the **Up-gradation, Operation, Maintenance and Management of Crew Training Institute at Chandbali in Bhadrak District and Odisha Maritime Academy at Paradip in Jagatsinghpur District (the "Project")** in PPP Mode, and has, therefore, decided to carry out the bidding process for selection of an entity as the Bidder to whom the Project may be awarded. The involvement of the private sector partners would leverage the industry knowledge as well as the investments in terms of qualified trainers, multifaceted placement opportunities, etc. The Authority now intends to ensure quality interventions aligned with industry requirements. The proposed agency/firms would upgrade, operate, maintain and manage the institutes while focusing on imparting relevant training through their expertise in the concerned fields.

Interested experienced agencies/firms may download the RFP document online from the website of Government of Odisha https://ct.odisha.gov.in/tenders-advertisement or can be collected from the Directorate from **01.08.2025 to 20.08.2025 upto 03.00 P.M.** The Agency/ Firms who wish to participate shall deposit the non-refundable document cost for an amount of **Rs.1,000 (Rupees One Thousand) only** in shape of Demand Draft from any Scheduled/ Nationalized Bank & EMD for **Rs.50,000/- (Rupees Fifty Thousand) only in shape of Term Deposit** from any Nationalized/ Scheduled Bank/ National Savings Certificate (NSC) drawn in favour of Director, Ports and Inland Water Transport, Odisha, Bhubaneswar payable to Bhubaneswar.

**Query/Clarifications**

Queries/ Clarifications if any, on the above RFP can be obtained from the following address;

**Directorate of Ports & Inland Water Transport,**
**Zone-A, Ground Floor, Fortune Tower,**
**Chandrasekharpur, Bhubaneswar-751023**
**Phone -0674-2300885,**
**Email: - portsniwt.od@nic.in**

The Directorate of Ports and Inland Water Transport, Odisha reserves the rights to accept or reject any or all tender without assigning any reason and no correspondences shall be entertained in this regard.

Sd./- Director
OIPR-38035/11/0038/2526 Ports & IWT, Odisha

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, SAMBALPUR**

**(SHORT TENDER CALL NOTICE)**

**NO. DMC/NPCBVI/4376/2025-26 DATE: 29.07. 2025**

**No.E-273** : Sealed tenders are invited from registered Firms/ Suppliers/Manufacturers/ Authorized distributors for supply of Drugs and Medical Consumables under NPCBVI for the year 2025-26 & 2026-27 to the undersigned. Details regarding items with terms and condition may be downloaded from the district website www.sambalpur.odisha.gov.in. The tender should reach to the undersigned on or before 12.08.2025 up to 05.00 PM (On working days) through Speed Post/Registered Post/ Courier Service only. The tender will be opened on 13.08.2025 at 11.30 AM in the office chamber of the undersigned. The undersigned reserves the right to reject any or all the tenders without assigning any reason.

Sd./- Chief District Medical &
OIPR-10049/11/0018/2526 Public Health Officer, Sambalpur

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, ANGUL**

(dhhstore.angul@gmail.com) Cell : 9439994973, WAP : 7894258019

**Tender Notice : CS-25-26/Tender/450/Date 28th JUL 2025**

**No.E-270** : Sealed Tenders in prescribed format are invited from the Registered Manufacturers/ Authorized Distributors/ Reputed Suppliers for supply of BCL, Lab. Chemicals & Drugs & Medical Consumables etc to the CDM&PHO Angul. The Bidders should submit two separate sealed packets i.e. one for "A" "Technical Bid" and another for "B" "Financial Bid" superscribing on the cover of the packets separately and to be kept in a single cover which should be superscribed as "CS/Tender for Drugs, BCL, Lab. Chemicals & Medical Consumables etc" Last Date of Receive:20 Aug 2025.

The sealed Tender will be received through Speed Post/ Reg. Post/ Couriers ONLY on or before **Dt.20.08.2025 till 5.00 P.M** at the office of the CDM&PHO, Angul and the said tender will be opened on **dt.21.08.2025 at 10.00 A.M** in presence or absence of Bidders or their Authorized Representatives at the office of CDM&PHO Angul. Tenders received incomplete or after the scheduled date & time shall be rejected.

The undersigned reserves the right to reject any or all tenders without assigning any reason thereof. All legal disputes if any relating to the tender are subject to Jurisdiction in the Court of Law situated at Angul, Odisha only. For details Terms and Conditions log on to **angul.odisha.gov.in**

Sd./- Chief District Medical &
OIPR-10142/11/0012/2526 Public Health Officer, Angul

**GOVERNMENT OF ODISHA**

**"e" Procurement Notice**

**Bid Identification No. 01 of 2025-26**

No. O-509

| | | | |
|---|---|---|---|
| 1 | Number of Works | : | 1 No. of Road Work |
| 2 | Estimated Cost (Approx.) | : | Rs.92.63 lakh |
| 3 | Period of Completion | : | 6 (Six) Calendar Months |
| 4 | Date & Time of availability of Bid documents in the portal | : | 01.08.2025 at 11.00 hrs. |
| 5 | Last date & time for receipt of Bids in the portal | : | 16.08.2025 at 17.00 hrs. |
| 6 | Date of opening of Tender | : | 17.08.2025 at 11.00 hrs. |
| 7 | Name and address of the Officer Inviting Bid | : | O/o. The Superintending Engineer, Rural Works Division, Jagatsinghpur |

Further details can be seen from the Government website: **www.tendersorissa.gov.in**.

Sd./- Executive Engineer
Rural Works Division,
OIPR-25056/11/0015/2526 Jagatsinghpur

**GOVERNMENT OF ODISHA**
**OFFICE OF THE PANCHAYAT SAMITI, RENGALI, SAMBALPUR**

No. i-

E-mail:- ori-rengali@nic.in

**TENDER CALL NOTICE**

**Bid Identification No.P.S/REN/SBP/DEV/01/2025-26**

**No. 3043 /Date. 29.07.2025**

**CORRIGENDUM**

**TENDER CALL NOTICE NO. 2711 Dtd.05.07.2025, OFFICE OF THE PANCHAYAT SAMITI, RENGALI, SAMBALPUR**

1. The last date and time for submission via the website and receipt of bids is extended to **17:00** hours on **08.08.2025**.
2. The date of tender opening is extended to **11:30** hours on 13th August 2025.
3. Original Bid Security & Demand Draft towards cost of bid document shall be submitted in the office of the undersigned on or before **11.15** hours on dated **13.08.2025** during the office hours on working days failing which the bid will be rejected.
4. Earlier, under the option "**EMD Exemption** " the value was marked as **"NO"** Now the said option has been changed to **YES** in Tender Web Portal.
5. In tender Notice Sl No.7 "The cost of bid documents has to be paid by each bidder in shape of demand draft drawn in favour of the Block Development Officer, Rengali, Sambalpur from any Nationalized scheduled bank **payable at Sambalpur Towards cost of tender paper including GST** read as "The cost of bid documents has to be paid by each bidder in shape of demand draft drawn in favour of the Block Development Officer, Rengali Sambalpur from any Nationalized scheduled bank **payable at Rengali, Sambalpur towards cost of tender paper**".
6. The Word **"District Project Coordinator"** in **SL No.7.2 & 15.1.A** of General Instruction of Procedure to participate in on-Line-bidding E-Procurement and **SL. No. 33,85,95,112(2.1.1)** of D.T.C.N. read as **"Block Development Officer, Rengali"**. However, all other terms and conditions remain unchanged.

Yours faithfully
Sd./- Block Development Officer,
OIPR-19315/11/0002/2526 Rangali

**ODISHA CONSTRUCTION CORPORATION LIMITED, BHUBANESWAR, ODISHA**

PIN: 751012, Tel. No.: (0674) 2562020, e-Mail: theoccltd@odishaconstruction.com, GSTIN - 21AAACO2571K2ZM

No. CAD-1334 **e-Procurement Notice No. 30/OCCL/2025-26 (Online)**

Online request for Proposal is invited for the following works:

| Sl. No. | Name of Work | Bid Identification No. | Approx Value of Work | Bid Security (through Online transfer only) (In Rs.) | Period of Completion (in days) | Availability & submission of tender of tender (Online) |
|---|---|---|---|---|---|---|
| 1 | Request for Proposal (RfP) for engagement of Consultant for Documentation & Processing of Forest Diversion Proposal (Both Stage-I & Stage-II) for Mankada Irrigation Project under Angul District | OCCL-CDC/01/2025-26 | NA | Rs.2,00,000/- | 18 (Eighteen) Calendar Months | From 31.07.2025, 3.30 P.M. to 16.08.2025, 3.30 P.M. |

Procurement Officer : Managing Director, OCCL
Date of Opening of the Tender: 18.08.2025, 12.00 onwards
Further details can be seen from the e-procurement portal: **https://www.tendersodisha.gov.in, https://octdms.in https://odishaconstruction.com**

OIPR-34120/11/0048/2526 Sd./- Managing Director

**ODISHA PUBLIC SERVICE COMMISSION CUTTACK**

**NOTICE**

**No. 5447 / P.S.C., Dt. 30.07.2025**
(1R-14-24/25) (DR-V)

**Assistant Professor (Stage-I) in Odia**
(Advertisement No.27 of 2023-24)

**No.D-** : It is for information of all concerned that, document verification of **154 (One Hundred Fifty-Four)** candidates having **PPSAN** mentioned below for the post of **Assistant Professor (Stage-I) in "Odia"**, pursuant to. Advertisement No.27of 2023/24 shall be held **from 08.08.2025 to 16.08.2025 (Except 09.08.2025,10.08.2025 & 15.08.2025)** as per the following programme in the office of the Commission at 19, Dr. P. K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| 08.08.2025 | 10.30 A.M. | P240304811, P240307675, P240306356, P240303415, P240302187, P240307696, P240303578, P240272147, P240306159, P240304134, P240311972, P240301346, P240304871, P240309503, P240291739 & P240304279 **= 16 Candidates** |
| | 2.30 P.M. | P240309016, P240305686, P240308886, P240309151, P240308935, P240304714, P240303754, P240306905, P240301311 & P240307521 **= 10 Candidates** |
| 11.08.2025 | 10.30 A.M. | P240307992, P230152234, P240307021, P220013475, P240309292, P240304581, P240306912, P240290613, P240304587, P230111746, P240306123, P220078102, P240306231, P240300824, P240306298 & P240305640 **= 16 Candidates** |
| | 2.30 P.M. | P240306288, P240307851, P240305442, P240310317, P240304679, P240292270, P240302387, P240310228, P240282112 & P230114899 **= 10 Candidates** |
| 12.08.2025 | 10.30 A.M. | P230141847, P240307410, P240308249, P240306979, P240306279, P240297623, P240307757, P240307191, P240308047, P240306160, P240307309, P240298106, P240305751, P240302653, P240312869, & P240309467 **= 16 Candidates** |
| | 2.30 P.M. | P240303301, P240266573, P240302594, P240242059, P240307338, P240302543, P240305317, P240266111, P240308510 & P240307818 **= 10 Candidates** |
| 13.08.2025 | 10.30 A.M. | P240260461, P240311384, P240303623, P240298290, P230122958, P240308177, P240305431, P230113873, P230110927, P240307216, P230160825, P240296696, P240304857, P240311650, P240309108 & P240301484 **= 16 Candidates** |
| | 2.30 P.M. | P240304645, P240244564, P240286820, P240309318, P240311001, P240307533, P240307432, P240304000, P240310435 & P240302646 **= 10 Candidates** |
| 14.08.2025 | 10.30 A.M. | P240305845, P240310900, P240250993, P240297289, P240268689, P240309321, P240311940, P240311403, P240302416, P240309791, P240308843, P240297210, P240302610, P240287060 & P230101199 **= 15 Candidates** |
| | 2.30 P.M. | P240311719, P230098482, P240298524, P230099442, P240304233, P240310899, P230135112, P240305517, P240304674 & P240304776 **= 10 Candidates** |
| 16.08.2025 | 10.30 A.M. | P240308005, P240307223, P230162620, P240253625, P240311155, P240298750, P240302914, P240307486, P240311274, P240303391, P240311901, P230121045, P240307492, P240289105 & P240311939 **= 15 Candidates** |
| | 2.30 P.M. | P240297546, P240288270, P230092141, P240297928, P230116140, P240303830, P240290431, P240308305, P240281942 & P240304315 **= 10 Candidates** |

The candidates are required to submit the documents as per this Office **Notice No. 4271/PSC, dt. 21.06.2025** which is available on the Website of the Commission i.e. **www.opsc.gov.in**.

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above.

**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

OIPR-12002/11/0284/2526 Sd./- Secretary

**ଜନ୍ମଦିନର ଶୁଭେଚ୍ଛା**

ନାମ: ......................................
ବୟସ: ......................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୩ ମାସରେ କୋଟିଏରୁ ଅଧିକ ନିବେଶକ ଆକାଉଣ୍ଟ

## ଏନ୍‌ଏସ୍‌ଇର ନୂଆ ମାଇଲ୍‌ଷ୍ଟୋନ୍



**ଭୁବନେଶ୍ୱର,୩୧।୭**

ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ଚାହିଦା କ୍ରମାଗତ ଭାବେ ବୃଦ୍ଧିପାଉଛି। ଏପରିକି ଏହି ପ୍ଲାଟ୍‌ଫର୍ମର ପଞ୍ଜୀକୃତ ସଂଖ୍ୟା ଗତ ୩ ମାସ ମଧ୍ୟରେ ୧ କୋଟି ପାର ସହ ନୂଆ ମାଇଲ୍‌ଷ୍ଟୋନ୍ ହାସଲ କରିଛି । ଏହି ସମୟ ମଧ୍ୟରେ କୋଟିଏରୁ ଅଧିକ ନିବେଶକ ଆକାଉଣ୍ଟ ଖୋଲିଛନ୍ତି। ସେହିଭଳି ୨୦୨୫ ଜୁଲାଇ ମଧ୍ୟରେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ ଲିମିଟେଡ୍ ଆଉ ଏକ ବଡ ସଫଳତାରେ ପହଞ୍ଚିଛି। ବିଶେଷକରି ଏନ୍‌ଏସ୍‌ଇର ମୋଟ ୟୁନିକ୍ ଟ୍ରେଡିଂ ଆକାଉଣ୍ଟ ସଂଖ୍ୟା ୨୦୨୫ ଏପ୍ରିଲରେ ୨୨ କୋଟି ମାର୍କ ଅତିକ୍ରମ କରିଥିବାବେଳେ ୨୦୨୫ ଜୁଲାଇରେ ଏହା ୨୩ କୋଟି ଅତିକ୍ରମ କରିଛି। ଅପରପକ୍ଷରେ ଏହାର ସ୍ୱତନ୍ତ୍ର ପଞ୍ଜୀକୃତ ନିବେଶକଙ୍କ ସଂଖ୍ୟା ୨୦୨୫ ଜୁଲାଇ ୨୮ ସୁଦ୍ଧା ୧୧.୮ କୋଟି ରହିଛି। ସେହିପରି ଇକ୍ୱିଟି ବଜାର ଅଂଶଗ୍ରହଣ କ୍ଷେତ୍ରରେ ଓଡ଼ିଶା ବଜାର ଅନ୍ୟତମ ଦ୍ରୁତ ଅଭିବୃଦ୍ଧିଶୀଳ ରାଜ୍ୟ ଭାବେ ଉଭାହୋଇଛି, ଯାହାକି ୨୦୨୫ ଜୁନ ୩୦ ସୁଦ୍ଧା ଏନ୍‌ଏସ୍‌ଇରେ ୨୫.୪ ଲକ୍ଷ ନିବେଶକ ପଞ୍ଜୀକରଣ ସହିତ ଦେଶରେ ୧୭ ତମ ସ୍ଥାନରେ ରହିଛି। ଏପରିକି ଓଡିଶା ୩୭% ର ଏକ ଆକର୍ଷଣୀୟ କମାଉଣ୍ଡ ଆନୁଆଲ ଗ୍ରୋଥ ରେଟ (ସିଏଜିଆର୍) ହାସଲ କରିଛି, ଯାହା ରାଜ୍ୟରେ ବଢୁଥିବା ଆର୍ଥିକ ସଚେତନତା ଓ ପୁଞ୍ଜି ବଜାରରେ ବଢୁଥିବା ବିଶ୍ୱାସକୁ ପ୍ରତିଫଳନ କରୁଛି।

ଏ ସମ୍ପର୍କରେ ଏନ୍‌ଏସ୍‌ଇର ମୁଖ୍ୟ ବାଣିଜ୍ୟ ବିକାଶ ଅଧିକାରୀ ଶ୍ରୀରାମ କ୍ରିଷ୍ଣନ କହିଛନ୍ତି, ୨୦୨୫ ଏପ୍ରିଲରେ ଏନ୍‌ଏସ୍‌ଇ ପ୍ଲାଟ୍‌ଫର୍ମର ପଞ୍ଜୀକୃତ ସଂଖ୍ୟା ୨୨କୋଟି ମାର୍କ (୨୨୦ ମିଲିୟନ) ଅତିକ୍ରମ କରିବାର ମାତ୍ର ୩ ମାସ ମଧ୍ୟରେ ପ୍ଲାଟ୍‌ଫର୍ମ ଆଉ ୧ କୋଟି ନିବେଶକ ଆକାଉଣ୍ଟ ଯୋଡ଼ି ଏକ ବଡ ସଫଳତା ହାସଲ କରିଛି। ଏହି ସଫଳତା ଭାରତର ପୁଞ୍ଜି ବଜାରଗୁଡ଼ିକ ଉପରେ ରହିଥିବା ଗଭୀର ବିଶ୍ୱାସ ଏବଂ ଅନ୍ତର୍ଜାତୀୟ ଆର୍ଥିକ ଅନିଶ୍ଚିତତା ମଧ୍ୟରେ ନିବେଶକଙ୍କ ଭାବନାର ସ୍ଥିରତାକୁ ପ୍ରତିଫଳନ କରୁଛି। ବିଶେଷକରି ଅଧିକରୁ ଅଧିକ ଲୋକ ଇକ୍ୱିଟି, ଇଟିଏଫ୍, ଆର୍‌ଇଆଇଟି, ଆଇଏନ୍‌ଭିଆଇଟି ଓ ଋଣ ଉତ୍ପାଦଗୁଡ଼ିକରେ ନିବେଶ କରୁଥିବାରୁ ଏହି ସଫଳତା ଟେକ୍ନୋଲୋଜି ମାଧ୍ୟମରେ ଏକ ଅଧିକ ବିବିଧ ଓ ସୁଗମ ନିବେଶ ପରିଦୃଶ୍ୟକୁ ସକ୍ଷମ କରିଛି।

ସେହିଭଳି ଏନ୍‌ଏସ୍‌ଇ ଗତ ୫ ବର୍ଷ ହେବ ଏହି କ୍ଷେତ୍ରରେ ନିଜର ପ୍ରୟାସ ଯଥେଷ୍ଟ ବୃଦ୍ଧି କରିଛି। ଏନ୍‌ଏସ୍‌ଇ ଦ୍ୱାରା ପରିଚାଳିତ ଇନ୍‌ଭେଷ୍ଟର ଆୱାରନେସ୍ ପ୍ରୋଗ୍ରାମ୍ (ଆଇଏପି) ର ସଂଖ୍ୟା ୪ ଗୁଣ ବୃଦ୍ଧି ହୋଇ ୨୦୧୯-୨୦ ଆର୍ଥିକ ବର୍ଷର ୩୫୦୪ରୁ ୨୦୨୪-୨୫ରେ ୧୪,୬୭୯ ରେ ପହଞ୍ଚିଛି। ଏହା ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ପ୍ରାୟ ୮ଲକ୍ଷରୁ ଅଧିକ ଅଂଶଗ୍ରହଣକାରୀଙ୍କ ନିକଟରେ ପହଞ୍ଚିଛି। ଏନ୍‌ଏସ୍‌ଇର ଇନଭେଷ୍ଟର ପ୍ରୋଟେକ୍ସନ ଫଣ୍ଡ (ଆଇପିଏଫ୍) ୨୦୨୫ ଜୁନ ୩୦ ସୁଦ୍ଧା ବାର୍ଷିକ ଆଧାରରେ ୨୨% ବୃଦ୍ଧି ହୋଇ ୨୫୭୩ କୋଟି ଟଙ୍କାରେ ପହଞ୍ଚିଛି। ଗତ ୫ ବର୍ଷରେ ନିଫ୍ଟି ୫୦ ଓ ନିଫ୍ଟି ୫୦୦ ଯଥାକ୍ରମେ ୧୭% ଓ ୨୦%ରୁ ଅଧିକ ମଜଭୁତ ବାର୍ଷିକ ରିଟର୍ନ ପ୍ରଦାନ କରିଛନ୍ତି।

# ଶେୟାର ବଜାରରେ ହ୍ରାସ

**ମୁମ୍ବାଇ,୩୧।୭**

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୯୬ (୨୯୬.୨୮) ପଏଣ୍ଟ ହ୍ରାସ ଘଟି ୮୧,୧୮୬ (୮୧,୧୮୫.୫୮) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୮୬ (୮୬.୭୦) ପଏଣ୍ଟ କମି ୨୪,୭୬୮ (୨୪,୭୬୮.୩୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ବ୍ୟାଙ୍କ ଅଫ୍ ଇଣ୍ଡିଆର ତ୍ରୈମାସିକ ଫଳାଫଳ

**ଭୁବନେଶ୍ୱର,୩୧।୭**

ବ୍ୟାଙ୍କ ଅଫ୍ ଇଣ୍ଡିଆର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବ୍ୟାଙ୍କର କାରବାର ସମେତ ଆଗାମୀ କାର୍ଯ୍ୟନ୍ଥାଗୁଡିକ ବିଷୟରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲାବେଳେ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଆର୍ଥିକ ଫଳାଫଳକୁ ମଧ୍ୟ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି। ବ୍ୟାଙ୍କ ଏଥିରେ ୩୨% ଅଭିବୃଦ୍ଧିହାର ହାସଲକରି ୨,୨୫୨ କୋଟି ଟଙ୍କାର ନେଟ୍ ଲାଭ ସଂଗ୍ରହ କରିଛି। ବ୍ୟାଙ୍କର ପରିଚାଳନାଗତ ଲାଭର ପରିମାଣ ୯% କୁ ବୃଦ୍ଧି ପାଇ ୪,୦୦୯ କୋଟି ଟଙ୍କାରେ ପହଞ୍ଚିଛି। ବ୍ୟାଙ୍କର ଆର୍‌ଓଏ ୦.୮୨% ଏବଂ ଆର୍‌ଓଇ ୧୩.୫୫% ରହିଛି। ବ୍ୟାଙ୍କର ନେଟ୍ ଇଣ୍ଟରେଷ୍ଟ ମାର୍ଜିନ୍ (ଏନ୍‌ଆଇଏମ୍) ଗ୍ଲୋବାଲ ସେକ୍ଟରରେ ୨.୫୫% ଏବଂ ଘରୋଇ କ୍ଷେତ୍ରରେ ୨.୮୨% ରହିଛି। ବ୍ୟାଙ୍କର ଗ୍ଲୋବାଲ ଅଗ୍ରିମ ୧୨.୦୨%କୁ ବୃଦ୍ଧି ପାଇଥିବାବେଳେ ଘରୋଇ ଅଗ୍ରିମ ୧୧.୨୪%କୁ ବୃଦ୍ଧି ପାଇଛି। ବ୍ୟାଙ୍କର ଖୁଚୁରା ଅଗ୍ରିମରେ ୨୦% ବୃଦ୍ଧି ଘଟିଛି ଏବଂ ଏମ୍‌ଏସ୍‌ଏମ୍‌ଇ ଏବଂ କୃଷି ଅଗ୍ରିମ କ୍ଷେତ୍ରରେ ଯଥାକ୍ରମେ ୧୭ ଏବଂ ୧୨% ବୃଦ୍ଧି ଘଟିଛି। ବ୍ୟାଙ୍କର ଜମା ୯.୦୭% ବୃଦ୍ଧି ପାଇଥିବାବେଳେ ଘରୋଇ ଜମା ୯.୬୨% ବୃଦ୍ଧି ପାଇଛି। ବ୍ୟାଙ୍କର କାସା ଜମା ଏବଂ କାସା ଅନୁପାତ ଯଥାକ୍ରମେ ୨.୫୦% ଏବଂ ୩୯.୮୮% ରହିଛି। ବ୍ୟାଙ୍କର ନେଟ୍ ଏନ୍‌ପିଏ ୨୪ ବିପିଏସ୍ ବୃଦ୍ଧି ପାଇ ୦.୭୫% ରେ ପହଞ୍ଚିଛି। ସେହିଭଳି ବ୍ୟାଙ୍କର ପ୍ରୋଭିଜନ କଭରେଜ ରେସିଓ ୮୩ ବିପିଏସ୍ ବୃଦ୍ଧି ପାଇ ୯୨.୯୪% ରହିଛି।

# ଓଜିବି ପକ୍ଷରୁ ଗ୍ରାମପଞ୍ଚାୟତସ୍ତରୀୟ ପରିପୂର୍ତ୍ତି ଅଭିଯାନ

**ଭୁବନେଶ୍ୱର,୩୧।୭**

ଜନସୁରକ୍ଷା ଯୋଜନା ଅଧୀନରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ (ଓଜିବି) ପକ୍ଷରୁ ଗ୍ରାମପଞ୍ଚାୟତସ୍ତରୀୟ ପରିପୂର୍ତ୍ତି ଅଭିଯାନର ଶୁଭାରମ୍ଭ କରାଯାଇଛି। ଏପରିକି ଭାରତ ସରକାରଙ୍କର ଅର୍ଥ ମନ୍ତ୍ରଣାଳୟ ଅଧୀନ ବିତ୍ତୀୟ ସେବା ବିଭାଗ ଦ୍ୱାରା ଦେଶବ୍ୟାପୀ ଗ୍ରାମପଞ୍ଚାୟତସ୍ତରୀୟ ଏକ ତ୍ରୈୟମାସିକ ପରିପୂର୍ତ୍ତି ଅଭିଯାନ ବ୍ୟାଙ୍କ ମାଧ୍ୟମରେ ଆରମ୍ଭ କରାଯାଇଛି। ଏହି ଅଭିଯାନ ୨୦୨୫ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଜାରି ରହିବ। ଯାହାର ଉଦ୍ଦେଶ୍ୟ ହେଉଛି ପ୍ରଧାନମନ୍ତ୍ରୀ ଜନଧନ ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଓ ଅଟଳ ପେନ୍‌ସନ ଯୋଜନା ଭଳି ମୁଖ୍ୟ ଯୋଜନାଗୁଡ଼ିକର ଗ୍ରାମାଞ୍ଚଳରେ ପ୍ରସାର କରିବା। ସେହିଭଳି ସରକାରଙ୍କ ଏହି ମହାନ ଉଦ୍ଦେଶ୍ୟର ଏକ ଅଂଶୀଦାର ହିସାବରେ ଓଜିବି ପକ୍ଷରୁ ସାକ୍ଷୀଗୋପାଳ ଶାଖା ମାଧ୍ୟମରେ ପୁରୀ ଜିଲା ଅନ୍ତର୍ଗତ ସତ୍ୟବାଦୀ ବ୍ଲକ୍‌ର ଦାଶବିଦ୍ୟାଧରପୁର ଗ୍ରାମରେ ଏକ ବିଶେଷ ଶିବିର ଆୟୋଜନ କରାଯାଇଥିଲା। ଯେଉଁଥିରେ ୧୦୦ରୁ ଅଧିକ ବିଭିନ୍ନ ବୟସର ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ। ଉକ୍ତ ଶିବିରରେ ଆର୍‌ବିଆଇର ଆଞ୍ଚଳିକ ନିର୍ଦ୍ଦେଶକ ଡା. ସାରଦା ପ୍ରସନ ମହାନ୍ତି ଓ ଏସ୍‌ଏଲ୍‌ବିସି ଓଡ଼ିଶାର ଇନ୍‌ଚାର୍ଜ ଲିଙ୍ଗରାଜ ନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୋଭା ବଢାଇଥିଲେ। ଏସ୍‌ଏଲ୍‌ବିସି ଇନଚାର୍ଜ ନାୟକ ମଧ୍ୟ ଗ୍ରାମବାସୀଙ୍କ ମଧ୍ୟରେ ଆର୍ଥିକ ସାକ୍ଷରତା ଓ ସଚେତନତା ସୃଷ୍ଟିରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ଓ ଜନସୁରକ୍ଷା ଯୋଜନାଗୁଡ଼ିକର ଲାଭ ବିଷୟରେ ସ୍ପଷ୍ଟ ବ୍ୟାଖ୍ୟା କରିଥିଲେ। ପରିଶେଷରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ସୌମ୍ୟଦର୍ଶନ କର ମୁଖ୍ୟ ଅତିଥିମାନଙ୍କୁ ଓ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଦେବା ସହିତ ଅଭିଯାନକୁ ସଫଳ କରିବାରେ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ।




# ଡ. ବି. କେ. ମିଶ୍ର ଇମ୍ଫାର ଅଣ କାର୍ଯ୍ୟକାରୀ ଅଧ୍ୟକ୍ଷ

**ଭୁବନେଶ୍ୱର,୩୧।୭ (ଅଭୟ ଦାଶ)**

ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲଏଜ୍ ଲିମିଟେଡ୍ (ଇମ୍ଫା)ର ନୂତନ ଅଣ କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ଡ. ବି.କେ. ମିଶ୍ର ନିକଟରେ ନିଯୁକ୍ତ ହୋଇଛନ୍ତି। ଡ. ମିଶ୍ର ଏନ୍‌ଆଇଟି ରାଉରକେଲାରୁ ମେଟାଲର୍ଜିକାଲ ଇଞ୍ଜିନିୟରିଂ ଏବଂ ଯୁକ୍ତରାଷ୍ଟ୍ରର ଉଟାହ ବିଶ୍ୱବିଦ୍ୟାଳୟରୁ ପିଏଚ୍.ଡି. ଡିଗ୍ରୀ ହାସଲ କରିଛନ୍ତି।

ଅପରପକ୍ଷରେ ଡ. ମିଶ୍ରଙ୍କୁ ନିଯୁକ୍ତି ପଦ୍ମଶ୍ରୀ ଏନ୍. ଆର୍. ମହାନ୍ତିଙ୍କ ଅବସର ପରେ ମିଳିଛି। ୨୦୦୫ରେ ପଦ୍ମଶ୍ରୀ ମହାନ୍ତି ସ୍ୱାଧୀନ ନିର୍ଦ୍ଦେଶକ ଭାବେ ବୋର୍ଡରେ ଯୋଗ ଦେଇଥିଲେ ଏବଂ ୨୦୨୧ ଜୁଲାଇରେ ସେ ଅଣ-କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଥିଲେ।

ଏ ସମ୍ପର୍କରେ ଇମ୍ଫାର ଏମ୍‌ଡି ଶୁଭ୍ରକାନ୍ତ ପଣ୍ଡା କହିଛନ୍ତି, ମୁଁ ପରିଚାଳନା ପକ୍ଷରୁ ଡ. ମିଶ୍ରଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି। କମ୍ପାନୀର ମୂଳ ବ୍ୟବସାୟ ସମ୍ପର୍କରେ ତାଙ୍କର ଅସାଧାରଣ ଜ୍ଞାନ ଅଛି। ଆମେ ଏହି କ୍ଷେତ୍ରରେ ସ୍ପଷ୍ଟ ନେତା ଭାବେ ଉଭାହେବା ପାଇଁ ସମ୍ପ୍ରସାରଣ ଯୋଜନା କାର୍ଯ୍ୟକାରୀ କରିବା ସମୟରେ ତାଙ୍କ ମାର୍ଗଦର୍ଶନ ପାଇଁ ମୁଁ ଅପେକ୍ଷା କରିଛି। ସେହିଭଳି ମୁଁ ଏନ୍. ଆର୍. ମହାନ୍ତିଙ୍କ ପ୍ରତି ତାଙ୍କର ଅମୂଲ୍ୟ ଅବଦାନ ପାଇଁ କୃତଜ୍ଞତା ପ୍ରକାଶ କରିବାକୁ ଚାହୁଁଛି। ଯାହା ବର୍ଷ ବର୍ଷ ଧରି ଆମକୁ ବ୍ୟବସାୟ ଚକ୍ର ମାଧ୍ୟମରେ ଗତି କରିବାରେ ଏବଂ ଅଂଶୀଦାରମାନଙ୍କ ପାଇଁ ମୂଲ୍ୟ ସୃଷ୍ଟି କରିବାରେ ଧ୍ୟାନ ଦେବାରେ ସାହାଯ୍ୟ କରିଛି। ମୋ ସହକର୍ମୀଙ୍କ ପକ୍ଷରୁ ମୁଁ ତାଙ୍କର ଉତ୍ତମ ସ୍ୱାସ୍ଥ୍ୟ ଏବଂ ଦୀର୍ଘ ଜୀବନ କାମନା କରୁଛି।



ଡ଼. ବି କେ ମିଶ୍ର

**ମନେ ପଡ଼ନ୍ତି**

ଦ୍ୱାଦଶ କର୍ମ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ସୁଧାଙ୍ଗନା ପତି**
ଗ୍ରାମ: ସୋଧ, ଦୋବଲ, ଧାମନଗର
ଆବିର୍ଭାବ: ୧୭।୦୮।୧୯୫୩
ତିରୋଧାନ: ୨୧।୦୭।୨୦୨୫
ତୁମ ଅବର୍ତ୍ତମାନରେ ଚାହୁଁ ଚାହୁଁ ଆଜିକୁ ବାର ଦିନ ହୋଇଗଲା। ତୁମର ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଆମ୍ଭେମାନେ ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, ଭଲପାଇବା ସବୁ ସମୟରେ ମନେ ପଡୁଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ସଦାସର୍ବଦା ପ୍ରାର୍ଥନା କରୁଛୁ ତୁମ ଅମର ଆତ୍ମାର ସଦଗତି ହେଉ।
"ଇତି" ଆପଣଙ୍କର ରମାକାନ୍ତ ପତି, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ଓ ପତି ପରିବାରବର୍ଗ।
ଧ-୧୫୦୬

ବିଶେଷଜ୍ଞ
**ଅର୍ଶ ଭଗନ୍ଦର ମଳକଣ୍ଟକ**
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
**PILES CLINIC**
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

**Classified Everyday**
0674-2580101, 9692975378



**REAL ESTATE**
**SALE**

ଭୁବନେଶ୍ୱର-ପିପିଲି ଟୋଲ୍‌ଗେଟ୍, ଉତ୍ତରାଛକ, ସୁନ୍ଦରପଦା, ଫୁଲନଖରାରେ ଘରବାଡ଼ି ପ୍ଲଟ୍ 2/3BHK flat, duplex ବିକ୍ରିହେବ। Diptimayee Pati- 8763740343. D-76296

A Commercial Plot 10000sqft. Facing to NH (Nakhara to Niali) 10KM from Nakhara 60x166, 3sides Road Personal plot Contact only owners- 7809525452 D-76477

କଟକ ମହାନଦୀବିହାରରେ 2/3 BHK flat ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ 3BHK duplex readymade ଅଛି। 8327785834. D-76286

A commercial hall at main road facing around 1000 SFT. At- Gajapati Nagar near Kaling Hospital Square, Bhubaneswar for sale. Contact- 7008283108 D-1444

**A gharabari corner plot at Brahmanjharilo near Phulanakhara, Cuttack, 1560sft. 20lakhs including registration & compoundwall. 7809525452.** D-76478

Stitiban plot sale near IIT Argul, Khurdha, Bhubaneswar immediate Registration possession sqft.- 350/-, SC plot 250/-. 8328868883. D-76284

**Ready to move 1/2BHK flat for sale @ 18/ 24 Lakh at Gudiapokhari Bhubaneswar. Call- 9861642492.** D-1376

Nearest Grand Bazar Project 30 Feet Wide Road Gharabari Plot with Boundarywall 1.5Km. Distance from NH-16 Price-1800/- Per Square Feet. Contact- 9337493150. D-1485




**Full body massage experience, good looking therapist @999 (Bhubaneswar). 9078484455.** D-1325

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Newly open health benefits SPA special Offer @ 799 Bapujinagar. 7327058897. D-76931




Ground Floor, 02 Bed Rooms, Drawing, Dining, Kitchen, Puja Room, Washing space, 02 Toilet, Portico, entire marble flooringis readily available for Family on rent @ 12,000/- PM at 1st lane, Pandav Nagar, Tankapani Road, Bhubaneswar. Contact- 8895353910, 9439263861. D-76069

**AFFIDAVIT**

By an affidavit before the Notary Public Bhubaneswar, I Kamala Kanta Mallik, S/o- Sanjay Kumar Mallik of Kanpur, Garudagaon, Tangi, Cuttack as mentioned in H.S.C. Certificate but in Aadhaar No.- XXXX XXXX 4994 it shows Kamalakanta Mallik. Henceforth, Kamala Kanta Mallik & Kamalakanta Mallik is one and same person. D-1499

By this affidavit No.-9, date 30.07.25 before the Executive Magistrate, Bhawanipatna, Kalahandi, I, Damayanti Sureh Durga, D/o- Ransai Naik, W/o- Late Suresh Ramu Durga, R/o. At/P.O.- Majhiguda, P.S.- Koksara, Dist.- Kalahandi, Odisha declare that before marriage my name is Damayanti Naik which is mentioned all my Educational Documents. After marriage I have changed my name to Damayanti Suresh Durga which is mentioned in my Aadhaar Card, PAN Card and Bank Passbook. So that both the names belongs to one and same person. D-1500

By virtue of an affidavit sworn before Executive Magistrate, Bhubaneswar, C.F. No.- 25, dated 30.07.2025, I SK ABDULLAH, S/o- LATE SK ABUJAFAR, At-RAHAMAT NAGAR, RAGHUNATH NAGAR, P.O.- DUMUDUMA, P.S.- KHANDAGIRI, BHUBANESWAR, DIST.- KHORDHA, PIN-751019, ODISHA declare that I have changed my name from ABDULLAH LAIK to SK ABDULLAH. Henceforth, I shall be known as SK ABDULLAH for all future purposes. D-1498

I, Kshira Sagara Behera, S/o- Late Siddheswar Behera, resident of Ward No.- 43, Niladri Vihar, P.O.- Nayabazar, P.S.- Chauliaganj, Dist.- Cuttack, PIN- 753004, Odisha declare by this affidavit No.- 8495, dtd. 30.07.2025. That now onwards I shall be known as KSHIRA SAGAR BEHERA for all future purposes. D-1501

By virtue of an affidavit sworn before Executive Magistrate, Chhendipada Vide No.- 1315, dated 31.07.2025, I, Dali Jena, resident of Village- Jhintipal, P.O.- Korada, P.S.-Nisha, Dist.- Angul (Odisha), India declare that I have changed my name from Dali Sahu to Dali Jena. Henceforth, I shall be known as Dali Jena for all purpose. D-1504

ମୁଁ ବିଜୟିନୀ ପାଣି, ପିତା- ସ୍ୱର୍ଗତ ବିଶ୍ୱନାଥ ଜେନା, ରଘୁନାଥପୁର, ଉକୁନ୍ଦରା, ଜଗତ୍‌ସିଂହପୁର ଘୋଷଣା କରୁଅଛି କି ମୋର ବିବାହର କିଛି ବର୍ଷ ପରେ ସ୍ୱାମୀ ଅରୁଣ ପାଣି, ପିତା- ସ୍ୱର୍ଗତ କୃଷ୍ଣ ପାଣି, କୁଳକଇଜଙ୍ଗା, ଜଗତ୍‌ସିଂହପୁରଙ୍କର ଦେହାନ୍ତ ହେଲା। ତେଣୁ ମୁଁ ମୋ ବାପଘରେ ରହି ଆସୁଅଛି। ମୁଁ ମୋର ବାପଘର ସଂଜ୍ଞା ଅନୁସାରେ ଜମିଜମା ରେକର୍ଡ ରଖିବାକୁ ଚାହୁଁଛି। ଧ-୧୫୦୫

**LEGAL NOTICE**

Letter No.- 1370, Date-19.07.2025

ମାନ୍ୟବର ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, ଅତିରିକ୍ତ କମିଶନର, ଅତିରିକ୍ତ ରିଭିଜିନାଲ କୋର୍ଟ ନଂ-୪, ସ୍ଥାନ ସରକାରୀ ଅଫିସ, ୟୁନିଟ୍-୫, ୪ର୍ଥ ମହଲା, ବିଭାଗୀୟ ମୁଖ୍ୟ ଦପ୍ତର କୋଠା, ଭୁବନେଶ୍ୱର, ଜିଲା-ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନଂ.-୨୫୨/ ୨୦୨୪

ନିରଞ୍ଜନ ପାଣିଗ୍ରାହୀ ....ବାଦୀ
ବନାମ
ସଞ୍ଜୟ ଦାସ ଏବଂ ଅନ୍ୟମାନେ ....ପ୍ରତିବାଦୀ

ନୋଟିସ ସି.ପି.ସି. ଅର୍ଡର-୫, ରୁଲ୍- ୨୦ ମୁତାବକ

୨। ବାସନ୍ତୀ ଦାସ, ସ୍ୱାମୀ- ସ୍ୱର୍ଗତ ଧୋବେଇ ଦାସ, ୪। ଟୁନା ଦାସ, ୫। ଶଙ୍କର ଦାସ ଉଭୟଙ୍କର ପିତା ସ୍ୱର୍ଗତ ହରି ଦାସ, ସମସ୍ତଙ୍କର ବାସସ୍ଥାନ ସା- ରଙ୍ଗମାଟିଆ, ପୋଷ୍ଟ/ଥାନା-ମଞ୍ଚେଶ୍ୱର, ଜିଲା-ଖୋର୍ଦ୍ଧା, ୭। ସଞ୍ଜୟ କୁମାର ସାହୁ, ପିତା ନିତ୍ୟାନନ୍ଦ ସାହୁ, ୮। ସୁପ୍ରଭାମୟୀ ରାଉତରାୟ, ସ୍ୱାମୀ ସଞ୍ଜୟ କୁମାର ସାହୁ, ଉଭୟଙ୍କର ବାସସ୍ଥାନ ସା-ଏସ୍.ଡି.-୨, ଭି.ଏସ୍.ଏସ୍. ନଗର, ପୋଷ୍ଟ- ବାଣୀବିହାର, ଥାନା-ସହିଦନଗର, ଭୁବନେଶ୍ୱର, ଜିଲା-ଖୋର୍ଦ୍ଧା।

ଉପରୋକ୍ତ ରିଭିଜନ କେସ ବାଦୀ ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ଆଇନର ଧାରା ୧୫(ଖ) ଅନୁଯାୟୀ ମାନ୍ୟବର ସଦସ୍ୟ ରାଜସ୍ୱ ପର୍ଷଦଙ୍କ ଇଜିଲାସରେ ଦାଖଲ କରିଅଛନ୍ତି। ଯେହେତୁ ପ୍ରତିବାଦୀ ନଂ.୨,୪ ଏବଂ ୫ ନୋଟିସ ଜାରି ହୋଇ ମୃତ ଥିବା ହେତୁ ଏବଂ ପ୍ରତିବାଦୀ ନଂ. ୭ ଓ ୮ଙ୍କୁ ନୋଟିସ ଜାରି ହୋଇ ବିଭିନ୍ନ କାରଣରୁ ଫେରସ୍ତ ଆସିଅଛି। ସେଥିପାଇଁ ଉକ୍ତ ବିଜ୍ଞାପନ ମାଧ୍ୟମରେ ସେମାନେ କିମ୍ବା ତାଙ୍କର ଯଦି କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ଅଦାଲତ ନଂ.୪ ଇଜିଲାସ ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା୦୧।୦୯।୨୦୨୫ ଦିବା ୧୧:୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉକ୍ତ ମାମଲାର ତଫସିଲଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ସମ୍ପତ୍ତିର ବିବରଣୀ

ମୌଜା- ଗାଡ଼କଣ ୟୁନିଟ୍-୩୯, ତହସିଲ- ଭୁବନେଶ୍ୱର, ଥାନା- ମଞ୍ଚେଶ୍ୱର, ଜିଲ୍ଲା- ଖୋର୍ଦ୍ଧା ସାବକ ଖାତା ନଂ.- ୨୮୮, ସାବକ ପ୍ଲଟ୍ ନଂ.- ୧୧୩୭, ଏରିଆ- ଏ.୦.୦୮୫ଡି., ହାଲ୍ ଖାତା ନଂ.- ୧୧୧୩, ହାଲ୍ ପ୍ଲଟ୍ ନଂ.- ୩୯୦୯, ଏରିଆ- ଏ.୦.୦୮୫ଡି.

ଏଣୁ ଉପରୋକ୍ତ ମାମଲାର ଉପରଲିଖିତ ପ୍ରତିବାଦୀମାନେ କିମ୍ବା ତାଙ୍କର କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମା ଫଇସଲା କରାଯିବ।

ଅତିରିକ୍ତ କମିଶନର ଅଦାଲତ ନଂ.-୪ଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଧିକାରୀ
ଧ-୧୪୯୭

# ଜୁନରେ ୨୬ ଦୁର୍ଘଟଣା, ୧୦ ଜଣଙ୍କ ମୃତ୍ୟୁ



## ଅନୁଗୋଳ ଜିଲା ସଡ଼କ ସୁରକ୍ଷା କମିଟି ବୈଠକ

ଅନୁଗୋଳ,୩୧।୭(ମାନସ ବିଶ୍ୱାଳ)

ଅନୁଗୋଳ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲା ସଡ଼କ ସୁରକ୍ଷା କମିଟିର ଏକ ବୈଠକ ବୁଧବାର ଅପରାହ୍ନରେ ଜିଲାପାଳ ଅବଦଲ ମହମ୍ମଦ ଅଖତାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଗତ ଜୁନ ମାସରେ ହୋଇଥିବା ଦୁର୍ଘଟଣା, ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଓ ବିଭିନ୍ନ ପ୍ରକାର ପଦକ୍ଷେପ ଉପରେ ପରିବହନ ବିଭାଗ ପକ୍ଷରୁ କମିଟି ସଭ୍ୟଙ୍କୁ ଅବଗତ କରାଯାଇଥିଲା।

ପରିବହନ ବିଭାଗ ସୂଚନା ଅନୁଯାୟୀ, ଜୁନ ମାସରେ ଅନୁଗୋଳ ଜିଲାରେ ମୋଟ ୨୬ଟି ଦୁର୍ଘଟଣା ଘଟିଥିବାବେଳେ ଏଥିରେ ୧୦ ଜଣଙ୍କ ମୃତ୍ୟୁ ଘଟିଛି। ୧୫ ଜଣ ଗୁରୁତର ଓ ଜଣେ ସାମାନ୍ୟ ଆହତ ହୋଇଛନ୍ତି। ଏଥିରୁ ୧୪ଟି ଦୁର୍ଘଟଣା ଜାତୀୟ ରାଜପଥରେ ଓ ୧୧ଟି ଦୁର୍ଘଟଣା ରାଜ୍ୟ ରାଜପଥ ସହ ଅନ୍ୟାନ୍ୟ ଅଞ୍ଚଳରେ ଘଟିଛି। ସେହିପରି ପରିବହନ ବିଭାଗ ଦ୍ୱାରା ହୋଇଥିବା ଯାଞ୍ଚ ସମୟରେ ବିନା ହେଲମେଟରେ ଗାଡ଼ି ଚାଳନା ଯୋଗୁ ୭୬୬ ଜଣ, ସିଟ ବେଲ୍ଟ ପିନ୍ଧି ନ ଥିବାରୁ ୨୯ଜଣ, ଦ୍ରୁତ ଗାଡ଼ି ଚାଳନା। ଅଭିଯୋଗରେ ୫୦୨ ଜଣ, ମଦ୍ୟପାନ କରି ଗାଡ଼ିଚାଳନା ନିମନ୍ତେ ୨୬ ଜଣ, ଅତ୍ୟଧିକ ମାଲ ପରିବହନ ନିମନ୍ତେ ୩୮ ଜଣଙ୍କ ଠାରୁ ଜରିମାନା ଆଦାୟ କରାଯାଇଛି। ୬୦୪ ଜଣଙ୍କ ଲାଇସେନ୍ସ ନିଲମ୍ବନ କରାଯାଇଛି। ୨୮ଟି ଗାଡ଼ି ଜବତ କରାଯାଇଛି। ସେହିପରି ଜିଲା ପୋଲିସ ଦ୍ୱାରା ଯାଞ୍ଚ ସମୟରେ ଦ୍ରୁତ ଗାଡ଼ି ଚାଳନା କରିଥିବା ୧୮ ଜଣଙ୍କ ଠାରୁ ୨୭ ହଜାର ଟଙ୍କା, ଗାଡ଼ି ଚାଳନା ସମୟରେ ମୋବାଇଲ ବ୍ୟବହାର ସମ୍ପର୍କିତ ୨୩୬ ମାମଲାରେ ୧୧ ଲକ୍ଷ ୮୦ ହଜାର ଟଙ୍କା, ବିନା ହେଲମେଟରେ ଗାଡ଼ି ଚାଳନା ଯୋଗୁ ୨୮୬୩ ଜଣଙ୍କ ଠାରୁ ୨୮ ଲକ୍ଷ ୬୩ ହଜାର ଟଙ୍କା, ବିନା ସିଟ୍ ବେଲ୍ଟରେ ୧୫୪୦ ଜଣଙ୍କ ଠାରୁ ୧୫ଲକ୍ଷ ୪୦ ହଜାର ଟଙ୍କା, ଟ୍ରାଫିକ ନିୟମ ଅବମାନନା ଏବଂ ନୋ ପାର୍କିଂ ଜୋନ୍‌ରେ ଗାଡ଼ି ପାର୍କିଂ ଅଭିଯୋଗରେ ୧୨୬୭ଟି ମାମଲାରେ ୨୬ଲକ୍ଷ ୫୯ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ମଦ୍ୟପାନ କରି ଗାଡ଼ିଚାଳନା ନିମନ୍ତେ ୪୨୦ଟି ମାମଲା ରୁଜୁ କରାଯାଇଥିଲା। ଟ୍ରାଫିକ ନିୟମକୁ କଡ଼ାକଡ଼ି କରିବା ସହିତ ଜନଗହଳି ଅଞ୍ଚଳରେ ଅଧିକରୁ ଅଧିକ ହେଲମେଟ ଯାଞ୍ଚ କରିବା ପାଇଁ ଜିଲାପାଳ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ତାଳଚେର ଉପଜିଲାପାଳ ସମୀର କୁମାର ଜେନା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେନ୍ଦ୍ରନାଥ ରାୟଗୁରୁ, ଆଇଏଏସ୍ ପ୍ରୋବେଶନର କସ୍ତୁରୀ ସା, ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ନିଖିଳ କୁମାର ପଟ୍ଟନାୟକ, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁଙ୍କ ସମେତ ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀ ଓ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

# କାଜୁ ବଗିଚାରୁ ବାବାଜୀଙ୍କ ଝୁଲନ୍ତା ମୃତଦେହ ଜବତ

ଛେଣ୍ଡିପଦା,୩୧।୭ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ବାଲିନାଳି ଗ୍ରାମର ଏକ କାଜୁ ବଗିଚାରୁ ଗୁରୁବାର ଜଣେ ବାବାଜୀଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତ ବାବାଜୀ ହେଲେ ଢେଙ୍କାନାଳ ଜିଲା ମହାବିରୋଡ଼ ଥାନା ଝିଲ୍ଲୀ ଗାଁର ମହର୍ଗା ନାଏକ। ସୂଚନା ଅନୁଯାୟୀ, ମଧ୍ୟାହ୍ନରେ କେତେଜଣ ଗାଈଚାରାଳି କାଜୁ ବଗିଚାରେ ଜଣେ ବାବାଜୀଙ୍କ ମୃତଦେହ ଝୁଲୁଥିବା ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ପରେ ଖବରପାଇ ଛେଣ୍ଡିପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଥିଲା। ସମ୍ପୃକ୍ତ ବାବାଜୀ ଭଗଲାକଟାଠାରେ ଏକ ମଠରେ ରହୁଥିବା ବେଳେ ରୋଗ ଯନ୍ତ୍ରଣା ସହି ନ ପାରି ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ସନ୍ଦେହ କରୁଛି। ଏ ନେଇ ଛେଣ୍ଡିପଦା ଥାନାରେ ନଂ. ୧୯/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହ ଶବଗୃହରେ ରଖାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ଥାନା ଅଧିକାରୀ ବିଭୁଦତ୍ତ ରାଉତରାୟ ପ୍ରକାଶ କରିଛନ୍ତି।

# ପଞ୍ଚାୟତ କାର୍ଯ୍ୟାଳୟରେ ମେଗା ସ୍ୱାସ୍ଥ୍ୟ ଶିବିର

ତାଳଚେର,୩୧।୭ (ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେର ବ୍ଲକ ଘଣ୍ଟପଡ଼ା ପଞ୍ଚାୟତ କାର୍ଯ୍ୟାଳୟଠାରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ ଏରିଆ ସିଏସ୍‌ଆର୍ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ଜଗନ୍ନାଥ ଏରିଆ ମେଡିକାଲ ଅଫିସର ତଥା ଜଗନ୍ନାଥ କୋଲିୟାରୀ ଡିସ୍ପେନସାରୀର ଡାକ୍ତର ଶଶିଧର ପ୍ରସାଦଙ୍କ ତତ୍ତ୍ୱାବଧାନରେ ବଲଣ୍ଡା ଡିସ୍ପେନସାରିର ଶିଶୁ ବିଶେଷଜ୍ଞ ଡାକ୍ତର ରାକେଶ କୁମାର ଏବଂ ଅନନ୍ତ ଡିସ୍ପେନସାରିର ଡାକ୍ତର କ୍ରିଷ୍ଣା କୁମାରୀ ପ୍ରମୁଖ ଯୋଗଦେଇ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଔଷଧ ବିତରଣ କରିଥିଲେ। ଏହି ଶିବିରରେ ଜଗନ୍ନାଥ, ଅନନ୍ତ ଓ ବଲଣ୍ଡା ଡିସ୍ପେନସାରିର ଫାର୍ମାସିଷ୍ଟ ବିଶ୍ୱମ୍ଭର ପ୍ରଧାନ, ସୁଜିତ ଦାସ ଓ ଅଭିଷେକ ଶତପଥୀଙ୍କ ସହିତ ରାଜେଶ ନନ୍ଦି, ସନ୍ତୋଷିନୀ ସାହୁ, ସ୍ମରଣିକା ବେହେରା, ପ୍ରଶାନ୍ତ କୁମାର ଜେନା, ସେଣ୍ଟଜନ ଆମ୍ବୁଲାନ୍ସ ଅନୁଗୋଳ ଜିଲାର ଅବୈତନିକ ଯୁଗ୍ମ ସମ୍ପାଦକ ତଥା ଏମସିଏଲ ଆମ୍ବୁଲାନ୍ସ ଡିଭିଜନର ଡିଭିଜନ କମାଣ୍ଡର ଦୀନବନ୍ଧୁ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଶିବିରରେ ୧୮୭ ଜଣଙ୍କୁ ଚିକିତ୍ସା କରାଯାଇଥିଲା। ଘଣ୍ଟପଡ଼ା ସରପଞ୍ଚ ସସ୍ମିତା ବିଶ୍ୱାଳଙ୍କ ସହିତ ସୁନୀଲ ବିଶ୍ୱାଳ, ସୁନୀଲ ପଟ୍ଟନାୟକ, ଅମିୟ ରତନ ସାହୁ, ନାଏବ ସରପଞ୍ଚ ରାଜୀବ ଦାସ, ଅଶୋକ କୁମାର ଦାସ, ବାଦଲ ସାହୁ ଓ ରଞ୍ଜିତ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ୫ ଫୁଟର ଅଜଗର ଉଦ୍ଧାର

ବଇଣ୍ଡା,୩୧।୭ (ପରିକ୍ଷିତ ସାହୁ)



ଅନୁଗୋଳ ଜିଲା କିଶୋରନଗର ବ୍ଲକ ଶରଧାମୁଣ୍ଡା ଗ୍ରାମର ମନୋରଞ୍ଜନ ପ୍ରଧାନଙ୍କ ଦୋକାନରୁ ଏକ ୫ ଫୁଟର ଅଜଗର ଗୁରୁବାର ଉଦ୍ଧାର କରାଯାଇଛି। ଦୋକାନ ଭିତରକୁ ସାପଟି ପଶୁଥିବା କେତେଜଣ ଗ୍ରାହକ ଦେଖିବା ପରେ ସାପ ଉଦ୍ଧାରକାରୀ ମାଧପୁର ଅଞ୍ଚଳର ସିଦ୍ଧେଶ୍ୱର ରଥଙ୍କୁ ସୂଚନା ଦିଆଯାଇଥିଲା। ସିଦ୍ଧେଶ୍ୱର ପହଞ୍ଚି ଅଜଗରକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦେଇଥିଲେ।

# ଶିକ୍ଷାର୍ଥୀଙ୍କୁ ଆଚରଣ, ନୈତିକତା ଶିକ୍ଷା ଜରୁରୀ

ଆଠମଲ୍ଲିକ,୩୧।୭ (ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକସ୍ଥିତ ପିଏମ୍‌ଶ୍ରୀ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସର ସଭାଗୃହରେ ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକ ଓ ସ୍କୁଲ ପରିଚାଳନା କମିଟିର ସଭ୍ୟାସଭ୍ୟମାନଙ୍କୁ ନେଇ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁନୀଲ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପରିଚାଳନା କମିଟି ଉପସଭାପତି ସନ୍ଧ୍ୟାରାଣୀ ସାହୁ, ଶିକ୍ଷୟିତ୍ରୀ ବିନୋଦିନୀ ପ୍ରଧାନ, ଶିକ୍ଷକ ପ୍ରଦୀପ ସେଠୀ, ଶିକ୍ଷକ ଆଦିତ୍ୟ କୁମାର ସାହୁ ପ୍ରମୁଖ ଯୋଗଦେଇ ଶିକ୍ଷାର୍ଥୀଙ୍କୁ ଆଚରଣ ଓ ନୈତିକତା ଶିକ୍ଷା ଦେବାକୁ ଅଭିଭାବକ, ଶିକ୍ଷକ ଯତ୍ନବାନ ହେବା ଜରୁରୀ ବୋଲି ମତ ପ୍ରକାଶ କରିଥିଲେ। ଶିକ୍ଷକ ବିକାଶ କୁମାର ଧଳ, ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ। ଶିକ୍ଷକ ଧବଳେଶ୍ୱର ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବୁଥ୍‌ଗୁଡ଼ିକର ଯୁକ୍ତିଯୁକ୍ତକରଣ ପାଇଁ ଆଲୋଚନା



ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଜିଲାପାଳ ଆଲୋଚନା କରୁଛନ୍ତି।

## ରାଜନୈତିକ ଦଳ ପ୍ରତିନିଧିଙ୍କ ସହ ଜିଲାପାଳଙ୍କ ବୈଠକ

ଅନୁଗୋଳ,୩୧।୭(ମାନସ ବିଶ୍ୱାଳ)

ପୋଲିଂ ବୁଥ୍‌ଗୁଡ଼ିକର ଯୁକ୍ତିଯୁକ୍ତକରଣ ଓ ନୂତନ ବୁଥ୍ ସୃଷ୍ଟି ସମ୍ପର୍କରେ ଅନୁଗୋଳ ଜିଲାର ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହିତ ଜିଲାପାଳ ଅବଦଲ ମହମ୍ମଦ ଅଖତାର ବୁଧବାର ପୂର୍ବାହ୍ନରେ ଆଲୋଚନା କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ଏହି ବୈଠକରେ ଜିଲାରେ ୧୨୦୦ରୁ ଅଧିକ ମତଦାତା ଥିବା ବୁଥ୍‌ଗୁଡ଼ିକର ଯୁକ୍ତିଯୁକ୍ତକରଣ ସହ ଆବଶ୍ୟକସ୍ଥଳେ ନୂତନ ବୁଥ୍ ସୃଷ୍ଟି କରିବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ତାଳଚେର ଉପଜିଲାପାଳ ସମୀର କୁମାର ଜେନା, ଆଇଏଏସ୍ ପ୍ରୋବେଶନର କସ୍ତୁରୀ ସା, ଅନୁଗୋଳ ଉପଜିଲାପାଳ ମାୟାଧର ବେହେରା, ଆଠମଲ୍ଲିକ ଉପଜିଲାପାଳ ଉପେନ୍ଦ୍ର ଲୁହା, ପାଲଲହଡ଼ା ଉପଜିଲାପାଳ ରବୀନ୍ଦ୍ର କୁମାର ପଟେଲ, ଡେପୁଟି କଲେକ୍ଟର (ନିର୍ବାଚନ) ମମତା ପ୍ରଧାନ ପ୍ରମୁଖ ଯୋଗ ଦେଇଥିବାବେଳେ ଭାରତୀୟ ଜନତା ପାର୍ଟି, ବିଜୁ ଜନତା ଦଳ, ଆମ୍ ଆଦମୀ ପାର୍ଟି, ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସର ପ୍ରତିନିଧିମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର



ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଆଠମଲ୍ଲିକ,୩୧।୭(ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବ୍ଲକ ଶିକ୍ଷା ଅଧିକାରୀ ଶିବାନନ୍ଦ ଧଡ଼ାଙ୍କୁ ଗୁରୁବାର ପ୍ରଦାନ କରାଯାଇଛି। ଦରମା ଅସଙ୍ଗତି ଦୂର କରିବା, ସମାନ କାମକୁ ସମାନ ଦରମା ଦେବା, ପୁରୁଣା ପେନ୍‌ସନ୍ ଲାଗୁ କରିବା, ଶିକ୍ଷା ସହାୟକଙ୍କ ଅବଧିର ୬ ବର୍ଷକୁ ମୂଳ ଚାକିରିରେ ଗଣନା କରିବା, ଗ୍ରେଡ୍ ପେ ୪୬୦୦ ଦେବା, ୨୦୧୧ ମସିହା ପୂର୍ବରୁ ନିଯୁକ୍ତି ପାଇଥିବା ଶିକ୍ଷକମାନଙ୍କ ପାଇଁ ଓଟିଇଟି ଉଚ୍ଛେଦ କରିବା ଆଦି ଦାବି କରାଯାଇଛି। ଏଥିସହିତ ପ୍ରତ୍ୟେକ ମାସରେ ଧାର୍ଯ୍ୟ ସମୟ ଭିତରେ ଦରମା ପ୍ରଦାନ କରିବାକୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସଭାପତି ନିରାକାର ମେହେର, ସାଧାରଣ ସମ୍ପାଦକ ସୁଧାଂଶୁ ଭୂଷଣ ନାୟକ, ଶିକ୍ଷକ ପ୍ରଦୀପ କୁମାର ବାହୁକ, ଛବି ନାରାୟଣ ସିଂ, ନରେନ୍ଦ୍ର ମିର୍ଦ୍ଧା, ପଦ୍ମନାଭ ରାଉତ, ଶିକ୍ଷୟିତ୍ରୀ ଜ୍ୟୋତିରାଣୀ ରାଉତ, ମଞ୍ଜୁଲତା ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଜଗମୋହନ ଜ୍ୟୋତିଷ ରାଏ, ପ୍ରଧାନ ଶିକ୍ଷକ ଯୁଧିଷ୍ଠିର ସେଠୀ, ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ପ୍ରଧାନଙ୍କୁ ସଙ୍ଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଅଧ୍ୟକ୍ଷ, ୪ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା




ନାଲ୍‌କୋ ସରସ୍ୱତୀ ବିଦ୍ୟାମନ୍ଦିରରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା।

ବଆଁରପାଳ,୩୧।୭(ସୁବାସ ସାହୁ)

ଅନୁଗୋଳ ଜିଲା ନାଲ୍‌କୋ ସରସ୍ୱତୀ ବିଦ୍ୟାମନ୍ଦିରର ଅଧ୍ୟକ୍ଷ ଡ.ଶତ୍ରୁଘ୍ନ ବେହେରାଙ୍କ ସମେତ ବରିଷ୍ଠ ଶିକ୍ଷକ ଶ୍ରୀବତ୍ସ କୁମାର ଖୁଣ୍ଟିଆ, ପ୍ରତିମା ରାଣୀ ସନ୍ଧିବିଗ୍ରହ, ଗିରିଧାରୀ ପୃଷ୍ଟି, ଉମେଶ ଚନ୍ଦ୍ର ମହାପାତ୍ରଙ୍କୁ ଗୁରୁବାର ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ଉପାଧ୍ୟକ୍ଷା ସସ୍ମିତା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍କୁଲ ପରିଚାଳନା କମିଟି ସମ୍ପାଦକ ଡ.ସୁଧାକର ପାଳ ମୁଖ୍ୟ ଅତିଥି, ପୂର୍ବତନ ଉପାଧ୍ୟକ୍ଷ ଡ. ସିଦ୍ଧନାଥ ସାହୁ ଓ ସରସୀ ସ୍ୱାଇଁ ଯୋଗ ଦେଇଥିଲେ। ସ୍କୁଲ କମିଟି ସଦସ୍ୟ ପ୍ରସନ୍ନ କୁମାର ସାହୁଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶିକ୍ଷକ ଅନିଲ କୁମାର ବିଶ୍ୱାଳ ସଭା ପରିଚାଳନା କରିଥିଲେ। ବିଦାୟକାଳୀନ ଉତ୍ସବରେ ଅଧ୍ୟକ୍ଷଙ୍କ ସମେତ ୪ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଉତ୍ତରୀୟ, ମାନପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷକ ସୁରେନ୍ଦ୍ର କୁମାର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଅମଲାପଡ଼ା ଗଜଲକ୍ଷ୍ମୀ ପୂଜା କମିଟି ବୈଠକ



ବୈଠକରେ ଉପସ୍ଥିତ ପୂଜା କମିଟି କର୍ମକର୍ତ୍ତାମାନେ।

ଅନୁଗୋଳ,୩୧।୭ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ସହରସ୍ଥିତ ଅମଲାପଡ଼ା ଗଜଲକ୍ଷ୍ମୀ ପୂଜା କମିଟିର ସାଧାରଣ ବୈଠକ ମୁଖ୍ୟ ଉପଦେଷ୍ଟା ଶଙ୍କର ସେଠୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଅମଲାପଡ଼ା ଦୁର୍ଗା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆୟବ୍ୟୟର ହିସାବ ସାଙ୍ଗକୁ ୨୦୨୫ ମସିହା ପାଇଁ ନୂତନ କାର୍ଯ୍ୟକାରିଣୀ କମିଟି ତଥା କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ଶକ୍ରାଜିତ ପଣ୍ଡା, ସମ୍ପାଦକ ଭାବେ ନିରଞ୍ଜନ ସାହୁ ଓ କୋଷାଧ୍ୟକ୍ଷ ଭାବେ ଅସିତ କୁମାର ବେହେରା ସର୍ବ ସମ୍ମତି କ୍ରମେ ଚୟନ ହୋଇଥିବାବେଳେ ଉପ ସଭାପତି ଭାବେ ଅଳକାରାଣୀ ମହାପାତ୍ର ଓ ଭୀମସେନ ସେଠୀ, ସହ ସମ୍ପାଦକ ଭାବେ ପ୍ରଭାତ କୁମାର ଦାସ ଓ ବିଜେନ୍ଦ୍ର ବଳିୟାରଙ୍କୁ ଚୟନ କରାଯାଇଛି। ସେହିପରି ସହ କୋଷାଧ୍ୟକ୍ଷ ଭାବେ ଜୁଲୁଫିତର ଅଲ୍ଲୀ ଓ ଅଜୟ ସାହୁ, ମୁଖ୍ୟ ଉପଦେଷ୍ଟା ଭାବେ ଶଙ୍କର ସେଠୀ, ଉପଦେଷ୍ଟା ଜୟନ୍ତ କୁମାର କର, ମୋହନ ସାମନ୍ତ, ସତ୍ୟ ସାଗର ସିହ୍ନା ଚୟନ ହୋଇଛନ୍ତି। ଚଳିତବର୍ଷ ଲକ୍ଷ୍ମୀ ପୂଜା କିଭଳି ଶାନ୍ତି ଶୃଙ୍ଖଳାର ସହିତ ଆୟୋଜନ କରାଯିବ ସେ ନେଇ ବୈଠକରେ ଆଲୋଚନା କରାଯାଇଥିଲା।

# ସାପ କାମୁଡ଼ାରେ ୨ ମହିଳା ମୃତ

ସନ୍ତ୍ରିଛକ, ୩୧।୭ (ସନ୍ତୋଷ ପରିଡ଼ା)/ ଛେଣ୍ଡିପଦା (ଅଜିତ ଧଳ)

ଅନୁଗୋଳ ଜିଲା ବଆଁରପାଳ ବ୍ଲକ ଲଙ୍ଗୁଳିଆବେଡ଼ା ଗ୍ରାମର ସରସ୍ୱତୀ ବିଶୋଇ(୩୩)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ବୁଧବାର ରାତିରେ ସେ ଶୋଇଥିବା ବେଳେ ତାଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ସକାଳୁ ସେ ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ସଂକ୍ରାନ୍ତରେ ବଆଁରପାଳ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଏସ୍‌ଆଇ ମନୋଜ ମିଶ୍ର ତଦନ୍ତ ଚଳାଇଛନ୍ତି। ସେହିପରି ଛେଣ୍ଡିପଦା ବ୍ଲକ ବାଗଡ଼ିଆ ଥାନା ଖମାର ମାହାର ସାହିରେ ସାପ କାମୁଡ଼ାରେ ଜନ୍ମ ମାହାରଙ୍କ ସ୍ତ୍ରୀ କେତକୀ ମାହାରଙ୍କ ମୃତ୍ୟୁ ହୋଇଛି। କେତକୀ ମଧ୍ୟାହ୍ନରେ ଶୋଇଥିବା ବେଳେ ସାପ କାମୁଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ବାଗଡ଼ିଆ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି।

# ବ୍ରାଉନସୁଗାର ଜବତ, ଦମ୍ପତି ଗିରଫ

ବଆଁରପାଳ,୩୧।୭(ସୁବାସ ସାହୁ)

ଅନୁଗୋଳ ଜିଲା ନାଲ୍‌କୋ ଥାନା ପୋଲିସ ବଳରାମପ୍ରସାଦ ଗ୍ରାମର ଏକ ଦମ୍ପତି ପ୍ରଦ୍ୟୁମ୍ନ ସାହୁ ଓ ଝିଲ୍ଲୀ ସାହୁଙ୍କୁ ଗିରଫ କରିବା ସହ ବ୍ରାଉନସୁଗାର ଜବତ କରିଛି। ଦୀର୍ଘଦିନ ହେବ ଏହି ଦମ୍ପତି ବ୍ରାଉନସୁଗାର ବେପାର କରିଆସୁଥିଲେ। ପୂର୍ବରୁ ମଧ ପ୍ରଦ୍ୟୁମ୍ନ ଧରାପଡ଼ି ଜେଲ ଯାଇଥିଲେ। ହେଲେ ଜାମିନରେ ଆସି ସେ ପୁଣି ବେପାର କରୁଥିଲେ। ତାଙ୍କ ସ୍ତ୍ରୀ ଝିଲି ଫେରାର ଥିଲେ। ବୁଧବାର ସନ୍ଧ୍ୟାରେ ପୋଲିସ ଓ ସ୍ୱତନ୍ତ୍ର ସ୍କ୍ୱାଡ୍ ଦମ୍ପତିଙ୍କ ଘରେ ଚଢ଼ାଉ କରି ୫.୮୪୦ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ସେମାନଙ୍କୁ ଗିରଫ କରିଥିଲା। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଶ୍ୟାମ ଲାଲ ଓରାମ ସୂଚନା ଦେଇଛନ୍ତି।

# ଅବକାରୀ ଚଢ଼ାଉ, ୫ ଗିରଫ

ବଇଣ୍ଡା,୩୧।୭ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ଗୁରୁବାର କିଶୋରନଗର ବ୍ଲକ ହାଟନାଳୀ ଗ୍ରାମରେ ଚଢ଼ାଉ କରାଯାଇ ମମତା ବେହେରାଙ୍କ ଘରୁ ୧୨ ଲିଟର ଚୋରା ମହୁଲି ମଦ ଜବତ କରାଯାଇଛି। ଏଥିସହ ତାଙ୍କୁ ଗିରଫ କରାଯାଇଛି। ସେହିପରି ସେହି ଗ୍ରାମର ସାବିତ୍ରୀ ବେହେରାଙ୍କ ଘରୁ ୧୫ ଲିଟର, କୁସୁଣୀ ଗ୍ରାମର ପଦ୍ମାବତୀ ବେହେରାଙ୍କ ଘରୁ ୧୦ ଲିଟର, ବୁଢ଼ାଖାଇ ଗ୍ରାମର ଝାନି ଦେହୁରୀଙ୍କ ଘରୁ ୧୫ ଲିଟର, ଅନ୍ତର ଦେହୁରୀଙ୍କ ଘରୁ ୧୨ ଲିଟର ଚୋରା ମଦ ଜବତ କରାଯାଇଛି। ଆଠମଲ୍ଲିକ ଅବକାରୀ ନିରୀକ୍ଷକ ପବିତ୍ର ମୋହନ ମାଝୀଙ୍କ ସମେତ ଏକ ଟିମ୍ ଚଢ଼ାଉ କରିଥିଲା।

# ପାଥୋଲୋଜି ଡାକ୍ତରଙ୍କୁ ବିଦାୟ ସମ୍ବର୍ଦ୍ଧନା

ଅନୁଗୋଳ,୩୧।୭ (ଜ୍ୟୋତିରଞ୍ଜନ ସାହୁ)



ଡାକ୍ତରଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟର ମାଇକ୍ରୋବାୟୋଲୋଜିଷ୍ଟ ଭାବେ ୨୦୧୮ ମସିହାରୁ କାର୍ଯ୍ୟରତ ଡାକ୍ତର. ସୁଶୃଷ୍ୟନ୍ତ ତ୍ରିପାଠୀଙ୍କୁ ଗୁରୁବାର ପାଥୋଲୋଜି ବିଭାଗ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କୋଭିଡ୍ ସମୟରେ ଡାକ୍ତର ତ୍ରିପାଠୀ ଦିନ ରାତି ୨୪ ଘଣ୍ଟା ଅବିରତ କାର୍ଯ୍ୟ କରି ସେବା ଯୋଗାଇ ଦେଇଥିଲେ। ବର୍ତ୍ତମାନ ସେ ଏନ୍‌ସିଡିସି ନୂଆଦିଲ୍ଲୀରେ ସିନିୟର୍ ମାଇକ୍ରୋବାୟୋଲୋଜିଷ୍ଟ ଭାବରେ ନିଯୁକ୍ତ ହୋଇଛନ୍ତି। ପ୍ୟାଥୋଲୋଜି ବିଭାଗର ସମସ୍ତ କର୍ମଚାରୀ ତାଙ୍କୁ ବିଦାୟ ଜଣାଇବା ସହ ଆଗାମୀ ଜୀବନ ଓ କାର୍ଯ୍ୟ ପାଇଁ ଶୁଭକାମନା ଜଣାଇଥିଲେ।

# ଅବସରପ୍ରାପ୍ତ ଶିକ୍ଷକଙ୍କ ବିୟୋଗ

ପବିତ୍ରନଗର,୩୧।୭(ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ପବିତ୍ର ମୋହନ ସରକାରୀ ଉଚ୍ଚ ବିଦ୍ୟାଳୟର ପୂର୍ବତନ ହିନ୍ଦୀ ଶିକ୍ଷକ ଦୁଃଖବନ୍ଧୁ ପ୍ରଧାନ (୭୪)ଙ୍କ ଗୁରୁବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲରେ ପରଲୋକ ହୋଇଯାଇଛି। ସେ ଜଣେ ଅତ୍ୟନ୍ତ ଭଦ୍ର, ପରୋପକାରୀ ବ୍ୟକ୍ତି ସହ ଛାତ୍ରବତ୍ସଳ ଶିକ୍ଷକ ଥିଲେ।



ତାଙ୍କର ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ, ପୁତ୍ର, ପୁତ୍ରବଧୂ, ନାତୁଣୀ ଉପସ୍ଥିତ ଥିଲେ। ତାଙ୍କ ମରଶରୀରକୁ ଉଚ୍ଚ ବିଦ୍ୟାଳୟ ପରିସରକୁ ନିଆଯିବା ପରେ ସେଠାରେ ପ୍ରଧାନ ଶିକ୍ଷକ ସିଦ୍ଧି ପ୍ରସାଦ ସାହୁଙ୍କ ସହ ଶିକ୍ଷୟିତ୍ରୀ, ଶିକ୍ଷକ, ସହକର୍ମୀ, ଛାତ୍ରୀଛାତ୍ର ଓ ବହୁ ପୁରାତନ ଛାତ୍ରୀଛାତ୍ର ଶେଷ ଦର୍ଶନ କରିଥିଲେ। ପରେ ପୈତୃକ ଗ୍ରାମ କଂସମୁଣ୍ଡା ପରିକ୍ରମ କରାଯାଇ ଶେଷକୃତ୍ୟ ନିମନ୍ତେ ପୁରୀ ସ୍ୱର୍ଗଦ୍ୱାର ନିଆଯାଇଥିଲା।

# ମହୀଧରପୁରରେ ସଚେତନତା କାର୍ଯ୍ୟକ୍ରମ

ସନ୍ତ୍ରିଛକ,୩୧।୭ (ସନ୍ତୋଷ ପରିଡ଼ା)

ଅନୁଗୋଳ ବଣନାଳି ବିଶ୍ୱ ଯୁବକେନ୍ଦ୍ର ଦ୍ୱାରା ପରିଚାଳିତ ଆକ୍ସେସ ଟୁ ଜଷ୍ଟିସ ପକ୍ଷରୁ ବଆଁରପାଳ ବ୍ଲକ ମହୀଧରପୁର ଓ ଫୁଲପଡ଼ା ହାଇସ୍କୁଲରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାରେ ଶିଶୁମାନଙ୍କୁ ନିଜ ଅଧିକାରରୁ ବଞ୍ଚିତ କରି ବାଲ୍ୟବିବାହ, ଶିଶୁ ଚାଲାଣ, ଶିଶୁ ଯୌନ ନିର୍ଯାତନା, ଶିଶୁ ଶ୍ରମିକ ତଥା ଜୀବନ ପ୍ରତି ବିପଦ ସଙ୍କୁଳନ କାର୍ଯ୍ୟରେ ନିୟୋଜିତ ତଥା ଏହାର ଭୟାବହତା ଉପରେ ବିଶେଷ ଆଲୋଚନା କରାଯାଇଥିଲା। ବାଲ୍ୟ ବିବାହ ତଥା ଶିଶୁଙ୍କୁ ଶ୍ରମରେ ନିୟୋଜିତ କରୁଥିବା ଲୋକଙ୍କ ପାଇଁ ଦଣ୍ଡ ବିଧାନ ସମ୍ପର୍କରେ ସଚେତନ କରାଯାଇଥିଲା। ଚାଇଲ୍ଡ ହେଲ୍ପଲାଇନ ନମ୍ବର (୧୦୯୮), ପୋଲିସ ସହାୟତା ନମ୍ବର (୧୧୨)ରେ ଅବଗତ କରାଇବାକୁ କୁହାଯାଇଥିଲା। ବିଶ୍ୱଯୁବ କେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ଓ ପୂଜା ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ପ୍ରକଳ୍ପ ସହଯୋଗୀ ଲକ୍ଷ୍ମୀ ବେହେରା ପରିଚାଳନା କରିଥିଲେ। ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

# କ୍ଷତିଗ୍ରସ୍ତ ୩୯ ଗ୍ରାମବାସୀଙ୍କ ପକ୍ଷରୁ ଦାବିପତ୍ର



ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଜନପ୍ରତିନିଧି ଓ କ୍ଷତିଗ୍ରସ୍ତମାନେ।

ବଆଁରପାଳ,୩୧।୭(ସୁବାସ ସାହୁ)

ଅନୁଗୋଳ ଜିଲା ନାଲ୍‌କୋସ୍ଥିତ ପାରିପାର୍ଶ୍ୱିକ ତଥା କ୍ଷତିଗ୍ରସ୍ତ ୩୯ଟି ଗ୍ରାମବାସୀଙ୍କ ପକ୍ଷରୁ ଏକ ୧୦ ଦଫା ଦାବି ସମ୍ବଳିତ ଦାବିପତ୍ର ଗୁରୁବାର ନାଲ୍‌କୋ ଜିଜିଏମ୍ (ଏଚ୍‌ଆଣ୍ଡଏ)ଙ୍କୁ ପ୍ରଦାନ କରାଯାଇଛି। ଏଥିସହ ଢେଙ୍କାନାଳ ଏମ୍‌ପି, ଅନୁଗୋଳ ବିଧାୟକ, ଜିଲାପାଳ ଓ ନାଲ୍‌କୋ ସିଏମ୍‌ଡିଙ୍କ ନିକଟକୁ ମଧ ପଠାଯାଇଛି। ଦାବିପତ୍ରରେ ଦର୍ଶାଯାଇଛି, କର୍ମଚାରୀମାନେ ଅବସର ନେଉଥିବାରୁ ଦିନକୁ ଦିନ ନାଲ୍‌କୋରେ କର୍ମଚାରୀଙ୍କ ସଂଖ୍ୟା ହ୍ରାସ ପାଉଥିଲେ ମଧ ୨୦୦୭ ମସିହାରୁ ନୂତନ ନିଯୁକ୍ତି ଦିଗରେ ପଦକ୍ଷେପ ନିଆଯାଉ ନାହିଁ। ତେଣୁ ସ୍ଥାୟୀ ନିଯୁକ୍ତି ପ୍ରଦାନ, ଜମି କ୍ଷତିଗ୍ରସ୍ତ ପ୍ରଜାଙ୍କୁ ସିଧାସଳଖ ନିଯୁକ୍ତି, ନାଲ୍‌କୋର ବିଭିନ୍ନ ଉତ୍ପାଦନକୁ ସ୍ଥାନୀୟ ଟ୍ରକ୍ ଦ୍ୱାରା ପରିବହନ, ଲାଭାଂଶର ୨ ପ୍ରତିଶତ ଅଞ୍ଚଳର ବିକାଶରେ ଉପଯୋଗ କରିବା, ନାଲ୍‌କୋ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବାରେ ଗ୍ରାମବାସୀଙ୍କୁ ଉନ୍ନତ ସେବା ପ୍ରଦାନ, ନାଲ୍‌କୋ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଅଞ୍ଚଳବାସୀଙ୍କୁ ସୁଯୋଗ ଦେବା ସହ ଛୋଟ ପିଲାମାନଙ୍କୁ ବସ୍ ସହାୟତା ପ୍ରଦାନ କରିବା, ନାଲ୍‌କୋ ଚତୁଃପାର୍ଶ୍ୱ ରାସ୍ତା ସମ୍ପ୍ରସାରଣ, ପାରିପାର୍ଶ୍ୱିକ ଗ୍ରାମଗୁଡ଼ିକରେ ଆଲୋକୀକରଣ, ବ୍ୟାପକ ଚାରା ରୋପଣ ଆଦି ଦାବି ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ୩୯ଟି ଗ୍ରାମର ଗ୍ରାମବାସୀଙ୍କ ସହ ଜିଲା ପରିଷଦ ସଦସ୍ୟା ମୀରା ଗଡ଼ନାୟକ, ବଳରାମ ପ୍ରସାଦ ସରପଞ୍ଚ ଜୟନ୍ତୀ ସାହୁ, କୁଲାଡ଼ ସରପଞ୍ଚ ଉଷାରାଣୀ ସାହୁ, ଭୋଗବେରଣୀ ସରପଞ୍ଚ ଚାପଲିନ ସାହୁ, କୁରୁଡୋଲ ସରପଞ୍ଚ ଦିବାକର ମହାଳିକ, ଭାଜପା ନେତା ଅନୀଲ କୁମାର ବେହେରା, ଅମିୟ ତ୍ରିପାଠୀ, ପ୍ରିତ୍ୟୁଷ ପଣ୍ଡା, ସୁଶୀଲ ବିଶୋଇ, ମୁକେଶ ଜେନା, ତପନ ସାମନ୍ତ ସିଂ, ବାବୁଲି ସ୍ୱାଇଁ, ବିକାଶ କୁମାର ସାହୁ, ବିକାଶ ସାମଲ, ସୁବ୍ରତ ସାହୁ, ଦୟାନିଧି ସାମଲ, ବାପି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୧/୨୦୨୫ Bhubaneswar, Friday, August 1/ 2025

# ଓଭାଲ ଟେଷ୍ଟରେ ବର୍ଷା ବାଧା

**ଲଣ୍ଡନ, ୩୧।୭**

ଭାରତ ଓ ଇଂଲଣ୍ଡ ମଧ୍ୟରେ ଚଳିତ ସିରିଜର ୫ମ ତଥା ଅନ୍ତିମ କ୍ରିକେଟ ମ୍ୟାଚ ଗୁରୁବାର ଓଭାଲରେ ଆରମ୍ଭ ହୋଇଛି। ବର୍ଷା ଯୋଗୁ ଖେଳ ଦୁଇଥର ବାଧାପ୍ରାପ୍ତ ହୋଇଛି। ରିପୋର୍ଟ ପ୍ରସ୍ତୁତ ବେଳକୁ ଭାରତ ୩ ଉଇକେଟ ହରାଇ ୮୫ ରନ କରିଛି।

ଟସ୍ ଜିତି ଇଂଲଣ୍ଡର କାମଚଳା ଅଧିନାୟକ ଓଲି ପୋପ୍ ଭାରତକୁ ବ୍ୟାଟିଂପାଇଁ ଆମନ୍ତ୍ରଣ କରିଥିଲେ। ଭାରତର ଆରମ୍ଭ ଭଲ ହୋଇ ନ ଥିଲା। ୪ର୍ଥ ଓଭରରେ ଯଶସ୍ୱୀ ଜୟସ୍ୱାଲଙ୍କୁ ପ୍ୟାଭିଲିୟନ ପଠାଇଥିଲେ ଗସ ଆଟକିନସନ। ପରେ ଲୋକେଶ ରାହୁଲଙ୍କୁ କ୍ରିସ୍ ୱୋକ୍ସ ଆଉଟ କରିବାରୁ ୧୫.୧ ଓଭର ବେଳକୁ ଭାରତ ସ୍କୋର ୩୮/୨ ହୋଇ ଯାଇଥିଲା। ଅଧିନାୟକ ଶୁବମନ ଗିଲ୍ ଓ ସାଇ ସୁଦର୍ଶନ ଇନିଂସ ସମ୍ଭାଳିବାକୁ ଉଦ୍ୟମ କରିଥିଲେ। ତେବେ ତୃତୀୟ ଉଇକେଟରେ ୪୫ ରନର ଭାଗୀଦାରି ପରେ ଗିଲଙ୍କ ରନ୍‌ଆଉଟ ଭାରତ ପାଇଁ ଶକ୍ତ ଝଟ୍‌କା ସଦୃଶ ହୋଇଥିଲା। ୨୮ତମ ଓଭର ବୋଲିଂ କରିଥିବା ଗସ୍ ଆଟକିନସନଙ୍କ ଦ୍ୱିତୀୟ ବଲ୍‌କୁ ଖେଳି ଗିଲ୍ ଏକ ସିଙ୍ଗଲ ନେବାକୁ ଉଦ୍ୟମ କରିଥିଲେ। ମାତ୍ର ନିଜ ଫଲୋ ଥ୍ରୁରେ ଆଟକିନସନ ଫ୍ଲିକ୍ କରି ଡାଇରେକ୍ଟ ଥ୍ରୋରେ ଷ୍ଟମ୍ପ ଭାଙ୍ଗି ଦେଇଥିଲେ। ଜୟସ୍ୱାଲ ୨, ରାହୁଲ ୧୪ ଓ ଗିଲ୍ ୨୧ ରନ କରିବାକୁ ସକ୍ଷମ ହୋଇଥିଲେ।


ଉଇକେଟ ନେବାପରେ ଗସ୍ ଆଟକିନସନଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

୨୩ ଓଭରରେ ସ୍କୋର ୭୨/୨ ଥିବାବେଳେ ବର୍ଷା ଯୋଗୁ ପ୍ରଥମେ ଖେଳ ବନ୍ଦ ହୋଇଥିଲା। ସେହିପରି ୨୯ ଓଭରରେ ୩ ଉଇକେଟ ହରାଇ ଭାରତ ୮୫ ରନ କରିଥିବାବେଳେ ପୁଣି ବର୍ଷା ଯୋଗୁ ଖେଳକୁ ବନ୍ଦ ରଖିବାକୁ ପଡ଼ିଥିଲା। ସେତେବେଳେ ସାଇ ସୁଦର୍ଶନ ୨୮ ଓ କରୁଣ ନାୟାର କୌଣସି ରନ ନ କରି ଅପରାଜିତ ରହିଥିଲେ। ୧୯୭୮/୭୯ରେ ଭାରତ ଗସ୍ତରେ ୱେଷ୍ଟଇଣ୍ଡିଜ ଆସିଥିବାବେଳେ ୩୨୭୦ ରନ ସଂଗ୍ରହ ହୋଇଥିଲା। ଭାରତ ସାମିଲ ଥିବା କୌଣସି ଏକ ସିରିଜରେ ଏହା ସର୍ବାଧିକ ରନ ଥିଲା। ମାତ୍ର ଚଳିତ ଭାରତ-ଇଂଲଣ୍ଡ ସିରିଜରେ ଏହି ରେକର୍ଡ ଭାଙ୍ଗିଛି। ୩୨୭୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ ହୋଇଛି।

### ଗୋଟିଏ ସିରିଜରେ ଭାରତର ସର୍ବାଧିକ ସ୍କୋର

୩୨୭୧ରୁ ଊର୍ଦ୍ଧ୍ୱ (ଅସମାପ୍ତ): ଇଂଲଣ୍ଡ ଗସ୍ତରେ ଭାରତ, ୨୦୨୫
୩୨୭୦: ଭାରତ ଗସ୍ତରେ ୱେଷ୍ଟଇଣ୍ଡିଜ, ୧୯୭୮/୭୯
୩୨୩୦: ଭାରତ ଗସ୍ତରେ ଇଂଲଣ୍ଡ, ୨୦୧୬/୧୭
୩୧୪୦: ଭାରତ ଗସ୍ତରେ ଇଂଲଣ୍ଡ,୨୦୨୪
୩୧୧୯: ଭାରତ ଗସ୍ତରେ ଇଂଲଣ୍ଡ, ୧୯୬୩/୬୪

## ଗାଭାସ୍କରଙ୍କ ରେକର୍ଡ ଭାଙ୍ଗିଲେ ଗିଲ୍

ଜବରଦସ୍ତ ଫର୍ମରେ ଥିବା ଶୁବମନ ଗିଲ୍ ଗୁରୁବାର ଇଂଲଣ୍ଡ ବିପକ୍ଷ ପଞ୍ଚମ ତଥା ଅନ୍ତିମ ଟେଷ୍ଟରେ ଭାରତୀୟ ଅଧିନାୟକ ଭାବେ ଏକ ଟେଷ୍ଟ ସିରିଜ୍‌ରେ ସର୍ବାଧିକ ରନ କରିବାର ରେକର୍ଡର ଅଧିକାରୀ ହୋଇଛନ୍ତି। ଦି ଓଭାଲଠାରେ ଖେଳାଯାଉଥିବା ପଞ୍ଚମ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଇନିଂସରେ ସେ ମାତ୍ର ୨୧ ରନ କରିବାକୁ ସକ୍ଷମ ହୋଇଥିଲେ। ଏଥିଯୋଗୁ ଚଳିତ ସିରିଜ୍‌ର ୯ଟି ଇନିଂସରେ ତାଙ୍କ ରନ୍ ସଂଖ୍ୟା ୭୪୩ରେ ପହଞ୍ଚିଛି। ପୂର୍ବରୁ ଏହି ରେକର୍ଡ କିମ୍ବଦନ୍ତୀ ଭାରତୀୟ ବ୍ୟାଟର ସୁନୀଲ ଗାଭାସ୍କରଙ୍କ ନାମରେ ଥିଲା। ସେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ୧୯୭୮/୭୯ ସିରିଜ୍‌ରେ ୭୩୨ ରନ କରିଥିଲେ। ତେବେ ଅଧିନାୟକ ଭାବେ ଗୋଟିଏ ଟେଷ୍ଟ ସିରିଜ୍‌ରେ ସର୍ବାଧିକ ରନ କରିବାର ରେକର୍ଡ ଅଷ୍ଟ୍ରେଲିଆର ଡନ ବ୍ରାଡମ୍ୟାନଙ୍କ ନାମରେ ରହିଛି। ସେ ୧୯୭୬/୭୭ରେ ଏକ ଟେଷ୍ଟ ସିରିଜ୍‌ରେ ୮୧୦ ରନ କରିଥିଲେ। ଏହି ତାଲିକାରେ ଇଂଲଣ୍ଡର ଗ୍ରାହାମ ଗୁଚ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେ ୧୯୯୦ରେ ୭୫୨ ରନ କରିଥିଲେ। ଚଳିତ ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ ଆଉ ଏକ ଇନିଂସ ବାକି ଥିବାରୁ ଗିଲ୍‌ଙ୍କ ନିକଟରେ ଗୁଚଙ୍କୁ ଅତିକ୍ରମ କରିବାର ସୁଯୋଗ ରହିଛି।

# ଫ୍ଲିଜାଲିନଙ୍କୁ ରୌପ୍ୟ ପଦକ

**ଭୁବନେଶ୍ୱର, ୩୧।୭ (ତପନ ସ୍ୱାଇଁ)**

ଭିଏତ୍‌ନାମରେ ଅନୁଷ୍ଠିତ ୯ମ ଏସିଆନ ପେନ୍‌ଚାକ୍ ସିଲାଟ ଚାମ୍ପିୟନଶିପରେ ରୌପ୍ୟ ପଦକ ହାସଲ କରି ରାଜ୍ୟକୁ ଗର୍ବିତ କରିଛନ୍ତି ଫ୍ଲିଜାଲିନ ତରାଇ। ଜୁଲାଇ ୨୪ରୁ ୩୧ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଏସୀୟ ସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶାର ୨ ଖେଳାଳି ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଏହି ଖେଳାଳିଦ୍ୱୟ ହେଲେ ଫ୍ଲିଜାଲିନ ଓ ରଞ୍ଜିତ ନାୟକ। ଫ୍ଲିଜାଲିନ ରୌପ୍ୟ ପଦକ ଆଣିଥିବା ବେଳେ ରଞ୍ଜିତ ନାୟକ ଉଚ୍ଚକୋଟୀର ପ୍ରଦର୍ଶନ ସତ୍ତ୍ୱେ ପଦକରୁ ଅଳ୍ପକେ ବଞ୍ଚିତ ହୋଇଥିଲେ। ପଦକ ହାସଲ ପାଇଁ ଫ୍ଲିଜାଲିନଙ୍କୁ ରାଜ୍ୟ କ୍ରୀଡ଼ା ବିଭାଗ ସମେତ ଖୋର୍ଦ୍ଧା ପେନ୍‌ଚାକ ସିଲାଟ ଆସୋସିଏଶନ ସମ୍ପାଦକ ଜିତେନ୍ଦ୍ର କୁମାର ରାଉତ, ସଭାପତି ତାପସ କୁମାର ରାୟ ଚୌଧୁରୀ, ଉପସଭାପତି ମନୋରଞ୍ଜନ ଭଞ୍ଜ, ଅରବିନ୍ଦ ବାରିକ, ସାଧାରଣ ସମ୍ପାଦକ ଗୁରୁ ପ୍ରେମ ସିଂ ଥାପା, ବ୍ୟକ୍ତିଗତ ଉପଦେଷ୍ଟା ସୁମନ ମୋଦି ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।


ପଦକ ସହ ଫ୍ଲିଜାଲିନ ତରାଇ।

# ଜାତୀୟ ଜୁନିୟର ମହିଳା ହକି ଆଜିଠାରୁ

**କାକିନାଡ଼ା, ୩୧।୭ (ପି.ଟି.)**

ଜାତୀୟ ଜୁନିୟର ମହିଳା ହକି ଚାମ୍ପିୟନଶିପ୍ କାକିନାଡ଼ାରେ ଶୁକ୍ରବାରଠାରୁ ଆରମ୍ଭ ହେବ। ଏଥିରେ ୩୦ଟି ଦଳ ଅଂଶଗ୍ରହଣ କରିଛନ୍ତି। ଅଗଷ୍ଟ ୧୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁଥିବା ଏହି ଟୁର୍ନାମେଣ୍ଟ ନୂତନ ଭାବେ ପ୍ରଚଳିତ ଡିଭିଜନଭିତ୍ତିକ ଫର୍ମାଟରେ ଖେଳାଯିବ। ଦଳଗୁଡ଼ିକୁ ୩ଟି ସେଗ୍‌ମେଣ୍ଟରେ ବିଭକ୍ତ କରାଯାଇଛି। 'ଏ' ଓ 'ବି' ଡିଭିଜନରେ ଶେଷ ଦୁଇ ସ୍ଥାନ ଅଧିକାର କରିଥିବା ଦଳ ତଳକୁ ଖସି ଟୁର୍ନାମେଣ୍ଟର ଆସନ୍ତା ସଂସ୍କରଣରେ ଯଥାକ୍ରମେ 'ବି' ଓ 'ସି' ଗ୍ରୁପ୍‌ରେ ଖେଳିବେ। ଅନ୍ୟପକ୍ଷରେ 'ବି' ଓ 'ସି' ଡିଭିଜନର ଶ୍ରେଷ୍ଠ ଦୁଇ ଦଳ ଯଥାକ୍ରମେ 'ଏ' ଓ 'ବି' କ୍ଲଷ୍ଟରକୁ ପଦୋନ୍ନତି ପାଇବେ। ଡିଭିଜନ 'ଏ'ରେ ଦେଶର ଶ୍ରେଷ୍ଠ ୧୨ଟି ଦଳ ସ୍ଥାନ ପାଇଛନ୍ତି। ଏଥିରେ ଗତଥରର ପୁଲ 'ଏ' ଚାମ୍ପିୟନ ହକି ଝାଡ଼ଖଣ୍ଡ ସ୍ଥାନ ପାଇଥିବା ବେଳେ ପୁଲ୍ 'ବି'ରେ ଗତବର୍ଷର ରନରଅପ୍ ହକି ମଧ୍ୟପ୍ରଦେଶ ପୁଲ୍ 'ବି' ଏବଂ ଦ୍ୱିତୀୟ ରନର-ଅପ୍ ହକି ହରିୟାଣା ପୁଲ'ସି'ରେ ସ୍ଥାନ ପାଇଛି। ଅନ୍ୟପକ୍ଷରେ ଡିଭିଜନ 'ବି' ଓ ଡିଭିଜନ 'ସି' ଜାତୀୟ ର୍‍ୟାଙ୍କିଙ୍ଗର ଶ୍ରେଷ୍ଠ ୧୨ ମଧ୍ୟରେ ନ ଥିବା ଦଳଗୁଡ଼ିକ ରହିଛନ୍ତି। ସେମାନେ ର୍‍ୟାଙ୍କିଙ୍ଗରେ ଉନ୍ନତି ଆଣିବା ଲାଗି ଚେଷ୍ଟା କରିବେ। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ କହିଛନ୍ତି, ଜାତୀୟ ସିନିୟର ଓ ଜାତୀୟ ସବ୍ ଜୁନିୟର ପରେ ନୂଆ ଫର୍ମାଟ ବର୍ତ୍ତମାନ ଜାତୀୟ ଜୁନିୟର ଟୁର୍ନାମେଣ୍ଟରେ ପ୍ରଚଳିତ ହେବାକୁ ଯାଉଛି। ଏଥିରୁ ସୁଫଳ ମିଳିବ ବୋଲି ଆଶା କରାଯାଉଛି।

**ଡିଭିଜନ 'ଏ'**
ପୁଲ୍ 'ଏ': ହକି ଝାଡ଼ଖଣ୍ଡ, ଛତିଶଗଡ଼ ହକି, ହକି କର୍ନାଟକ।
ପୁଲ୍'ବି': ହକି ମଧ୍ୟପ୍ରଦେଶ, ହକି ପଞ୍ଜାବ, ହକି ଛତିଶଗଡ଼।
ପୁଲ୍ 'ସି': ହକି ହରିୟାଣା, ଉତ୍ତର ପ୍ରଦେଶ ହକି, ହକି ବେଙ୍ଗଲ।
ପୁଲ୍ 'ଡି': ହକି ଆସୋସିଏଶନ ଓଡ଼ିଶା, ହକି ମହାରାଷ୍ଟ୍ର, ହକି ଆନ୍ଧ୍ରପ୍ରଦେଶ।

**ଡିଭିଜନ 'ବି'**
ପୁଲ୍ 'ଏ': ମଣିପୁର ହକି, ପୁଡୁଚେରୀ ହକି, ହକି ଉତ୍ତରାଖଣ୍ଡ, କେରଳ ହକି, ଆସାମ ହକି।
ପୁଲ୍ 'ବି': ହକି ହିମାଚଳ, ଦିଲ୍ଲୀ, ହକି ୟୁନିଟ୍ ଅଫ୍ ତାମିଲନାଡୁ, ହକି ଅରୁଣାଚଳ, ହକି ଆସୋସିଶନ ଅଫ୍ ବିହାର।

**ଡିଭିଜନ 'ସି'**
ପୁଲ୍ 'ଏ': ଦାଦ୍ରା ଓ ନଗର ହାବେଳୀ ଏବଂ ଡାମନ ଡିଉ ହକି, ଜମ୍ମୁ କଶ୍ମୀର, ଗୋଆ ହକି, ତ୍ରିପୁରା।
ପୁଲ୍'ବି' : ହକି ଗୁଜରାଟ, ରାଜସ୍ଥାନ, ହକି ମିଜୋରାମ, ତେଲେଙ୍ଗାନା ହକି।

## ବୋଡୋଲାଣ୍ଡ ଏଫ୍‌ସିର ପ୍ରଥମ ବିଜୟ

**କୋକ୍ରାଝର, ୩୧।୭ (ପି.ଟି.):** ସ୍ଥାନୀୟ ଫୁଟ୍‌ବଲ ଦଳ ବୋଡୋଲାଣ୍ଡ ଏଫ୍‌ସି ଚଳିତ ୧୩୪ତମ ଡୁରାଣ୍ଡ କପ୍ ଟୁର୍ନାମେଣ୍ଟରେ ଏହାର ପ୍ରଥମ ବିଜୟ ହାସଲ କରିଛି। ଗୁରୁବାର ଗ୍ରୁପ୍ 'ଡି'ର ଏକ ମ୍ୟାଚରେ ସେମାନେ ନବାଗତ କର୍‌ବି ଆଙ୍ଗଲଙ୍ଗ ମର୍ନିଂଷ୍ଟାରକୁ ୨-୧ ଗୋଲରେ ପରାସ୍ତ କରିଛି। କର୍‌ବି ଆଙ୍ଗ୍‌ଲଙ୍ଗ୍ ମ୍ୟାଚର ପ୍ରଥମ ଗୋଲ୍ ନାଇଜେରିଆନ ଫରୱାର୍ଡ ଯୋଶେଫ୍ ମାୟୋୱା ଓଲାଲେ (୨୫ତମ ମିନିଟ)ଙ୍କ ଜରିଆରେ ସ୍କୋର କରିଥିଲେ। କିନ୍ତୁ ୩୯ତମ ମିନିଟରେ ଗଙ୍ଗମସାର୍ ଗେଆରିଙ୍କ ଗୋଲ୍‌ରେ ମ୍ୟାଚ୍‌କୁ ୧-୧ ବରାବର ସ୍ଥିତିକୁ ନେଇ ଆସିଥିଲା ବୋଡୋଲାଣ୍ଡ। ସାଇ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ କଲମ୍ବିଆନ ଷ୍ଟ୍ରାଇକର ରବିନସନ (୬୦ତମ)ଙ୍କ ଗୋଲରେ ଦଳ ୨-୧ରେ ମ୍ୟାଚ ଜିତିବା ସହ ୩ ପଏଣ୍ଟ ଅର୍ଜନ କରିପାରିଛି।



ଚାଇନାରେ ଅନୁଷ୍ଠିତ ୧୨ଶ ଏସିଆନ୍ ଜୁନିୟର ଉଷୁ ଚାମ୍ପିୟନଶିପରେ ଓଡ଼ିଶାର ଶ୍ୱେତାରାଣୀ ମହନ୍ତ (ବାମ) ୪୮ କେଜି ସାଣ୍ଡା ବର୍ଗରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

## ସିଟ୍‌ସିପାସଙ୍କ କୋଚିଂ ଟିମ୍‌ରେ ବାପା ଆପୋଷ୍ଟୋଲସ

**ଏଥେନ୍ସ,୩୧।୭**

ପୂର୍ବତନ ୱାର୍ଲ୍ଡ ନଂ-୩ ପୁରୁଷ ସିଙ୍ଗଲ୍ସ ଟେନିସ ଖେଳାଳି ଷ୍ଟେଫାନସ ସିଟ୍‌ସିପାସ ତାଙ୍କ କୋଚିଂ ଟିମରେ ବାପା ଆପୋଷ୍ଟୋଲସଙ୍କୁ ସାମିଲ କରିଛନ୍ତି। ଏ ନେଇ ସିଟ୍‌ସିପାସ ଗୁରୁବାର ସ୍ପଷ୍ଟ କରିଛନ୍ତି। ପୂର୍ବରୁ ଏହି ଗ୍ରୀସ ଖେଳାଳି କୋଚ୍ ଗୋରାନ ଇଭାନିସେଭିକ୍‌ଙ୍କ ସହ ସମ୍ପର୍କ ଛିନ୍ନ କରିଥିଲେ। ଇଭାନିସେଭିକ୍ ପୂର୍ବରୁ ସର୍ବିଆର କିମ୍ବଦନ୍ତୀ ନୋଭାକ ଜୋକୋଭିଚ୍‌ଙ୍କ ସହ କାର୍ଯ୍ୟ କରିଥିଲେ। ଇଭାନିସେଭିକ୍ କୋଚ୍ ଥିବା ବେଳେ ଜୋକୋଭିଚ୍ ୯ଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିଲେ।

୨୦୨୧ ଫ୍ରେଞ୍ଚ ଓପନ ଓ ୨୦୨୩ ଅଷ୍ଟ୍ରେଲିଆନ ଓପନ ରନରଅପ୍ ସିଟ୍‌ସିପାସ ଚଳିତ ସିଜନରେ ଏପର୍ଯ୍ୟନ୍ତ ଖେଳାଯାଇଥିବା ୩ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ଦ୍ୱିତୀୟ ରାଉଣ୍ଡ ଅତିକ୍ରମ କରିପାରି ନ ଥିଲେ। ଏଥିଯୋଗୁ ୱାର୍ଲ୍ଡ ର୍‍ୟାଙ୍କିଙ୍ଗରେ ତାଙ୍କ ମାନ୍ୟତା ୩୦ତମ ସ୍ଥାନକୁ ଖସି ଆସିଛି। ୱିମ୍ବଲଡନର ପ୍ରଥମ ରାଉଣ୍ଡରେ ସିଟ୍‌ସିପାସଙ୍କ ପରାଜୟ ପରେ କୋଚ୍ ଇଭାନିସେଭିକ୍ କହିଥିଲେ ଯେ, ବିନା ପ୍ରସ୍ତୁତିରେ କୌଣସି ଖେଳାଳି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ଭାଗ ନେଇଥିବା ମୁଁ କଦାପି ଦେଖି ନାହିଁ। ସିଟ୍‌ସିପାସ ଚଳିତ ବର୍ଷ ଫେବୃଆରୀରେ ଦୁବାଇରେ ଟାଇଟଲ ହାତେଇଥିଲେ, ଯାହାକି ଚଳିତବର୍ଷ ତାଙ୍କର ଏକମାତ୍ର ଫାଇନାଲ ଥିଲା।

## ଅଗଷ୍ଟ ୨୯ରୁ ପ୍ରୋ-କବାଡ଼ି ଲିଗ୍

**ମୁମ୍ବାଇ, ୩୧।୭ (ପି.ଟି.)**

ପ୍ରୋ-କବାଡ଼ି ଲିଗ୍ (ପିକେଏଲ୍)ର ଦ୍ୱାଦଶ ସଂସ୍କରଣ ଅଗଷ୍ଟ ୨୯ରୁ ଖେଳାଯିବ। ଏହା ୪ଟି ସହର ବିଶାଖାପାଟଣା, ଜୟପୁର, ଚେନ୍ନାଇ ଓ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ। ବିଶାଖାପାଟଣାସ୍ଥିତ ରାଜୀବଗାନ୍ଧୀ ଇନ୍‌ଡୋର ଷ୍ଟାଡିୟମରେ ନୂଆ ଜିନର ଉଦ୍‌ଘାଟନୀ ଖେଳାଯିବ। ପ୍ରଥମ ଦିବସର ଗୋଟିଏ ମ୍ୟାଚ ତେଲୁଗୁ ଟାଇଟନ୍ସ ବନାମ ତାମିଲ ଥଲାଇଭାସ ମଧ୍ୟରେ ଅନ୍ୟଟି ବେଙ୍ଗାଲୁରୁ ବୁଲ୍ସ ଓ ପୁନେରୀ ପଲ୍‌ଟନ ମଧ୍ୟରେ ଖେଳାଯିବ। ଆୟୋଜକଙ୍କ ତରଫରୁ ଏ ବିଷୟରେ ସୂଚନା ଦିଆଯାଇଛି। ଉପକୂଳ ସହର ବିଶାଖାପାଟଣାକୁ ୭ ବର୍ଷ ପରେ ପିକେଏଲ୍ ଫେରିଛି। ଆନ୍ଧ୍ର ପ୍ରଦେଶରେ ଏହା ପୂର୍ବରୁ ୬ ବର୍ଷ ତଳେ ପିକେଏଲ୍ ମ୍ୟାଚ ଖେଳାଯାଇଥିଲା। ପିକେଏଲ୍‌ର ଦ୍ୱିତୀୟ ସଂସ୍କରଣ ସେପ୍ଟେମ୍ବର ୧୨ରୁ ସାୱାଇ ମାନ୍‌ସିଂ ଷ୍ଟାଡିୟମସ୍ଥିତ ଜୟପୁର ଇନ୍‌ଡୋର ହଲ୍‌ରେ ଖେଳାଯିବ।

# କ୍ୱାର୍ଟର ଫାଇନାଲ ଲାଇନ୍‌ଅପ୍

**ଭୁବନେଶ୍ୱର, ୩୧।୭ (ତପନ ସ୍ୱାଇଁ)**

**ଗ୍ରୀନ୍ ବେଜ୍ କ୍ଲାସିକ୍ ସ୍ନୁକର**

ଭିନ୍‌ଟେଜ୍ କ୍ଲବ ପରିସରରେ ଚାଲିଥିବା ଗ୍ରୀନ୍ ବେଜ୍ କ୍ଲାସିକ୍ ଅଲ୍ ଓଡ଼ିଶା ଓପନ ୧୦ ରେଡ୍ ସ୍ନୁକର ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲ ଲାଇନ୍‌ଅପ୍ ହୋଇଯାଇଛି। ପ୍ରଥମ କ୍ୱାର୍ଟର ଫାଇନାଲ ରାକେଶ ରୋଶନ ପ୍ରଧାନ ଓ କୁନାଲ ଅଗ୍ରୱାଲଙ୍କ ମଧ୍ୟରେ ଅନୁଷ୍ଠିତ ହେବ। ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଚିରାଗ ଆରୋରାଙ୍କୁ ଭେଟିବେ ସୁବ୍ରତ ଦାସ। ତୃତୀୟ କ୍ୱାର୍ଟର ଫାଇନାଲ ଆକାଶ ମହାପାତ୍ର ଓ ଆଶୁତୋଷ ପାଢ଼ୀ ଏବଂ ଚତୁର୍ଥ କ୍ୱାର୍ଟର ସିଦ୍ଧାର୍ଥ ସେନ୍ ଓ ଅବିନାଶ ମହାପାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ହେବ।

ଗୁରୁବାର ଅବଶିଷ୍ଟ ୩ଟି ଲିଗ୍ ମ୍ୟାଚ ପରେ ପ୍ରି-କ୍ୱାର୍ଟର ଫାଇନାଲ ଲାଇନ୍‌ଅପ୍ ହୋଇଥିଲା। ଏହି ୩ଟି ଯାକ ମ୍ୟାଚରେ ଆଶୁତୋଷ ପାଢ଼ୀ ଯଥାକ୍ରମେ ୩-୦ରେ ଅସିତ ଚୌଧୁରୀ, ୩-୧ରେ ସତ୍ୟଦୀପ ଦାସ ଓ ୩-୦ରେ ବରୁନ ପୂର୍ବାଙ୍କୁ ପରାସ୍ତ କରିଥିଲେ। ପ୍ରି-କ୍ୱାର୍ଟର ଫାଇନାଲରେ ଅଲତାଫ ଅଲୀଙ୍କୁ ୪-୦ରେ ସିଦ୍ଧାର୍ଥ ସେନ୍, ବରୁନ ପୂର୍ବାଙ୍କୁ ୪-୦ରେ ରାକେଶ ରୋଶନ ପ୍ରଧାନ, ନିଶାନ୍ତ ବିଶ୍ୱାଳଙ୍କୁ ୪-୩ରେ କୁନାଲ ଅଗ୍ରୱାଲ, ଚେତନ ଆନନ୍ଦଙ୍କୁ ୪-୦ରେ ଅବିନାଶ ମହାପାତ୍ର, ଶାରଦା ବେହେରାଙ୍କୁ ୪-୦ରେ ଆକାଶ ମହାପାତ୍ର, ଜ୍ଞାନ ଦାସଙ୍କୁ ୪-୨ରେ ସୁବ୍ରତ ଦାସ ଓ ରଞ୍ଜିତ ପତିଙ୍କୁ ୪-୦ (ଅନ୍ତିମ ଫ୍ରେମ୍‌ରେ ୬୫ ବ୍ରେକ୍)ରେ ଆଶୁତୋଷ ପାଢ଼ୀ ଓ ସୁଦୀପ୍ତ ଦାଶଙ୍କୁ ୪-୨ରେ ଚିରାଗ ଆରୋରା ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ନିଶାନ୍ତ ବିଶ୍ୱାଳ ଓ କୁନାଲ ଅଗ୍ରୱାଲଙ୍କ ମ୍ୟାଚ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ସେହିପରି ସୁବ୍ରତ ଦାସଙ୍କୁ ଟକ୍କର ଦେଇଥିଲେ ଜ୍ଞାନ ଦାସ।



ଶଟ୍ ଖେଳିବା ଅବସରରେ ଆଶୁତୋଷ ପାଢ଼ୀ।

## ସିଙ୍ଗଲ୍ସ ଟେନିସ୍‌ରୁ ବୌଚାର୍ଡଙ୍କ ଅବସର

**ମଣ୍ଟ୍ରିଲ,୩୧।୭**

କାନାଡାର ପ୍ରଫେଶନାଲ ମହିଳା ଟେନିସ ଖେଳାଳି ୟୁଜିନ ବୌଚାର୍ଡ ଗୁରୁବାର ଘରୋଇ ଦର୍ଶକଙ୍କ ସମ୍ମୁଖରେ ସିଙ୍ଗଲ୍ସ କ୍ୟାରିୟରରୁ ଅବସର ଘୋଷଣା କରିଛନ୍ତି। ପୂର୍ବତନ ୱିମ୍ବଲଡନ ରନରଅପ୍ ବୌଚାର୍ଡ ତାଙ୍କ କ୍ୟାରିୟରର ଅନ୍ତିମ ସିଙ୍ଗଲ୍ସ ମ୍ୟାଚ୍‌ରେ ୨-୬, ୬-୩, ୪-୬ ସେଟ୍‌ରେ ସୁଇଜରଲାଣ୍ଡର ବେଲିନ୍ଦା ବେନକିକ୍‌ଙ୍କଠାରୁ ପରାସ୍ତ ହୋଇଛନ୍ତି। ୩୧ ବର୍ଷୀୟା ବୌଚାର୍ଡ ଏକଦା ୱାର୍ଲ୍ଡ ନଂ-୫ ର୍‍ୟାଙ୍କ ହାସଲ କରିଥିଲେ। ଟପ୍-୫ ର୍‍ୟାଙ୍କିଙ୍ଗ୍‌ରେ ସ୍ଥାନ ପାଇବାରେ ଓ କୌଣସି ଗ୍ରାଣ୍ଡସ୍ଲାମ ଫାଇନାଲ ମ୍ୟାଚ୍ ଖେଳିବାରେ ସେ ତାଙ୍କ ଦେଶର ପ୍ରଥମ ମହିଳା ଥିଲେ। ଚଳିତ ନ୍ୟାଶନାଲ ବ୍ୟାଙ୍କ ଓପନ ତାଙ୍କ ସିଙ୍ଗଲ୍ସ କ୍ୟାରିୟରର ଅନ୍ତିମ ଟୁର୍ନାମେଣ୍ଟ ହେବ ବୋଲି ପୂର୍ବରୁ ଘୋଷଣା କରିଥିଲେ। ବେନକିକ୍‌ଙ୍କଠାରୁ ପରାସ୍ତ ହେବା ପରେ ଲୁହ ଭରା ଆଖିରେ ବୌଚାର୍ଡ କହିଥିଲେ, କ୍ୟାରିୟର ଯେଉଁଠାରେ ଆରମ୍ଭ କରିଥିଲି, ସେଠାରେ ଅନ୍ତିମ ମ୍ୟାଚ୍ ଖେଳିବା ଖୁବ ସ୍ୱତନ୍ତ୍ର ଅନୁଭୂତି। ମୋର ମନେ ଅଛି, ମୁଁ ଛୋଟ ଥିଲା ବେଳେ ଏହି ଷ୍ଟାଣ୍ଡ୍ସରେ ବସି ଦିନେ ଏଠାରେ ଖେଳିବି ବୋଲି ସ୍ୱପ୍ନ ଦେଖିଥିଲି। ବର୍ତ୍ତମାନ ଏହା ପୂର୍ଣ୍ଣାଙ୍ଗ ଚକ୍ର ଭଳି ଅନୁଭବ ହେଉଛି।






Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ